ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 1/2025 Page 14 ₹ 7.00 | SAMBALPUR
୫୧ଶ ଭାଗ ୯୭ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 51 ISSUE 97 ମୂଲ୍ୟ₹୭/-

# ବଦ୍ରିନାଥରେ ହିମସ୍ଖଳନ | ୨୫ ଶ୍ରମିକ ନିଖୋଜ, ୩୨ ଉଦ୍ଧାର

**ଉତ୍ତରାଖଣ୍ଡର ବଦ୍ରିନାଥ ନିକଟ ଚମୋଲିରେ ଶୁକ୍ରବାର ସକାଳ ୭ଟା ୧୭ ମିନିଟ୍‌ରେ ବଡ଼ଧରଣର ହିମସ୍ଖଳନ ହୋଇଛି। ଏଥିଯୋଗୁ ବରଫ ଅତଡ଼ା ତଳେ ବର୍ଡର ରୋଡ୍ସ ଅର୍ଗାନାଇଜେଶନ୍ (ବିଆର୍‌ଓ)ର ୫୭ ଶ୍ରମିକ ଚାପି ହୋଇଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ୨୫ ଶ୍ରମିକ ନିଖୋଜ ଅଛନ୍ତି। ଇତିମଧ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍)ର ୪ ଟିମ୍‌କୁ ଫସିରହିଥିବା ଶ୍ରମିକଙ୍କୁ ଉଦ୍ଧାର ପାଇଁ ସେଠାକୁ ପଠାଯାଇଛି। ତେବେ ତୁହାକୁ ତୁହା ତୁଷାରପାତ ଓ ବର୍ଷା ସାଙ୍ଗକୁ ନିମ୍ନ ଦୃଶ୍ୟମାନତା ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି କରିଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କ ସହ ଫୋନ୍‌ରେ କଥା ହୋଇ ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି।**



ଉତ୍ତରାଖଣ୍ଡର ବଦ୍ରିନାଥ ନିକଟ ମାଣା ଗ୍ରାମରେ ଶୁକ୍ରବାର ସକାଳେ ଘଟିଥିବା ହିମସ୍ଖଳନ ଯୋଗୁ ବରଫ ଅତଡ଼ା ତଳେ ଫସିରହିଥିବା ଶ୍ରମିକଙ୍କୁ ଉଦ୍ଧାର କରି ଆଣୁଛନ୍ତି ସେନାର ସୂର୍ଯ୍ୟ କମାଣ୍ଡ ଯବାନ।

ଡେରାଡୁନ୍/ନୂଆଦିଲ୍ଲୀ,୨୮।୨

ହିମାଳୟରେ ପୁଣି ଥରେ କଡ଼ ଲେଉଟାଇଛି ପାଗ। ଏହାର ପାଦଦେଶରେ ୨ ଦିନ ହେଲା ତୁଷାରପାତ ଓ ବର୍ଷା ଲାଗିରହିଛି। ପ୍ରବଳ ବର୍ଷା ଯୋଗୁ ଉତ୍ତରାଖଣ୍ଡର ଚମୋଲି ଜିଲା ବଦ୍ରିନାଥ ଧାମଠାରୁ ପ୍ରାୟ ୫ କି.ମି. ଦୂରରେ ଅବସ୍ଥିତ ତିବ୍ବତ ସୀମାନ୍ତ ଗ୍ରାମ ମାଣାରେ ଶୁକ୍ରବାର ସକାଳେ ଗ୍ଲେସିୟର ଧସିଯାଇଛି। ସେହି ସମୟରେ ୧୩,୦୦୦ ଫୁଟ୍ ଉଚ୍ଚତାରେ ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ବିଆର୍‌ଓର ୫୭ ଶ୍ରମିକ ଫସିଯାଇଥିଲେ। ସେମାନଙ୍କୁ ଉଦ୍ଧାର କରିବା ପାଇଁ ସେନାର ସୂର୍ଯ୍ୟ କମାଣ୍ଡ ପକ୍ଷରୁ ☞ପୃଷ୍ଠା-୪

**ଓଡ଼ିଶା ସରକାର** No. T-137

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ମୁଖ୍ୟମନ୍ତ୍ରୀ ଆସନ୍ତା ତା୦୩।୦୩।୨୦୨୫ରିଖ (ସୋମବାର) ଦିନ ୟୁନିଟ୍-୫, ଭୁବନେଶ୍ୱର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ। ଏହି ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୨୮।୦୨।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ ଏବଂ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିପାରିବେ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ **ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/)** ଅଥବା **ଜନଶୁଣାଣି ମୋବାଇଲ ଆପ୍ଲିକେଶନ** ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ।

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**
**ସାଧାରଣ ପ୍ରଶାସନ ଓ**
**ସାଧାରଣ ଅଭିଯୋଗ ବିଭାଗ**

OIPR-09014/11/0071/2425

**ଆଜିର ସମ୍ପାଦକୀୟ**

## ଟେସ୍‌ଲା ଆସୁଛି

**ଆଜିର ମନ୍ତବ୍ୟ**

“ ଜାତୀୟ ଅନୁସୂଚିତ ଜାତି କମିଶନରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲି ପଡ଼ିବା ଭାଜପା ସରକାରଙ୍କ ଦଳିତ ବିରୋଧୀ ମାନସିକତାର ପ୍ରତିଫଳନ। -**ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**




# ମାର୍ଚ୍ଚ ୮ରେ ମିଳିବ ସୁଭଦ୍ରା ୨ୟ କିସ୍ତି ଅର୍ଥ

- **ପ୍ରଥମ କିସ୍ତିରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କୁ ଏକାସଙ୍ଗେ ମିଳିବ ୧୦ ହଜାର**
- **କୋଟିଏ ମହିଳାଙ୍କୁ ଦ୍ୱିତୀୟ କିସ୍ତି ଅର୍ଥ ଦିଆଯିବ**

ଭୁବନେଶ୍ୱର,୨୮।୨
(ସୁନିତ୍ ମିଶ୍ର)

ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତି ଅର୍ଥ ଅନ୍ତର୍ଜାତୀୟ ମହିଳା ଦିବସ ତଥା ଆସନ୍ତା ୮ ତାରିଖରେ ରାଜ୍ୟ ସରକାର ପ୍ରଦାନ କରିବେ। ରାଜ୍ୟର ପ୍ରାୟ ୧ କୋଟି ମହିଳାଙ୍କ ଆକାଉଣ୍ଟକୁ ଏକାସଙ୍ଗେ ସୁଭଦ୍ରା ଦ୍ୱିତୀୟ କିସ୍ତି ଅର୍ଥ ପ୍ରଦାନ କରାଯିବ। ବ୍ରହ୍ମପୁରଠାରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବେ। ଏନେଇ ଗଣମାଧ୍ୟମକୁ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ମାର୍ଚ୍ଚ ୮ରେ ସୁଭଦ୍ରା ଯୋଜନାରେ କୋଟିଏ ମହିଳାଙ୍କୁ ଲାଭ ମିଳିବ। ସରକାର କହିଥିଲେ ସୁଭଦ୍ରାରେ କୋଟିଏ ହିତାଧିକାରୀ ଉପକୃତ ହେବେ। ତୁରନ୍ତ ବିଭାଗୀୟ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାଲୁଥିବା ସୁଭଦ୍ରା ଟିମ୍ ☞ପୃଷ୍ଠା-୪








ଦକ୍ଷିଣ ମୁମ୍ବାଇର ବାଇକୁଲା ଅଞ୍ଚଳରେ ଥିବା ଏକ ବିଲ୍ଡିଂର ୪୨ତମ ମହଲାରେ ଶୁକ୍ରବାର ନିଆଁ ଲାଗିଥିବାବେଳର ଦୃଶ୍ୟ।

# ସ୍ତ୍ରୀଙ୍କ ନିର୍ଯାତନାରୁ ଆତ୍ମହତ୍ୟା

## ପୁରୁଷଙ୍କ କଥା ଚିନ୍ତାକର: ଆଉ ଜଣେ ଅତୁଲ ସୁଭାଷ

**ଉତ୍ତର ପ୍ରଦେଶର ଆଗ୍ରାରେ ଆଇଟି କମ୍ପାନୀ ଟିସିଏସ୍‌ର ରିକ୍ରୁଇଟ୍‌ମେଣ୍ଟ ମ୍ୟାନେଜର ମାନବ ଶର୍ମା ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ଆତ୍ମହତ୍ୟା କରିଛନ୍ତି। ବେକରେ ରଶି ଲଗାଇ ଝୁଲିପଡ଼ିବା ପୂର୍ବରୁ ରାତିରେ ମାନବ ଲାଇଭ୍ ଭିଡିଓ କରି ନିଜ ମୃତ୍ୟୁ ପାଇଁ ସ୍ତ୍ରୀ ନିକିତାଙ୍କୁ ଦାୟୀ କରିଛନ୍ତି। ଏଥିସହ ପୁରୁଷମାନଙ୍କ ସୁରକ୍ଷା ଲାଗି ଆଇନ ଆଣିବା ପାଇଁ ସେ ନିବେଦନ କରିଛନ୍ତି। ୭ ମିନିଟ ଅବଧିର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଗତ ଡିସେମ୍ବରରେ ବେଙ୍ଗାଲୁରୁରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଇଞ୍ଜିନିୟର ଅତୁଲ ସୁଭାଷ ଆତ୍ମହତ୍ୟା କରିବା ପୂର୍ବରୁ ନିଜ ସ୍ତ୍ରୀଙ୍କୁ ଏଭଳି ଭାବେ ଦାୟୀ କରିଥିଲେ। ସଦ୍ୟ ଘଟଣା ଅତୁଲଙ୍କ କଥାକୁ ମନେପକାଇଦେଇଛି। ଏତିକି ନୁହେଁ, ମହିଳାଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଯୌତୁକ ନିରୋଧୀ ଆଇନର ଦୁରୁପଯୋଗକୁ ରୋକିବା ସକାଶେ ପୁରୁଷଙ୍କ ଅଧିକାର ପ୍ରସଙ୍ଗରେ ଦେଶରେ ଏକ ବଡ଼ ବିତର୍କକୁ ଜନ୍ମ ଦେଇଛି।**





ନିକିତା ଶର୍ମା

ଆଗ୍ରା,୨୮।୨

ଆଗ୍ରା ଡିଫେନ୍ସ କଲୋନୀର ନରେନ୍ଦ୍ର ଶର୍ମା ଭାରତୀୟ ବାୟୁସେନାରେ କାର୍ଯ୍ୟ କରୁଥିଲେ। ଅବସର ପରଠୁ ସେ ଆଗ୍ରାରେ ପରିବାର ସହ ରହିଆସୁଛନ୍ତି। ତାଙ୍କ ପୁଅ ମାନବ ଶର୍ମା(୩୦) ମୁମ୍ବାଇରେ ଟାଟା କନ୍‌ସଲ୍ଟାନ୍ସି ସର୍ଭିସେସ୍ (ଟିସିଏସ୍) ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ମାନବ ୨୦୨୪ ଜାନୁଆରୀ ୩୦ରେ ନିକିତା(୨୮)ଙ୍କୁ ବିବାହ କରିଥିଲେ। ନରେନ୍ଦ୍ର କହିଛନ୍ତି, ବିବାହ ପରଠୁ ନିକିତା ନିଜ ବୟଫ୍ରେଣ୍ଡଙ୍କ ସହ ରହିବାକୁ ଜିଦ୍ କରୁଥିଲେ। ଏଥିସହ ପୁଅ ମାନବଙ୍କୁ ମିଥ୍ୟା ଯୌତୁକ ନିର୍ଯାତନା ମାମଲାରେ ଫସାଇବାକୁ ଧମକ ଦେଉଥିଲେ। ଗତ ୨୩ ତାରିଖରେ ଏହି ଦମ୍ପତି ମୁମ୍ବାଇରୁ ଆଗ୍ରା ଫେରିଥିଲେ। ମାନବ ନିକିତାଙ୍କୁ ତାଙ୍କ ବାପଘରେ ଛାଡ଼ିଦେବା ପରେ ସେମାନେ ତାଙ୍କୁ ଧମକ ଦେଇଥିଲେ। ଏହାର ଦିନକ ପରେ ଅର୍ଥାତ୍ ୨୪ ତାରିଖ ରାତିରେ ସେ ଆତ୍ମହତ୍ୟା କରିବା ଭଳି ଚରମ ପଦକ୍ଷେପ ନେଇଥିଲେ।



୨୦୨୪ ଡିସେମ୍ବର ୯ରେ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ବେଙ୍ଗାଲୁରୁରେ ଆତ୍ମହତ୍ୟା ଲାଇଭ୍ ଭିଡିଓ ରେକର୍ଡିଂ କରି ନିଜ ସ୍ତ୍ରୀଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଥିଲେ।

ମାନବ ନିଜ ବେକରେ ରଶି ଲଗାଇ ଝୁଲିପଡ଼ିବା ପୂର୍ବରୁ ୬ ମିନିଟ ୫୭ ସେକେଣ୍ଡ୍ ଅବଧିର ଲାଇଭ୍ ଭିଡିଓ କରିଥିଲେ। ସେ ନିଜ ମୃତ୍ୟୁ ପାଇଁ ସ୍ତ୍ରୀଙ୍କୁ ଦାୟୀ କରିଥିଲେ।

> ପୁରୁଷମାନେ ବଞ୍ଚିବା ପାଇଁ କିପରି ସଂଘର୍ଷ କରୁଛନ୍ତି ତା' ଉପରେ ସଚେତନା ସୃଷ୍ଟି କରାଯାଉ। ଦୟାକରି କେହି ପୁରୁଷଙ୍କ ବିଷୟରେ ଚିନ୍ତା କରନ୍ତୁ। ପୁରୁଷମାନେ ନିଃସଙ୍ଗ ହୋଇଗଲେଣି। ମୋ ଭଳି ଅନେକ ପୁରୁଷଙ୍କ କାହାଣୀ ରହିଛି। ଅନ୍ୟ ଜଣେ ଯୁବକ ସହ ମୋ ସ୍ତ୍ରୀଙ୍କ ସମ୍ପର୍କ ରହିଛି। କିନ୍ତୁ ମୁଁ କ'ଣ କରିପାରିବି? ଅତୁଲ ସୁଭାଷଙ୍କ ଘଟଣା ଭଳି ଏଥିରେ କାହାରି କିଛି ଯାଏଆସେ ନାହିଁ।
>
> **-ମାନବ ଶର୍ମା, ଟିସିଏସ୍ ଇଞ୍ଜିନିୟର**

ମାନବ କହିଥିଲେ, ପୁରୁଷମାନେ ବଞ୍ଚିବା ପାଇଁ କିପରି ସଂଘର୍ଷ କରୁଛନ୍ତି ତା' ଉପରେ ସଚେତନା ସୃଷ୍ଟି କରାଯାଉ। ଦୟାକରି କେହି ପୁରୁଷଙ୍କ ବିଷୟରେ ଚିନ୍ତା କରନ୍ତୁ। ପୁରୁଷମାନେ ନିଃସଙ୍ଗ ହୋଇଗଲେଣି। ମୋ ଭଳି ଅନେକ ପୁରୁଷଙ୍କ କାହାଣୀ ରହିଛି। ଅନ୍ୟ ଜଣେ ଯୁବକ ସହ ମୋ ସ୍ତ୍ରୀଙ୍କ ସମ୍ପର୍କ ରହିଛି। କିନ୍ତୁ ମୁଁ କ'ଣ କରିପାରିବି? ଅତୁଲ ସୁଭାଷଙ୍କ ଘଟଣା ଭଳି ଏଥିରେ କାହାରି କିଛି ଯାଏଆସେ ନାହିଁ। ମା'ବାପା ମୋତେ କ୍ଷମା କରିଦିଅନ୍ତୁ କହି ମାନବ ଶେଷରେ ଆତ୍ମହତ୍ୟା କରିଛନ୍ତି। ଅନ୍ୟପକ୍ଷେ ନିକିତା ଶର୍ମା ଏହି ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ମାନବ ସବୁବେଳେ ଅତ୍ୟଧିକ ମଦ ପିଉଥିଲେ। ଏପରି କି ସେ ପୂର୍ବରୁ ମଧ୍ୟ ଅନେକ ଥର ଆତ୍ମହତ୍ୟା ଉଦ୍ୟମ କରିଥିଲେ। ନିଶାସକ୍ତ ଅବସ୍ଥାରେ ସେ ନିକିତାଙ୍କୁ ବହୁବାର ମାରପିଟ୍ କରିଥିଲେ। ଏହି ବିଷୟରେ ସେ ନିଜ ବାପଘର ଲୋକଙ୍କୁ ସବୁକଥା ଜଣାଇଥିଲେ। କିନ୍ତୁ ବାପଘର ଲୋକେ ଏହାକୁ ଦାମ୍ପତ୍ୟ ପ୍ରସଙ୍ଗ କହି ଏଡ଼ାଇ ଯାଇଥିଲେ। ଇତିମଧ୍ୟରେ ମାନବଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯିବା ପରେ ଆଗ୍ରା ପୋଲିସ ତଦନ୍ତ ଆରମ୍ଭ କରିଛି। ଗୁରୁବାର ରାତିରେ ହ୍ୱାଟ୍ସଆପ୍‌ରେ ଅଭିଯୋଗ କରାଯିବାରୁ ପୋଲିସ ପ୍ରଥମେ ମାମଲା ରୁଜୁ କରିବାକୁ ମନା କରିଦେଇଥିଲା। ଭିଡିଓ ବହୁଳ ପ୍ରସାରିତ ହେବା ପରେ ଏନେଇ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ମାନବ କେଉଁ ପରିସ୍ଥିତିରେ ଆତ୍ମହତ୍ୟା କଲେ ତାହା ଜାଣିବା ପାଇଁ ପୋଲିସ ଉକ୍ତ ଭିଡିଓ ଏବଂ ଅନ୍ୟ ପ୍ରମାଣଗୁଡ଼ିକୁ ଯାଞ୍ଚ କରୁଛି। ଉଲ୍ଲେଖଯୋଗ୍ୟ, ୨୦୨୪ ଡିସେମ୍ବର ୯ରେ ଏଆଇ ଇଞ୍ଜିନିୟର ଅତୁଲ ସୁଭାଷ ବେଙ୍ଗାଲୁରୁରେ ଆତ୍ମହତ୍ୟା ପୂର୍ବରୁ ଏଭଳି ଲାଇଭ୍ ଭିଡିଓ ରେକର୍ଡିଂ କରିଥିଲେ। ଅତୁଲ ମଧ୍ୟ ତାଙ୍କ ସ୍ତ୍ରୀଙ୍କ ବିରୋଧରେ ଅନୁରୂପ ଅଭିଯୋଗ ଆଣିଥିଲେ।

# କୋଭିଡ୍ ଟଙ୍କା ଖର୍ଚ୍ଚ କରି ନ ଥିଲେ ଆପ୍ ସରକାର

## ସିଏଜି ରିପୋର୍ଟ

ନୂଆଦିଲ୍ଲୀ,୨୮।୨(ପି.ଟି.)

ଦିଲ୍ଲୀ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିରେ ବ୍ୟାପକ କର୍ମଚାରୀ ସଙ୍କଟ ସାଙ୍ଗକୁ ଆବଶ୍ୟକ ଔଷଧ ଏବଂ ଉପକରଣର ଅଭାବ ରହିଥିବାବେଳେ ଏବାବଦରେ ମଞ୍ଜୁର ଅର୍ଥ ଖର୍ଚ୍ଚ ହୋଇପାରି ନାହିଁ। ଶୁକ୍ରବାର ଦିଲ୍ଲୀ ବିଧାନସଭାରେ ଉପସ୍ଥାପନ କରାଯାଇଥିବା ସିଏଜି (ଭାରତର କମ୍ପଟ୍ରୋଲର ଆଣ୍ଡ ଅଡିଟ୍ ଜେନେରାଲ)ଙ୍କ ରିପୋର୍ଟରୁ ଏହା ଜଣାପଡ଼ିଛି। କୋଭିଡ୍ ମହାମାରୀ ବେଳେ କେନ୍ଦ୍ର ସରକାର ଜରୁରୀ ସ୍ୱାସ୍ଥ୍ୟସେବା ପାଇଁ ଦେଇଥିବା ପାଖାପାଖି ୭୮୮ କୋଟି ଟଙ୍କାରୁ ଦିଲ୍ଲୀ ସରକାର ୨୪୫ କୋଟି ଖର୍ଚ୍ଚ କରି ନ ଥିବା ରିପୋର୍ଟରେ କୁହାଯାଇଛି। ରିପୋର୍ଟରୁ ଆମ୍ ଆଦ୍‌ମୀ ପାର୍ଟି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ମୋହଲା କ୍ଲିନିକ୍ ପ୍ରକଳ୍ପର ଦୁର୍ବଳ ସ୍ଥିତି ପଦାକୁ ଆସିଛି। ୭୪ଟି ମୋହଲା କ୍ଲିନିକ୍ ମଧ୍ୟରୁ କୌଣସି ଗୋଟିଏରେ ସମସ୍ତ ୧୬୫ଟି ଅତ୍ୟାବଶ୍ୟକ ଔଷଧର ପୂରା ଷ୍ଟକ୍ ନାହିଁ। ପଲ୍ସ ଅକ୍ସିମିଟର, ଗ୍ଲୁକୋମିଟର, ଏକ୍ସ-ରେ ଭିଉୟର, ଥର୍ମୋମିଟର, ବ୍ଲଡ଼ପ୍ରେସର ମନିଟର ଭଳି ଅତ୍ୟାବଶ୍ୟକ ଉପକରଣ ଏହିସବୁ କ୍ଲିନିକ୍‌ରେ ନ ଥିବା ଏକ ସମୀକ୍ଷାରୁ ଜଣାପଡ଼ିଛି। ୨୦୨୨ ଅକ୍ଟୋବରରୁ ୨୦୨୩ ମାର୍ଚ୍ଚ ମଧ୍ୟରେ ମୋହଲା କ୍ଲିନିକ୍‌ଗୁଡ଼ିକୁ ଯାଇଥିବା ରୋଗୀଙ୍କ ମଧ୍ୟରୁ ୭୦ ପ୍ରତିଶତଙ୍କୁ ଡାକ୍ତର ଦେଖିବାରେ ୧ ମିନିଟ୍‌ରୁ କମ୍ ସମୟ ଦେଉଥିବା ଜଣାପଡ଼ିଛି। ଡାକ୍ତରଙ୍କ ଇସ୍ତଫା କିମ୍ବା ଛୁଟିରେ ରହିବା କାରଣରୁ ମୋଟ ୨୧୮ ମୋହଲା କ୍ଲିନିକ୍ ମଧ୍ୟରୁ ନିର୍ଦ୍ଦିଷ୍ଟ ୪ ଜିଲାରେ ଥିବା କ୍ଲିନିକ୍‌ଗୁଡ଼ିକ ୧୫ ଦିନରୁ ପାଖାପାଖି ୨ ବର୍ଷ ପର୍ଯ୍ୟନ୍ତ ବନ୍ଦ ରହିଛି। ଗତ ମଙ୍ଗଳବାର ଦିଲ୍ଲୀ ଅବକାରୀ ନୀତି ସମ୍ପର୍କିତ ସିଏଜି ରିପୋର୍ଟ ବିଧାନସଭାରେ ଉପସ୍ଥାପନ ହୋଇଥିବାବେଳେ ଏହା ଦ୍ୱିତୀୟ ରିପୋର୍ଟ। ଅବକାରୀ ନୀତିରେ ଅନେକ ଭୁଲ ନିଷ୍ପତ୍ତି ଯୋଗୁ ରାଜ୍ୟ ସରକାରଙ୍କୁ ୨,୦୦୨.୬୮ କୋଟି ଟଙ୍କାର ରାଜସ୍ୱ କ୍ଷତି ସହିବାକୁ ପଡ଼ିଥିବା ରିପୋର୍ଟରେ ଦର୍ଶାଯାଇଥିଲା।

# ପାକ୍ ମସ୍‌ଜିଦରେ ବିସ୍ଫୋରଣ: ୫ ମୃତ



ପାକିସ୍ତାନର କ୍ୱେଟାରେ ବିସ୍ଫୋରଣ ପରେ କ୍ଷତିଗ୍ରସ୍ତ କାର୍‌କୁ ଯାଞ୍ଚ କରୁଛନ୍ତି ସୁରକ୍ଷା କର୍ମୀ।

ପେଶାୱର,୨୮।୨(ପି.ଟି.)

ପବିତ୍ର ରମଜାନ ମାସ ପୂର୍ବରୁ ପାକିସ୍ତାନର ଖାଇବର ପଖ୍‌ତୁନ୍‌ଖ୍ୱା ପ୍ରଦେଶର ଏକ ମସ୍‌ଜିଦରେ ଶୁକ୍ରବାର ନମାଜ ପାଠ ବେଳେ ଶକ୍ତିଶାଳୀ ବିସ୍ଫୋରଣ ଘଟି ୫ ଜଣଙ୍କର ମୃତ୍ୟୁ ହେବା ସହ ଅନ୍ୟ ୨୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜାମିଆତ୍ ଉଲେମା ଇସ୍‌ଲାମ (ଜେୟୁଆଇ) ମୁଖ୍ୟ ତଥା ନଓଶେରା ଜିଲା ଆକୋରା ଖଟ୍ଟକ ସହରସ୍ଥିତ ମଦ୍ରାସା-ଇ-ହକାନିଆର ତତ୍ତ୍ୱାବଧାରକ ହମିଦୁଲ ହକ୍ ହକାନି ରହିଛନ୍ତି। ବାପା ମୌଲାନା ସାମି ଉଲ୍ ହକ୍‌ଙ୍କ ପରଲୋକ ପରେ ହମିଦୁଲ୍ ଜେୟୁଆଇ ମୁଖ୍ୟ ହୋଇଥିଲେ। ତାଙ୍କୁ ଟାର୍ଗେଟ କରି ଆତ୍ମଘାତୀ ବିସ୍ଫୋରଣ ଘଟାଯାଇଥିବା ଖାଇବର ପଖ୍‌ତୁନଖ୍ୱା ପୋଲିସ ଆଇଜି କହିଛନ୍ତି। ହମିଦୁଲଙ୍କ ସୁରକ୍ଷା ଦାୟିତ୍ୱରେ ୬ ଜଣ ସୁରକ୍ଷା କର୍ମୀ ନିୟୋଜିତ ଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଉଭୟ ନଓଶେରା ଏବଂ ପେଶାୱର ହସ୍ପିଟାଲରେ ଜରୁରୀ ସ୍ଥିତି ଘୋଷଣା କରାଯାଇଛି। ପ୍ରାଦେଶିକ ମୁଖ୍ୟମନ୍ତ୍ରୀ ଅଲି ଅମିନ୍ ଗଣ୍ଡପୁର ଏବଂ ଗଭର୍ନର ଫୈସଲ କରିମ କୁଣ୍ଡି ଆତ୍ମଘାତୀ ବିସ୍ଫୋରଣକୁ ନିନ୍ଦା କରିଛନ୍ତି।

# ଆମେରିକାରେ ଦୁର୍ଘଟଣାଗ୍ରସ୍ତ ନୀଲମ୍‌ଙ୍କ ପରିବାରକୁ ମିଳିଲା ଭିଜା



ନୀଲମ ଶିନ୍ଦେ

ମୁମ୍ବାଇ,୨୮।୨

ଆମେରିକାରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ କୋମାରେ ଥିବା ମହାରାଷ୍ଟ୍ର ସତାରା ଜିଲାର ୩୫ ବର୍ଷୀୟା ଛାତ୍ରୀ ନୀଲମ ଶିନ୍ଦେଙ୍କ ପରିବାରକୁ ଆମେରିକା ଦୂତାବାସ ଶୁକ୍ରବାର ଜରୁରୀ ଭିଜା ମଞ୍ଜୁର କରିଛି। ଝିଅଙ୍କୁ ଦେଖା କରିବା ପାଇଁ ପରିବାର ସଦସ୍ୟ ଶନିବାର ଆମେରିକା ଯାତ୍ରା କରିବେ ବୋଲି ନୀଲମଙ୍କ ବାପା ତନହାଜି ଶିନ୍ଦେ ଗଣମାଧ୍ୟମକୁ କହିଛନ୍ତି। ସେ ଶୁକ୍ରବାର ମୁମ୍ବାଇସ୍ଥିତ ଆମେରିକା କନ୍‌ସୁଲେଟ୍‌କୁ ଆସି ଦେଖା କରିଥିଲେ। ଅଧଘଣ୍ଟାର ସାକ୍ଷାତ୍‌କାର ପରେ କନ୍‌ସୁଲେଟ୍ କର୍ତ୍ତୃପକ୍ଷ ତାଙ୍କ ପରିବାର ପାଇଁ ଭିଜା ମଞ୍ଜୁର କରିଥିଲେ। କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟିରେ ଭିଜା ମଞ୍ଜୁରୀରେ ବିଳମ୍ବ ହେବାରୁ କେନ୍ଦ୍ର ହସ୍ତକ୍ଷେପ କରିଥିଲା।

# ହୋଲି ଉତ୍ସବ ପାଇଁ ଅନୁମତି ନ ଦେବାରୁ ୧୫୦ କଲେଜ କର୍ମଚାରୀଙ୍କୁ ଅଟକ ରଖିଲେ ଛାତ୍ରୀଛାତ୍ର

ଇନ୍ଦୋର,୨୮।୨

ମଧ୍ୟପ୍ରଦେଶ ଇନ୍ଦୋରର ଏକ ସରକାରୀ ମହାବିଦ୍ୟାଳୟରେ ହୋଲି ଉତ୍ସବ ପାଇଁ ଅନୁମତି ନ ମିଳିବାରୁ ୧୫୦ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କୁ ଛାତ୍ରୀଛାତ୍ର ଅଟକ ରଖିଥିଲେ। ଏଭଳି ବିଶୃଙ୍ଖଳା ପାଇଁ ହୋଲକର ସାଇନ୍ସ କଲେଜର ୪ ଛାତ୍ରନେତାଙ୍କୁ ନିଲମ୍ବନ କରାଯାଇଛି। ମାର୍ଚ୍ଚ ୭ରେ କଲେଜରେ 'ହୋଲକାର କା ହୋଲି ଫେଷ୍ଟ' ଆୟୋଜନ ପାଇଁ ଛାତ୍ରୀଛାତ୍ର ଯୋଜନା କରିଥିଲେ। କଲେଜ ପ୍ରଶାସନ ଏହି କାର୍ଯ୍ୟକ୍ରମ ପାଇଁ ଅନୁମତି ଦେଇ ନ ଥିଲେ ମଧ୍ୟ ପିଲାମାନେ ଏହାକୁ ଅଣଦେଖା କରି କ୍ୟାମ୍ପସ୍‌ରେ ପୋଷ୍ଟର ଲଗାଇଥିଲେ। ଗତ ୧୪ ତାରିଖରେ ଛାତ୍ରୀଛାତ୍ର ବିକ୍ଷୋଭ କରିବା ସହ କଲେଜର ଯଶଓ୍ୱନ୍ତ ହଲ୍‌ରେ କର୍ମଚାରୀଙ୍କ ବୈଠକ ଚାଲିଥିବାବେଳେ ତାଲା ପକାଇ ଦେଇଥିଲେ। ଫଳରେ ୧୫୦ କର୍ମଚାରୀ ୩୦ ମିନିଟ୍ ହଲ୍‌ରେ ବନ୍ଦ ରହିଥିଲେ।

# ବର୍ଷ ଶେଷ ସୁଦ୍ଧା ଭାରତ-ଇୟୁ ମୁକ୍ତ ବାଣିଜ୍ୟ ଚୁକ୍ତି



ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ୟୁରୋପୀୟ କମିଶନ ଅଧ୍ୟକ୍ଷା ଉର୍ସୁଲା ଭନ୍ ଡେର୍ ଲେୟେନ୍‌ଙ୍କୁ ଭେଟୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

ନୂଆଦିଲ୍ଲୀ,୨୮।୨(ପି.ଟି.)

ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଅତ୍ୟଧିକ ଆମଦାନୀ ଶୁଳ୍କ ଲଗାଇବା ପାଇଁ ଚେତାବନୀ ଦେଇଥିବାବେଳେ ଏହା ବୈଶ୍ୱିକ ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇପାରେ। ଏଭଳି ଆଶଙ୍କା ମଧ୍ୟରେ ଭାରତ ଏବଂ ୟୁରୋପୀୟ ୟୁନିୟନ (ଇୟୁ) ଚଳିତ ବର୍ଷ ଶେଷ ସୁଦ୍ଧା ବହୁ ପ୍ରତୀକ୍ଷିତ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସମ୍ପୂର୍ଣ୍ଣ କରିବାକୁ ଶୁକ୍ରବାର ସହମତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁରୋପୀୟ କମିଶନ ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନଙ୍କ ମଧ୍ୟରେ ହୋଇଥିବା ଆଲୋଚନାରେ ଏହି ନିଷ୍ପତ୍ତି ନିଆଯାଇଛି। ଦ୍ୱିପାକ୍ଷିକ ପ୍ରତିରକ୍ଷା ସହଯୋଗ ବିଶେଷ କରି ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ବଢ଼ାଇବା ପାଇଁ ଉଭୟ ନେତା ନିଷ୍ପତ୍ତି ନେଇଛନ୍ତି। ଚୁକ୍ତିନାମା ଚୂଡ଼ାନ୍ତ ହେବା ପରେ ଚଳିତ ବର୍ଷ ଶେଷ ଭାଗରେ ନୂଆଦିଲ୍ଲୀ ଆୟୋଜନ କରିବାକୁ ଯାଉଥିବା ଭାରତ-ଇୟୁ ସମିଟ୍‌ରେ ଏଫ୍‌ଟିଏ ଶୁଭାରମ୍ଭ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।






# ୨୦୨୪-୨୫ ବର୍ଷ ପାଇଁ ଇପିଏଫ୍ ସୁଧ ହାର ୮.୨୫% ରହିଲା

**ନୂଆଦିଲ୍ଲୀ,୨୮।୨**

କର୍ମଚାରୀମାନଙ୍କର ୨୦୨୪-୨୫ ଆର୍ଥିକ ବର୍ଷର ଇପିଏଫ୍ ଜମା ରାଶି ଉପରେ ସୁଧ ହାର ୮.୨୫ ପ୍ରତିଶତ କାଏମ ରଖିବା ପାଇଁ କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫ୍‌ଓ) ଶୁକ୍ରବାର ନିଷ୍ପତ୍ତି ନେଇଛି। ଫଳରେ ଦେଶର ୭ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀ କର୍ମଚାରୀ ଉପକୃତ ହେବେ। ୨୦୨୨-୨୩ ବର୍ଷରେ ସୁଧହାର ୮.୧୫ ପ୍ରତିଶତ ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷରେ ଏହାକୁ ୮.୨୫ ପ୍ରତିଶତକୁ ବଢ଼ାଇବା ନିମନ୍ତେ ଗତବର୍ଷ ଫେବୃଆରୀରେ ନିଷ୍ପତ୍ତି ନିଆଯାଇଥିଲା। ୨୦୨୪-୨୫ ବର୍ଷରେ ମଧ୍ୟ ସମାନ ସୁଧହାର ବଳବତ୍ତର ରଖିବା ପାଇଁ ଇପିଏଫ୍‌ଓର କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ (ସିବିଟି) ସୁପାରିସ୍ କରିଥିଲା ବୋଲି ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେନ୍ଦ୍ର ଶ୍ରମ ଓ ନିୟୋଜନ ମନ୍ତ୍ରୀ ମନସୁଖ୍ ମାଣ୍ଡବ୍ୟଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବସିଥିବା ସିବିଟିର ୨୩୭ତମ ବୈଠକରେ ସୁଧହାର ୮.୨୫% ରଖିବାକୁ ନିଷ୍ପତ୍ତି ନିଆଯାଇଛି।

# ଏବର୍ଷ ଅଧିକ ଦିନ ଗ୍ରୀଷ୍ମ ଲହରି

## ୩୭ ଡିଗ୍ରୀରେ ଝାରସୁଗୁଡ଼ା, ଆହୁରି ବଢ଼ିବ

**ଭୁବନେଶ୍ୱର,୨୮।୨ (ଅନୁରାଧା ମହାରଣା)**

ରାଜ୍ୟରେ ପୁଣି ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ମାର୍ଚ୍ଚ ପୂର୍ବରୁ ଡହ ଡହ ଖରା ଡରାଉଛି। ଶୁକ୍ରବାର ୭ ସହରର ତାପମାତ୍ରା ୩୭ ଡିଗ୍ରୀ ଉପରେ ରହିଥିଲା। ସେହିଭଳି ୯ ସହରର ତାପମାତ୍ରା ୩୫ରୁ ୩୬ ଡିଗ୍ରୀ ମଧ୍ୟରେ ରହିଥିବା ରେକର୍ଡ କରାଯାଇଥିବାବେଳେ ଝାରସୁଗୁଡ଼ାରେ ସର୍ବାଧିକ ଦିନ ତାପମାତ୍ରା ୩୭ଡିଗ୍ରୀ ଓ ସର୍ବନିମ୍ନ ରାତି ତାପମାତ୍ରା ରାଉରକେଲାରେ ୧୫.୦ଡିଗ୍ରୀ ରହିଥିଲା। ତେବେ ଶନିବାରଠାରୁ ପରବର୍ତ୍ତୀ ୪ରୁ ୫ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବ। ଆଗକୁ ଗ୍ରୀଷ୍ମ ପ୍ରକୋପ ଆହୁରି ବଢ଼ିବ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଥିବାରୁ ଚିନ୍ତା ବଢ଼ିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଏବର୍ଷ ଗ୍ରୀଷ୍ମ ଲହରୀ ଅବଧି ବଢ଼ିବ। ମାର୍ଚ୍ଚରୁ ମେ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରି ଜାରି ରହିବ। ଫଳରେ ସ୍ୱାଭାବିକଠାରୁ ଅଧିକ ତାତି ଅନୁଭୂତ ହେବାର ସମ୍ଭାବନା ରହିଥିବା କୁହାଯାଇଛି।

# ରାଜ୍ୟରେ ବୀମା କଭରେଜ୍‌ରୁ ବଞ୍ଚିତ ୬୧.୫୭ ଲକ୍ଷରୁ ଅଧିକ ଯାନ

**ଭୁବନେଶ୍ୱର,୨୮।୨(ସୁନିତ୍ ମିଶ୍ର)**

ମୋଟରଯାନ ଆଇନ ୧୯୮୮ର ଧାରା ୧୬୪ ଅନୁଯାୟୀ ଯାନବାହନ ମାଲିକ କିମ୍ବା ଅଧିକୃତ ବୀମାକାରୀଙ୍କୁ ମୃତ୍ୟୁ କ୍ଷେତ୍ରରେ ୫ ଲକ୍ଷ ଏବଂ ପୀଡ଼ିତ କିମ୍ବା ସେମାନଙ୍କ ଆଇନଗତ ଉତ୍ତରାଧିକାରୀଙ୍କୁ ଗୁରୁତର ଆଘାତ ପାଇଁ ୨.୫ ଲକ୍ଷ କ୍ଷତିପୂରଣ ପ୍ରଦାନ ପାଇଁ ରାଜ୍ୟ ସରକାର ବାଧ୍ୟତାମୂଳକ କରିଛନ୍ତି। ଓଡ଼ିଶାରେ ୫୯% ଯାନବାହନ ବୀମାଭୁକ୍ତ ହୋଇନାହାନ୍ତି, ଯାହା ଫଳରେ ଅନେକ ଯାନବାହନ ମାଲିକ ଆର୍ଥିକ ବିପଦ ଏବଂ ଆଇନଗତ ପରିଣାମର ସମ୍ମୁଖୀନ ହେଉଛନ୍ତି। ପଞ୍ଜୀକୃତ ୧.୦୩ କୋଟି ଯାନ ମଧ୍ୟରୁ ୬୧.୫୭ ଲକ୍ଷରୁ ଅଧିକ ଯାନ ବୀମା କଭରେଜ୍‌ରୁ ବଞ୍ଚିତ, ଯେଉଁଥିଲାଗି ସଚେତନତା ଏବଂ କାର୍ଯ୍ୟାନ୍ୱୟନର ଜରୁରୀ ଆବଶ୍ୟକତା ରହିଛି। ବୀମା ସଂସ୍କାରକୁ ତ୍ୱରାନ୍ୱିତ କରିବା ପାଇଁ ଶୁକ୍ରବାର ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବୀମା କମ୍ପାନୀର ପ୍ରତିନିଧିମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଖାରବେଳ ଭବନର ୫ମ ମହଲା ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ପ୍ରଚଳିତ ପ୍ରକ୍ରିୟାଗୁଡ଼ିକର ସଂସ୍କାର, ନିୟାମକ ନମନୀୟତା ବୃଦ୍ଧି ଏବଂ ଦାବିର ସୁଗମତା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବିଭାଗୀୟ ସଚିବ ଏହି ଅବସରରେ ବୀମା ସମାଧାନ ପାଇଁ ଏକ ଦକ୍ଷ, ନାଗରିକ-ଅନୁକୂଳ ଆଭିମୁଖ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ସମାନ କାର୍ଯ୍ୟକାରିତା ପାଇଁ ଏକ କଷ୍ଟୋମାଇଜଡ୍ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡିଓର(ଏସ୍‌ଓପି) ବିକଶିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ପକ୍ଷରୁ ସମସ୍ତ ଅଂଶୀଦାରଙ୍କୁ ଚୂଡ଼ାନ୍ତ ଏସ୍‌ଓପି ଜାରି କରିବ, ଯାହା ଦାବି ପ୍ରକ୍ରିୟାରେ ଅଧିକ ସ୍ୱଚ୍ଛତା ଏବଂ ସମନ୍ୱୟ ରଖିବ। ବୀମା ସୁଗମତାକୁ ସୁଦୃଢ଼ କରିବା ପାଇଁ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ଅଧୀନରେ ୫ଟି ପ୍ରମୁଖ ବୀମା କମ୍ପାନୀକୁ ତାଲିକାଭୁକ୍ତ କରାଯାଇଛି। ତଥ୍ୟ ଅନୁଯାୟୀ, ୬.୭୭ କୋଟି ମୂଲ୍ୟର ଦାବି ଦାଖଲ କରାଯାଇଛି, ୧.୪୫ କୋଟି ପୂର୍ବରୁ ସମାଧାନ କରାଯାଇଛି। ସରକାର ବୀମା କମ୍ପାନୀଗୁଡ଼ିକ ସହ ପରାମର୍ଶକରି ଏକ ଅନ୍‌ଲାଇନ ପୋର୍ଟାଲ ଇ-ଡିଏଆର୍ (ଇଲେକ୍ଟ୍ରୋନିକ୍ ବିସ୍ତୃତ ଦୁର୍ଘଟଣା ରିପୋର୍ଟ) ଆରମ୍ଭ କରିବାକୁ ଯାଉଛନ୍ତି। ଏଥିରେ ସଡ଼କ ଦୁର୍ଘଟଣା ତଥ୍ୟର ତୁରନ୍ତ ପ୍ରବେଶ ପ୍ରଦାନ କରିବ, କ୍ଷତିପୂରଣ ଦାବିକୁ ତ୍ୱରାନ୍ୱିତ କରିବ ଏବଂ ପୀଡ଼ିତଙ୍କ ପରିବାରକୁ ଅତ୍ୟନ୍ତ ଆବଶ୍ୟକ ସହାୟତା ପ୍ରଦାନ କରିବ। ବୈଠକରେ ଓଏସ୍‌ଆର୍‌ଟିସି ସିଏମ୍‌ଡି ଦୀପ୍ତେଶ କୁମାର ପଟ୍ଟନାୟକ, ପରିବହନ କମିଶନର ଅମିତାଭ ଠାକୁର, ଏମ୍‌ଡି କ୍ରୁଟ୍ ଏନ୍. ତିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବକଙ୍କୁ ଦଳିଦେଲା ଦନ୍ତା

**ଯୋଡ଼ା,୨୮।୨(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ବାମେବାରି ସେକ୍ସନ ନମ୍ବିରା ମୁଣ୍ଡାସାହିରେ ଗୁରୁବାର ରାତି ୧୨ଟାରେ ଏକ ଦନ୍ତାହାତୀ ଜଣେ ଯୁବକଙ୍କୁ ଦଳିଦେଇଛି। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ହରି ମୁଣ୍ଡା(୪୧)। ସୂଚନା ଅନୁଯାୟୀ, ଗୁରୁବାର ରାତିରେ ଏକ ଦନ୍ତା ହାତୀ ଗ୍ରାମରେ ପଶିଥିଲା। ହରି ତାଙ୍କ ଘର ନିକଟରେ ହାତୀ ଥିବା ଦେଖି ଘଉଡ଼ାଇବା ପାଇଁ ଟିଣଡ଼ବା ପିଟିଥିଲେ। ମାତ୍ର ହାତୀଟି ହରିଙ୍କ ଆଡ଼କୁ ମାଡ଼ି ଆସିଥିଲା। ଶୁଣ୍ଢରେ ଧରି କଚାଡ଼ି ଦେଇଥିଲା। ପରେ ଗୋଡ଼ରେ ଦଳିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ହାତୀ ତାଙ୍କ ଗୁହାଳଘର ମଧ୍ୟ ଭାଙ୍ଗି ଦେଇଥିବା ପରିବାର ଲୋକେ କହିଛନ୍ତି। ବାମେବାରି ବନପାଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ହାତୀ ଘଉଡ଼ାଇଥିଲେ। ଶୁକ୍ରବାର ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଯାଇଛି। ସରକାରୀ ଯୋଜନା ଅନୁଯାୟୀ ପରିବାର ଲୋକଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ବନପାଳ ରାଜେନ୍ଦ୍ର ଜେନା ସୂଚନା ଦେଇଛନ୍ତି।

# ଚଳିତବର୍ଷ ଦେଶରୁ ଯକ୍ଷ୍ମା ବିଲୋପ ନେଇ କାର୍ଯ୍ୟ ଚାଲିଛି: ନଡ୍ଡା

## ପୁରୀରେ ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଘାଟିତ

- ସବୁ ଜିଲାରେ ସ୍ଥାପନ ହେବ 'କ୍ୟାନ୍‌ସର ଡେ କେୟାର ସେଣ୍ଟର'
- ରାଜ୍ୟରେ ୧୩୩୮ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲାଯିବ: ମୁଖ୍ୟମନ୍ତ୍ରୀ

**ପୁରୀ,୨୮।୨(ଅଜିତ୍ କୁମାର ମହାନ୍ତି)**

ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ଭାରତର ଗ୍ରାମାଞ୍ଚଳ, ଅନୁନ୍ନତ ଅଞ୍ଚଳରେ ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ ପାଇଛି। ସେହିପରିଟିବି, ଫାଇଲେରିଆ ପ୍ରଭୃତି ଅନେକ ରୋଗର ସଫଳ ଚିକିତ୍ସା କରାଯାଇ ରୋଗକୁ ନିୟନ୍ତ୍ରଣ କରାଯାଇପାରିଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଜରିଆରେ ବ୍ୟାପକ ସଚେତନତା କରାଯାଉଥିବାରୁ ଲୋକେ ବିଭିନ୍ନ ରୋଗ ବିଷୟରେ ସଚେତନ ହେଲେଣି। ଆମ ଦେଶରେ ମ୍ୟାଲେରିଆକୁ ନିୟନ୍ତ୍ରଣ କରାଯାଇପାରିଛି। ଦେଶରେ ଯକ୍ଷ୍ମା (ଟିବି) ରୋଗ ଉପରେ ମଧ୍ୟ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଆସିଛି। ଆଶା ଅଛି, ୨୦୨୫ରେ ଆମ ଦେଶରୁ ଯକ୍ଷ୍ମା ରୋଗ ସମ୍ପୂର୍ଣ୍ଣ ଲୋପ ପାଇଯିବ। ଏହା ଉପରେ କେନ୍ଦ୍ର ସରକାର କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା କହିଛନ୍ତି।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ପୁରୀରେ ଶୁକ୍ରବାର ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସେ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ଭାରତରେ ସ୍ୱାସ୍ଥ୍ୟସେବା ସୁଦୃଢ଼ କରିବାକୁ ହେଲେ ମୂଳଦୁଆକୁ ମଜଭୁତ କରିବାକୁ ପଡ଼ିବ। ଉନ୍ନତ ମାନର ଚିକିତ୍ସା ସେବା ବ୍ୟବସ୍ଥା କରିବାକୁ ପଡ଼ିବ। ଏଥିପାଇଁ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ସଜାଡ଼ିବା ସହ ଅଧିକରୁ ଅଧିକ ସଂଖ୍ୟକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାକୁ ପଡ଼ିବ। ତାହା'ଲେ ଆମେ ସାରା ଦେଶବାସୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇପାରିବା। ଏ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କାର୍ଯ୍ୟ ଆଗେଇ ଚାଲିଥିବା ବେଳେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ ଅର୍ଥର ଅଭାବ ନାହିଁ। ଦେଶରେ ତୃଣମୂଳ ସ୍ତରରେ ଉନ୍ନତ ଚିକିତ୍ସା ସେବା ପହଞ୍ଚାଇବାକୁ ହେଲେ ଆମକୁ ଲୋକପ୍ରତିନିଧିଙ୍କ ସହଯୋଗ ନେବାକୁ ପଡ଼ିବ। କାରଣ ସେମାନେ ଗ୍ରାମର ପ୍ରତ୍ୟେକ ଲୋକଙ୍କ ସହ ସମ୍ପର୍କରେ ଥାଆନ୍ତି। ଚଳିତ ବର୍ଷ ଦେଶରେ ଜିଲା ମୁଖ୍ୟ ଚିକିତ୍ସାଳୟଗୁଡ଼ିକରେ ୨୦୦ 'କ୍ୟାନ୍ସର ଡେ କେୟାର ସେଣ୍ଟର' ସ୍ଥାପିତ ହେବ। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରତି ଜିଲାରେ 'କ୍ୟାନ୍ସର ଡେ କେୟାର ସେଣ୍ଟର' ସ୍ଥାପନ ହେବ। କେମୋ ଥେରାପି ସୁବିଧା ନିଜ ଜିଲାରେ ଉପଲବ୍ଧ ହେବ। ଦେଶର ୧ଲକ୍ଷ ୭୬ ହଜାର ଆରୋଗ୍ୟ ମନ୍ଦିରରେ ୩୭ କୋଟି ବ୍ୟକ୍ତିବିଶେଷଙ୍କ ମଧୁମେହ, ରକ୍ତଚାପ ଓ ତିନିପ୍ରକାରର କ୍ୟାନ୍ସରର ସ୍କ୍ରିନିଂ କରାଯାଉଛି। ଏହା ଅର୍ଥ ଓ ସମୟ ବଞ୍ଚାଇବା ସହ ସ୍ୱାସ୍ଥ୍ୟକ୍ଷେତ୍ରରେ ସମୟୋପଯୋଗୀ ସେବା ଦେବାରେ ସହାୟକ ହେବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶା ପୂର୍ବରୁ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ବଦନାମ ଥିଲା। ହେଲେ ବର୍ତ୍ତମାନର ସରକାରଙ୍କ ନିଷ୍ଠାପର ଉଦ୍ୟମ ଓ ଯୋଜନା ଯୋଗୁ ଓଡ଼ିଶା ଏବେ ସ୍ୱାସ୍ଥ୍ୟସେବାରେ ବେଶ୍ ଆଗେଇ ଚାଲିଛି, ଯାହାକି ପ୍ରଶଂସାଯୋଗ୍ୟ ବୋଲି ନଡ୍ଡା ପ୍ରକାଶ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ସୁସ୍ଥ ଓ ସମୃଦ୍ଧ ଓଡ଼ିଶା ଆମର ଲକ୍ଷ୍ୟ। କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶା ଏବେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଗକୁ ଯାଇଇଛି। ଆହୁରି ଆଗକୁ ନେବା ପାଇଁ ଆମେ କାର୍ଯ୍ୟ ଜାରି ରଖିଛୁ। ଓଡ଼ିଶାରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହ ଆୟୁଷ୍ମାନ ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହାଦ୍ୱାରା ଓଡ଼ିଶା ବାହାରେ ରହୁଥିବା ଶ୍ରମିକମାନେ ମାଗଣାରେ ସ୍ୱାସ୍ଥ୍ୟସେବା ପାଇପାରିବେ। ସମସ୍ତଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ସହର ଓ ଗ୍ରାମାଞ୍ଚଳରେ ଥିବା ୭୩୫୮ ପିଏଚ୍‌ସି ଏବଂ ସବସେଣ୍ଟରକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବେ ବିକଶିତ କରାଯିବ। ସେଠାରେ ଯୋଗ ସହ ସମସ୍ତ ପ୍ରକାରର ପ୍ରାଥମିକ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଏହାବ୍ୟତୀତ ରାଜ୍ୟରେ ୧୩୩୮ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସ୍ଥାପନ ହେବ। ଆସନ୍ତା ଶିକ୍ଷାବର୍ଷରେ ଫୁଲବାଣୀ ଓ ଅନୁଗୋଳ ଜିଲାରେ ନୂଆ ମେଡିକାଲ କଲେଜ ପ୍ରତିଷ୍ଠା ହେବ। ମୋଟ ୩୦ ଜିଲାରେ ୧୪ ମେଡିକାଲ କଲେଜ ଓ ହସ୍ପିଟାଲ୍ କରାଯିବ। ୮ଟି ନୂଆ ସରକାରୀ ନର୍ସିଂ କଲେଜ ଖୋଲାଯିବ। ଏହାବ୍ୟତୀତ ୪ଟି ଡେଣ୍ଟାଲ କଲେଜ ପାଇଁ ମଧ୍ୟ ବ୍ୟବସ୍ଥା ରହିଛି। ନିକଟରେ ୩୫୩୭ ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଖୁବଶୀଘ୍ର ଆଉ ୫ ହଜାର ଡାକ୍ତର ପଦବୀ ପାଇଁ ପ୍ରକ୍ରିୟା ଆରମ୍ଭ ହେବ। ଆୟୁଷ୍ମାନ ଭାରତ ଯୋଜନାରେ ଓଡ଼ିଶାର ଲୋକେ ଦେଶର ୨୯ ହଜାର ହସ୍ପିଟାଲର ଚିକିତ୍ସା ସେବା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ପି. ଏସ୍. ଶ୍ରୀବାସ୍ତବ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍‌ଡି ତଥା ଅତିରିକ୍ତ ସଚିବ ଆରାଧନା ପଟ୍ଟନାୟକ, ଯୁଗ୍ମ ସଚିବ ସୌରଭ ଜୈନ, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଅଶ୍ୱଥି. ଏସ୍ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀରେ ନବମ ଜାତୀୟ ସ୍ୱାସ୍ଥ୍ୟ ସମ୍ମିଳନୀ ଉଦ୍‌ଘାଟନ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଅନ୍ୟ ଅତିଥିମାନେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ସୂଚନା ପତ୍ରିକାକୁ ଲୋକାର୍ପଣ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)







# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ବୁଲ୍ସଆଇ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା 'ତେଜସ୍ୱିନୀ', ସ୍ଥାନ: ଧଉଳି ଚାରୁକଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନେପାଳୀ ସମାଜ ଏବଂ ଓଡ଼ିଶା ଜନ ଆନ୍ଦୋଳନ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୪ଟା।

## ଖୋର୍ଦ୍ଧା

- ମା'ବଘେଇ କ୍ରିକେଟ ଟୁର୍ନାମେଣ୍ଟ,ସ୍ଥାନ: ଦେଉଳଟାଙ୍ଗୀ ପଡ଼ିଆ, ସମୟ: ସକାଳ ୯ଟା।
- ମା'ଦକ୍ଷିଣକାଳୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନିରଞ୍ଜନପୁର ମା'ଦକ୍ଷିଣକାଳୀ ପୀଠ, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ସମ୍ମିଳନୀ, ସ୍ଥାନ: ଆୟୁଷ୍ମାନ ଭବନ, ଗୋପାଳଗାଁ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- କର୍ଣ୍ଣ, ନାସା, ଗଳା ବିଭାଗର କର୍ମଶାଳା, ସ୍ଥାନ: ଫକୀରମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲ, ରେମୁଣା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୫୦ତମ ଫେସବୁକ୍ କବିତା ଆସର, ସ୍ଥାନ: ଉତ୍କଳା ମଞ୍ଚ, ନୋସି ବିଜିନେସ ପାର୍କ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।

## ଭଦ୍ରକ

- ମା' ସାହାଡ଼ାଶୁଣୀଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: କୋହ୍ଲ, ତିହିଡ଼ି, ସମୟ: ସକାଳ ୭ଟା।
- ନବଗ୍ରହ ମହାପ୍ରଭୁଙ୍କ ନୂତନ ମନ୍ଦିର ପ୍ରତିଷ୍ଠା, ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: ତେନ୍ତୁଳିଆ ନବଗ୍ରହ ମନ୍ଦିର, ବାସୁଦେବପୁର, ସମୟ: ସକାଳ ୯ଟା।
- ଜାତୀୟ ଆଲୋଚନାଚକ୍ର, ସ୍ଥାନ: ଭଦ୍ରକ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ହୃଦାନନ୍ଦ ମଲ୍ଲିକଙ୍କ ଶ୍ରାଦ୍ଧ ବାର୍ଷିକୀ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ, ସ୍ଥାନ: ଚନ୍ଦ୍ରଭାନୁପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତା ସମ୍ମିଳନୀ, ସ୍ଥାନ: ତରତରା ଛକ, ଛେନାପଦି, ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ ଟା।
- ଗ୍ରାମୀଣ ଆବାସ ପ୍ରଗତି ସ୍ଥିତି ସମ୍ପର୍କିତ ବୈଠକ, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ସ୍ମୃତି ସଭା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: ପଡ଼ିଆରୀପଲ୍ଲୀ, ହାଟଡ଼ିହୀ, ସମୟ: ଅପରାହ୍ନ ୪ ଟା।
- ଶ୍ରୀ ଶନିଙ୍କ ମନ୍ଦିରରେ ମେଳା ଏବଂ ଭଜନ, ସ୍ଥାନ : ମୋଟରାଗଡ଼ିଆ, ହାଟଡ଼ିହୀ, ସମୟ : ସକାଳ ୮ ଟା ଏବଂ ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତ କାର୍ଯ୍ୟକ୍ରମ, ସ୍ଥାନ:ପାଟପୁର ପଡ଼ିଆ, ଉଦଳା,ସମୟ: ପୂର୍ବାହ୍ନ ୧୧ଟା। ଖିଚିଂସ୍ଥିତ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ, ସମୟ: ଅପରାହ୍ନ ୪ଟା ୫୦।
- ଭାରତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ ମେଳା, ସ୍ଥାନ:ଛଉ ପଡ଼ିଆ ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।
- ମହାଶିବରାତ୍ରି ଜାଗର ମେଳା, ସ୍ଥାନ: ବାବା ଝିଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ, ଝିଙ୍କପଦା, କପ୍ତିପଦା ବ୍ଲକ ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା,ସ୍ଥାନ: ବାବା କଖାରୁଆ ବୈଦ୍ୟନାଥ ମନ୍ଦିର, ମାଣତ୍ରୀ, ବଡ଼ସାହି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା,ସ୍ଥାନ: ବାବା ଶିମିଳେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣ, ଶିମିଳା, ବାଙ୍ଗରିପୋଷି, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।
- ଜାଗର ମେଳା, ସ୍ଥାନ: ବାବା ବୁଦ୍ଧେଶ୍ୱର ମହାଦେବଙ୍କ ମନ୍ଦିର ଦେବଶୂଳ, ରାସଗୋବିନ୍ଦପୁର,ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୧ଟା।

## ଜଗତ୍ସିଂହପୁର

- ଭାରତୀୟ ମଜ୍ଦୁର ସଂଘ(ବିଏମ୍ଏସ୍)ର ୧୧ତମ ସର୍ବଭାରତୀୟ ତ୍ରୈବାର୍ଷିକ ଦୁଇ ଦିନିଆ ସମ୍ମିଳନୀ ଉଦ୍ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜାଗର ଯାତ୍ରାର ଉଦ୍ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକର କନ୍ଧମିରିଗି, ସମୟ: ପୂର୍ବାହ୍ନ ୧୧ଟା ।
- ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟ୍ବଲ ଟୁର୍ନାମେଣ୍ଟର ସପ୍ତମ ଦିବସରେ ମହିଳା ପ୍ରଦର୍ଶନୀ ମ୍ୟାଚ, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ମହିଷାଷୁଣୀ ପୀଠରେ ଜାଗର ଯାତ୍ରାର ଉଦ୍ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର ଜଗନ୍ନାଥ ପ୍ରସାଦ, ସମୟ: ଅପରାହ୍ନ ୪ଟା।
- ଲଡୁବାବାଙ୍କ ପୀଠରେ ଜାଗର ଯାତ୍ରାର ୪ର୍ଥ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ଅପରାହ୍ନ ୪ଟା।
- ନୀଳକଣ୍ଠେଶ୍ୱର ଶୈବ ପୀଠରେ ଜାଗର ଯାତ୍ରାର ଉଦ୍ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକର ବେଣାଗାଡିଆ, ସମୟ: ଅପରାହ୍ନ ୪ଟା।

## ରାୟଗଡ଼ା

- ନୂତନ ବିଗ୍ରହ ଗୁଡିକ ପ୍ରାଣ ପ୍ରତିଷ୍ଠା, ସ୍ନାନ କାର୍ଯ୍ୟକ୍ରମ, ସ୍ଥାନ: ରାୟଗଡ଼ା ବାଲୁଙ୍କେଶ୍ୱର ମନ୍ଦିର, ସମୟ: ସକାଳ 7 ଟା।
- ପଞ୍ଚାୟତ ବିକାଶ ସୂଚକାଙ୍କ ଉପରେ ବ୍ଲକସ୍ତରୀୟ ତାଲିମ, ସ୍ଥାନ: ବ୍ଲକ୍ ସଦ୍ଭାବନା ସଭା ଗୃହ, ରାୟଗଡା, ସମୟ : ସକାଳ ୨ ଟା।
- ପ୍ରାକୃତିକ କୃଷି ପଦ୍ଧତି ଯୋଜନା ସମ୍ପର୍କିତ କର୍ମଶାଳା, ସ୍ଥାନ: ମୁନିଗୁଡା କମ୍ୟୁନିଟି ହଲ ସଭାଗୃହ, ସମୟ ; ପୂର୍ବାହ୍ନ ୧୦ଟା।

## କୋରାପୁଟ

- ମଙ୍ଗଳା ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମନ୍ଦିର ପରିସର, ସେମିଳିଗୁଡା, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ନିଯୁକ୍ତି ମେଳା, ସ୍ଥାନ : ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପଡିଆ, କୋରାପୁଟ, ସମୟ: ସକାଳ ୯ଟା।
- ବଜେଟ୍ ନେଇ ରାଜ୍ୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: କୋରାପୁଟ ସ୍ୱତନ୍ତ୍ର ସର୍କିଟ ହାଉସ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ସାରସ୍ୱତ ସମାରୋହ, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡା ସଂଘ ଓ ସମଲେଶ୍ୱରୀ ସ୍ପୋର୍ଟିଂ ଆୟୋଜିତ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା ୩୦।
- ସମ୍ବଲପୁର ସେଲିବ୍ରିଟି କ୍ରିକେଟ ଲିଗ୍ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଦିଶା ବୈଠକ ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳା ଦ୍ୱିତୀୟ ଦିବସ, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଶିବ ପ୍ରସାଦ ପାଣ୍ଡିଆ ଜନ୍ମ ଶତବାର୍ଷିକୀ ସମାରୋହ ଉଦ୍ଘାଟନୀ ଉତ୍ସବ, ସ୍ଥାନ: ସରକାରୀ ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୪୫ ମିନିଟ।
- ବଲାଙ୍ଗୀର ବହିହାଟ ଷଷ୍ଠ ଦିବସ, ସ୍ଥାନ: କୋଶଳ କଳା ମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା।

## ରାଉରକେଲା

- ଇସ୍କନ ପକ୍ଷରୁ ସାମୂହିକ ନଗର ସଙ୍କୀର୍ତ୍ତନ, ସ୍ଥାନ: ଉଦିତନଗର, ସମୟ: ସକାଳ ୬ଟା ୩୦।
- ବାସନ୍ତୀ ପାଠାଗାରର ମାସିକ ସାହିତ୍ୟ ଆସର, ସ୍ଥାନ: ବାସନ୍ତୀ ପାଠାଗାର କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଆନ୍ତର୍ଜାତିକ ମହିଳା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ବୈତାଳୀ ପ୍ରାଥମିକ ସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ମହିଳା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଅମଠି ପ୍ରାଥମିକ ସ୍କୁଲ, ଝାରବନ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ପ୍ରସ୍ତୁତି ବୈଠକ, ସ୍ଥାନ: ସାମ୍ବାଦିକ ଭବନ, ଝାରବନ୍ଧ, ସମୟ: ଅପରାହ୍ନ ୩ଟା।

## କଳାହାଣ୍ଡି

- ଚିତ୍ରଗୁପ୍ତଙ୍କ ବିଗ୍ରହ ପ୍ରତିଷ୍ଠା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣା କରଣ ସମାଜ କଲ୍ୟାଣ ମଣ୍ଡପ ପରିସର, ସମୟ: ଅପରାହ୍ନ ୫ଟା।
- ନାଗରିକ ମଞ୍ଚ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ହାଇସ୍କୁଲ ପଡିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- ଜିଲା ପରିଷଦର ସାଧାରଣ ପରିଷଦ ବୈଠକ, ସ୍ଥାନ: ପଞ୍ଚାୟତ ଭବନ ଜିଲା ପରିଷଦ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ସତସଙ୍ଗ ମହୋତ୍ସବ ଅବସରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: , ତିଲେଇବଣି ବ୍ଲକ, ସୁଗୁଡ଼ା ଗ୍ରାମ, ସମୟ: ଅପରାହ୍ନ ୫ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ମହା ଶିବରାତ୍ରି ଉପଲକ୍ଷେ ଭଜନ ସନ୍ଧ୍ୟା, ପୁରୀ, ଅପେରା କାର୍ଯ୍ୟକ୍ରମ, ସ୍ଥାନ: ତିଲେଇବଣି ବ୍ଲକ, ନିକ୍ତିମାଲ ଗ୍ରାମ, ସିଦ୍ଧେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସପ୍ତାହ ପାରାୟଣ, ସ୍ଥାନ: ବଡ଼ମାଳ-ବହଳପଦର ମଠ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୧୦ଟା।
- ଓଡ଼ିଶା ସ୍ୱାସ୍ଥ୍ୟ ମିଶନ ପରିଚାଳନା କର୍ମଚାରୀ ସଂଘ ସୁବର୍ଣ୍ଣପୁର ଜିଲା ଶାଖା ବୈଠକ, ସ୍ଥାନ: ପୁରୁଣା ଜିଲା ମୁଖ୍ୟ ଡାକ୍ତରଖାନା ପରିସର, ସମୟ: ଅପରାହ୍ନ ୫ଟା ୩୦।
- ରାମାୟଣ ପାରାୟଣ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ରାମାୟଣ ପାରାୟଣ, ସ୍ଥାନ: ଭାଲୁଡୁଙ୍ଗୁରୀ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟିର ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ,ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: କୋମନା ବ୍ଲକ ତରବୋଡ଼ ସାପ୍ତାହିକ ବଜାର ପଡିଆ, ସମୟ: ପୂର୍ବାହ୍ନ ୧୦ଟା ୧୮।

## ଝାରସୁଗୁଡ଼ା

- ୨୪ ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଖେରୁଆଲ, ସମୟ: ସକାଳ ୮ଟା।
- ଜଙ୍ଗଲ ନିଆଁ ଉପଲକ୍ଷେ ସଚେତନତା ସଭା, ସ୍ଥାନ: ଭିକମପାଲି କମ୍ୟୁନିଟି ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ବାଲ୍ମୀକି ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱିତୀୟା ଉପଲକ୍ଷେ ଚନ୍ଦ୍ର ଦର୍ଶନ କାର୍ଯ୍ୟକ୍ରମ, ସ୍ଥାନ: କୋଇଲି ଘୁଗର ଶିବ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗଜକେଶରୀ ଯୋଗ ପ୍ରଭାବରୁ ପରିବାର ଓ କର୍ମକ୍ଷେତ୍ରର ସ୍ଥିତି ଆନନ୍ଦଦାୟକ ରହିବ। ଅର୍ଥ, ସମ୍ମାନ ଲାଭ ସାଙ୍ଗକୁ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। ଆତ୍ମୀୟସ୍ୱଜନ ସୁବିଧାବାଦୀ ଭଳି କାମ କଲେ ମଧ୍ୟ ଆପଣଙ୍କୁ କିଛି ଫରକ ପଡ଼ିବ ନାହିଁ। ସାମାଜିକ କାର୍ଯ୍ୟ କିମ୍ବା ଧର୍ମାନୁଷ୍ଠାନ ଦିଗରେ ଆଗ୍ରହ ପ୍ରକାଶ କରିପାରନ୍ତି।

**ବୃଷ** ଏକାଦଶସ୍ଥ ବୁଧ ଯୋଗୁ ଅର୍ଥଲାଭର ଆଶା ବ୍ୟର୍ଥ ଯିବନାହିଁ ଏବଂ କାର୍ଯ୍ୟସିଦ୍ଧି ଘଟିବ। କିନ୍ତୁ ନିର୍ମାଣକାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଷ୍ଟକର ହେବ। ସନ୍ତାନଙ୍କ ଶିକ୍ଷା, ପରୀକ୍ଷାରେ ଆଶାନୁରୂପ ଫଳ ଲାଭର କ୍ଷୀଣ ଆଶା ଚିନ୍ତାକରି ବ୍ୟଥିତ ହେବେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବନ୍ଧୁଙ୍କ ଆଲୋଚନା କେତେକାଂଶରେ ଭଲ ରହିବ।

**ମିଥୁନ** କର୍ମସ୍ଥାନରେ ରାହୁ ଓ ଶୁକ୍ର ସହିତ ବୁଧ ହେତୁ ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ମନ ଅସ୍ଥିର ରହିବ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ସଭାସମିତି, ଆଇନ ଅଦାଲତ କ୍ଷେତ୍ରରେ ଆଶାନୁଯାୟୀ ଫଳ ପାଇବେ। ତୀର୍ଥାଟନାଦି ଦିଗରେ ମାନସିକ ପ୍ରସ୍ତୁତି ଚଳାଇବେ।

**କର୍କଟ** ରାଶ୍ୟାଧିପ ଅଷ୍ଟମସ୍ଥ ହୋଇ ଶନି ଯୁକ୍ତ କାରଣରୁ ଆପଣଙ୍କ ପ୍ରତ୍ୟେକ ଆଶା ଅପୂରଣ ରହିପାରେ। ଅବଶ୍ୟ ଆନୁଷଙ୍ଗିକ ଅନୁକୂଳ ପରିବେଶ ମଧ୍ୟରେ ଇପ୍ସିତ ଦ୍ରବ୍ୟଲାଭ କରିବେ। ଖର୍ଚ୍ଚାନ୍ତ ହେଲେ ମଧ୍ୟ ସୁଯୋଗର ସଦ୍ବ୍ୟବହାରରେ ଅସୁବିଧା ହେବନାହିଁ। ସ୍ତ୍ରୀଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ବିଶେଷ ଭାବରେ ଉପକୃତ ହୋଇପାରନ୍ତି।

**ସିଂହ** ଶନି ଓ ଚନ୍ଦ୍ର ସଂଯୋଗ ଯୋଗୁ ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ବ୍ୟବସାୟିକ ଦୃଷ୍ଟିକୋଣରୁ କିଣା ବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସଭାସମିତିରେ ଆପଣଙ୍କ କାର୍ଯ୍ୟଦକ୍ଷତା ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବ। ଅବହେଳାରୁ କର୍ମକ୍ଷେତ୍ରରେ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**କନ୍ୟା** ରାଶିରେ କବନ୍ଧଗ୍ରହ କେତୁ ହେତୁ ସ୍ୱାସ୍ଥ୍ୟ, ଶତ୍ରୁତା, ବିବାଦ କ୍ଷେତ୍ରରେ ଖର୍ଚ୍ଚାନ୍ତ ହେବେ। ଜମା ଟଙ୍କାରୁ କିମ୍ବା ବ୍ୟାଙ୍କସୂତ୍ରରୁ ଅଥବା ସରକାରୀ ସ୍ତରରୁ ଅର୍ଥପ୍ରାପ୍ତିର ସୂଚନା ରହିଛି। ଅସୁବିଧା କ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବାର ସୁଯୋଗ ପାଇବେ। ମାନସିକ ଅସ୍ଥିରତା ମଧ୍ୟରେ ନିଜକୁ ନିୟନ୍ତ୍ରଣରେ ରଖିବାରେ ସମର୍ଥ ହେବେ।

**ତୁଳା** କର୍ମାଧିପ ନିଜ ଭାବରୁ ଅଷ୍ଟମସ୍ଥ ହୋଇଥିବାରୁ କାମ ଶୃଙ୍ଖଳିତ ହୋଇ ନ ପାରେ। ଅବଶ୍ୟ ସ୍ୱାତୀ ନକ୍ଷତ୍ର ସାମାନ୍ୟ ବିଳମ୍ବିତ ସମୟରେ ଲକ୍ଷ୍ୟ ହାସଲ କରି ଉପକୃତ ହୋଇପାରନ୍ତି। ବନ୍ଧୁଙ୍କ ସହାୟତା ନେଇ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ଆନୁଷ୍ଠାନିକ କାମ ପରିସରରେ ମିତ୍ରତାର ବନ୍ଧନରେ ଆବଦ୍ଧ ହେବେ।

**ବିଛା** ମଙ୍ଗଳ ଅଷ୍ଟମ ଭାଗରେ ଥିବାରୁ ଭାବିଚିନ୍ତି କଥା ନ କହିଲେ ଓଲଟା ବୁଝାମଣା ଅନର୍ଥ ସୃଷ୍ଟିକରିବ। ଆଜିହିଁ ସମ୍ପନ୍ନ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ବ୍ୟବସାୟରେ ଉନ୍ନତି କରିବେ କିନ୍ତୁ ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ବନ୍ଧୁଙ୍କ ଅନୁରୋଧରେ ସହଯାତ୍ରୀ ଭାବରେ ଦୂରସ୍ଥାନକୁ ଯାଇପାରନ୍ତି।

**ଧନୁ** ସ୍ୱଗୃହୀ ତୃତୀୟସ୍ଥ ଶନିଙ୍କ ପ୍ରଭାବରେ ପ୍ରତ୍ୟେକ କାର୍ଯ୍ୟରେ ମନ୍ଥରତା ପରିଲକ୍ଷିତ ହେବ। ଆକସ୍ମିକ ଭାବରେ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳାଇବେ। ପରିବାରର ସହମତିରେ କାମ କଲେ ଆଶା ପୂରଣ ହେବ। କିନ୍ତୁ ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ମକର** ଦୁଃସ୍ଥାନରେ ମଙ୍ଗଳ ଅବସ୍ଥାନ କରିଥିବାରୁ ପାରିବାରିକ ଜୀବନରେ ସାମାନ୍ୟ ବ୍ୟତିକ୍ରମ ସୃଷ୍ଟି ହୋଇପାରେ। ଯେତେ ଚେଷ୍ଟା କଲେ ମଧ୍ୟ କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। କର୍ମକ୍ଷେତ୍ରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ।

**କୁମ୍ଭ** କୋଣଭାବସ୍ଥ ଭୂମିପୁତ୍ର ଯୋଗୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସି ଲକ୍ଷ୍ୟ ପୂରଣ କରିପାରିବେ। ପରିବାରରେ ପିଲାମାନଙ୍କ ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ଦେଇଥିବା ଜିନିଷ ଠିକ୍ ସମୟରେ ନ ପାଇ ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ର ବୁଝାମଣା ମାଧ୍ୟମରେ ଶୃଙ୍ଖଳିତ ହେବ।

**ମୀନ** ରାଶିରେ ଏକାଧିକ ଗ୍ରହ ସହିତ ରାହୁ ଥିବାରୁ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ବନ୍ଧୁଙ୍କ ସହ ଅଧିକାଂଶ ସମୟ ଆଳାପ ଆଲୋଚନାରେ ସମୟ କଟାଇବେ। ପୂର୍ବପରିକଳ୍ପିତ ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ।

ଆଜି ମାର୍ଚ୍ଚ ୧ ତାରିଖ, ଶ୍ରୀରାମକୃଷ୍ଣ ପରମହଂସଙ୍କ ଜନ୍ମତିଥି, ଫାଲ୍ଗୁନ ଶୁକ୍ଳ ଦ୍ୱିତୀୟା, ଶନିବାର, ରାଶିନକ୍ଷତ୍ର-ଦିବା ଘ.୧୧।୨୨ମି. ପର୍ଯ୍ୟନ୍ତ, ପୂର୍ବଭାଦ୍ର/ମୀନ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୩୧ ମି. ଗତେ ଘ. ୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୪ ଗତେ ଘ.୧୦।୩୧ ମଧ୍ୟେ ରାହୁ କାଳ।

# ଟ୍ରକ୍ ପଛକୁ ପିଟିଲା ସ୍କର୍ପିଓ : ୩ ମୃତ

ବରଗଡ଼/ସୋହେଲା,୨୮।୨
(ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର)

ବରଗଡ଼-ପଦ୍ମପୁର ରାସ୍ତାର ମେଲଛାମୁଣ୍ଡା ଥାନା ଘେଁସ୍ଠାରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଏକ ଟ୍ରକ ପଛପଟୁ ସ୍କର୍ପିଓ ଧକ୍କା ଦେଇଥିଲା। ଫଳରେ ସ୍କର୍ପିଓରେ ଥିବା ୩ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଛତିଶଗଡ଼ ରାଜ୍ୟ ରାୟଗଡ଼ ଜିଲା ଝିକାବାହାଲ ଗ୍ରାମର ଅଂଶୁମାନ ବେହେରା(୧୧), ତାଙ୍କ ମା' ଲିଲି ବେହେରା(୩୫) ଏବଂ ସ୍କର୍ପିଓ ଡ୍ରାଇଭର ଉଦୟ ସିଂ ସିଧାର(୪୦)। ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମୃତ ଅଂଶୁମାନଙ୍କ ଭଉଣୀ ଅଂଶିକା(୭) ଏବଂ ବାପା ନୈମିଶ(୪୨)। ସେମାନଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଅପରାହ୍ନ ସମୟରେ ପରିବାର ୪ଜଣ ସଦସ୍ୟ ଏକ ସ୍କର୍ପିଓ ଗାଡି ନଂ. ସିଜି୧୩ଏୱାଇ ୯୦୫୪ରେ ପଦ୍ମପୁର ପାଖ ସତିଆଁ ଗ୍ରାମକୁ ଯାଉଥିଲେ। ନୈମିଶ ପରିବାର ଲୋକଙ୍କ ସହିତ ଉକ୍ତ ଗ୍ରାମର ତାଙ୍କ ଶ୍ୱଶୁର ଘରକୁ ଆସୁଥିଲେ। ମାତ୍ର ଘେଁସ୍ ନିକଟ ଏକ ଢାବା ଆଗରେ ରାସ୍ତାପାର୍ଶ୍ୱରେ ଛିଡ଼ା ହୋଇଥିବା ଟ୍ରକ (ନଂ-ସିଜି୦୬ଜିଜେଡ୍ ୯୨୦୦) କୁ ପଛପଟୁ ସ୍କର୍ପିଓ ଧକ୍କା ଦେଇଥିଲା। ଫଳରେ ସ୍କର୍ପିଓର କିଛି ଅଂଶ ଟ୍ରକ ପଛପଟକୁ ପଶି ଯାଇଥିଲା। ଖବର ପାଇ ମେଲଛାମୁଣ୍ଡା ଥାନା ପୋଲିସ, ଅଗ୍ନିଶମ କର୍ମଚାରୀଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରୁ ମୃତାହତଙ୍କୁ ଉଦ୍ଧାର କରି ପ୍ରଥମେ ସୋହେଲା ଡାକ୍ତରଖାନାକୁ ଆଣିଥିଲେ। ତେବେ ଅଂଶୁ ଏବଂ ଲିଲିଙ୍କୁ ଡାକ୍ତର ମୃତ ଘୋଷଣା କରିଥିବାବେଳେ ଅନ୍ୟ ୩ଜଣଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସ୍କର୍ପିଓ ଡ୍ରାଇଭର ଉଦୟଙ୍କୁ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ସୋହେଲା ଥାନା ପୋଲିସ ଏ ନେଇ ଏକ ମାମଲା(ନଂ-୩୯/୨୫) ରୁଜୁ ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଅଧିକ ତଦନ୍ତ କରୁଛି।

# ରାସାୟନିକ ବିପର୍ଯ୍ୟୟ ମୁକାବିଲା ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ରୋଡ୍ମ୍ୟାପ

ଭୁବନେଶ୍ୱର,୨୮।୨
(ଅନୁରାଧା ମହାରଣା)

## ୧୬ ଜିଲାର ୨୪ ଶିଳ୍ପାନୁଷ୍ଠାନରେ ମକ୍ ଏକ୍ସରସାଇଜ୍ ସରିଲା

ରାସାୟନିକ ବିପର୍ଯ୍ୟୟ ଓ ଏଭଳି ଆପଦକାଳୀନ ସ୍ଥିତିର ମୁକାବିଲା କରିବା ପାଇଁ ପ୍ରାକ୍ ପ୍ରସ୍ତୁତି ସ୍ୱରୂପ ୧୬ ଜିଲାର ୨୪ଟି ଶିଳ୍ପାନୁଷ୍ଠାନରେ ମକ୍ ଏକ୍ସରସାଇଜ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର କୌଣସି ଶିଳ୍ପାନୁଷ୍ଠାନରେ ରାସାୟନିକ ଗ୍ୟାସ୍ ଲିକ୍, ବିସ୍ଫୋରଣ କିମ୍ବା ଅନ୍ୟ ଆନୁଷଙ୍ଗିକ ଦୁର୍ଘଟଣା ଘଟିଲେ ତାହାକୁ ତୁରନ୍ତ ପ୍ରଭାବଶାଳୀ ଢଙ୍ଗରେ କିପରି ପ୍ରଶମନ କରାଯାଇପାରିବ ସେ ଦିଗରେ ଏହି ଜରୁରିକାଳୀନ ତାଲିମ ପ୍ରଦାନ କରାଯାଇଛି। ଜରୁରିକାଳୀନ ପ୍ରତିକ୍ରିୟାକୁ ଶୃଙ୍ଖଳିତ କରିବା, ଖାଲିଥିବା ସ୍ଥାନ ଚିହ୍ନଟ କରିବା, ପ୍ରାରମ୍ଭିକ ଚେତାବନୀ, ସତର୍କତା, ନିରାପତ୍ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରୁ ମିଳିଥିବା ଅଭିଜ୍ଞତା ଆଧାରରେ ଆଗାମୀ ଦିନରେ ରାସାୟନିକ ବିପର୍ଯ୍ୟୟ ପ୍ରଶମନ ମୁକାବିଲା ପାଇଁ ସ୍ୱତନ୍ତ୍ର ରୋଡ୍ମ୍ୟାପ ପ୍ରସ୍ତୁତ କରାଯିବ। ଶିଳ୍ପାନୁଷ୍ଠାନଗୁଡ଼ିକରେ ଗଚ୍ଛିତ ରାସାୟନିକ ପଦାର୍ଥ, ବିପଜ୍ଜନକ ଓ ଦହନଶୀଳ ସାମଗ୍ରୀକୁ ଚିହ୍ନଟ କରି ମକ୍ ଏକ୍ସରସାଇଜ୍ ଅନୁଷ୍ଠିତ ହୋଇଥିଲା। ଆପଦକାଳୀନ ପରିସ୍ଥିତିର ସାମ୍ନା କରିବାର ପ୍ରସ୍ତୁତି ସ୍ୱରୂପ ନିକଟସ୍ଥ ଗ୍ରାମବାସୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ଏଥିରେ ଏନ୍ଡିଆର୍ଏଫ୍, ଓଡ୍ରାଫ, ସିଆଇଏସ୍ଏଫ୍, ଜିଲା ପ୍ରଶାସନ, ସ୍ଥାନୀୟ ପ୍ରଶାସନ, ଶିଳ୍ପାନୁଷ୍ଠାନ, ପୋଲିସ, ଅଗ୍ନିଶମ ବିଭାଗ, ଡାକ୍ତରୀ ଦଳ, ପଞ୍ଚାୟତିରାଜ ସଂସ୍ଥାର ପ୍ରତିନିଧି ଓ ପ୍ରଭାବିତ ହେବାକୁ ଥିବା ଜନସାଧାରଣ ସାମିଲ ହୋଇଥିଲେ। ଏହାସହ ଫ୍ୟାକ୍ଟ୍ରି ଓ ବଏଲର ନିର୍ଦ୍ଦେଶାଳୟ, ରାଜ୍ୟ ପ୍ରଦୂଷଣ ବୋର୍ଡ, ଭାରତୀୟ ସେନା, ବାୟୁସେନା, ନୌସେନା, ସିଆଇଏସ୍ଏଫ୍ ଭଳି ସଂଗଠନରୁ ରାଜ୍ୟସ୍ତରୀୟ ବୈଷୟିକ ପର୍ଯ୍ୟବେକ୍ଷକମାନଙ୍କୁ ନିୟୋଜିତ କରାଯାଇଥିଲା। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅବସରପ୍ରାପ୍ତ କମାଣ୍ଡାଣ୍ଟ ଆଦିତ୍ୟ କୁମାର ରାଜ୍ୟ ଜରୁରିକାଳୀନ ଅପରେଶନ ସେଣ୍ଟରଠାରେ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସହିତ ମକ୍ ଏକ୍ସରସାଇଜ୍ କାର୍ଯ୍ୟକ୍ରମର ତଦାରଖ କରିଥିଲେ। ପରେ ଏଠାରେ ଆୟୋଜିତ ଆଭାସୀ ବୈଠକରେ ୧୬ ଜିଲା ପ୍ରଶାସନର ଅଧିକାରୀ, ଚିହ୍ନଟ ଶିଳ୍ପାନୁଷ୍ଠାନଗୁଡ଼ିକର ପ୍ରତିନିଧି, ମନୋନୀତ ଇନ୍ସିଡେଣ୍ଟ କମାଣ୍ଡର ଓ ବୈଷୟିକ ପର୍ଯ୍ୟବେକ୍ଷକମାନେ ଏହି ପ୍ରାକ୍ ପ୍ରସ୍ତୁତି ସମ୍ପର୍କରେ ମତ, ଅନୁଭୂତି ଏବଂ ପ୍ରସ୍ତାବ ଆଗତ କରିଥିଲେ। ଅତିରିକ୍ତ ସ୍ୱତନ୍ତ୍ର ରିଲିଫ କମିଶନର ପଦ୍ମନାଭ ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ।

# ପୋଲିସ, ଭାଜପା କର୍ମୀଙ୍କୁ ନେଇ ହୋହାଲ୍ଲା

ପାଲଲହଡ଼ା,୨୮।୨ (ଦିବ୍ୟଜ୍ୟୋତି ଦାଶ)

## ପାଲଲହଡ଼ା ପଞ୍ଚାୟତ ସମିତି ବୈଠକ

ପାଲଲହଡ଼ା ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ତେବେ ବୈଠକ ପୂର୍ବରୁ ସଭାଗୃହ ମଧ୍ୟରେ ପୋଲିସ ଏବଂ କେତେଜଣ ଭାଜପା କର୍ମୀଙ୍କ ଉପସ୍ଥିତିକୁ ନେଇ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ପୋଲିସ ଓ ଭାଜପା କର୍ମୀ ଗୃହରୁ ବାହାରିଯିବା ପରେ ଅଧ୍ୟକ୍ଷା ରୀନାରାଣୀ ନାଏକଙ୍କ ଅଧ୍ୟକ୍ଷତାରେ ବୈଠକ ଚାଲିଥିଲା। ଏଥିରେ ବିଧାୟକ ଅଶୋକ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଜିଲାପରିଷଦ ସଦସ୍ୟା ସାବିତ୍ରୀ ମାଝୀ ଏବଂ ବୁଦ୍ଧୁରାମ ବୋଇପାଇ ମଞ୍ଚାସୀନ ଥିଲେ। ବିଡିଓ ନିଶାନ ମିଶ୍ର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବୈଠକ ଆରମ୍ଭରେ ଗୃହରେ ବ୍ୟାପକ ପୋଲିସ ମୁତୟନକୁ ବ୍ଲକ ଅଧ୍ୟକ୍ଷା ନାଏକ ଏବଂ ଜିଲା ପରିଷଦ ସଦସ୍ୟା ମାଝୀ ବିରୋଧ କରିଥିଲେ। ଅନ୍ୟପଟେ ଗୃହ ମଧ୍ୟରେ ଭାଜପା ମଣ୍ଡଳ ସଭାପତି ଆଶିଷ ସାମଲଙ୍କ ସମେତ ବହୁ କର୍ମୀଙ୍କ ଉପସ୍ଥିତିକୁ କେତେଜଣ ସମିତି ସଭ୍ୟାସଭ୍ୟା ଏବଂ ସରପଞ୍ଚ ବିରୋଧ କରିଥିଲେ। ଶେଷରେ ପୋଲିସ, ଭାଜପା ନେତା ଏବଂ କର୍ମୀ ଗୃହ ମଧ୍ୟରୁ ବାହାରିଯିବା ପରେ ବୈଠକ ଚାଲିଥିଲା। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ନାଏକ କହିଛନ୍ତି, ବୈଠକରେ କେବଳ ବିଧାୟକ, ଏମ୍ପିଙ୍କ ପ୍ରତିନିଧି, ବ୍ଲକର ଅଧିକାରୀ ଏବଂ ନିର୍ବାଚିତ ପ୍ରତିନିଧି ରହିବା କଥା। କିନ୍ତୁ ପୋଲିସ ଏବଂ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କର୍ମୀ ବୈଠକ ଗୃହରେ ବସିଥିବାରୁ ସେମାନଙ୍କୁ ବିରୋଧ କରାଯାଇଥିଲା। ଅନ୍ୟପଟେ ବିଡିଓ ପୋଲିସ ମୁତୟନ ପାଇଁ ଅନୁରୋଧ କରିଥିଲେ ବୋଲି ପାଲଲହଡ଼ା ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତ ସୂଚନା ଦେଇଛନ୍ତି। ବିଧାୟକ ଅଶୋକ ମହାନ୍ତି ପୋଲିସ ମୁତୟନ ବିଷୟରେ ଜାଣି ନ ଥିବା କହିଥିବା ବେଳେ ସମସ୍ତେ ମିଳିମିଶି ବ୍ଲକର ଉନ୍ନତି ପାଇଁ କାର୍ଯ୍ୟ ଜାରି ରଖିବାକୁ ପରାମର୍ଶ ଦେଇଥିଲେ।

# ୨ ମୋବାଇଲ ଜବତ କଲା ପୋଲିସ

ସୋର, ୨୮।୨(ଜନ୍ମେଜୟ ମିଶ୍ର)

## ଯୁବତୀଙ୍କ ଗଳାକାଟି ହତ୍ୟା ଘଟଣା

ସୋର ପୌରପାଳିକା ଅଧୀନ ଲିଙ୍ଗପଡା ଗ୍ରାମରେ ବିବାହ ପାଇଁ ରାଜି ନ ହେବାରୁ ଯୁବତୀଙ୍କ ଗଳାକାଟି ହତ୍ୟା ଘଟଣାରେ ପୋଲିସ ଦୁଇଟି ମୋବାଇଲ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗତ ୨୪ ତାରିଖରେ ଲିଙ୍ଗପଡା ଗ୍ରାମର ଜ୍ୟୋତିର୍ମୟୀ ରଣାଙ୍କୁ ବାସୁଦେବପୁର ଥାନା ଚୂଡାମଣି ଧଳସାହି ଗ୍ରାମର ପ୍ରେମିକ ବିଶ୍ୱରଞ୍ଜନ ପୁହାଣ ଗଳାକାଟି ହତ୍ୟା କରିଥିଲେ। ହତ୍ୟା ପରେ ବିଶ୍ୱରଞ୍ଜନ ଜ୍ୟୋତିର୍ମୟୀଙ୍କ ମୋବାଇଲ ନେଇ ସେଠାରୁ ରାଉତରାପୁର ଦେଇ ଇଟୁଆ ମସ୍ଜିଦ ଗଳିରେ ଯାଉଥିବା ବେଳେ ମୋବାଇଲ ଦୁଇଟିକୁ ମୂଳେଶ୍ୱର ଗ୍ରାମର ଏକ ପରିତ୍ୟକ୍ତ ସ୍ଥାନରେ ଫିଙ୍ଗିଦେଇ ଫେରାର ହୋଇଯାଇଥିଲେ। ବାଲେଶ୍ୱର ଏସ୍ପିଙ୍କ ତତ୍ତ୍ୱାବଧାନରେ ୪ଟି ଟିମ୍ ଗଠନ କରାଯାଇ ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ ଆରମ୍ଭ କରାଯାଇଥିଲା। ସୋର ପୋଲିସର ଏକ ଟିମ୍ ଅଭିଯୁକ୍ତଙ୍କ ଗ୍ରାମ ନିକଟରେ ରହି ତଦନ୍ତ କରୁଥିବା ବେଳେ ବିଶ୍ୱରଞ୍ଜନଙ୍କୁ ତାଙ୍କ ଗ୍ରାମ ନିକଟ ଏକ ଜଙ୍ଗଲିଆ ସ୍ଥାନରୁ ଧରିବାକୁ ସକ୍ଷମ ହୋଇଥିଲେ। ସନ୍ଧ୍ୟାରେ ସାଇଣ୍ଟିଫିକ ଟିମ ସୋର ଥାନାରେ ପହଞ୍ଚି ମୋବାଇଲ ନେଇ ଫେରିଯାଇଥିବା ଜଣାପଡିଛି।

# ପ୍ରଥମ ପୃଷ୍ଠାରୁ...

## ୨୫ ଶ୍ରମିକ ନିଖୋଜ, ...

୬୦-୬୫ ଜଣଙ୍କୁ ନିୟୋଜିତ କରାଯାଇଛି। ଅକ୍ଳାନ୍ତ ଉଦ୍ୟମ ପରେ ସେମାନଙ୍କ ମଧ୍ୟରୁ ୩୨ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ସେମାନଙ୍କୁ ନିକଟସ୍ଥ ସେନା ଶିବିରକୁ ପଠାଯାଇଥିବା ଉତ୍ତରାଖଣ୍ଡ ପୋଲିସ ମହାନିର୍ଦ୍ଦେଶକ ଦୀପମ୍ ସେଠ ସୂଚନା ଦେଇଛନ୍ତି। ଉଦ୍ଧାର କାର୍ଯ୍ୟରେ ଖରାପ ପାଗ ବାଧକ ସାଜିଛି। ସେଠାକୁ ୪ଟି ଆମ୍ବୁଲାନ୍ସ ପଠାଯାଇଥିଲା। କିନ୍ତୁ ବର୍ଷା ଓ ତୁଷାରପାତ ଜାରି ରହିଥିବାରୁ ଆମ୍ବୁଲାନ୍ସଗୁଡ଼ିକ ପହଞ୍ଚିପାରି ନ ଥିବା ବିଆର୍ଓ ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର ସି.ଆର୍. ମିନା ସୂଚନା ଦେଇଛନ୍ତି। ଚମୋଲି ଜିଲାପାଳ ସନ୍ଦୀପ ତିୱାରୀ କହିଛନ୍ତି, ଆଖିକୁ କିଛି ଦେଖାଯାଉ ନ ଥିବାରୁ ହେଲିକପ୍ଟର ପଠାଯାଇ ପାରିନାହିଁ। ଇତିମଧ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବଳ (ଏସ୍ଡିଆର୍ଏଫ୍)ର ଗୋଟିଏ ଟିମ୍ ଜୋଷୀମଠରୁ ବିପର୍ଯ୍ୟୟସ୍ଥଳକୁ ଯିବା ପାଇଁ ବାହାରିଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ କଣ୍ଟ୍ରୋଲ ରୁମ୍ରେ ଥିବା ବରିଷ୍ଠ ଅଧିକାରୀମାନଙ୍କ ସହ ସେ ବୈଠକ କରି ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ସୋସିଆଲ ମିଡିଆ ପ୍ଲାଟ୍ଫର୍ମ ଏକ୍ସ'ରେ ଧାମି ଲେଖିଛନ୍ତି, ଭଗବାନ ବଦ୍ରି ସମସ୍ତ ଶ୍ରମିକ ଭାଇମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରନ୍ତୁ। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଧାମିଙ୍କ ସହ କଥା ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏନ୍ଡିଆର୍ଏଫ୍ ଟିମ୍ ପଠାଯାଇଥିବା ସୂଚନା ଦେଇଛନ୍ତି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ଡି) ପକ୍ଷରୁ ଉତ୍ତରାଖଣ୍ଡ ସମେତ ଅନେକ ପାର୍ବତ୍ୟାଞ୍ଚଳରେ ଶୁକ୍ରବାର ରାତିରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହେବା ନେଇ ଅରେଞ୍ଜ ସତର୍କତା ଜାରି କରାଯାଇଛି। ଜମ୍ମୁ-କଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶରେ ତୁଷାରପାତ ଯୋଗୁ ଅନେକ ରାସ୍ତା ଅବରୋଧ ହୋଇଯାଇଛି। ଉଧମପୁର-ଶ୍ରୀନଗର ଜାତୀୟ ରାଜପଥରେ ବରଫ ଅତଡ଼ା ଜମିରହିଛି। ସେହିପରି ନାଶରି ଓ ନବଯୁଗ ଟନେଲ ମଝିରେ ମାଟି ଅତଡ଼ା ଜମିରହିଥିବାରୁ ଗମନାଗମନ ସମ୍ଭବ ହୋଇପାରି ନାହିଁ ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। ପାର୍ବତ୍ୟ ଅଞ୍ଚଳରେ ଅନେକ ଯାନବାହନ ଅଟକି ରହିଛି। ୩୬ ଘଣ୍ଟା ଧରି ହିମପାତ ଯୋଗୁ ତାପମାତ୍ରା ଖସିଯାଇଛି। ଚତୁର୍ଦ୍ଦିଗରେ ଧଳା ବରଫ ଆସ୍ତରଣ ଦେଖିବାକୁ ମିଳିଛି।

## ମାର୍ଚ୍ଚ ୮ରେ ମିଳିବ ...

କୋଟିଏ ମହିଳାଙ୍କ ପାଖରେ ଏହି ଟଙ୍କା ପହଞ୍ଚାଇବାରେ ସକ୍ଷମ ହେବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲାଗି ଏକାସଙ୍ଗେ କୋଟିଏ ମହିଳାଙ୍କୁ ଏହି ରାଶି ଦିଆଯିବ। ସୂଚନାଯୋଗ୍ୟ, ପ୍ରଥମ କିସ୍ତି ସୁଭଦ୍ରା ଟଙ୍କା ୪ଟି ପର୍ଯ୍ୟାୟରେ ମହିଳାଙ୍କ ଆକାଉଣ୍ଟକୁ ଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ପ୍ରଥମ କିସ୍ତି ଟଙ୍କା ପାଇବାରୁ ପ୍ରାୟ ୨ ଲକ୍ଷ ମହିଳା ବାଦ୍ ପଡ଼ିଥିଲେ। ତେଣୁ ବାଦ୍ ପଡ଼ିଥିବା ୨ ଲକ୍ଷ ମହିଳାଙ୍କ ଖାତାକୁ ଏକାସଙ୍ଗେ ୨ଟି ଯାକ କିସ୍ତିର ୧୦ ହଜାର ଟଙ୍କା ଆକାଉଣ୍ଟକୁ ଦିଆଯିବ। ପ୍ରଥମ କିସ୍ତିର ୪ଟି ପର୍ଯ୍ୟାୟରେ ୯୮ ଲକ୍ଷ ମହିଳାଙ୍କୁ ଦ୍ୱିତୀୟ କିସ୍ତି ବାବଦକୁ ୫ ହଜାର ଟଙ୍କା ମିଳିବ। ଯେଉଁମାନଙ୍କ ଆକାଉଣ୍ଟରେ ଏନ୍ସିପିଆଇ ଏବଂ କେୱାଇସି ସମସ୍ୟା ଥିଲା ମାର୍ଚ୍ଚ ୮ଟିରେ ସେମାନଙ୍କୁ ଦୁଇଟି ଯାକ କିସ୍ତିର ଅର୍ଥ ଯିବ।

# ପଞ୍ଚଭୂତରେ ବିଲୀନ ହେଲେ ଉତ୍ତମ

## ସତ୍ୟନଗର ଶ୍ମଶାନରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ

ଭୁବନେଶ୍ୱର,୨୮।୨
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଚଳଚ୍ଚିତ୍ର ଜଗତର ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତି ପଞ୍ଚଭୂତରେ ବିଲୀନ ହୋଇଛନ୍ତି। ଶୋକାକୁଳ ପରିବେଶ ମଧ୍ୟରେ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନରେ ତାଙ୍କ ପାର୍ଥିବ ଶରୀରକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ଦିଆଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ଅଭିନେତା ବାବୁସାନ ମୁଖାଗ୍ନି ଦେଇଥିଲେ। ଏହି ସମୟରେ ଉତ୍ତମଙ୍କ ପ୍ରଶଂସକ, ଶୁଭେଚ୍ଛୁ ପ୍ରମୁଖ ଉପସ୍ଥିତ ଥିଲେ।

ପୂର୍ବାହ୍ନ ପ୍ରାୟ ୧୧ଟାରେ ଦିଲ୍ଲୀରୁ ମରଶରୀର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ତାଙ୍କୁ ଜଗନ୍ନାଥ ବିହାରସ୍ଥିତ ବାସଭବନକୁ ନିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପହଞ୍ଚି ଉତ୍ତମଙ୍କ ଶେଷଦର୍ଶନ କରିଥିଲେ। ସେହିପରି ବନ୍ଧୁ, ପରିଜନ, ଶୁଭେଚ୍ଛୁ, ଅଭିନେତ୍ରୀ, ଅଭିନେତା ସମସ୍ତେ ଶେଷଦର୍ଶନ କରିବାକୁ ବାସଭବନକୁ ଆସିଥିଲେ। ପରେ ମରଶରୀରକୁ ସତ୍ୟନଗର ଶ୍ମଶାନକୁ ନିଆଯାଇଥିଲା। ଉତ୍ତମଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତ ସମେତ ସାରା ଓଡ଼ିଶାରେ ଶୋକରଛାୟା ଖେଳିଯାଇଛି।

ଉତ୍ତମ ଦୀର୍ଘଦିନ ଧରି ଲିଭର ସିରୋସିସ୍ ରୋଗରେ ପୀଡ଼ିତ ଥିଲେ। ଫେବୃଆରୀ ୬ରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିବା ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ସ୍ୱାସ୍ଥ୍ୟରେ ଉନ୍ନତି ନ ଆସିବାରୁ ୮ତାରିଖରେ ଏୟାର ଆମ୍ବୁଲାନ୍ସରେ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଉତ୍ତମ ମହାନ୍ତି ସୁସ୍ଥ ହୋଇ ଓଡ଼ିଶା ଫେରିବା ପାଇଁ ସାରା ରାଜ୍ୟରେ ଶହଶହ ପ୍ରଶଂସକ ଆରୋଗ୍ୟ କାମନା କରିଥିଲେ। ତେବେ ଦୀର୍ଘ ୨୨ ଦିନ କାଳ ହସ୍ପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରି ଗୁରୁବାର ରାତିରେ ଉତ୍ତମ ଚିରବିଦାୟ ନେଇଥିଲେ।


ଉତ୍ତମ ମହାନ୍ତିଙ୍କୁ ତାଙ୍କ ପୁଅ ଅଭିନେତା ବାବୁସାନ ମୁଖାଗ୍ନି ଦେବା ପୂର୍ବରୁ ରୀତିନୀତି ପାଳନ କରୁଛନ୍ତି।

## ଜନ୍ମମାଟିରେ ଉତ୍ତମଙ୍କୁ ଶ୍ରଦ୍ଧାଞ୍ଜଳି

ବାରିପଦା,୨୮।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଆ ସିନେ ଜଗତର ଚର୍ଚ୍ଚିତ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗରେ ଜନ୍ମମାଟି ବାରିପଦା ସମେତ ମୟୂରଭଞ୍ଜ ଜିଲାରେ ଶୋକର ଛାୟା ଖେଳିଯାଇଛି। କଳାକାରଙ୍କଠାରୁ ଆରମ୍ଭକରି ସିନେପ୍ରେମୀ ଗଭୀର ଶୋକ ପ୍ରକଟ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ସମେତ ଅଧିକାରୀମାନେ ଉପସ୍ଥିତ ରହି ୨ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

କୁନିଆ ଭାଇ ନାମରେ ବେଶ୍ ପରିଚିତ ଉତ୍ତମ ବାରିପଦାରୁ ଅଭିନୟ ଜୀବନ ଆରମ୍ଭକରି ସିନେ ଜଗତରେ ଜଣେ ସୁପରଷ୍ଟାର ହୋଇପାରିଥିଲେ। ଏମ୍‌ପିସି ମହାବିଦ୍ୟାଳୟରେ ପାଠ ପଢ଼ିବା ସମୟରେ ପ୍ରଥମେ ରାଜହଂସ ନାଟକରେ ଅଭିନୟକରି ପରବର୍ତ୍ତୀ ସମୟରେ 'ଅଭିମାନ' ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ୧୩୫ଟି ଓଡ଼ିଆ ଚଳଚ୍ଚିତ୍ର, ୩୦ଟି ବଙ୍ଗଳା ଓ ଗୋଟିଏ ହିନ୍ଦୀ ଚଳଚ୍ଚିତ୍ରରେ ସେ ନିଜ ଅଭିନୟ ପରାକାଷ୍ଠା ଦେଖାଇଛନ୍ତି। ସିନେ ପ୍ରଯୋଜକ ଶୁଭେନ୍ଦୁ ସାହୁ କୁହନ୍ତି, ଉତ୍ତମ ମହାନ୍ତି ମୟୂରଭଞ୍ଜିଆଙ୍କ ପାଇଁ ଗର୍ବ ଓ ଗୌରବ। ସିନେ ପରଦାରେ ପାଦ ଥାପିବା ଦିନରୁ ସେ କେବେ ପଛକୁ ଫେରିନାହାନ୍ତି। ହିରୋ ନଂ.୧ର ସୁଟିଂ ସମୟରେ ତାଙ୍କ ସହିତ ସମ୍ପର୍କ ଗଢ଼ି ଉଠିଥିଲା। ଓଡ଼ିଆ ସିନେମାକୁ ବହୁ ଆଗକୁ ନେବାରେ ତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତାଙ୍କ ସ୍ଥାନ ଅପୂରଣୀୟ ହୋଇରହିବ। ସେହିପରି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କୁହନ୍ତି, ମୟୂରଭଞ୍ଜର ବିକାଶ ପାଇଁ ତାଙ୍କ ସହଯୋଗ ରହିଥିଲା। ମେଡିକାଲ କଲେଜ ପ୍ରତିଷ୍ଠା ଦାବିକୁ ନେଇ ଭଞ୍ଜସେନା ସହ ରାଜ୍ୟପାଳଙ୍କୁ ଭେଟିବାକୁ ଯାଇଥିଲେ। ଏପରିକି ଜନ୍ମମାଟିକୁ ଆସି ମୟୂରଭଞ୍ଜର ବିକାଶ ପାଇଁ ସଦାସର୍ବଦା ଚିନ୍ତା କରୁଥିଲେ। ଜିଲାର ବିକାଶ ଦିଗରେ ତାଙ୍କ ସହଯୋଗ ଚିର ସ୍ମରଣୀୟ ହୋଇ ରହିବ।

## ସ୍ମୃତିରେ ଉତ୍ତମ...

### ଓଡ଼ିଆ ଚଳଚ୍ଚିତ୍ର ବିକାଶ କ୍ଷେତ୍ରରେ ଉତ୍ତମଙ୍କ ଅବଦାନ ସ୍ମରଣୀୟ

ଚଳଚ୍ଚିତ୍ର ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗ ଖବର ଶୁଣି ମୁଁ ମର୍ମାହତ। ସେ ଅନେକ ଓଡ଼ିଆ ଚଳଚ୍ଚିତ୍ରରେ ନାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ଅସଂଖ୍ୟ ଦର୍ଶକଙ୍କ ହୃଦୟ ଜୟ କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ବିକାଶ କ୍ଷେତ୍ରର ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ। ଜଣେ ମିଷ୍ଟଭାଷୀ ଓ ଅମାୟିକ ଭଦ୍ରବ୍ୟକ୍ତି ଭାବରେ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ଥିଲେ। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଅପୂରଣୀୟ କ୍ଷତି ହୋଇଛି। ତାଙ୍କ ପରିବାରବର୍ଗ ଓ ପ୍ରଶଂସକଙ୍କୁ ସମବେଦନା ଜଣାଉଛି।

- ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

### ଉତ୍ତମ ଥିଲେ ଜଣେ ଆଇକନ୍

ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଉତ୍ତମ ମହାନ୍ତି ଥିଲେ ଜଣେ ଆଇକନ୍। ତାଙ୍କ ପରଲୋକରେ ଓଡ଼ିଆ ସିନେମା ଜଗତରେ ଅପୂରଣୀୟ କ୍ଷତି ଘଟିଛି। ନିଜ ପ୍ରତିଭା ଓ ଅଭିନୟ ଦକ୍ଷତା ପାଇଁ ସେ ଜଣେ ଲୋକପ୍ରିୟ ଅଭିନେତା ଭାବେ ରାଜ୍ୟରେ ସୁପରିଚିତ ଥିଲେ। ଚଳଚ୍ଚିତ୍ର ଜଗତକୁ ସମୃଦ୍ଧ କରିବାରେ ସ୍ୱର୍ଗତ ମହାନ୍ତିଙ୍କର ବଳିଷ୍ଠ ଭୂମିକା ରହିଛି। କେବଳ ଓଡ଼ିଆ ଚଳଚ୍ଚିତ୍ର ନୁହେଁ, ବଙ୍ଗଳା ଓ ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ସେ ନିଜ ଅଭିନୟର ଦକ୍ଷତା ପ୍ରଦର୍ଶନ କରିଛନ୍ତି। ତାଙ୍କ ପରଲୋକରେ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାର, ଆତ୍ମୀୟସ୍ୱଜନ ଓ ପ୍ରଶଂସକଙ୍କୁ ସମବେଦନା ଜଣାଉଛି।

- ଡ. ହରିବାବୁ କମ୍ପମପାଟି, ରାଜ୍ୟପାଳ

### କଳା ଜଗତରେ ଶୂନ୍ୟସ୍ଥାନ ସୃଷ୍ଟି କରିଛି

ଓଡ଼ିଆ ଚଳଚ୍ଚିତ୍ର ଜଗତର ଲୋକପ୍ରିୟ ତଥା କିମ୍ବଦନ୍ତୀ ଅଭିନେତା ଉତ୍ତମ ମହାନ୍ତିଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। କଳା ଜଗତରେ ଏହା ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଅନେକ ଚଳଚ୍ଚିତ୍ରରେ ସେ ଛାଡ଼ିଯାଇଥିବା ଛାପ ଲୋକଙ୍କ ହୃଦୟରେ ତାଙ୍କୁ ଚିର ଅମର କରି ରଖିବ। ଏପରି ଦୁଃଖଦ ସମୟରେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

- ନବୀନ ପଟ୍ଟନାୟକ, ବିଜେଡି ସଭାପତି

### ଓଡ଼ିଶାବାସୀଙ୍କ ହୃଦୟରେ ଚିରକାଳ ପାଇଁ ଅମର ରହିବେ

ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବାଧିକ ଲୋକପ୍ରିୟ କଳାକାର ଉତ୍ତମ ମହାନ୍ତିଙ୍କ ପରଲୋକ ଖବର ଶୁଣି ମୁଁ ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ। ତାଙ୍କ ଅଭିନୟ ଓଡ଼ିଶାରେ ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇଥିଲା। ଓଡ଼ିଶାବାସୀଙ୍କ ହୃଦୟରେ ଉତ୍ତମ ଯେଉଁ ସ୍ଥାନ ଅଧିକୃତ କରିଛନ୍ତି, ତାହା ଚିରକାଳ ପାଇଁ ଅମର ରହିବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଂଗତ ଆତ୍ମାଙ୍କ ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ହୃଦୟରୁ ସମବେଦନା ଜଣାଉଛି।

- ମନମୋହନ ସାମଲ, ଭାଜପା ରାଜ୍ୟ ସଭାପତି

### ଏକ ଅମର ଅଧ୍ୟାୟର ଅବସାନ

ଉତ୍ତମଙ୍କ ବିୟୋଗରେ ଏକ ଅମର ଅଧ୍ୟାୟର ଅବସାନ ହୋଇଛି। ଓଡ଼ିଆ ସିନେମା ଜଗତର ଦିଗନ୍ତ, ଅନନ୍ୟ ପ୍ରତିଭା ଉତ୍ତମ ମହାନ୍ତିଙ୍କ ଚରିତ୍ର, ଅଭିନୟ ସଦାସର୍ବଦା ଦର୍ଶକଙ୍କ ହୃଦୟରେ ଅମର ରହିବ। ମହାପ୍ରଭୁଙ୍କ ନିକଟରେ ଉତ୍ତମଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଉଛି।

- ଗୋକୁଳାନନ୍ଦ ମଲ୍ଲିକ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ

### ଈଶ୍ୱର ପରିବାର ଲୋକଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ

ଓଡ଼ିଆ ଚଳଚ୍ଚିତ୍ର ଜଗତର ସୁପରଷ୍ଟାର ଉତ୍ତମ ମହାନ୍ତିଙ୍କ ବିୟୋଗରେ ମୁଁ ଅତ୍ୟନ୍ତ ମର୍ମାହତ। ଏହି ଦୁଃଖଦ ସମୟକୁ ସହ୍ୟ କରିବା ପାଇଁ ତାଙ୍କ ପରିବାର ଓ ପ୍ରଶଂସକମାନଙ୍କୁ ଈଶ୍ୱର ଧୈର୍ଯ୍ୟ ପ୍ରଦାନ କରନ୍ତୁ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛି।

- ଭକ୍ତ ଚରଣ ଦାସ, ପିସିସି ସଭାପତି

### ଉତ୍ତମ ମହାନ୍ତି ମୋର ଆଦର୍ଶ

ଉତ୍ତମ ମହାନ୍ତି ମୋର ଆଦର୍ଶ। ତାଙ୍କ ଶେଷ ଯାତ୍ରାରେ ସାମିଲ ହୋଇ ନ ପାରିବା ମୋ ଜୀବନର ବଡ଼ ଅବସୋସ। ପୂର୍ବ ନିର୍ଦ୍ଧାରିତ ଏକ କାର୍ଯ୍ୟ ପାଇଁ ଗୁରୁବାରଠାରୁ ରାଉରକେଲାରେ ଥିଲି। କିନ୍ତୁ ସେଇ କାର୍ଯ୍ୟକ୍ରମରେ ରାଉରକେଲାବାସୀଙ୍କ ସହ ମିଶି ଓଡିଆ ବର୍ଷୀୟାନ ଅଭିନେତା ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି।

- ସବ୍ୟସାଚୀ ମିଶ୍ର, ଅଭିନେତା

### ଏକ ଯୁଗର ଅନ୍ତ

ଓଡ଼ିଶାର ଘରେଘରେ ପରିଚିତ ଲୋକପ୍ରିୟ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗ ଖବର ଶୁଣି ମୁଁ ଅତ୍ୟନ୍ତ ମର୍ମାହତ। ତାଙ୍କ ବିୟୋଗରେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ଯୁଗର ଅନ୍ତ ଘଟିଛି। ଓଡ଼ିଆ ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ସେ ଚିର ସ୍ମରଣୀୟ ହୋଇ ରହିବେ। ତାଙ୍କ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଉଛି।

- ବୈଜୟନ୍ତ ପଣ୍ଡା, ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ

# ନୂତନ ପ୍ରଜାତିର ପରଜୀବୀ ଆଇସୋପଡ ଚିହ୍ନଟ

ବ୍ରହ୍ମପୁର, ୨୮।୨
(ସୁବାସ ଚନ୍ଦ୍ର ପାଢ଼ୀ)


ଆଇସୋପଡ ପ୍ରଜାତିର ପ୍ରାଣୀ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ନୂତନ ପ୍ରଜାତିର ପରଜୀବୀ ଆଇସୋପଡ ଚିହ୍ନଟ ହୋଇଛି। ଭାରତରେ ଏହାର ନାମ ଲୋବୋଥୋରାକ୍ସ ରଖାଯାଇଛି। ୨୦୨୩ ମାର୍ଚ୍ଚ ଏବଂ ମେ ମାସରେ ବାଲେଶ୍ୱରସ୍ଥିତ ବାହାବଳପୁର ଏବଂ ଗୋପାଳପୁର ମତ୍ସ୍ୟ ଅବତରଣ କେନ୍ଦ୍ରରୁ ଆଇସୋପଡ ମିଳିଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଗବେଷଣାଗାରରେ ଏହାକୁ ପ୍ରାଣୀ ବିଜ୍ଞାନ ବିଭାଗ ଏବଂ ଗୋପାଳପୁରସ୍ଥିତ ଜୁଲୋଜିକାଲ ସର୍ଭେ ଅଫ ଇଣ୍ଡିଆ (ଜେଡ଼ଏସଆଇ) ମିଳିତ ଭାବେ ଅନୁଧ୍ୟାନ କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗର ଡ. ଜୟ କିଶୋର ସେଠ, ଗବେଷକ ସନ୍ଦୀପ କୁମାର ମହାପାତ୍ର, ସଜ୍ଜିତ୍ର ରୟ, ପୁନା ଜେଡ଼ଏସ୍‌ଆଇର ବୈଜ୍ଞାନିକ ଡ. ବାସୁଦେବ ତ୍ରିପାଠୀ, ଗୋପାଳପୁର ଜେଡ୍‌ଏସଆଇର ବୈଜ୍ଞାନିକ ଡ. ଅନିଲ ମହାପାତ୍ର ମିଳିତ ଭାବେ ବିଭିନ୍ନ ପରୀକ୍ଷା ନିରୀକ୍ଷା କରିଥିଲେ। ଏଥିରୁ ୬ ପ୍ରକାରର ନମୁନା ସଂଗ୍ରହ କରାଯାଇଥିଲା। ବିଶ୍ୱରେ ଏହି ପ୍ରଜାତିର ୩୮୦ ପରଜୀବୀ ରହିଥିବା ବେଳେ ଭାରତରେ ୭୦ ପ୍ରକାର ଏବଂ ଓଡିଶାରେ ପ୍ରାୟ ୨୫ ପ୍ରକାର ଆଇସୋପଡ ଦେଖାଦେଇଥାନ୍ତି। କିନ୍ତୁ ଏହା ଏକ ଭିନ୍ନ ଓ ନୂତନ ପ୍ରଜାତିର ବୋଲି ଜଣାପଡ଼ିଛି। ଏମାନେ ସମୁଦ୍ରରେ ରହିଥାନ୍ତି। ସାମୁଦ୍ରିକ ଶାବଳା ମାଛର ପାଟି ଭାଗରେ ରହି ମାଛ ଖାଉଥିବା ଖାଦ୍ୟ ଏବଂ ମାଛର ରକ୍ତ ଏବଂ ଟିସୁ ଓ ମାଂସକୁ ଖାଦ୍ୟ ଭାବେ ଗ୍ରହଣ କରନ୍ତି। ଏମାନଙ୍କ ମୁଣ୍ଡ ଅର୍ଦ୍ଧ ଗୋଲେଇ ରହିଥିବା ବେଳେ ୨ଟି ଆଖି, ୭ ହଳ ଗୋଡ଼ ଓ ବାଘନଖ ଭଳି ରହିଥିବାରୁ ସେମାନେ ଜାବୁଡ଼ି ଧରି ରହିପାରନ୍ତି। ପହଁରା ପାଇଁ ୫ ହଳ ଗୋଡ଼ ବ୍ୟବହାର କରନ୍ତି। ଅଣ୍ଡିରା ପ୍ରଜାତିର ଲମ୍ବ ପ୍ରାୟ ୧.୫ ସେମି ରହିଥିବା ବେଳେ ମାଈର ଲମ୍ବ ୩ ସେମି ପର୍ଯ୍ୟନ୍ତ ରହିଥାଏ। ଏହି ଅମେରୁଦଣ୍ଡି ପ୍ରାଣୀର ପିଠିରେ ଏକ ଲମ୍ବାଳିଆ ଉଚ୍ଚ ରହିଥାଏ। ଏମାନେ ସ୍ତର ସ୍ତର ଖୋଳପାରେ ରହିଥିବାରୁ ମାଛମାନେ ଖାଇପାରନ୍ତି ନାହିଁ। ପୂର୍ବରୁ ମିଳିଥିବା ଏହି ପ୍ରଜାତିର ପରଜୀବୀ ଠାରୁ ଶତକଡ଼ା ୩ ଭାଗ ଡିଏନଏ ପରୀକ୍ଷାରେ ଏହା ଭିନ୍ନ ରହିଥିବାରୁ ଏହାର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରାଯାଇଥିବା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ଡ. ଜୟ କିଶୋର ସେଠ କହିଛନ୍ତି।

## ୨ରେ ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୨୮।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମାର୍ଚ୍ଚ ୨ରେ କେନ୍ଦୁଝର ଜିଲା ଗସ୍ତରେ ଆସିବେ। ମୟୂରଭଞ୍ଜ ଜିଲାରେ ୨ ଦିନିଆ ଗସ୍ତ କାର୍ଯ୍ୟକ୍ରମ ସାରି ୨ ତାରିଖ ପୂର୍ବାହ୍ନ ୧୦ଟା ୧୦ରେ ସ୍ୱତନ୍ତ୍ର ହେଲିକପ୍ଟରଯୋଗେ ଆସି ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅବତରଣ କରିବେ। ସେଠାରେ ହେବାକୁ ଥିବା ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳାକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମ ସାରି ହେଲିକପ୍ଟରରେ ଚମ୍ପୁଆ ଯାଇ ମଧ୍ୟାହ୍ନ ୧୨ଟା୪୫ରେ ଚନ୍ଦ୍ରଶେଖର ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗଦେବେ। ସେଠାରୁ ହେଲିକପ୍ଟରରେ କେନ୍ଦୁଝର ରିଜର୍ଭ ପଡ଼ିଆକୁ ଆସି ସଡ଼କ ପଥରେ ନିଜ ଗ୍ରାମ ରାଇକଳାକୁ ଯାଇ ଅପରାହ୍ନ ୪ଟାରେ ଏକ କ୍ରିକେଟ ମ୍ୟାଚ ଫାଇନାଲ ଉତ୍ସବରେ ଯୋଗଦେବେ। ସେଠାରୁ ରାଇକଳାସ୍ଥିତ ନିଜ ବାସଭବନକୁ ଯାଇ ସଡ଼କ ପଥରେ ୬ଟା ୩୦ରେ କେନ୍ଦୁଝର ଫେରିବେ। ସନ୍ଧ୍ୟା ୭ଟା ୧୦ରେ କାଳୀ ପଡ଼ିଆରେ ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳାରେ ଯୋଗଦେବେ। ରାତିରେ ସର୍କିଟ ହାଉସରେ ରାତ୍ରିଯାପନ କରି ୩ ତାରିଖ ସୋମବାର ସକାଳ ୯ଟା ୪୦ରେ ହେଲିକପ୍ଟର ଯୋଗେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଆଜିଠୁ ଛାଡ଼ ପ୍ରାଣିସମ୍ପଦର ଚିକିତ୍ସା, ଟିକାକରଣ ବାବଦ 'ୟୁଜର୍ସ ଫି'

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

ପ୍ରାଣିସମ୍ପଦର ଚିକିତ୍ସା ଓ ଟିକାକରଣ ବାବଦ 'ୟୁଜର୍ସ ଫି'କୁ ରାଜ୍ୟ ସରକାର ଛାଡ଼ କରିବା ନେଇ ଘୋଷଣା କରିଛନ୍ତି। ଫଳରେ ଗାଈ, ବଳଦ, ମଇଁଷି, ଛେଳି, ମେଣ୍ଢା ଆଦିଙ୍କ ଚିକିତ୍ସା ଓ ଟିକାକରଣ ବାବଦରେ ଜନସାଧାରଣଙ୍କୁ ଫି ଦେବାକୁ ପଡ଼ିବ ନାହିଁ। ଏ ସଂକ୍ରାନ୍ତ ପ୍ରସ୍ତାବକୁ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅନୁମୋଦନ କରିଛନ୍ତି। ପ୍ରାଣିସମ୍ପଦର ସୁରକ୍ଷା ଓ ଚିକିତ୍ସାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହି ୟୁଜର୍ସ ଫି ଛାଡ଼ ନିଷ୍ପତ୍ତି ଚଳିତ ଶନିବାର ରାଜ୍ୟରେ ଲାଗୁହେବ। ନିଃଶୁଳ୍କ ସେବା ପ୍ରଦାନ ପାଇଁ ମନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ଜନସାଧାରଣ ଅନୁରୋଧ କରିଥିଲେ। ଲୋକମାନଙ୍କ ଅନୁରୋଧ ରକ୍ଷାକରି ସରକାର ଏହି କଲ୍ୟାଣକାରୀ ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ଗାଈ, ବଳଦ, ଛେଳି, ମେଣ୍ଢା, ମଇଁଷି ଆଦିଙ୍କ ଚିକିତ୍ସା ନିମନ୍ତେ ଲୋକମାନେ ପୂର୍ବରୁ ୧ ଟଙ୍କାରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ୟୁଜର୍ସ ଫି ଦେଉଥିଲେ। ବିଭିନ୍ନ ଚିକିତ୍ସା ପାଇଁ ଭିନ୍ନ ଭିନ୍ନ ଫି ରହିଥିଲା। ଏଣିକି ଏମାନଙ୍କ ଚିକିତ୍ସା, ଟିକାକରଣ ଓ ଭ୍ରାମ୍ୟମାଣ ସେବା ପ୍ରଦାନ ନିମନ୍ତେ କୌଣସି ୟୁଜର୍ସ ଫି ଦେବାକୁ ପଡ଼ିବ ନାହିଁ। ଫଳରେ ପ୍ରାଣୀ ଚିକିତ୍ସା ସାର୍ବଜନୀନ ହୋଇପାରିବ। ଏନେଇ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରିଛନ୍ତି।

# ୩ ଦିନ ପରେ ମୁକୁଳିଲେ ୨ ଯୁବକ

## ଚୋରି ଘଟଣାରେ କଙ୍ଗାରୁ କୋର୍ଟ

ଚାନ୍ଦବାଲି,୨୮।୨
(ଅଶୋକ ପଣ୍ଡା/କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଭୂଇଁବୃତ୍ତି ପଞ୍ଚାୟତର ରାମସେରପୁର କରାଣ୍ଡିମାଳ ଗାଁରେ ଏକ ଚୋରି ଘଟଣାକୁ ନେଇ ବସିଛି କଙ୍ଗାରୁ କୋର୍ଟ। ଏଥିରେ ଦଣ୍ଡ ସ୍ୱରୂପ ଏକ ନିର୍ମାଣାଧୀନ ଅଙ୍ଗନୱାଡି ଗୃହରେ ୩ ଦିନ ଧରି ବନ୍ଧା ହୋଇଥିବା ୨ ଯୁବକଙ୍କୁ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଉଦ୍ଧାର କରିଛି।

ପ୍ରଥମେ ଏକ ଗଛରେ ଉଭୟଙ୍କୁ ବାନ୍ଧି ରଖାଯାଇଥିଲା। ପରେ ନିର୍ମାଣାଧୀନ ଅଙ୍ଗନୱାଡି କେନ୍ଦ୍ରରେ ବାନ୍ଧି ରଖାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯୁବକଙ୍କ ବାପା ଜାଣିଥିଲେ ମଧ୍ୟ ଚାପରେ କିମ୍ବା ଭୟରେ ପୋଲିସକୁ ଖବର ଦେଇ ନ ଥିଲେ। ଚୋରି ଘଟଣାରେ ପୋଲିସ ତଦନ୍ତ କରି ଦଣ୍ଡ ଦେବା ପାଇଁ ଆଇନ ରହିଥିବା ବେଳେ ଗାଁ ଲୋକେ କାହିଁକି ଆଇନକୁ ନିଜ ହାତକୁ ନେଇଥିଲେ ଓ ୨ ଯୁବକଙ୍କୁ ପଶୁ ଭଳି ବାନ୍ଧି ରଖିଥିଲେ, ଏହାର ଉପଯୁକ୍ତ ନ୍ୟାୟ ଲାଗି ଯୁବକଙ୍କ ପରିବାର ଦାବି କରିଛନ୍ତି। ଏନେଇ ଉକ୍ତ ଯୁବକଙ୍କ ପରିବାର ପକ୍ଷରୁ ଚାନ୍ଦବାଲି ଥାନାରେ କୌଣସି ଅଭିଯୋଗ କରାଯାଇ ନ ଥିବା ଏଏସ୍‌ଆଇ ପି. କେ. ଜେନା କହିଛନ୍ତି।

# 'ଅନୁସୂଚିତ ବର୍ଗଙ୍କୁ ଅଣଦେଖା କରାଯାଉଛି'

## ରାଜଭବନ ସମ୍ମୁଖରେ ଧାରଣା ଦେବ ମୂଳନିବାସୀ ୟୁନାଇଟେଡ୍ ଫୋରମ

ଭୁବନେଶ୍ୱର, ୨୮।୨
(ବନ୍ଦନା ସେଠୀ)

ରାଜ୍ୟରେ କ୍ରମାଗତ ଭାବେ ଅନୁସୂଚିତ ବର୍ଗଙ୍କୁ ଅଣଦେଖା କରାଯାଉଛି। ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର ଏବଂ ସମ୍ବେଦନଶୀଳ ଘଟଣାର ସମାଧାନ ପାଇଁ ବାରମ୍ବାର ରାଜ୍ୟ ସରକାର ଏବଂ ପ୍ରଶାସନକୁ ଅବଗତ କରାଯାଉଥିଲେ ମଧ୍ୟ ଏହାର କୌଣସି ପ୍ରତିକାର ହୋଇପାରୁ ନ ଥିବା ମୂଳନିବାସୀ ୟୁନାଇଟେଡ୍ ଫୋରମ ଓଡ଼ିଶା ପକ୍ଷରୁ ଅଭିଯୋଗ କରାଯାଇଛି। ବୁଦ୍ଧମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏନେଇ ଅଭିଯୋଗ କରିବା ସହ ରାଜ୍ୟରେ ଆଦିବାସୀ ସରକାର ମୂଳନିବାସୀଙ୍କ ସାମ୍ବିଧାନିକ ଅଧିକାର ଓ ନ୍ୟାୟ ବିରୋଧରେ ରହିବା ଅତ୍ୟନ୍ତ ପରିତାପର ବିଷୟ ବୋଲି କହିଛନ୍ତି। ଏଥିସହ ସମସ୍ତ ସ୍କୁଲରେ ଏକ ପ୍ରକାର ସିବିଏସ୍‌ଇ ପାଠ୍ୟକ୍ରମ ସହ ସିଲାବସ୍‌ରେ ସମ୍ବିଧାନ ଓ ଆମ୍ବେଦକରଙ୍କ ବିଷୟରେ ପଢାଯିବା ଲାଗି ବ୍ୟବସ୍ଥା କରିବାକୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯିବ। ଏନେଇ ରାଜଭବନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ସମ୍ମିଳନୀରେ ସ୍ଥିର ହୋଇଛି।

ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା କହିଛନ୍ତି, ୧୯୮୨ରୁ ଚନ୍ଦକା ଡମପଡାକୁ ଅଭୟାରଣ୍ୟ ଭାବେ ସରକାର ଘୋଷଣା କରିଥିଲେ ହେଁ ଏଠାରେ ପିଢ଼ି ପରେ ପିଢ଼ି ବସବାସ କରୁଥିବା ଢୋଲକାଠ, ନୂଆକୂଅ, ବେହେଷ୍ଟାସାହି, ପିଠାଖିଆ ଏବଂ ଡାଆଣିଗାଡ଼ିଆ ଆଦି ୫ଖଣ୍ଡ ଗ୍ରାମର ଆଦିମ ଅଧିବାସୀଙ୍କୁ ଏଯାବତ୍ ଅନ୍ୟତ୍ର ଥଇଥାନ କରିବାରେ ସଫଳ ହୋଇନାହାନ୍ତି। ଖୋର୍ଦ୍ଧା ଜିଲା ନିଜିଗଡ଼ ତାପଙ୍ଗ ବାଘଟାଙ୍ଗୀ ଗ୍ରାମର ଭୂମିହୀନ ଆଦିବାସୀ ପ୍ରଜାଙ୍କ ଜୀବନଜୀବିକା ପାଳଟିଥିବା କାଜୁ ଜଙ୍ଗଲ କାଟି ପଥର ଖନନ ବନ୍ଦ କରିବା, ଖୋର୍ଦ୍ଧା ଜିଲା ଦଧିମାଛଗାଡ଼ିଆ ଗ୍ରାମ ନିକଟ 'ମାଣ୍ଡିଆ ଡଇଲା' ପାହାଡ଼ରେ ଡିନାମାଇଟ୍ ବିସ୍ଫୋରଣ ବନ୍ଦ କରିବା, ଗଞ୍ଜାମ ଜିଲାର ଜଗନ୍ନାଥ ପ୍ରସାଦ ତୁଲଡ଼ି, ଯାଜପୁର ଜିଲାର ବ୍ୟାସନଗର ଚୂନଭାଟି ପ୍ଲଟ୍‌ରୁ ଘର ଭଙ୍ଗା, ଦାନଗଦୀ ଉଚ୍ଚବାଲିରେ ଆଦିବାସୀଙ୍କୁ ବିସ୍ଥାପିତ, ଘରୋଇ ଶିଳ୍ପସଂସ୍ଥା ଓ ଠିକା ଏଜେନ୍ସିରେ ଆଦିବାସୀ ଓ ଦଳିତମାନଙ୍କୁ ୪୦% ଭାଗ ସ୍ଥାନ ସଂରକ୍ଷଣ କରିବା ଆଦି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। ସମ୍ମିଳନୀରେ ସଙ୍ଗଠନର ଇନ୍ଦ୍ରଜିତ୍ ବିଡ଼ିକା, ଦୈତାରୀ ନାୟକ, ପ୍ରକାଶ ନାୟକ, ପ୍ରଦ୍ୟୁମ୍ନ ନାୟକ, ସୁପ୍ରଭା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋରଣୀଟାଏ,**
**ଦାଣ୍ଡକୁ ବୋଲାଏ ଘରଣୀଟାଏ।**

ଅନେକେ ନିଜର ମନ୍ଦ ପ୍ରକୃତି ଲୁଚାଇବାକୁ ଯାଇ ବାହାରେ ନିଜକୁ ଭଲେଇ ବୋଲି ଦେଖେଇ ହୋଇଥାନ୍ତି। ତାଙ୍କର ବାହାରକୁ ଜଣା ପଡୁଥିବା ଗୁଣ ସହିତ ଭିତର ଗୁଣର କୌଣସି ସମ୍ବନ୍ଧ ନ ଥାଏ। ଚୋରଣୀ ନାରୀ ଭିତରେ ଭିତରେ ଚୋରି କରି ବାହାରକୁ ନିଜର ସଚ୍ଚୋଟ ପଣିଆ ଜାହିର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚୋରି**
**ଚୋରି ଉପରେ ହେମା ଜୋରୀ।**

କେତେକ ମାନ ସମ୍ମାନ ଭୁଲି ଚୋରି ଭଳି ଘୃଣ୍ୟ ପନ୍ଥା ଆପଣେଇଥାନ୍ତି। ସର୍ବ ସମ୍ମୁଖରେ ତାଙ୍କୁ ଚୋର ବୋଲି ଆଖ୍ୟା ଦେଲେ ନିଜକୁ ସଚ୍ଚୋଟ ଦେଖେଇ ହେବାକୁ ଯାଇ ଗାଲୁ ମାରିଥାନ୍ତି। ଚୋରି କରି ତହିଁରେ ଲଜ୍ଜିତ ନ ହୋଇ ମୁହଁ ଫୁଟାଣି ମାରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



# ବନ୍ଦ ଘରୁ ବାପା, ଝିଅଙ୍କ ମୃତଦେହ ଜବତ

## ଆର୍ଥିକ ଚାପରୁ ହତ୍ୟା ପରେ ଆତ୍ମହତ୍ୟା ସନ୍ଦେହ

**କଟକ,୨୮।୨(କାର୍ତ୍ତିକ ସାହୁ)**

କଟକ ଜିଲା ବାଦାମବାଡ଼ି ଥାନା ଅନ୍ତର୍ଗତ ଜଗନ୍ନାଥ ଲେନ୍‌ରେ ଥିବା ଏକ ବନ୍ଦ ଘର ଭିତରୁ ବାପା, ଝିଅଙ୍କ ମୃତଦେହ ପୋଲିସ ଜବତ କରିଛି। ସେମାନେ ହେଲେ ମାନସ ରଞ୍ଜନ ଦାସ (୬୦) ଓ ତାଙ୍କ ଝିଅ ହରଶ୍ରୀତା ହେମାଙ୍ଗିନୀ (୧୭)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିବା ସହ ଉପସ୍ଥିତ ଲୋକଙ୍କୁ ପଚରାଉଚରା କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଦେଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରୁ ମୃତକଙ୍କ ଏକ ମୋବାଇଲ ଜବତ ହୋଇଛି। ଆର୍ଥିକ ଚାପରୁ ବାପା ଝିଅକୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତ ଅନୁମାନ କରିଛି।

ସୂଚନାନୁସାରେ, ମାନସଙ୍କ ଘର କେନ୍ଦ୍ରାପଡ଼ା ଜିଲା ଗୁଣ୍ଡୁପୁର ଅଞ୍ଚଳରେ ହୋଇଥିବାବେଳେ ସେ ବାଦାମବାଡ଼ି ଜଗନ୍ନାଥ ଲେନ୍‌ରେ ଥିବା ୪ ମହଲା ବିଶିଷ୍ଟ ଆପାର୍ଟମେଣ୍ଟର ପ୍ରଥମ ମହଲାରେ ଫ୍ଲାଟ୍ ନମ୍ବର୍ ୧/୨ଏ୩ରେ ରହି ବ୍ୟବସାୟ କରୁଥିଲେ। ଉକ୍ତ ଆପାର୍ଟମେଣ୍ଟରେ ପ୍ରାୟ ଦେଢ଼ ବର୍ଷ ହେବ ସେ ତାଙ୍କ ଝିଅ ସହ ରହିଆସୁଥିଲେ। କିଛିବର୍ଷ ତଳୁ ମାନସଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ଝିଅ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ବାପା ସବୁବେଳେ ତାଙ୍କୁ ଘର ଭିତରେ ରଖୁଥିଲେ। କେବେ ବି ବାହାରକୁ ଛାଡ଼ୁ ନ ଥିଲେ। ମାନସ ରହୁଥିବା ଘରର ଭଡ଼ା ବାବଦକୁ ସମସ୍ତ ଦେୟ ଗୁରୁବାର ମାଲିକଙ୍କୁ ଦେଇଥିବାବେଳେ ଶୁକ୍ରବାର ଘର ଛାଡ଼ିବାର ଥିଲା। ଅପରପକ୍ଷରେ ବ୍ୟବସାୟିକ କ୍ଷେତ୍ରରେ ଆର୍ଥିକ ବୋଝ ଯୋଗୁ ମାନସ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ପାଇଁ ନିଷ୍ପତ୍ତି ନେଇଥାଇପାରନ୍ତି ବୋଲି ପ୍ରାଥମିକ ସ୍ତରରେ ପୋଲିସ ଅନୁମାନ କରୁଛି। ଶୁକ୍ରବାର ସକାଳୁ ଦୀର୍ଘ ସମୟ ପର୍ଯ୍ୟନ୍ତ ମାନସଙ୍କ ଘରର କବାଟ ବନ୍ଦ ରହିଥିଲା। ଘର ମାଲିକଙ୍କ ଲୋକେ ବହୁ ସମୟ ଯାଏ କବାଟ ବାଡ଼େଇବା ପରେ ବି ଭିତରୁ କିଛି ଉତ୍ତର ଆସି ନ ଥିଲା। ଏଭଳି ଖବର ପାଇବା ପରେ ଘର ମାଲିକ ଏନେଇ ବାଦାମବାଡ଼ି ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ଭିତରେ ପଶିବା ପରେ ମାନସଙ୍କ ମୃତଦେହ ଧୋତି ସାହାଯ୍ୟରେ ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ପାଇଥିଲା। ସେହିପରି ଝିଅର ମୃତଦେହ ଘର ଭିତରେ ଥିବା ଖଟ ଉପରେ ପଡ଼ି ରହିଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ଦ୍ୱୟକୁ ମାନସଙ୍କ ଭଉଣୀ ସସ୍ମିତା ଦାସଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ଅଜୟ କୁମାର ରାଉଳ ସୂଚନା ଦେଇଛନ୍ତି।


ଝିଅ ହରଶ୍ରୀତା ହେମାଙ୍ଗିନୀଙ୍କ ସହ ମାନସ ରଞ୍ଜନ ଦାସ।

# ବସ୍‌ରେ ମହିଳାଙ୍କୁ ବଳାତ୍କାର ଘଟଣାର ଅଭିଯୁକ୍ତ ଗିରଫ

**ପୁଣେ,୨୮।୨**

ମହାରାଷ୍ଟ୍ରର ପୁଣେରେ ୨୬ ବର୍ଷୀୟା ମହିଳାଙ୍କୁ ବସ୍ ଭିତରେ ବଳାତ୍କାର କରିଥିବା ଅଭିଯୁକ୍ତ ଦତ୍ତାତ୍ରେୟ ଗଡେଙ୍କୁ ପୋଲିସ ୭୫ ଘଣ୍ଟାର ତନାଘନା ପରେ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରିଛି। ସେ ଲୁଚିଥିବା ସ୍ଥାନକୁ ଚିହ୍ନଟ କରିବାରେ ଡଗ୍ ସ୍କ୍ୱାଡ୍ ସଫଳ ହୋଇଥିଲା। ୩୭ ବର୍ଷୀୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ୧୩ଟି ଟିମ୍ ଗଠନ କରିବା ସହ ଡ୍ରୋନ୍ ନିୟୋଜିତ କରିଥିଲା। ଦତ୍ତାତ୍ରେୟ ଘର ଛାଡ଼ିବା ପୂର୍ବରୁ ବୋତଲେ ପାଣି ନେଇଥିଲେ ଏବଂ ଭୁଲ କରିଥିବା ନେଇ ପରିବାର ନିକଟରେ ସ୍ୱୀକାର କରିଥିଲେ ବୋଲି ଜଣାପଡ଼ିଛି। ପୋଲିସ ଏକ ବଦଳା ଶାର୍ଟ ପାଇ ଡଗ୍‌ସ୍କ୍ୱାଡ୍‌କୁ ଦେଇଥିଲା, ଯାହା ଦତ୍ତାତ୍ରେୟଙ୍କ ଗନ୍ଧ ବାରି ତାଙ୍କୁ ଠାବ କରିବା ପାଇଁ ଯଥେଷ୍ଟ ଥିଲା। ସନ୍ଧାନୀ କୁକୁର ପୋଲିସକୁ ଅଭିଯୁକ୍ତ ଯାଇଥିବା ରାସ୍ତାରେ ନେଇଯାଇଥିଲା। ଦତ୍ତାତ୍ରେୟ ତାଙ୍କ ସମ୍ପର୍କୀୟଙ୍କ ଘର ନକଟ କେନାଲ ପାଖରେ ଥିବା ଆଖୁକ୍ଷେତରେ ଲୁଚିଥିବାବେଳେ ପୋଲିସ ତାଙ୍କୁ ଧରିଥିଲା। ଅଭିଯୁକ୍ତଙ୍କ ବେକରେ ରଶି ଦାଗ ଥିବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିବା ପୋଲିସ ସନ୍ଦେହ କରୁଛି।


ଦତ୍ତାତ୍ରେୟ ଗଡେ

# ୬୦ ହଜାରରୁ ଅଧିକ ଟଙ୍କା ନେଇ ୨ ଡକାୟତ ଫେରାର

**ଦେବଗଡ଼,୨୮।୨(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ଜିଲା କୁଣ୍ଡେଇଗୋଳା ଥାନା ଅନ୍ତର୍ଗତ ବଡଛାପଲ ମଈ ଛକରୁ ଗୁରୁବାର ପ୍ରାୟ ୧୦ଟାରେ ଡକାୟତି ହୋଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ଅପରାହ୍ନ ୨ଟା ଯାଏଁ ପୋଲିସ ତଦନ୍ତ ଜାରି ରଖିଛି। ବଡଛାପଲ ଗ୍ରାମପଞ୍ଚାୟତ ସଦର ମହକୁମାରେ ଥିବା ଜନସେବା କେନ୍ଦ୍ରକୁ ଟଙ୍କା ନେଇ ଯାଉଥିବା ବେଳେ ଡକାୟତି ହୋଇଛି। ଭୁଲକାବାହାଲ ଗ୍ରାମର ଯଦୁମଣି ସାହୁ ବାଇକ୍ (ନଂ.ଓଡି-୩୫-ଇ-୮୬୭୭)ରେ ଜନସେବା କେନ୍ଦ୍ରକୁ ଯାଉଥିଲେ। ବାଇକ ଡିକିରେ ପ୍ରାୟ ୬୦ ହଜାରରୁ ଅଧିକ ଟଙ୍କା ରଖିଥିଲେ। ଯଦୁମଣି ବାଇକ୍‌ରେ ଏକୁଟିଆ ଯାଉଥିବା ବେଳେ ଏକ କଳାରଙ୍ଗର ପଲସରରେ ୨ଜଣ ଡକାୟତ ଆସି ମଈ ଛକ ନିକଟରେ ଭୁଜାଲି ଦେଖାଇ ବାଇକ୍ ଡିକି ଭାଙ୍ଗି ଦେଇଥିଲେ ଏବଂ ବନ୍ଧୁକ ଦେଖାଇ ପ୍ରାୟ ୬୦ ହଜାରରୁ ଅଧିକ ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ଘଟଣାସ୍ଥଳରୁ ଦ୍ରୁତଗତିରେ ୨ ଡକାୟତ ଫେରାର ମାରିଥିଲେ। ସ୍ଥାନୀୟ ଲୋକ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଫେଲ ମାରିଥିଲେ। ଏ ନେଇ କୁଣ୍ଡେଇଗୋଳା ଥାନାକୁ ଖବର ଦିଆଯିବା ପରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୁନାପୋଶି ରାସ୍ତା ଦେଇ ୨ ଡକାୟତ କଳା ରଙ୍ଗର ପଲସରରେ ଫେରାର ମାରିଥିବା ଜଣାପଡିଛି।

# ଇଡି ପଞ୍ଝାରେ ଫରେଷ୍ଟ ଗାର୍ଡ: ବାସଭବନରେ ୭ଘଣ୍ଟା ଚଢ଼ାଉ

**ଭବାନୀପାଟଣା/କୋକସରା, ୨୮।୨ (ଉତ୍ତମ କୁମାର ଦାଶ/ ଦୁଷ୍ମନ୍ତ କୁମାର ପାଢୀଯୋଷୀ)**

ବନୀକରଣ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗରେ ଶୁକ୍ରବାର କଳାହାଣ୍ଡି ଜିଲା ଦକ୍ଷିଣ ବନଖଣ୍ଡ ଅନ୍ତର୍ଗତ ଜୟପାଟଣା ଫରେଷ୍ଟ ରେଞ୍ଜ କାର୍ଯ୍ୟାଳୟରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଚଢ଼ାଉ କରାଯାଇଛି। ଚଢାଉ ସମୟରେ ଇଡିର ଅଧିକାରୀ କାର୍ଯ୍ୟାଳୟର କାଗଜପତ୍ର ଯାଞ୍ଚ କରିବା ସହ କର୍ମଚାରୀଙ୍କୁ ପଚରାଉଚୁରା କରିଥିଲେ। ସେହିପରି ଜୟପାଟଣା ରେଞ୍ଜରେ କାର୍ଯ୍ୟରତ ଥିବା ବେଣାଖମାର ବିଟ୍ ଫରେଷ୍ଟ ଗାର୍ଡ ଅଶୋକ ସାହୁଙ୍କ କୋକସରା ବ୍ଲକ ଲଢୁଗାଁ ବନ୍ଧପଡାସ୍ଥିତ ବାସଭବନରେ ଇଡି ଚଢାଉ କରିଛି। ପୂର୍ବାହ୍ନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚଢ଼ାଉ କରିବା ସହ ଫରେଷ୍ଟ ଗାର୍ଡ ସାହୁଙ୍କୁ ଅଧିକାରୀମାନେ ଜେରା କରିଥିଲେ। ପରେ ଫରେଷ୍ଟ ଗାର୍ଡ ସାହୁଙ୍କୁ ଅଧିକାରୀମାନେ ନିଜ ଗାଡିରେ ନେଇଯାଇଥିଲେ। ଏହି ଖବର ସଂଗ୍ରହ ପାଇଁ ଗଣମାଧ୍ୟମ ପ୍ରତିନିଧି ଦୀର୍ଘ ସମୟ ଧରି ଅଶୋକଙ୍କ ବାସଭବନ ଆଗରେ ଅପେକ୍ଷା କରିଥିଲେ ମଧ୍ୟ ଅଧିକାରୀମାନେ କୌଣସି ତଥ୍ୟ ଦେବାକୁ ମନା କରିଦେଇଥିଲେ। ଜଙ୍ଗଲ ବିଭାଗର ବନୀକରଣ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା ବହୁ କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ପରେ ଇଡି ପକ୍ଷରୁ ଚଢ଼ାଉ ହୋଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ପୂର୍ବରୁ ସମ୍ପୃକ୍ତ ଫରେଷ୍ଟ ଗାର୍ଡ ସାହୁଙ୍କ ନାଁରେ ଅନେକ ଅଭିଯୋଗ ରହିଥିବା ଜଣାପଡିଛି।

# ଲାଞ୍ଚ ନେଇ ଧରାପଡ଼ିଲେ କୁନ୍ଦୁଲି ଲ୍ୟାମ୍ପ୍‌ସ ମ୍ୟାନେଜର

**କୋରାପୁଟ/ସୁନାବେଡ଼ା/ ସେମିଳିଗୁଡ଼ା,୨୮।୨(ଅମିତାଭ ବେହେରା/ କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)**

କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ୍ ଅନ୍ତର୍ଗତ କୁନ୍ଦୁଲି ଅଞ୍ଚଳର ମଣ୍ଡିରେ ମାଣ୍ଡିଆ ଚାଷୀଙ୍କଠାରୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଲ୍ୟାମ୍ପ୍‌ସ ମ୍ୟାନେଜର ସତ୍ୟନାରାୟଣ ଚାଲାଣ ଜୟପୁର ଭିଜିଲାନ୍ସ ହାତରେ ଶୁକ୍ରବାର ଧରାପଡ଼ିଛନ୍ତି। ଦୁଧାରୀ ଗାଁର ତୁଳସୀ ମଣ୍ଡଳ ନାୟକ ୧୧୭ ବସ୍ତା ମାଣ୍ଡିଆ ନେଇ କୁନ୍ଦୁଲି ମଣ୍ଡିକୁ ଯାଇଥିଲେ। ସେଠାରେ ମଣ୍ଡି ପରିଚାଳକ ସତ୍ୟନାରାୟଣ ତାଙ୍କୁ ମାଣ୍ଡିଆ ବିକିବାକୁ ବସ୍ତା ପିଛା ୪୫ ଟଙ୍କା ହିସାବରେ ୫୨୬୫ ଟଙ୍କା ଲାଞ୍ଚ ମାଗିଥିଲେ। ଅର୍ଥ ନ ଦେଲେ ମାଣ୍ଡିଆ କିଣାହେବ ନାହିଁ ବୋଲି ରୋକ୍‌ଠୋକ୍ କହିଥିଲେ। ତୁଳସୀଙ୍କ ପାଖରେ ଟଙ୍କା ନ ଥିବାରୁ ସେ ଜୟପୁର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁଯାୟୀ, ସତ୍ୟନାରାୟଣ ତୁଳସୀଙ୍କଠାରୁ ୩୦୦୦ ଟଙ୍କା ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲା। ପରେ ସତ୍ୟନାରାୟଣଙ୍କ କୁନ୍ଦୁଲି ଅଫିସ ସହ ନନ୍ଦପୁର ବାସଭବନରେ ଭିଜିଲାନ୍ସ ପକ୍ଷରୁ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏ ନେଇ କେସ୍ ନଂ ୯/୨୫ରେ ମାମଲା ରୁଜୁକରି ତଦନ୍ତ ଜାରି ରହିଛି। ଚଢ଼ାଉ ବେଳେ ଏକ ବାଇକ୍(ଓଡି୧୦-ଏ-୨୪୧୯)କୁ ବିଭାଗ ଜବତ କରିଛି।


ସତ୍ୟନାରାୟଣ ଚାଲାଣ।

# ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ

## ଫେରାର ହତ୍ୟାକାରୀ ସ୍ୱାମୀ ଗିରଫ

**ଦେବଗଡ଼,୨୮।୨(ଶଶାଙ୍କ ଶେଖର ଝାଙ୍କର)**

ସ୍ତ୍ରୀଙ୍କୁ ପିଟି ହତ୍ୟା କଲେ ସ୍ୱାମୀ। ଡାକ୍ତରଖାନାରେ ମୃତ ଘୋଷଣା ପରେ ସ୍ତ୍ରୀଙ୍କ ମୃତଦେହ ଛାଡି ହତ୍ୟାକାରୀ ଫେରାର ହୋଇଥିଲେ। ମୃତକା ହେଲେ ଚଞ୍ଚଳା ପ୍ରଧାନ। ମହିଳାଙ୍କ ବାପା ହତ୍ୟା ଅଭିଯୋଗ କରିଥିବା ବେଳେ ପୋଲିସ ତଦନ୍ତ କରି ଫେରାର ହତ୍ୟାକାରୀ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ସ୍ୱାମୀ ବିଭୁତି ଭୂଷଣ ପ୍ରଧାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂଚନା ଦେଇଛି। ଦେବଗଡ଼ ଜିଲା କୁଣ୍ଡେଇଗୋଳା ଥାନା ଝରାଡିହି ଗ୍ରାମରେ ଶୁକ୍ରବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଝରାଡିହି ଗ୍ରାମର ବିଭୁତି ବିଭିନ୍ନ ସମୟରେ ସ୍ତ୍ରୀ ଚଞ୍ଚଳାଙ୍କୁ ମାଡ ମାରିଥାଏ। ଗୁରୁବାର ମଧ୍ୟ କୌଣସି କଥାକୁ ନେଇ ସ୍ତ୍ରୀଙ୍କୁ ନିସ୍ତୁକ ମାଡ ମାରିଥିଲେ। ଚଞ୍ଚଳା ଗୁରୁତର ହେବାରୁ ଚିକିତ୍ସା ପାଇଁ ଛତାବର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଖବର ପାଇ ଡାକ୍ତରଖାନାରେ ୩ ନାବାଳକ ପୁଅ ଏବଂ ସ୍ତ୍ରୀଙ୍କ ମୃତଦେହ ଛାଡି ହତ୍ୟାକାରୀ ସ୍ୱାମୀ ଫେରାର ହୋଇଯାଇଥିଲେ। ଏ ନେଇ ମହିଳାଙ୍କ ବାପା ଖବର ପାଇ ଶୁକ୍ରବାର ଛତାବର ଡାକ୍ତରଖାନାରେ ପହଞ୍ଚିଥିଲେ। ଚଞ୍ଚଳାଙ୍କ ଦେହର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବାରୁ ତାଙ୍କ ସ୍ୱାମୀ ପିଟି ମାରି ଦେଇଥିବା କୁଣ୍ଡେଇଗୋଳା ଥାନାରେ ଅଭିଯୋଗ କରିଛନ୍ତି। ଡାକ୍ତରଖାନାରୁ ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍‌କୁ ଡକାଯାଇ ଅପରାହ୍ନ ପ୍ରାୟ ୨ଟା ଯାଏଁ ତଦନ୍ତ ଜାରି ରହିଥିବା ବେଳେ ବ୍ୟବଚ୍ଛେଦ କରାଯାଇ ନାହିଁ। ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ପରେ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି। ଅନ୍ୟପଟେ ବିଭିନ୍ନ ଦିଗକୁ ନେଇ ପୋଲିସ ତଦନ୍ତ କରୁଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

REQUIRED
Candidate needed for Survey Blockwise and Districtwise on product basic 70% subsidy available for consumer by Amar Jyoti.
Contact: 6291122660, 6291111691
Location:
Berhampur, Cuttack, Bhubaneswar

ଆବଶ୍ୟକ
କନ୍‌ଷ୍ଟ୍ରକସନ ସାଇଟ୍ ପାଇଁ ଡାଟା ଏଣ୍ଟ୍ରି ଅପରେଟର ଆବଶ୍ୟକ।
ଯୋଗାଯୋଗ:
7381066999 / 7381207777

WALK IN INTERVIEW : 09.03.2025
**Campus Supervisor :** Qualification : +2, Desirable Experience: 01 year in any Housing Society, Salary : Rs. 25,000/pm
**Free accommodation for self**
**Life Guard for Swimming Pool :** Desirable Qualification: Certificate from Competant Authority, Salary: Rs. 15,000/pm,
**Note : Salary is negotiable**
Please forward your Resume: jvtbbsr@gmail.com / 7656016371
Society: Jalvayu Tower, Niladri Vihar, Bhubaneswar-751021

WALK-IN-INTERVIEW
JODA WOMEN'S COLLEGE, JODA, KEONJHAR
Applications are inivted from suitable candidates for the following posts.

| Sl. No. | Name of the Post | No. of Post | Qualification |
|---|---|---|---|
| 1. | LECTURER IN PHILOSOPHY | 01 | PG (55% Min.) |
| 2. | LECTURER IN I.T. | 01 | MCA |

Interested candidates fulfilling the eligibility criteria mentioned above are requested to attend the Walk-in-Interview at Joda Women's College, Joda, Keonjhar on Dt.16.03.2025 (Sunday), 11.00 A.M. The candidates are requested to bring all the original certificates in support of their qualification.
Principal-cum-Secretary
Joda Women's College, Joda, Keonjhar
Contact No.: 9438340548

ଦ.ପୂ. ରେଳପଥ – ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ବରିଷ୍ଠ ପ୍ରକଳ୍ପ ପ୍ରବନ୍ଧକ (ଜିଏସ୍)/ଜିଏସ୍‌ୟୁ/ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ. ୧; ଟେଣ୍ଡର ନଂ.: ସିକେପି-ଜିଏସ୍‌ୟୁ-ଫେନ୍‌ସିଂ-୨୪-୨୫-୦୧; କାର୍ଯ୍ୟର ନାମ: ଆସନବଣୀ-ଝାରସୁଗୁଡ଼ା ଷ୍ଟେଶନ ମଧ୍ୟରେ କିମି ୨୩୩.୮୮୦ରୁ ୫୧୫.୧୧୭ (୨୮୧.୨୩୭ ଟିଆର୍. କିମି) ପର୍ଯ୍ୟନ୍ତ ମେଟାଲ୍ ବିମ୍ କ୍ରାଶ୍ ବ୍ୟାରିୟର, ଫିକ୍ସଡ୍ ନଟ୍ ଫେନ୍‌ସିଂ ବେଢିକାଲ-୨୦୦୦, ପ୍ରି-ଷ୍ଟ୍ରେସ୍‌ଡ କଂକ୍ରିଟ୍ ଏବଂ ଆରସିସି କଲମ୍ ସହ ଇଟା କାମ ଦ୍ୱାରା ରେଳଧାରଣା କଡ଼ରେ ସୁରକ୍ଷା ବାଡ଼ର ବ୍ୟବସ୍ଥା କରିବା; ଟେଣ୍ଡର ମୂଲ୍ୟ: ₹୨୦୨,୯୪,୮୭,୧୫୦.୦୭; ଇଏମ୍‌ଡି: ₹୧,୦୦,୦୦,୦୦୦; ଟେଣ୍ଡର ଫର୍ମ ମୂଲ୍ୟ: ₹୦.୦୦; ଖୋଲାଯିବା ତାରିଖ: ତା୦୪।୦୪।୨୦୨୫ରିଖ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପଲୋଡ୍ କରାଯିବା ଜରୁରୀ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-1196)

କାନାରା ବ୍ୟାଙ୍କ Canara Bank
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.: ୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧
ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍
ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ)

| କ୍ର. ନଂ. | ପଟାମୁଣ୍ଡାଇ ଶାଖା ଋଣଗ୍ରହୀତା /ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତି ଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ /ବନ୍ଧକମୁକ୍ତ ତାରିଖ / ବକେୟା ରାଶି |
|---|---|---|---|
| ୧. | ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ସୁବ୍ରତ କୁମାର ମଳିକ, ପିତା: ସୁରେଶ ଚନ୍ଦ୍ର ମଳିକ, ସା/ପୋ: ଆମ୍ବେର, ଥାନା: ପଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୫ / ଋଣଗ୍ରହୀତା: ଶ୍ରୀମତୀ ବାବିନା ମଳିକ, ମାର୍ଫତ: ସୁବ୍ରତ କୁମାର ମଳିକ, ସା/ପୋ: ଆମ୍ବେର, ଥାନା: ପଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ପିନ୍-୭୫୪୨୧୫ | ଶ୍ରୀ ସୁବ୍ରତ କୁମାର ମଳିକଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୮୬୯/୭୭୧, ପ୍ଲଟ୍ ନଂ.: ୧୧୬/୩୩୯୧, କ୍ଷେତ୍ର: ଏକର୦.୦୫୦ ଡିସିମିଲି, କିସମ: ଘରବାରି, ମୌଜା: ମାଟିଆ, ତହସିଲ: ପଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡ଼ା, ଏସ୍‌ଆରଓ: ପଟାମୁଣ୍ଡାଇ, ଏହାର ଚାରିବାର୍ଶ୍ୱରେ- ଉତ୍ତର: ପ୍ଲଟ୍ ନଂ. ୧୧୬/୩୩୯୮, ଦକ୍ଷିଣ: ପ୍ଲଟ୍ ନଂ. ୧୧୬, ପୂର୍ବ: ପ୍ଲଟ୍ ନଂ.: ୧୧୬/୩୩୯୮, ଦକ୍ଷିଣ: ପ୍ଲଟ୍ ନଂ. ୨୪୫୦ | ୧୦.୧୨.୨୦୨୪ / ୧୯.୦୨.୨୦୨୫ / ୨୦.୦୨.୨୦୨୫ / ଟ.୨୪,୫୯,୪୧୨.୯୧ |

ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ।
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ୍ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଅସେଟ୍ସ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବାପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି। କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବର କାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି। ଏତଦ୍ୱାରା ଆପଣଙ୍କୁ ୩୦ ଦିନିଆ ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛି କି ବ୍ୟାଙ୍କକୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ (ନିଲାମ ନୋଟିସ୍ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟାଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବର କାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତିଗୁଡ଼ିକୁ ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ।
ସ୍ଥାନ: କଟକ, ତାରିଖ: ୨୮.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

ୱେବ୍‌ସାଇଟ୍: www.ayush.gov.in
सत्यमेव जयते
ଆୟୁଷ ମନ୍ତ୍ରଣାଳୟ
"ଆୟୁଷ ଭବନ"
"ବି" ବ୍ଲକ୍, ଜି.ପି.ଓ. କମ୍ପ୍ଲେକ୍ସ / 'B' Block, GPO Complex,
ଆଇ.ଏନ୍.ଏ., ନୂଆଦିଲ୍ଲୀ - ୧୧୦୦୨୩ / INA, New Delhi - 110 023
ଏଫ୍. ନଂ. ଆର୍-୨୧୦୧୧/୧/୨୦୨୫-ଇପି-III ତାରିଖ: ଫେବୃଆରୀ, ୨୦୨୫

ଅଧିସୂଚନା
ଜାତୀୟ ହୋମିଓପାଥି ଆୟୋଗ (ଏନ୍‌ସିଏଚ୍)ର ଅଧ୍ୟକ୍ଷ, ଏନ୍‌ସିଏଚ୍ ଅଧୀନରେ ହୋମିଓପାଥି ଶିକ୍ଷା ବୋର୍ଡର ଅଧ୍ୟକ୍ଷ, ଏନ୍‌ସିଏଚ୍ ଅଧୀନରେ ହୋମିଓପାଥି ଚିକିତ୍ସା ମୂଲ୍ୟାୟନ ଏବଂ ରେଟିଂ ବୋର୍ଡର ଅଧ୍ୟକ୍ଷ ଏବଂ ଏନ୍‌ସିଏଚ୍ ଅଧୀନରେ ହୋମିଓପାଥି ସଦାଚାର ଏବଂ ପଞ୍ଜୀକରଣ ବୋର୍ଡର ଅଧ୍ୟକ୍ଷ ନିମନ୍ତେ ପ୍ରତ୍ୟେକ ଗୋଟିଏ ପଦବୀ ଲାଗି ଦରଖାସ୍ତ ଆହ୍ୱାନ କରାଯାଉଛି।
୧. ଦରଖାସ୍ତ ପ୍ରାପ୍ତିର ସମାପ୍ତି ତାରିଖ ସୁଦ୍ଧା ଆବେଦନକାରୀଙ୍କ ବୟସ ୬୫ ବର୍ଷରୁ କମ୍ ହୋଇଥିବା ଜରୁରୀ।
୨. ଦରଖାସ୍ତ ପ୍ରାପ୍ତିର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ଖବରକାଗଜରେ ବିଜ୍ଞାପନ ପ୍ରକାଶନ ତାରିଖରୁ ୩୦ ଦିନ।
୩. ସବିଶେଷ ବିଜ୍ଞାପନ ଏବଂ ଆବେଦନ ଫର୍ମାଟ୍ ଆୟୁଷ ମନ୍ତ୍ରଣାଳୟର ୱେବ୍‌ସାଇଟ୍ www.ayush.gov.inରେ ସ୍ଥାନିତ ହେବ ଏବଂ ଡାଉନ୍‌ଲୋଡ୍ କରାଯାଇପାରିବ।
୪. ଏକରୁ ଅଧିକ ପଦବୀ ପାଇଁ ଆବେଦନ କରୁଥିବା ପ୍ରାର୍ଥୀଙ୍କୁ ପ୍ରତ୍ୟେକ ପଦବୀ ଲାଗି ପୃଥକ୍ ପ୍ରୋଫର୍ମା ପୂରଣ କରିବାକୁ ହେବ।
୫. ନିର୍ଦ୍ଧାରିତ ପ୍ରୋଫର୍ମାରେ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ସହିତ ସମସ୍ତ ସମ୍ବନ୍ଧିତ ପ୍ରମାଣପତ୍ରଗୁଡ଼ିକର ଅନୁପ୍ରମାଣିତ/ସ୍ୱ-ଅନୁପ୍ରମାଣିତ ନକଲକୁ ନିମ୍ନଲିଖିତ ଠିକଣାରେ ପଠାଯିବା ଆବଶ୍ୟକ: ସଚିବ, ଆୟୁଷ ମନ୍ତ୍ରଣାଳୟ, ଆୟୁଷ ଭବନ, ବି-ବ୍ଲକ୍, ଜିପିଓ କମ୍ପ୍ଲେକ୍ସ, ଆଇଏନ୍‌ଏ, ନୂଆଦିଲ୍ଲୀ, ୧୧୦୦୨୩। ଲଫାପାର ଉପରିଭାଗରେ "ଜାତୀୟ ହୋମିଓପାଥି ଆୟୋଗରେ ......................... (ସମ୍ପୃକ୍ତ ପଦବୀ) ପଦବୀ ନିମନ୍ତେ ଦରଖାସ୍ତ"।
CBC-17201/11/0028/2425

OFFICE OF THE DISTRICT PROJECT COORDINATOR
SAMAGRA SHIKSHA, SUBARNAPUR
ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ
ସମସ୍ତେ ପଢନ୍ତୁ ସମସ୍ତେ ବଢନ୍ତୁ
E-mail: dpcsonepurssa.opepa@nic.in, pedsonepurssa.opepa@nic.in, Ph.: 06654-220551 / 06654-220514 (Fax)
No. 582 Date: 27.02.2025
NOTICE INVITING TENDER (NIT)
Sealed tenders are invited in prescribed format from the registered firms/suppliers/dealers having PAN, GST and IT Clearance Certificate for supply of TLM & Equipment and Bedding items to 6 Nos. of Kastura Gandhi Balika Vidyalays (KGBV - Type - III) of Subarnapur district. The tender paper will be submitted to District Project Coordinator, Samagra Shiksha, Subarnapur on or before by 17.03.2025. Details bid documents can be downloaded from the official website **www.subarnapur.odisha.gov.in** and **www.osepa.odisha.gov.in**.
By the Order of Collector and Chairman, Samagra Shiksha, Subarnapur.
Sd./- District Project Coordinator
Samagra Shiksha, Subarnapur

GOVERNMENT OF JHARKHAND
OFFICE OF THE EXECUTIVE ENGINEER,
DRINKING WATER & SANITATION DIVISION, PAKUR.
E-Procurement Notice (1st Call)
Tender Notice Reference No.- DWSD/PKR/34/2024-25 Dated : 27.02.2025

| | | |
|---|---|---|
| 1 | Name of the Department | Drinking Water and Sanitation Department, Jharkhand, Ranchi. |
| 2 | Name of the Advertiser | Executive Engineer, Drinking Water & Sanitation, Division, Pakur. |
| 3 | Date of Publication of Tender on Web site | 06.03.2025/ 01.00 PM |
| 4 | Date of Pre- bid Meeting | 13.03.2025 / 01.00 PM |
| 5 | Last date /Time for receipt of Bid | 26.03.2025/04.00 PM |
| 6 | Last date/time of Online submission of Earnest Money and Cost of BOQ (As per Letter No.-120, dated-03.10.2023 of Secretary to Govt., Information Technology & e-Governance Department, Govt. of Jharkhand) | 26.03.2025/ 04.00P.M |
| 7 | Date of opening of Tender | 27.03.2025/04.00 P.M |
| 8 | Name & address of office inviting tender | Executive Engineer, Drinking Wate r & Sanitation Division, Pakur, Jharkhand. |
| 9 | Contact no of Procurement office | 9110073326 |

| Sl. No | Name of Work | Block | Group No. | Estimated Cost (In Rs.) | Earnest money (In Rs.) | Cost of BOQ (In Rs.) | Time of Completion |
|---|---|---|---|---|---|---|---|
| 1 | Remaining Work of Urban Water Supply Scheme, Pakur | Pakur | 1 | 43462000.00 | 10000.00 | 900000.00 | 06 Month |

➢ Note:- The Work order will be given only after sanction of Administrative Approval.
- अन्य किसी प्रकार की सूचना http://jharkhandtenders.gov.in पर देखा जा सकता है।
- प्राक्कलित राशि घट–बढ़ सकती है, तदनुसार अग्रधन की राशि एवं परिमाण विपत्र का मूल्य देय होगा।
- आवंटन प्राप्त होने के उपरान्त ही भुगतान किया जायेगा।
- उपरोक्त वर्णित समयावधि के अन्दर ही कार्य करना अनिवार्य है। समय सीमा के अन्दर कार्य पूर्ण नहीं करने पर काली सूची में दर्ज करने की कार्रवई की जायेगी।
- परिमाण विपत्र की राशि लौटाई नहीं जायेगी।

Executive Engineer,
Drinking Water & Sanitation
Division, Pakur.
PR 347379 Drinking Water and Sanitation(24-25)#D

## ୪୦୭ ଗାଡ଼ି ଓଲଟି ଜଣେ ମୃତ, ୭ ଗୁରୁତର

**ଥୁଆମୂଳ ରାମପୁର (ଦୁର୍ଗା କୀର୍ତ୍ତି):** ଥୁଆମୂଳ ରାମପୁର ବ୍ଲକ ନାକରୁଣ୍ଡି ଗ୍ରାମର ମୋହନଗିରିଠାରେ ଶୁକ୍ରବାର ଏକ ୪୦୭ ଗାଡି ଓଲଟି ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୭ଜଣ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି। ମୃତକ ହେଲେ କେଲୁଆ ଗ୍ରାମର ଜଳଧର ବାଗ (୬୩)। ସୂଚନା ଅନୁଯାୟୀ ଜଳଧର ପିଡିଏସ୍ ଚାଉଳ ଆଣିବା ନିମନ୍ତେ ଓଆର୍‌୦୮ଜି୪୨୧୧ ନଂ. ବିଶିଷ୍ଟ ୪୦୭ରେ ନାକରୁଣ୍ଡି ଯାଇ ଫେରୁଥିବା ସମୟରେ ମୋହନଗିରୀ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଗାଡି ଓଲଟି ପଡିଥିଲା। ଫଳରେ ଘଟଣା ସ୍ଥଳରେ ଜଳଧରଙ୍କ ମୃତ୍ୟୁ ଘଟିଥିଲା।କ

## ସଂକ୍ଷେପରେ

### ବାଇକ୍ ଚୋରି ମାମଲା: ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

**ଜୁନାଗଡ଼,୨୮।୨(ଅଂଶୁମାନ ଯୋଶୀ):** କଳାହାଣ୍ଡି ଜିଲା ଜୁନାଗଡ଼ ସହରରେ ୨୦୨୪ ଅକ୍ଟୋବରରେ ହୋଇଥିବା ଏକ ବାଇକ୍ ଚୋରି ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜୁନାଗଡ଼ ଗ୍ରାମ୍ୟ ନ୍ୟାୟାଳୟ ଓ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ କୋର୍ଟର ବିଚାରପତି ସିଓନା ସିଦ୍ଧାର୍ଥ ମହାରଣା ଏହି ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ଜୁନାଗଡ଼ର ଗଣେଶ ମଲ୍ଲିକଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ ଦଣ୍ଡାଦେଶ ସହ ୧ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ହେଲେ ଅଧିକ ୩ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ସ୍ଥାନୀୟ ପିତାଗୁଡା ଗ୍ରାମର ଜଳନ୍ଧର ମାଝି ନିଜ ସମ୍ପର୍କୀୟଙ୍କ ସ୍ୱାସ୍ଥ୍ୟସେବା ପାଇଁ ଗତ ୪।୧୦।୨୪ରେ ଜୁନାଗଡ଼ ଡାକ୍ତରଖାନାକୁ ଆସିଥିଲେ। ତେବେ ରାତି ହେବାରୁ ସେ ଜୁନାଗଡ଼ସ୍ଥିତ ବସ୍‌ଷ୍ଟାଣ୍ଡରେ ବାଇକ୍ ରଖି ଶୋଇପଡ଼ିଥିଲେ। ସକାଳେ ବାଇକ୍ ନ ଥିବା ଦେଖି ସେ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସରକାରଙ୍କ ପକ୍ଷରୁ ଏହି ମାମଲାଟିକୁ କ୍ୟାଡ଼ର ଏପିପି ଅଶୋକ କୁମାର ନାୟକ ଓ ଦିଗମ୍ବର ନାଏକ ପରିଚାଳନା କରୁଥିଲେ।

### ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୋକସରା,୨୮।୨(ଦୁଷ୍ମନ୍ତ କୁମାର ପାଢ଼ୀଯୋଷୀ):** କଳାହାଣ୍ଡି ଜିଲା କୋକସରା ଗୋଷ୍ଠୀ ଶିକ୍ଷା ବିଭାଗରେ ଶୁକ୍ରବାର ନୂତନ ବିଇଓ ଭାବେ ମହେଶ କୁମାର ଭାଟି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବରୁ ଥିବା ରଶ୍ମିତା ନେତମଙ୍କ ବଦଳି ପରେ ତାଙ୍କ ସ୍ଥାନରେ ମହେଶଙ୍କୁ ନିଯୁକ୍ତ କରାଯାଇଛି। ଏହି ଅବସରରେ ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଶିକ୍ଷକ ସଂଘର କର୍ମକର୍ତ୍ତା ଓ ବିଆର୍‌ସିସି ତୋଫାନ ମାଝୀ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ନୂତନ ବିଇଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗ କାମନା କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବ୍ଲକ ସଭାପତି ଭୁରିଶ୍ରବା ଜାଲ, ସମ୍ପାଦକ ସୁବାସ ଚନ୍ଦ୍ର ବାଗ, ଉପସଭାପତି ବୀର କିଶୋର ନାଗ, ଏକ୍ସ କ୍ୟାଡର ଶିକ୍ଷକ ସଂଘ ପକ୍ଷରୁ ଗଗନ ବିହାରୀ ପଟ୍ଟନାୟକ ଉପସ୍ଥିତ ଥିଲେ।

### ବୃଦ୍ଧ ଦମ୍ପତିଙ୍କୁ ସହାୟତା ପାଇଁ ବିଡ଼ିଓଙ୍କୁ ଦାବିପତ୍ର

**ବେହେରା,୨୮।୨(ଭୂପେଶ ତିୱାରୀ):** କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ତେଣ୍ଡାପାଲି ପଞ୍ଚାୟତ ଘଣ୍ଟିଗୁଡ଼ା ଗ୍ରାମର ଅସହାୟ ବୃଦ୍ଧ ଦମ୍ପତିଙ୍କୁ ସହାୟତା ଯୋଗାଇ ଦେବାକୁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବୃଦ୍ଧ ଦମ୍ପତି ହରି ଗହୀର (୮୨) ଓ ମାଳତୀ ଗହୀର (୭୬)ଙ୍କ ପାଖରେ ଆଧାର କାର୍ଡ କିମ୍ବା ନିର୍ବାଚନ ପରିଚୟ ପତ୍ର ନାହିଁ। ସେଥିପାଇଁ ସରକାରଙ୍କ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ରହିବା ପାଇଁ ଘର ମଧ୍ୟ ନାହିଁ। ଏହା ଜାଣି ଧର୍ମଗଡ କେନ୍ଦ୍ରୀୟ ମାନବ ଅଧିକାର ସୁରକ୍ଷା ସଂଗଠନ ସଭାପତି ମାଧବ ଚାକ୍ରି, ଉପସଭାପତି ବିଜୟ ଦାସ, ମହିଳା ସଂଗଠନ ସଭାନେତ୍ରୀ ସାମଣି ସୋନୀ ପ୍ରମୁଖ ଧର୍ମଗଡ ବିଡ଼ିଓ ସଦାଶିବ ନାଏକଙ୍କୁ ଭେଟି ସହାୟତା ଯୋଗାଇଦେବାକୁ ଅନୁରୋଧ କରିଥିଲେ। ବିଡ଼ିଓ ଆଧାର ସେକ୍ସନ ଅଧିକାରୀଙ୍କୁ ଆଧାର କାର୍ଡ କରିବାକୁ ଆଦେଶ ଦେବା ସହ ନିଜେ ଯାଇ ସେମାନଙ୍କ ଖବର ନେବାକୁ ପ୍ରତିଶ୍ରୁତି ଦେଇଥିଲେ।

# ବିନା ଲାଇସେନ୍ସରେ ଚାଲିଛି ଖାଦ୍ୟସାମଗ୍ରୀ ଦୋକାନ

**ଭବାନୀପାଟଣା,୨୮।୨ (ଉତ୍ତମ କୁମାର ଦାଶ)**

**କଳାହାଣ୍ଡି ଜିଲା**
- ଜିଲାରେ ୧୭ଶହ ଦୋକାନୀ କରିଛନ୍ତି ଲାଇସେନ୍ସ
- ୮୫ ହଜାର ୨ଶହ ଜରିମାନା ଆଦାୟ
- ୭ଜଣଙ୍କ ନାମରେ ମାମଲା ରୁଜୁ

କଳାହାଣ୍ଡି ଜିଲାରେ ଖାଦ୍ୟ ସାମଗ୍ରୀ ଦୋକାନ ବୃଦ୍ଧି ପାଇବାରେ ଲାଗିଛି। ଏଥିରେ ଫୁଟ୍‌ପାଥ୍ ହୋଟେଲ, ବଡ ହୋଟେଲ, ଜଳଖିଆ ଦୋକାନ, ଢାବା, ରେଷ୍ଟୁରାଣ୍ଟ, ବେକରି ଆଦି ରହିଛି। ଏହିସବୁ ଦୋକାନରେ ଜଳଖିଆଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଭୋଜନ ଭେଜାଲ କରାଯାଉଥିବା ବେଳେ ସେଗୁଡିକୁ ନିୟମିତ ଯାଞ୍ଚ କରାଯାଉନାହିଁ। ଅନେକ ଯାତ୍ରା, ମହୋତ୍ସବରେ ପଡିଥିବା ଜଳଖିଆ ଦୋକାନରେ ବାସି ଖାଦ୍ୟ ବିକ୍ରି କରାଯାଉଥିବାବେଳେ ସେଗୁଡିକୁ ମଧ୍ୟ ଯାଞ୍ଚ କରାଯାଉନାହିଁ। ବାସି ଖାଦ୍ୟ ଖାଇ ଲୋକେ ଝାଡାବାନ୍ତିଠାରୁ ଆରମ୍ଭ କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହିସବୁ ଦୋକାନର ଖାଦ୍ୟଦ୍ରବ୍ୟ ଯାଞ୍ଚ କରିବା ପାଇଁ ଜିଲାରେ ଖାଦ୍ୟ ସୁରକ୍ଷା ଓ ଯାଞ୍ଚ ବିଭାଗ ରହିଛି । ଏହି ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ ହେବା କଥା। କିନ୍ତୁ ଜିଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ ଥିବା ଏହି ବିଭାଗ ଏବେ ନୀରବଦ୍ରଷ୍ଟା ସାଜିଛି। ଜିଲାର ଅଧିକାଂଶ ଦୋକାନର ଫୁଡ୍ ଲାଇସେନ୍ସ ନାହିଁ। ଦୋକାନ ଖୋଲିବା ପୂର୍ବରୁ ଦୋକାନ ମାଲିକ ଫୁଡ଼ ଲାଇସେନ୍ସ କରିବା ନିୟମ ରହିଛି। ଏଥିପ୍ରତି ଖାଦ୍ୟ ନିରୀକ୍ଷଣ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ଉକ୍ତ ଦୋକାନଗୁଡିକ ଲାଇସେନ୍ସ ନ କରି ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ଫାଙ୍କୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାରେ ବର୍ତ୍ତମାନ ସୁଦ୍ଧା ୧୭ଶହ ଜଣ (ଫୁଡ଼ ଲାଇସେନ୍ସ) ଜିଲା ଖାଦ୍ୟ ସୁରକ୍ଷା ଓ ଯାଞ୍ଚ ବିଭାଗରେ ପଞ୍ଜୀକରଣ କରିଛନ୍ତି। ଏଥିରେ ଭବାନୀପାଟଣା ସବ୍‌ଡିଭିଜନରେ ୧୨୩୭ ଓ ଧର୍ମଗଡ଼ ସବ୍‌ଡିଭିଜନରେ ୪୬୩। ଜିଲାରେ ଗତ ୨୦୨୪ ଏପ୍ରିଲ ପହିଲାରୁ ଫେବୃଆରୀ ଶେଷ ସୁଦ୍ଧା ୮୮୫ଟି ସ୍ଥାନରେ ଅତର୍କିତ ଚଢ଼ାଉ କରାଯାଇ ୮୫ ହଜାର ୨ଶହ ଟଙ୍କା ଫାଇନ କଟାଯାଇଛି। ସେହିପରି ୪୪୧ଖାଦ୍ୟ ଦୋକାନର ସାମ୍ପଲ ଲାବରେଟୋରିକୁ ପଠାଯାଇଛି। ୭ଜଣ ଦୋକାନୀଙ୍କ ଖାଦ୍ୟଦ୍ରବ୍ୟର ମାନ ଅତିନିମ୍ନମାନର ଓ ଏହା ସ୍ୱାସ୍ଥ୍ୟ ପାଇଁ ହିତକର ନ ଥିବାରୁ ସେମାନଙ୍କ ନାମରେ ବିଭାଗ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଏହାସହ ଯାଞ୍ଚ ସମୟରେ ଲାଇସେନ୍ସ କରି ନ ଥିବା ଦୋକାନୀଙ୍କୁ ନୋଟିସ ଜାରି କରାଯାଇଛି। ଏ ନେଇ ଭବାନୀପାଟଣା ଖାଦ୍ୟ ନିରୀକ୍ଷକ ଭାରତ ଭୂଷଣ ସ୍ୱାଇଁଙ୍କୁ ପଚାରିବାରୁ ଆଗକୁ ଏ ସମ୍ପର୍କିତ ଏକ ସଚେତନତା ରଥ ବୁଲିବ। ପରେ ଯେଉଁମାନେ ଲାଇସେନ୍ସ କରି ନ ଥିବେ କିମ୍ବା ନିୟମ ମାନୁ ନ ଥିବେ ଉକ୍ତ ଖାଦ୍ୟ ସାମଗ୍ରୀ ଦୋକାନ ଉପରେ ଚଢାଉ କରାଯିବ ବୋଲି କହିଥିଲେ।

# ରାଜା ଏ.ଟି. ହାଇସ୍କୁଲରେ ଜାତୀୟ ବିଜ୍ଞାନ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ କୃତୀ ପ୍ରତିଯୋଗୀ।

**ଖଡ଼ିଆଲ,୨୮।୨ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ରାମାନୁଜ ଗଣିତ କ୍ଲବ ଓ ଅବଦୁଲ କାଲାମ ବିଜ୍ଞାନ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ସମାରୋହରେ ବିଶ୍ୱ ବିଜ୍ଞାନ ଏବଂ ନୂତନତ୍ୱ ମଧ୍ୟରେ ଭାରତୀୟ ଯୁବ ପିଢ଼ିଙ୍କ ନେତୃତ୍ୱ ତଥା ବୈଜ୍ଞାନିକ ମନୋଭାବ ସୃଷ୍ଟି ଶୀର୍ଷକରେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଶୋକ କୁମାର ବେହେରା ଓ ପ୍ରଶାନ୍ତ କୁମାର ପଣ୍ଡା ଆଲୋଚନା କରିଥିଲେ। ଶିକ୍ଷକ ଗୌରାଙ୍ଗ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଜ୍ଞାନ ଶିକ୍ଷକ ପ୍ରଭୁଦତ୍ତ ପୁରୋହିତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ରାଜଶ୍ରୀ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁଇଜ୍‌ରେ ପ୍ରଭାତୀ ଜଗତ, ଝୁମୁକ ମହାନନ୍ଦ ଓ ରାଜବୀର ବହିଦାର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଏବଂ ବକ୍ତୃତାରେ ଯୁଗେଶ୍ୱର ସାହୁ ପ୍ରଥମ, ଝୁମୁକ ମହାନନ୍ଦ ଦ୍ୱିତୀୟ ଓ ପ୍ରଭାତୀ ଜଗତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।



ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯୁବତୀଯୁବକ।

# ବେଦାନ୍ତ ଲାଞ୍ଜିଗଡ଼ର ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଲାଞ୍ଜିଗଡ଼, ୨୮।୨(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବେଦାନ୍ତ ଲିମିଟେଡ଼ ତରଫରୁ ଦକ୍ଷତା ବିକାଶ କାର୍ଯ୍ୟକ୍ରମ (ଏସ୍‌ଡିପି) ଅନୁଷ୍ଠିତ ହୋଇଯାଇଛି । ଏସ୍‌ଡିପିର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରି ବେଦାନ୍ତ ଆଲୁମିନା ବ୍ୟବସାୟ ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ବେଦାନ୍ତରେ ଲକ୍ଷ୍ୟ ହେଉଛି ସ୍ଥାନୀୟ ଯୁବକମାନଙ୍କ ସାମର୍ଥ୍ୟ, ଆମର ଲାଭାଂଶ, ସେମାନଙ୍କୁ ବ୍ୟାପକ ଶିଳ୍ପ ସଂକ୍ରାନ୍ତୀୟ ତାଲିମ ପ୍ରଦାନ କରିବା। ଆମର ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ସ୍ଥାନୀୟ ଯୁବକମାନଙ୍କୁ ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ କରିବା। ଏହି ପରିବର୍ତ୍ତନଶୀଳ କାର୍ଯ୍ୟକ୍ରମ ଏକ କୁଶଳୀ ଓ ଆତ୍ମ ନିର୍ଭରଶୀଳ ମାନବସମ୍ବଳ ସୃଷ୍ଟି ପାଇଁ ଆମର ପ୍ରତିବଦ୍ଧତାର ଉଦାହରଣ। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ତିନିବର୍ଷ ମଧ୍ୟରେ ୧୨୦୦ରୁ ଅଧିକ ଗ୍ରାମୀଣ ଯୁବକମାନଙ୍କୁ ତାଲିମ ସହିତ ଉଦ୍ୟୋଗୀ ଓ ନିଯୁକ୍ତି ସୁଯୋଗ ପ୍ରଦାନ କରିବା। ଦକ୍ଷତା ବିକାଶ ପ୍ରାଧିକରଣ (ଓଏସଡ଼ିଏ) ଏବଂ ନାବାର୍ଡ ସହଯୋଗରେ ଆତ୍ମନିର୍ଭର ଭାରତର ପରିକଳ୍ପନା ସହିତ ତାଳମେଳ ରଖି ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଦ୍ୱାରା ୧୫ଟି ବ୍ୟାଚ୍ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ଏବଂ ପାନୀୟ ବ୍ୟବସାୟରେ ସଫଳତାର ସହ ତାଲିମ ଦିଆଯାଇଛି। ଏଗାରଟି ରାଜ୍ୟରେ ୧୨ରୁ ଅଧିକ ନିଯୁକ୍ତି ଅଂଶୀଦାରଙ୍କ ଏକ ବ୍ୟାପକ ନେଟ୍‌ୱର୍କ ଦ୍ୱାରା ୬୩୨ ଜଣ ତାଲିମପ୍ରାପ୍ତ ଯୁବକଙ୍କ ମଧ୍ୟରୁ ୪୭୫ ଜଣ ସଫଳ ଭାବରେ ପ୍ରତିଷ୍ଠିତ ସଂସ୍ଥାରେ ସ୍ଥାନ ପାଇଛନ୍ତି। ଏହି ନିଯୁକ୍ତି ସେମାନଙ୍କୁ ସାମାଜିକ-ଅର୍ଥନୈତିକ ମୁଖ୍ୟଧାରାରେ ସାମିଲ ସହିତ ସେମାନଙ୍କ ପାରିବାରିକ ଆୟରେ ଉଲ୍ଲେଖନୀୟ ବୃଦ୍ଧି କରିଛି।

# ରକ୍ତରେ ଭିଜିଲା ସପ୍ତମାତୃକା ଶୈବପୀଠ

**ତୁଣ୍ଡଲା,୨୮।୨ (ଫିରୋଜ କୁମାର ଦାଶ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍‌ର ବେଲଖଣ୍ଡିସ୍ଥିତ ଐତିହାସିକ ସପ୍ତମାତୃକା ଶୈବପୀଠ ପରିସରରେ ଗୁରୁବାର ଶତାଧିକ ପଶୁପକ୍ଷୀଙ୍କୁ ବଳିଦିଆଯାଇଛି। ଫଳରେ ରକ୍ତରଞ୍ଜିତ ହୋଇପଡ଼ିଥିଲା ଶୈବପୀଠ। ଓଡ଼ିଶାର ଶୈବପୀଠରେ ବଳିଦେବାର ପରମ୍ପରା ବିରଳ ହୋଇଥିବା ବେଳେ ଏଠାରେ ଶୈବ ଓ ଶାକ୍ତର ମିଳନ ଦେଖିବାକୁ ମିଳିଛି । ଆଦିବାସୀଙ୍କ ବିଶ୍ୱାସ ଅନୁସାରେ ମହାଶିବରାତ୍ରି ସମୟରେ ଅମାବାସ୍ୟାର ପରଦିନ ଏଠାରେ ବଳି ଦିଆଯିବା ପ୍ରଥା ରହିଛି। ଶୁକ୍ରବାର ସକାଳୁ ପୂଜାର୍ଚ୍ଚନା ପରେ ଧବଳେଶ୍ୱରଙ୍କ ମନ୍ଦିରରୁ ଚଣ୍ଡୀ କାଳିଶି ରୂପରେ ଶବାର ହେବା ପରେ ତାଙ୍କୁ କାନ୍ଧରେ ବୋହି ଦେବ ମୁହାଣ ପର୍ଯ୍ୟନ୍ତ ଅଣାଯାଇଥିଲା। ମୁହାଣରେ ପ୍ରଥମେ କଳାହାଣ୍ଡି ରାଜାଙ୍କ ଦ୍ୱାରା ପ୍ରେରିତ ବୋଦାକୁ ବଳି ଦିଆଯାଇଥିଲା। ପରମ୍ପରା ଅନୁଯାୟୀ କଳାହାଣ୍ଡି, ବଲାଙ୍ଗୀର, ବୌଦ୍ଧ ଓ ଫୁଲବାଣୀର ଅଠର ମାଝୀ ଷୋହଳ ପ୍ରଧାନୀ ଆଦିବାସୀଙ୍କଠାରୁ ଅରୁଆ ଚାଉଳ, ଫୁଲ, ସିନ୍ଦୂର ଓ ଟାଙ୍ଗିଆ ଆସିବା ପରେ ସିଦ୍ଧେଶ୍ୱରୀ ପୀଠରେ ପୂଜା କରାଯାଇଥିଲା। ପରେ ସିଦ୍ଧେଶ୍ୱରୀ ଚଣ୍ଡୀଙ୍କଠାରେ ମନସ୍କାମନା କରିଥିବା ଭକ୍ତମାନେ ଆଣିଥିବା ବୋଦାକୁ ବଳି ଦିଆଯାଇଥିଲା। ପୀଠରେ ପ୍ରାୟ ୪ ଶହରୁ ଅଧିକ ବୋଦା ବଳି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏଠାରେ ମନସ୍କାମନା ପାଇଁ ଦେବୀଙ୍କୁ ମନାସିଲେ ତାହା ପୂର୍ଣ୍ଣ ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଏହି ମନ୍ଦିରରେ ଶୈବ ଓ ଶାକ୍ତର ମହାମିଳନ ବୋଲି ମନ୍ଦିରର ମୁଖ୍ୟ ପୂଜକ ଦ୍ୱାରିକା ପ୍ରସାଦ ସିଂ କହିଛନ୍ତି । ମନ୍ଦିର ପୂଜା କମିଟି ସଭାପତି ପାର୍ଥବୀର ସେଲ୍‌ମା, ସମ୍ପାଦକ ପ୍ରଦୀପ ଦୋରା, ସ୍ଥାନୀୟ ସରପଞ୍ଚ ସୁଶାନ୍ତ ବାଗ, ସମିତି ସଭ୍ୟ ପ୍ରଦୀପ ନାଏକ, କମିଟି ସଦସ୍ୟ ଆର୍ତ୍ତତ୍ରାଣ ସିଂ, ବେଲଦାର ଭୋଇ, ଚକାମନ ନାଏକ ପ୍ରମୁଖଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି।

# ବିଳମ୍ବରେ ଆସୁଛନ୍ତି କର୍ମଚାରୀ

**ଭବାନୀପାଟଣା/ଜୁନାଗଡ଼,୨୮।୨ (ଉତ୍ତମ କୁମାର ଦାଶ/ସୁନୀଲ କୁମାର ସିଂହ)**

**ଜୁନାଗଡ଼ ବିଇଓଙ୍କ କାର୍ଯ୍ୟାଳୟ**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଶିକ୍ଷାଧିକାରୀ (ବିଇଓ)ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ କେତେଜଣ କର୍ମଚାରୀ ମନଇଚ୍ଛା ଅଫିସ ଆସୁଥିବା ଜଣାପଡିଛି। ଅଫିସ ସମୟ ଆରମ୍ଭ ପୂର୍ବାହ୍ନ ୧୦ଟା ହୋଇଥିବାବେଳେ ଏହି କର୍ମଚାରୀମାନେ ୧୧ଟା ପରେ ଅଫିସକୁ ଆସିଥାନ୍ତି। ଶୁକ୍ରବାର ପୂର୍ବତନ ନଗରପାଳ ମୁକେଶ ଅଗ୍ରୱାଲ କୌଣସି ତଥ୍ୟ ପାଇଁ ବିଇଓ ଅଫିସକୁ ଯାଇଥିବା ସମୟରେ ଅଫିସର ଏଷ୍ଟାବ୍ଲିଶମେଣ୍ଟ ସେକ୍ସନରେ କାର୍ଯ୍ୟରତ କର୍ମଚାରୀମାନେ ଦିନ ୧୧ଟା ୪୫ ପର୍ଯ୍ୟନ୍ତ ଆସି ନ ଥିଲେ। ଫଳରେ ଉକ୍ତ ସେକ୍ସନରେ ପଡିଥିବା ଚୌକି ଖାଲି ପଡିଥିବା ଦେଖିବାକୁ ମିଳିଥିଲା। ଏହି ବାବୁମାନେ ପ୍ରାୟ ସବୁଦିନ ଏପରି ବିଳମ୍ବରେ ଅଫିସକୁ ଆସିଥାନ୍ତି ବୋଲି ଅଭିଯୋଗ ହୋଇଛି। ହେଲେ ବିଭାଗ ସାମ୍ନାରେ ବସିଥିବା ବିଇଓ ଏହି ଘଟଣାକୁ କେମିତି ଜାଣିପାରନ୍ତି ନାହିଁ ତାହାକୁ ନେଇ ସାଧାରଣରେ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭବାନୀପାଟଣାରୁ ଏହି ବାବୁମାନେ ଏକା ସାଙ୍ଗରେ ଗୋଟିଏ ଗାଡିରେ ଜୁନାଗଡକୁ ଆସୁଥିବାରୁ ବିଳମ୍ବ ହେଉଥିବା କର୍ମଚାରୀଙ୍କଠାରୁ ଜଣାପଡିଛି। ଏ ନେଇ ଜୁନାଗଡ ବ୍ଲକ ଶିକ୍ଷାଧିକାରୀ ତପନ ମାଝୀଙ୍କୁ ପଚାରିବାରୁ ଏଚ୍‌ଆର୍‌ଏମ୍‌ଏସ୍ କାର୍ଯ୍ୟ ପାଇଁ ଶୁକ୍ରବାର ସେମାନଙ୍କ ଆସିବା ବିଳମ୍ବିତ ହୋଇଛି। ଆଗକୁ ବିଳମ୍ବ କଲେ କାରଣ ଦର୍ଶାଅ ନୋଟିସ ମାଗିବି ବୋଲି କହିଥିଲେ। କଳାହାଣ୍ଡି ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

# ଜିଲାର ଆବାସିକ ବିଦ୍ୟାଳୟରେ ତନାଘନା

**ନୂଆପଡା,୨୮।୨(ମକାରୁ ବେମାଲ)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟ ଛାତ୍ରାବାସରେ ଛାତ୍ରୀ ମା’ ହେବା ଘଟଣା ଆଲୋଚନାର ବିଷୟ ହୋଇଥିବାବେଳେ ନୂଆପଡା ଜିଲା ପ୍ରଶାସନ ଏହାକୁ ନେଇ ତତ୍ପରତା ପ୍ରକାଶ କରିଛି। ଶୁକ୍ରବାର ଜିଲାରେ ଥିବା ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଆବାସିକ ବିଦ୍ୟାଳୟରେ ତନାଘନା କରାଯାଇଛି। ଖୋଦ ଜିଲାପାଳ ମଧୁସୂଦନ ଦାସ, ଅତିରିକ୍ତ ଜିଲାପାଳ ଭିମସେନ ଶବର, ଅତିରିକ୍ତ ଜିଲାପାଳ ସୁବାସ ଚନ୍ଦ୍ର ରଇତ ଓ ଅନ୍ୟ ଅଧିକାରୀ ଜିଲାର ସମସ୍ତ ଅନୁସୂଚିତ ଜାତି ଜନଜାତି ଆବାସିକ ବିଦ୍ୟାଳୟକୁ ଯାଇ ଯାଞ୍ଚ କରିଛନ୍ତି। ଜିଲାପାଳ ଦାସ ନୂଆପଡା ସଦର ବ୍ଲକ କୋଟେନରୁଆସ୍ଥିତ ଅନୁସୂଚିତ ଜାତି ଜନଜାତି ଆବାସିକ ବାଳିକା ଉଚ୍ଚବିଦ୍ୟାଳୟକୁ ଯାଇ ସମସ୍ତ ପ୍ରସଙ୍ଗରେ ଦାୟିତ୍ୱରେ ଥିବା କର୍ମଚାରୀଙ୍କଠାରୁ ପଚାରି ବୁଝିଛନ୍ତି। ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ ଆମକୁ ସଜାଗ ରହିବାକୁ ହେବ ବୋଲି ଜିଲାପାଳ କହିଛନ୍ତି।


ଛାତ୍ରୀନିବାସ ଯାଞ୍ଚ କରୁଛନ୍ତି ଜିଲାପାଳ।

# କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା


ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରୁଛନ୍ତି ଶିକ୍ଷୟିତ୍ରୀଶିକ୍ଷକ।

**କଲମପୁର, ୨୮।୨(ଗଣେଶରାମ ବାଗ)**

କୁନି ପିଲାମାନଙ୍କୁ ଆନନ୍ଦଦାୟୀ ତଥା ଖେଳ ଆଧାରିତ ଶିକ୍ଷା ପ୍ରଦାନ କରିବା ପାଇଁ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। କଲମପୁର ଗୋଷ୍ଠୀ ଶିକ୍ଷା ଅଧୀନରେ ଥିବା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶ୍ରୀରାମ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଲୁବୁଟୁରାଠାରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୩ଶିକ୍ଷକ ଶିକ୍ଷୟିତ୍ରୀ ଭାଗ ନେଇଥିଲେ। ବିଭିନ୍ନ ଶିକ୍ଷଣ ଫଳାଫଳ ଆଧାରିତ ସାମଗ୍ରୀ ପ୍ରସ୍ତୁତ ଏହାର ଉଦ୍ଦେଶ୍ୟ। ସେହିପରି କଲମପୁର ଗୋଷ୍ଠୀ ଶିକ୍ଷା ଅଧୀନ ପୋଟେସ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା ଏଥିରେ କଲମପୁର କ୍ଲଷ୍ଟର ଅଧୀନରେ ଥିବା ସମସ୍ତ ବିଦ୍ୟାଳୟର ଜଣେ ଲେଖାଏ ଶିକ୍ଷକ ଯୋଗଦାନ କରିଥିଲେ। ପ୍ରଥମ ଦିନ ୨୭ତାରିଖରେ ପୋଟେସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମାଝୀ ଓ କଲମପୁର ଆଞ୍ଚଳିକ ସାଧନ କର୍ମୀ ନବଘନ ସାହୁ କର୍ମଶାଳା ଉଦ୍‌ଘାଟନ କରିଥିଲେ। ଉକ୍ତ କର୍ମଶାଳାରେ ୪୦ଟି ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରାଯାଇଥିଲା।

# ପିଡିଟି ଉପରେ ୫ଦିନିଆ ସଚେତନତା ଶିବିର

**ଥୁଆମୂଳ ରାମପୁର,୨୮।୨ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହଠାରେ ଜାତୀୟ ପଞ୍ଚାୟତ ପୁରସ୍କାର ଓ ପଞ୍ଚାୟତ ବିକାଶ ସୂଚୀ (ପିଡିଟି) ଉପରେ ୫ଦିନିଆ ସଚେତନତା ଶିବିର ବିଡିଓ ଧ୍ରୁବଚରଣ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଆର୍‌ଏସ୍, ପିଇଓ, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ, ସରପଞ୍ଚ, ସମିତି ସଭ୍ୟାସଭ୍ୟ ଅଂଶଗ୍ରହଣ କରିଥିଲେ। ତାଲିମଦାତା ଭାବରେ ଅଞ୍ଜଳି ସିଂହ ଓ ଅନ୍ୟ କର୍ମକର୍ତ୍ତା ଯୋଗଦେଇ ପିଡିଟି, ଡିଜିଟାଲ ଜ୍ଞାନ, ସ୍ୱୟଂସମ୍ପୂର୍ଣ୍ଣ ଅଧିକାରବିଷୟ ଉପରେ ତାଲିମ ପ୍ରଦାନ କରିଥିଲେ। ଶିବିରକୁ ଜିପିଓ ତ୍ରିଲୋଚନ ନାଏକ ପରିଚାଳନା କରିଥିବା ବେଳେ ବିଳାସ ନାଏକ ଓ ଜିଆର୍‌ଏସ୍ କବିତା ମାଝୀ ସହଯୋଗ କରିଥିଲେ।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଜୟପାଟଣା,୨୮।୨(ଓମ୍ ପ୍ରକାଶ ବୈଠାରୁ)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ୍ ସାଗୁନଭା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ପଟ୍ଟନାୟକଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍ଥାନୀୟ କୁଚାଗାଁ କ୍ଲଷ୍ଟର ଆନୁକୂଲ୍ୟରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଭବାନୀ ଶଙ୍କର ଠାକୁର ସଭାପତିତ୍ୱ କରିଥିଲେ। ଜୟପାଟଣା ବିଇଓ ପ୍ରେମ ନାରାୟଣ ପଣ୍ଡା ମୁଖ୍ୟ ଅତିଥି ଓ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୁରେନ୍ଦ୍ର ମୋହନ ଯୋଶୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ଖବରଦାତା ଶେଷଦେବ ବେହେରା, ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ସଞ୍ଜୟ କୁମାର ପଣ୍ଡା, ସମ୍ପାଦକ ଲଳିତ କୁମାର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍ଥାନୀୟ ସିଆର୍‌ସିସି ଅନନ୍ତ ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରେମାଞ୍ଚଳ ସାହୁ ଧନ୍ୟବାଦ ଦେଇଥିଲେ।



ସମ୍ବର୍ଦ୍ଧନା ସଭାରେ ଯୋଗଦେଇଥିବା ଅତିଥିମାନେ।

# କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ରାସ୍ତାରୋକୋ

**ତିଖାଲି ଡ୍ୟାମ୍‌ରୁ ଚାଷଜମିକୁ ଜଳସେଚନ ଦାବି**

**ଖଡ଼ିଆଲ,୨୮।୨ (ସୁଜିତ କୁମାର ପ୍ରଧାନ)**

ତିଖାଲି ଡ୍ୟାମ୍‌ରୁ ଚାଷଜମିକୁ ଜଳସେଚନ ଦାବିରେ ଶୁକ୍ରବାର ନୂଆପଡା ଜିଲା ଅଣଜଳସେଚିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡ୍ୟାମ୍ ଛକଠାରେ ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଏଥିରେ ପେଣ୍ଡରାବନ୍ଦ, ବରଗାଁ, ସାନମହେଶ୍ୱର, ଭୋଜପୁର, ଚନାବେ ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୪ ଗାଁର ଚାଷୀ ସାମିଲ ହୋଇଥିଲେ। ଚାଷୀଙ୍କ କହିବା କଥା ନୂଆପଡ଼ା ଜିଲ୍ଲା ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ୨୦୦୦ ମସିହାରୁ କାମ ଆରମ୍ଭ ହୋଇଥିଲା। ପ୍ରକଳ୍ପରେ ୩୦ଗୋଟି ଗାଁ ବୁଡ଼ିଯାଇଥିବା ବେଳେ ଅନେକ ହଜାର ଲୋକ ବିସ୍ଥାପିତ ହୋଇଛନ୍ତି। ଏହି ପ୍ରକଳ୍ପରୁ ପଡ଼ୋଶୀ ବଲାଙ୍ଗୀର ଜିଲ୍ଲାର ପାଖାପାଖି ୧୬ ହଜାର ହେକ୍ଟର ଚାଷଜମି ଜଳସେଚିତ ହେଉଛି। ହେଲେ ନୂଆପଡ଼ା ଜିଲ୍ଲାର ଉପରୋକ୍ତ ୫ ଗ୍ରାମପଞ୍ଚାୟତର ୨୪ ଗୋଟି ଗାଁର ଚାଷଜମିକୁ ଜଳସେଚିତ ହେଉନାହିଁ। ଅଞ୍ଚଳର ହଜାର ସଂଖ୍ୟାରେ ପରିବାର ବିସ୍ଥାପିତ ହୋଇ ଘରଦ୍ୱାର ହରାଇଥିବାବେଳେ ଚାଷଜମିକୁ ପାଣି ନ ମିଳିବା ଦୁର୍ଭାଗ୍ୟଜନକ ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି। ୨୦୧୪ରୁ ଏ ନେଇ ଦାବି ହୋଇଆସୁଥିବାବେଳେ ଜିଲ୍ଲାପାଳ, ଡ୍ୟାମ୍ ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ଜଳ ସମ୍ପଦ ବିଭାଗ ଓଡ଼ିଶା ସରକାରଙ୍କୁ ପର୍ଯ୍ୟାୟକ୍ରମେ ଜଣାଇ ଆସୁଛନ୍ତି। ହେଲେ ସୁଫଳ ନ ମିଳିବାରୁ ଶୁକ୍ରବାର ୩୫୩ ନଂ. ଜାତୀୟ ରାଜପଥ ଅବରୋଧ କରିଥିବା କହିଛନ୍ତି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ନୂଆପଡ଼ା ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ନୂଆପଡ଼ା ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପଜିଲାପାଳ ଯୋଗେନ୍ଦ୍ର ମାଝୀ ଆନ୍ଦୋଳନ ସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ଏ ନେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ସହ ଜିଲାପାଳ କଥା ହେଉଛନ୍ତି ଓ ଏହାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ୧ ମାସ ଭିତରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କମିଟି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଅଣ ଜଳସେଚିତ କ୍ରିୟାନୁଷ୍ଠାନ କମିଟି ସଭାପତି ଜଗତ ରାମ ଶବର, ସଂଯୋଜକ ସିଦ୍ଧାର୍ଥ ଶଙ୍କର ମହାପାତ୍ର, ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଅମରେଶ ପଟ୍ଟନାୟକ, ଗୌତମ ମୁଣ୍ଡ, କୃତ୍ତିବାସ ତାଣ୍ଡି, ପୂର୍ଣ୍ଣଚନ୍ଦ୍ର ଶବର, ଦେବରାଜ ମହାପାତ୍ର, ଉମେଶ କୁମାର ଠାକୁର, ପ୍ରେମବତୀ ନାଗ, ଅକ୍ରୁର ଶବର ପ୍ରମୁଖ ସାମିଲ ହୋଇଥିଲେ।



ତିଖାଲି ଡ୍ୟାମ୍ ଛକରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।

# ୯୪୦ ନିର୍ମାଣ ଶ୍ରମିକଙ୍କୁ ମିଳିଲା ୪.୯୧ କୋଟି

ସୋନପୁର,୨୮।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ଶ୍ରମ ବିଭାଗ ପକ୍ଷରୁ ଉଲୁଣ୍ଡା ବ୍ଲକ ଧର୍ମଶାଳା ଆରଏମ୍‌ସି ମାର୍କେଟ୍ ୟାର୍ଡ ପରିସରରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଶୁକ୍ରବାର ଆୟୋଜିତ ହୋଇଯାଇଛି। ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନେ ବିକାଶର ପ୍ରକୃତ ବିଧାଣୀ, ସେମାନଙ୍କ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଜିଲାରେ ନିର୍ମାଣ ଶ୍ରମିକଙ୍କ ପାଇଁ ଏକ ଭବନ ନିର୍ମାଣ କରିବା ପାଇଁ ସେ ଉଦ୍ୟମ କରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ଜିଲା ଶ୍ରମିକ ସଙ୍ଗଠନ ସମନ୍ୱୟ ସମିତିର ସଭାପତି ଗୋବିନ୍ଦ ମହାରଣା, ସହକାରୀ ଶ୍ରମ ଅଧିକାରୀ ସ୍ନିଗ୍ଧତା ଦେବୀ, ଚିନ୍ମୟ ମେହେର, ସପ୍ରତିଭ ପଧାନ ଓ ସୌମ୍ୟରଞ୍ଜନ ସାହୁ ଯୋଗଦାନ କରିଥିଲେ। ପ୍ରଭାଗୀୟ ଶ୍ରମ ଆୟୁକ୍ତ ତଥା ଭାରପ୍ରାପ୍ତ ସୁବର୍ଣ୍ଣପୁର ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ସଭାରେ ଅଧକ୍ଷତା କରି ଜିଲାରେ ୨୦୧୦ରୁ ନିର୍ମାଣ ଶ୍ରମିକ ପଞ୍ଜିକରଣ ଆରମ୍ଭ ହୋଇଥିବା ବେଳେ ଏ ପର୍ଯ୍ୟନ୍ତ ୮୬ହଜାର ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଥିବା କହିଥିଲେ। ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ପ୍ରସୂତିକାଳୀନ ସହାୟତା, ଶିକ୍ଷାବୃତ୍ତି ସହାୟତା, ବିବାହ ସହାୟତା, ଯନ୍ତ୍ରପାତି କ୍ରୟ ସହାୟତା, ମୃତ୍ୟୁ ସହାୟତା ଓ ଅନ୍ତେଷ୍ଟିକ୍ରିୟା ସହାୟତା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଜିଲାର ସୋନପୁର, ବୀରମହାରାଜପୁର,



ଅତିଥିଙ୍କ ଗହଣରେ ସହାୟତା ପାଇଥିବା ହିତାଧିକାରୀ।

### ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

ଉଲୁଣ୍ଡା, ବିନିକା, ତରଭା ଓ ଡୁଙ୍ଗୁରିପାଲି ବ୍ଲକର ପଞ୍ଜିକୃତ ୯୪୦ ନିର୍ମାଣ ଶ୍ରମିକଙ୍କୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ୪କୋଟି ୯୧ଲକ୍ଷ ୭୮ହଜାର ୪୦୦ ଟଙ୍କାର ସହାୟତା ରାଶି ଅନଲାଇନରେ ପ୍ରଦାନ କରା ଯାଇଥିଲା। ମୁଖ୍ୟ ଅତିଥି ବିଧାୟକ ଜଗଦଲା ନିର୍ମାଣ ଶ୍ରମିକଙ୍କୁ ଡେମୋ ଚେକ୍ ପ୍ରଦାନ କରିଥିଲେ। ବାଙ୍କ ବିହାରୀ ମହଲା ସଭାକୁ ସଂଯୋଜନା କରିଥିବା ବେଳେ ଉଲୁଣ୍ଡା ବ୍ଲକର ସହକାରୀ ଶ୍ରମ ଅଧିକାରୀ ଲିପିକା ରାଜ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଶତାଧିକ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ। ଅନିତା ନାଗ, ପ୍ରିୟଦର୍ଶନୀ ପଧାନ ଓ ନାରାୟଣ ବିଶି ସହଯୋଗ କରିଥିଲେ।

# ରାସ୍ତା ମରାମତି ପାଇଁ ରାସ୍ତାରୋକୋ



ଗ୍ରାମବାସୀ ରାସ୍ତା ଅବରୋଧ କରି ବସିଛନ୍ତି।

କଣ୍ଟାମାଳ,୨୮।୨(ଆଦିତେଶ୍ୱର ମିଶ୍ର)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ତେଲନଦୀ ସେତୁରେ ଶୁକ୍ରବାର ରାସ୍ତା ପାଇଁ ରାସ୍ତାରୋକୋ ଆନ୍ଦୋଳନ ହୋଇଛି। ବୌଦ୍ଧ ଜିଲାଠାରୁ ସୋନପୁରକୁ ସଂଯୋଗ କରୁଥିବା କଣ୍ଟାମାଳ-ତରଭା ରାସ୍ତା ଭାରିଯାନ ଚଳାଚଳ ଯୋଗୁ ଅଳ୍ପ ଦିନରେ ନଷ୍ଟ ହେଉଛି। ବାରମ୍ବାର ମରାମତି ସତ୍ତ୍ୱେ ରାସ୍ତା ଅବସ୍ଥା ସୁଧୁରୁନାହିଁ। ମରାମତି ପାଇଁ ପ୍ରଶାସନ ପାଖରେ ଗୁହାରି କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ରବି ସାହୁଙ୍କ ନେତୃତ୍ୱରେ କଣ୍ଟାମାଳ ଓ ବନ୍ଧକଡା ଗ୍ରାମବାସୀ ତେଲନଦୀ ସେତୁ ନିକଟରେ ସକାଳ ୬ରୁ ମଧ୍ୟାହ୍ନ ୧୨ଟା ଯାଏଁ ଯାନବାହନକୁ ଅଟକାଇ ଧାରଣା ଦେଇଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପକ୍ଷେ ୧୫ ଦିନ ମଧ୍ୟରେ ରାସ୍ତା ମରାମତି ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଶ୍ରମିକ ହେଲେ ବିଶ୍ୱକର୍ମା: ଜିଲାପାଳ


ଜଣେ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ ସହାୟତା ପ୍ରଦାନ କରାଯାଉଛି।

ବୌଦ୍ଧ,୨୮।୨(ଅଜିତ କୁମାର ବାରିକ)

### ଜିଲାସ୍ତରୀୟ ନିର୍ମାଣ ଶ୍ରମିକ ସମାରୋହ

ବୌଦ୍ଧ ଜିଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଶୁକ୍ରବାର ଟାଉନ ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଏମ୍‌ପି ପ୍ରତିନିଧି ଯୁଗଳ କିଶୋର ସାମଲ, ପଞ୍ଚାୟତ ସମିତି ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାପାଳ ଶ୍ରମିକମାନଙ୍କୁ ବିଶ୍ୱକର୍ମା କହିବା ସହ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସୂଚନା ଦେଇଥିଲେ। ଏହାଦ୍ୱାରା ସେମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହ ପିଲାଙ୍କୁ ପାଠ ପଢାଇପାରିବେ ଜିଲାପାଳ ମତବ୍ୟକ୍ତ କରିଥିଲେ। ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଂସ୍କୃତ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସମାରୋହରେ ସମସ୍ତ ଟ୍ରେଡ୍ ୟୁନିୟନର କର୍ମକର୍ତ୍ତା, ନିର୍ମାଣ ଶ୍ରମିକ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ୪୬୭ ହିତାଧିକାରୀଙ୍କୁ ୨ କୋଟି ୯୩ ଲକ୍ଷ ୪୨ ହଜାର ଟଙ୍କା ଡିବିଟି ମୋଡ୍‌ରେ ସହାୟତା ପ୍ରଦାନ କରାଯାଇଥିଲା।

# ବିଜ୍ଞାନ ଦିବସରେ କୁଇଜ ପ୍ରତିଯୋଗିତା

ଅମରପାଲି,୨୮।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଅମରପାଲି ହାଇସ୍କୁଲରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି କୁଇଜ ପ୍ରତିଯୋଗିତାରେ ସ୍କୁଲର ପ୍ରାୟ ୫୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବିଜ୍ଞାନ ଶିକ୍ଷକ ସମ୍ବିତ ପ୍ରଧାନ ଓ ପଦ୍ମନାଭ ପ୍ରଧାନ ଜାତୀୟ ବିଜ୍ଞାନ ଦିବସ ପାଳନର ତାତ୍ପର୍ଯ୍ୟ ଓ ନିତି ଦିନିଆ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। କହ୍ନେଇ ଚରଣ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ହୋଇଥିବା ବିଜ୍ଞାନଭିତ୍ତିକ କୁଇଜ ପ୍ରତିଯୋଗିତାରେ ସିଦ୍ଧାର୍ଥ ଶଙ୍କର ସେଠୀ ପ୍ରଥମ, ଆଲୋକ ପ୍ରଧାନ ଦ୍ୱିତୀୟ ଓ ଚନ୍ଦନ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ନଟବର ରଣା, ନଟିଆ ଚରଣ ସାହୁ ଓ ଜଗନ୍ନାଥ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଛାତ୍ରୀମାନଙ୍କ ଘୁଡୁକା ନୃତ୍ୟ ମନମୋହିଲା

ଅମରପାଲି,୨୮।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଘୁଡୁକା ନୃତ୍ୟ ପରିବେଷଣ କରୁଛନ୍ତି। ଏହା ସମସ୍ତଙ୍କ ମନକୁ ମୋହିଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ଚାନ୍ଦ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଅନୁଷ୍ଠିତ ସାଧାରଣ ସଭାରେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଭିତ୍ତିଭୂମି ଓ ଅନ୍ୟାନ୍ୟ ଆବଶ୍ୟକତା ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୀରମହାରାଜପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ତମ ଚରିତ୍ର ଓ ରାଷ୍ଟ୍ରପ୍ରେମୀ ହେବା ପାଇଁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ଅନୁସୟା ପଧାନ, ସ୍ଥାନୀୟ ବାପୁଜୀ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶେଷଦେବ ମିଶ୍ର, ସଂଗ୍ରାମପୁର କ୍ଲଷ୍ଟରର ସିଆରସିସି ଅନାଦି ଜଗଦଲା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଜ୍ୟୋତ୍ସ୍ନାମୟୀ ଷଡ଼ଙ୍ଗୀ, ପଞ୍ଚସଖା ଶିକ୍ଷାସେତୁର ସଭାପତି ସପନ ପଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗୀତ ନିର୍ଦ୍ଦେଶକ ହୃଷୀକେଶ ଦାସଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଅଚ୍ୟୁତାନନ୍ଦ ସାହୁ ସଭା ସଂଯୋଜନା କରିବା ସହିତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ କ୍ରିଷ୍ଣପ୍ରିୟା ମହାନନ୍ଦ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପ୍ରାଣବନ୍ଧୁ ସାହୁ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ କମିରା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ଷଡ଼ଙ୍ଗୀ ଓ ଚକ୍ରଧର ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ଭାବେ ବିଜୟିନୀ ପ୍ରଧାନ, ପରିଷ୍କାର ପରିଚ୍ଛନ୍ନତା ପାଇଁ ଆୟୁଷ୍ମାନ ପ୍ରଧାନ, ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ସମ୍ବିତ ପାତ୍ର, ପରିବେଶ ପରିଚ୍ଛନ୍ନତା ପାଇଁ ରୁଚିରାଣୀ ପ୍ରଧାନ, ଶ୍ରେଷ୍ଠ ଉପସ୍ଥାନ ପାଇଁ ବିଦୁସ୍ମିତା ପ୍ରଧାନ, ଚଳିତ ଶିକ୍ଷାବର୍ଷର ଶ୍ରେଷ୍ଠ ଛାତ୍ରୀ ଭାବେ ଅମ୍ରିତା ଷଡ଼ଙ୍ଗୀ ଏବଂ ଗତ ବାର୍ଷିକ କ୍ରୀଡାରେ ବିଭିନ୍ନ ବର୍ଗରେ ଚାମ୍ପିୟନ ହୋଇଥିବା ବାଦଲ ପ୍ରଧାନ, ଅର୍ଚ୍ଚିତା ସାହୁ ଓ ଡିଲେଶ୍ୱରୀ ପଧାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ର ମାନଙ୍କ ଦାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ନାଟ୍ୟ ଓ ନୃତ୍ୟ ନିର୍ଦ୍ଦେଶକ ବାସୁଦେବ ନାଏକଙ୍କ ରଚନା ଓ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପାହାନ୍ତି ସପନ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ତପସ୍ୱିନୀ ବାହୁକ, ରଞ୍ଜନ ହରିପାଲ, ଚନ୍ଦ୍ରମଣି ବାଘ, ରଞ୍ଜିତ ପଧାନ ସହଯୋଗ କରିଥିଲେ।


ବାର୍ଷିକ ଉତ୍ସବରେ ଛାତ୍ରୀମାନେ ଘୁଡୁକା ନୃତ୍ୟ ପରିବେଷଣ କରୁଛନ୍ତି।

### କମିରା ୟୁପି ସ୍କୁଲର ବାର୍ଷିକ ଉତ୍ସବ

# ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୨୮।୨(ଅଜିତ କୁମାର ବାରିକ)

### ନାବାଳିକାଙ୍କ ଅସଦାଚରଣ ମାମଲା

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ଶୁକ୍ରବାର ଏକ ଅସଦାଚରଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଯେ, ବୌଦ୍ଧ ଥାନା ଅନ୍ତଗତ ରାଧାନଗର ଗ୍ରାମର ଜଣେ ନାବାଳିକା ଗତ ତା୧୩।୯।୨୦୨୧ରିଖରେ ଏକ ଦୋକାନକୁ ଆସିଥିବା ବେଳେ ଅଭିଯୁକ୍ତ ଶେଷ ଦେହୁରୀ (୫୫) ତାଙ୍କୁ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ନାବାଳିକା ଜଣଙ୍କ ଖସି ପଳାଇଥିଲେ ଏବଂ ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ପରିବାର ଲୋକେ ଗତ ତା୧୫।୯।୨୦୨୧ରିଖରେ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବୌଦ୍ଧ ଥାନାରେ ଏକ ମାମଲା (ନଂ.୨୨୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲତରେ ସ୍ପେଶାଲ କେସ୍ ନଂ.୧୩/୨୧(ପୋସ୍କ)ରେ ବିଚାର ହୋଇଥିଲା। ମାମଲାରେ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଶେଷ ଦେହୁରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅଶୋକ କୁମାର ସାହୁ ପରିଚାଳନା କରୁଥିଲେ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ

ସୋନପୁର,୨୮।୨(ମୃତ୍ୟୁଞ୍ଜୟ ଶତପଥୀ)

ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଲବ କୁମାର ମିଶ୍ରଙ୍କ ପରଲୋକ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ମରଶରୀର ଗୋକର୍ଣ୍ଣେଶ୍ୱରପଡା ସ୍ଥିତ ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ଆତ୍ମୀୟ ଶେଷ ଦର୍ଶନ କରିଥିଲେ। ଶୁକ୍ରବାର ଗୋକର୍ଣ୍ଣେଶ୍ୱର ଶ୍ମଶାନ ଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ଦୀନେଶ ରଞ୍ଜନ ମିଶ୍ର ମୁଖାଗ୍ନି ଦେଇଛନ୍ତି। ସେ ରାଜ୍ୟପାଳ ପୁରସ୍କାର ପାଇଥିଲେ।

# ବ୍ଲକ ସ୍ଥାପନ ପାଇଁ ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପ୍ରତିନିଧିମଣ୍ଡଳୀ

ତରଭା,୨୮।୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲାର ତରଭା ବ୍ଲକରେ ଥିବା ସର୍ବପୁରାତନ ଓ ସର୍ବବୃହତ୍ତ ମେଣ୍ଡା ଗ୍ରାମକୁ ଏକ ବ୍ଲକ କରିବା ଦାବି ହୋଇଛି। ଏନେଇ ମେଣ୍ଡା ଗ୍ରାମବାସୀ ଓ ଆଖପାଖରେ ଥିବା ପଞ୍ଚାୟତର ଏକ ପ୍ରତିନିଧି ମଣ୍ଡଳୀ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓଙ୍କ ସହ ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓଙ୍କୁ ପାଟଣାଗଡ ରାଜଖମାର ବାସଭବନରେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଦାବି ମେଣ୍ଡାକୁ ଏକ ବ୍ଲକ କଲେ ଆଖପାଖ ଥିବା ଅଞ୍ଚଳର ବହୁ ପଞ୍ଚାୟତର ଜନସାଧାରଣ ଉପକୃତ ହୋଇପାରିବେ। ରାଜୁଡା ଅମଳରୁ ମେଣ୍ଡା ଏକ ଉନ୍ନତ ସଂସ୍କୃତି ସମ୍ପନ୍ନ ତଥା ଐତିହାସିକ ସ୍ଥାନ ରୂପେ ପରିଚିତି ରହିଛି। ତେଣୁ ମେଣ୍ଡାଠାରେ ବ୍ଲକ ସ୍ଥାପନ କରାଯିବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ମୁକୁନ୍ଦ ସାହୁ, ସନାତନ କର୍ମୀ, କ୍ଷମାନିଧି ଝାଙ୍କର, ରାଜୀବ ଯୋଶୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହୃଷୀକେଶ ପାତ୍ର, ପ୍ରମୋଦ ପରଡିଆ, ଭିକାରୀ ମେହେର, ସିଦ୍ଧାର୍ଥ ଅଗ୍ରୱାଲ, ବିଭୂତି ଝାଙ୍କର, ଭୁବନାନନ୍ଦ ବାଦି, ସବ୍ୟସାଚୀ ଦଣ୍ଡସେନା ପ୍ରମୁଖ ସାମିଲ ହୋଇଥିଲେ।

# ଜଳିଗଲା କପା ବଗିଚା କ୍ୟାମ୍ପ



ବଘିଆପଡା,୨୮।୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଥାନା ବଘିଆପଡା ଫାଣ୍ଡି ଅନ୍ତର୍ଗତ ବିଜାପଦର ଗ୍ରାମ ନିକଟରେ ଥିବା କପା ବଗିଚା କ୍ୟାମ୍ପରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ନିଆଁ ଲାଗି ଭସ୍ମୀଭୂତ ହୋଇଛି। ଅଗ୍ନିକାଣ୍ଡରେ ଏକ ଟ୍ରାକ୍ଟର, ବାଇକ, କପା ଅମଳ ମେଶିନ ସହ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ବିଜାପଦର ଗ୍ରାମ ନିକଟରେ ଥିବା ରାମ ରାଓ ନାମକ ଜଣେ ଆନ୍ଧ୍ର କପା ଚାଷୀଙ୍କ କ୍ୟାମ୍ପରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିଲେ। ଫଳରେ ନିଆଁ ବ୍ୟାପିଯାଇ ନିକଟରେ ଥିବା ଭାନୁ ପ୍ରସାଦଙ୍କ ଟ୍ରାକ୍ଟର (ନଂ.ଏପି୩୯ଏନ୍‌ଟି/୮୦୬୦), ଏକ ବାଇକ ସହ ଅନ୍ୟ ଆସବାବପତ୍ର ପୋଡ଼ି ଯାଇଥିଲା। ବୌଦ୍ଧ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଖବର ପାଇ ବଘିଆପଡ଼ା ଆର୍‌ଆଇ ଗଣେଶ୍ୱର ଭୁକ୍ତା ସେଠାରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିଥିଲେ।

# ସଭ୍ୟାସଭ୍ୟଙ୍କ କକ୍ଷତ୍ୟାଗ, ଜିଲା ପରିଷଦ ବୈଠକ ନୋହିଲା

ସୋନପୁର,୨୮।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାପାଳ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ୟା ଦାସଙ୍କ ଅନୁପସ୍ଥିତିକୁ ନେଇ ସ୍ୱତନ୍ତ୍ର ଜିଲା ପରିଷଦ ବୈଠକରେ ଶୁକ୍ରବାର ହୋହଲ୍ଲା ହୋଇଥିଲା। ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲାଙ୍କ ସମେତ ସଭ୍ୟା ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାପାଳ ନ ଆସିଲେ ବୈଠକ ଆରମ୍ଭ ହୋଇପାରିବ ନାହିଁ ବୋଲି ସଂଖ୍ୟାଧିକ ନିର୍ବାଚିତ ପ୍ରତିନିଧି ରୋକଠୋକ୍ ଭାବେ ଜଣାଇଥିଲେ। ପରେ ପ୍ରତିବାଦ ଜଣାଇ ମୋଟ ୧୩ରୁ ୧୧ଜଣ ଜିଲା ପରିଷଦ ସଭ୍ୟାସଭ୍ୟ ଓ ଜିଲାର ସମସ୍ତ ୬ଟି ପଞ୍ଚାୟତ ସମିତିର ଅଧ୍ୟକ୍ଷା ଅଧ୍ୟକ୍ଷ କକ୍ଷ ତ୍ୟାଗ କରିଥିଲେ। ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଓ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ବୈଠକରେ ସାମିଲ ହେବାକୁ ଅନୁରୋଧ କରିଥିଲେ ମଧ୍ୟ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ବୈଠକ ହୋଇ ପାରିନାହିଁ। ଜିଲାପାଳ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଅଭିଯୋଗ ଶୁଣୁନାହାନ୍ତି। ଗୁରୁତ୍ୱପୂର୍ଣ୍ଣ ବୈଠକରେ ସେ ଅନୁପସ୍ଥିତ ରହୁଛନ୍ତି। ତେଣୁ ଏ ସମ୍ପର୍କରେ ପଞ୍ଚାୟତିରାଜ ବିଭାଗର ପ୍ରଧାନ ସଚିବଙ୍କୁ ଅବଗତ କରାଯିବ ବୋଲି ଜିଲା ପରିଷଦ ଅଧ୍ୟକ୍ଷା ଓ ଜିଲା ପରିଷଦ ସଭ୍ୟାସଭ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

୨୦୨୫-୨୬ ଆର୍ଥିକ ବର୍ଷର ଡିଷ୍ଟ୍ରିକ୍ଟ ପଞ୍ଚାୟତ ଡେଭଲପମେଣ୍ଟ ପ୍ଲାନ(ଡିପିଡିପି) ଅନୁମୋଦନ ଓ ଗତ ଜିଲା ପରିଷଦ ବୈଠକର ପ୍ରସ୍ତାବ ଗୁଡିକୁ ସୁଦୃଢୀକରଣ କରିବା ପାଇଁ ସ୍ୱତନ୍ତ୍ର ଜିଲା ପରିଷଦ ବୈଠକ ଆହ୍ୱାନ ହୋଇଥିଲା। ବୈଠକରେ ଉପସ୍ଥିତ ରହିବା ପାଇଁ ଜିଲା ପରିଷଦ କାର୍ଯ୍ୟାଳୟ ପକ୍ଷରୁ ନିର୍ବାଚିତ ଲୋକ ପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀଙ୍କୁ ପୂର୍ବରୁ ଚିଠି କରାଯାଇଥିଲା। ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଓ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ବ୍ୟତୀତ ପ୍ରାୟ ସମସ୍ତ ସଭ୍ୟାସଭ୍ୟ ବୈଠକରେ ଉପସ୍ଥିତ ଥିଲେ। ଜିଲାପାଳଙ୍କୁ ସଭ୍ୟାସଭ୍ୟ ଅପେକ୍ଷା କରିଥିଲେ। ତେବେ ଜିଲାପାଳ କୌଣସି କାରଣରୁ ବୈଠକକୁ ଆସି ପାରିବେ ନାହିଁ ବୋଲି ସୂଚନା ମିଳିଥିଲା। ଏଥିନେଇ ନିର୍ବାଚିତ ଲୋକ ପ୍ରତିନିଧିମାନେ ପ୍ରତିବାଦ କରିଥିଲେ। ଆମ ଅଭିଯୋଗ ଶୁଣାଯାଉନି। ଜିଲା ପରିଷଦ ବୈଠକ ଠିକ୍ ସମୟରେ ବସୁନି। ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକ ଆହ୍ୱାନ କରାଯାଉନି। ନୀତି ନିୟମକୁ ଜଳାଞ୍ଜଳି ଦିଆଯାଉଛି, ଆମେ ରାଜ୍ୟ ସରକାରଙ୍କୁ ଜଣାଇବୁ ବୋଲି ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ କହିଥିଲେ। ଜିଲା ପରିଷଦ ସଭ୍ୟ ମଧୁସୂଦନ ହୋତା କହିଥିଲେ, ସୁବର୍ଣ୍ଣ ଲୋକ ମହୋତ୍ସବରେ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ନିମନ୍ତ୍ରଣ କରାଗଲାନି। ବୈଠକରେ ଆମେ ଅଞ୍ଚଳର ସମସ୍ୟାକୁ ଉପସ୍ଥାପନ କରିବାକୁ ଚାହୁଁଛୁ। ହେଲେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତରେ ଶୁଣିବ କିଏ ବୋଲି ପ୍ରଶ୍ନ କରିଥିଲେ। ଅଭିଯୋଗର ସମାଧନ କିଭଳି ହେବ ବୋଲି ସଭ୍ୟାସଭ୍ୟ ମାନେ କହିଥିଲେ। ଏଭଳି ଆଲୋଚନା ପରେ ସମସ୍ତ ଲୋକ ପ୍ରତିନିଧି ଓ ଜିଲାସ୍ତରୀୟ ଅଧିକାରୀ ବୈଠକ ସ୍ଥଳ ଛାଡି ବାହାରକୁ ଚାଲିଯାଇଥିଲେ। ଫଳରେ ବ୍ଲକସ୍ତରରୁ ସିଏଫ୍‌ସି ଓ ଏସଏଫ୍‌ସି ଯୋଜନାରେ ଆସିଥିବା ପ୍ରକଳ୍ପ ଗୁଡିକ ଅନୁମୋଦନ ଲାଭ କରିପାରିନି।

ଗତ ନଭେମ୍ବର ୨୦ ଜିଲା ପରିଷଦ ବୈଠକରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଓ ସମସ୍ତ ସଭ୍ୟା ସଭ୍ୟ ନିର୍ଦ୍ଧାରିତ ସମୟରେ ଯୋଗ ଦେଇଥିଲେ। ବୈଠକ ଆରମ୍ଭ ହେବାର ଅଧା ଘଣ୍ଟା ପର୍ଯ୍ୟନ୍ତ ଜିଲାପାଳ ତଥା ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବୈଠକରେ ଅନୁପସ୍ଥିତ ଥିଲେ। ଜିଲାପାଳଙ୍କ ଅଭିଭାଷଣ ବିନା ଜିଲା ପରିଷଦ ସଭାପତି ଠେଲାଙ୍କ ଅଧ୍ୟକ୍ଷତାରେ ବୈଠକ ଆରମ୍ଭ ହୋଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିକୁ ନେଇ ଜିଲା ପରିଷଦ ସଭ୍ୟା ସଭ୍ୟ ଓ ବ୍ଲକ ଅଧ୍ୟକ୍ଷା ଅଧ୍ୟକ୍ଷ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। କାର୍ଯ୍ୟବ୍ୟସ୍ତତା ଭିତରେ ବିଧାୟକ ଦ୍ୱୟ ବୈଠକରେ ଯୋଗଦାନ କରୁଥିବା ବେଳେ ଜିଲାପାଳ ଅନୁପସ୍ଥିତ ରହିବାକୁ ନେଇ ପ୍ରତିବାଦ ହୋଇଥିଲା। ଜିଲାପାଳଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଆଗତ କରିବାକୁ ଜିଲା ପରିଷଦ ସଭ୍ୟ ମଧୁସୂଦନ ଓତା କହିଥିଲେ। ଏପରିକି ଅଧିକାଂଶ ଜିଲା ପରିଷଦ ସଭ୍ୟମାନେ କକ୍ଷ ତ୍ୟାଗ କରି ବାହାରକୁ ଚାଲି ଯାଇଥିଲେ। ବୈଠକ କିଛି ସମୟ ପାଇଁ ବନ୍ଦ ରହିଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ମେହେର ଜିଲାପାଳଙ୍କୁ ଡାକିବାକୁ ବାହାରକୁ ଚାଲି ଯାଇଥିଲେ। ଜିଲାପାଳ ବୈଠକକୁ ଆସିବା ପରେ ବୈଠକ ସ୍ୱାଭାବିକ ହୋଇଥିଲା। ଗତ ଥରର ଘଟଣାକୁ ନେଇ ଶୁକ୍ରବାର ବୈଠକରେ ପୁଣି ଚର୍ଚ୍ଚା ହୋଇଥିଲା।


ସୁବର୍ଣ୍ଣପୁର ସ୍ୱତନ୍ତ୍ର ଜିଲା ପରିଷଦ ବୈଠକକୁ ବନ୍ଦ କରିବା ପାଇଁ ସଭ୍ୟାସଭ୍ୟ ଦାବି କରୁଛନ୍ତି।

### ଜିଲାପାଳଙ୍କ ଅନୁପସ୍ଥିତିକୁ ନେଇ ଅସନ୍ତୋଷ

## ସଂକ୍ଷେପରେ

### ଗଞ୍ଜେଇ ଜବତ: ଜଣେ ଗିରଫ

**ରାଜଗାଙ୍ଗପୁର,୨୮।୨(ଅଶୋକ ପାଣି):** ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ଅବକାରୀ ବିଭାଗ ପକ୍ଷରୁ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ କିଶୋର ସାହୁ। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ତାଙ୍କଠାରୁ ୧କେଜି ୧୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ସୂଚନା ମୁତାବକ, ଶୁକ୍ରବାର ସକାଳ ୭ଟାରେ କିଶୋର ଗଞ୍ଜେଇ ଏକ ବ୍ୟାଗରେ ନେଇ ଯାଉଥିବା ସମୟରେ ରାଜଗାଙ୍ଗପୁର ଅବକାରୀ ବିଭାଗ ଅଧିକାରୀ ବିଜୟ ଲାକ୍ରା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସଦଳବଳ ଚଢ଼ାଉ କରିଥିଲେ।

### ଠକାମିର ଶିକାର ହେଲେ ବିସ୍ଥାପିତ

**ସୁନ୍ଦରଗଡ,୨୮।୨(ଜୟ ନାରାୟଣ ମେଣ୍ଡୁଲି):** ହେମଗିରି ଥାନା ଅନ୍ତର୍ଗତ ଜାମକାନି ଗ୍ରାମର ଦିଲମତି କାୱାର ଠକାମିର ଶିକାର ହୋଇଛନ୍ତି। ୨୦୧୨ରେ ଏହି ଗ୍ରାମକୁ



ଭୂଷଣ କମ୍ପାନୀ କୋଇଲା ଆବଣ୍ଟନ ପାଇଁ ଅଧିକୃତ କରିଥିଲା। ଏଥିରେ ବିସ୍ଥାପିତ ହୋଇଥିବା ଦିଲମତିଙ୍କ ୧୯ ଏକର ଜମି ଅଧିଗ୍ରହଣ ହୋଇଥିଲା। ତାଙ୍କର କ୍ଷତିପୂରଣ ରାଶି ୫୨ଲକ୍ଷ, ଚାକରୀର ୯.୧୬ଲକ୍ଷ, ୧୬ହଜାର, ବିସ୍ଥାପିତ ପାଇଁ ଘର ଟଙ୍କା ୧୨ ଲକ୍ଷ ମେଣ୍ଡେରା ଗ୍ରାମର ସମାନ ନାମଧରି ମହିଳା ଦିଲମତି କାୱାର ଏହି ଟଙ୍କା ଉଠେଇ ନେଇଥିବା ସେ ଜାଣିବାକୁ ପାଇଥିଲେ। ଠକାମିର ଶିକାର ହୋଇଥିବା ମହିଳା ଜଣଙ୍କ ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ଼ ଗସ୍ତରେ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ନିଜ ଦୁଃଖ ଜଣାଇଛନ୍ତି। ତାଙ୍କର ଦାବି କେତେଜଣ ଦଲାଲ ଚକ୍ରାନ୍ତ କରି ତାଙ୍କ ଟଙ୍କା ଉଠେଇ ନେଇଥିବା ନେଇ ଦୁଃଖର ସହ କହିଛନ୍ତି। ଏନେଇ ସେ ଜିଲା ପ୍ରଶାସନକୁ ଜଣେଇ ଥିଲେ ମଧ୍ୟ କିଛି ସୁଫଳ ପାଇ ନାହାନ୍ତି। ମନ୍ତ୍ରୀ ଏହି ଅଭିଯୋଗର ତଦନ୍ତ କରି ଯଥାଶୀଘ୍ର ପଦକ୍ଷେପ ନେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

### ଭାଜପାର ବିଲେଇମୁଣ୍ଡା ମଣ୍ଡଳ ସଭାପତି ଦୀପକ

**ହେମଗିର,୨୮।୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ବିଲେଇମୁଣ୍ଡା ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ଭାବେ ସାମାଜିକ କର୍ମୀ ଦୀପକ କୁମାର ସେଠ ମନୋନୀତ ହୋଇଛନ୍ତି। ଭାଜପାର ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତାଙ୍କୁ ମନୋନୀତ କରିଛନ୍ତି। ଆଗାମୀ ଦିନରେ ଲୋକଙ୍କ ସେବା କରିବାକୁ ଦୀପକ କହିଛନ୍ତି।



ଦୀପକଙ୍କୁ ସ୍ୱାଗତ କରାଯାଉଛି।

### ଜାତୀୟ ବିଜ୍ଞାନ ଦିବସ ପାଳିତ

**ସମ୍ବଲପୁର,୨୮।୨(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ଜିଲା ଧନୁପାଳିସ୍ଥିତ ଶିଶୁ ବିଦ୍ୟାମନ୍ଦିରଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ବିଦ୍ୟାଳୟର ସମ୍ପାଦକ ଜୟଶଙ୍କର ପାଢ଼ୀ, ବିଜ୍ଞାନ ଶିକ୍ଷୟିତ୍ରୀ ଅନୁପମା ପ୍ରଧାନ, ପ୍ରଧାନ ଆଚାର୍ଯ୍ୟ ବିଭୂପ୍ରସାଦ ମହାପାତ୍ର ମଞ୍ଚାସୀନ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ନିରାକରଣଯୋଗ୍ୟ ଦୃଷ୍ଟିହୀନତା ଦୂର କରିବା ଲକ୍ଷ୍ୟ

**ରାଜଗାଙ୍ଗପୁର,୨୮।୨(ଅଶୋକ ପାଣି)**

**ଡାଲମିଆ ସିମେଣ୍ଟ,ଏଲଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟରର ୧୦ ବର୍ଷ ପୂର୍ତ୍ତି ପାଳନ**

ଗୋଷ୍ଠୀ କଲ୍ୟାଣ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ନିମନ୍ତେ ନିଜର ପ୍ରତିବଦ୍ଧତାକୁ ପୁନଃ ସୁଦୃଢ଼ କରି ଭାରତର ଅନ୍ୟତମ ଅଗ୍ରଣୀ ସିମେଣ୍ଟ ଉତ୍ପାଦନକାରୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ (ଡିସିବିଏଲ), ଏଲଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ (ଏଲଭିପିଇଆଇ) ରାଜଗାଙ୍ଗପୁର ରାଣୀବନ୍ଧସ୍ଥିତ ଡାଲମିଆ ଓସିଏଲ୍‌ଆଇ ସେଣ୍ଟରଠାରେ ତାହାର ୧୦ମ ବର୍ଷ ପୂର୍ତ୍ତି ପାଳନ କରିଛି। ମାଗଣା ଏବଂ ଦୀର୍ଘସ୍ଥାୟୀ ଚକ୍ଷୁଯତ୍ନ ସେବାଗୁଡ଼ିକ ଯୋଗାଇଦେବା ଲକ୍ଷ୍ୟରେ ସ୍ଥାପିତ ଏହି ସେଣ୍ଟର ସୁନ୍ଦରଗଡ ଜିଲା ଏବଂ ପାରିପାର୍ଶ୍ୱିକ ଅଞ୍ଚଳରେ ନିରାକରଣଯୋଗ୍ୟ ଦୃଷ୍ଟିହୀନତା ଦୂର କରିବା ଲକ୍ଷ୍ୟ ରଖିଛି। ଏହି ଉତ୍ସବରେ ବିଶିଷ୍ଟ ଅପ୍‌ଥାଲମୋଲୋଜିଷ୍ଟ ଓ ଭାଇସ ଚେୟାର ଏମେରିଟସ ଏଲ୍‌ପିଇଆଇ ଡା. ତାରାପ୍ରସାଦ ଦାସ, ଡେପୁଟି ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଓ ହେଡ ଏଚଆର୍ ଡାଲମିଆ ସିମେଣ୍ଟ ଡ. ନୀଳାଦ୍ରିଭୂଷଣ ପାଢୀ, ନେଟୱର୍କ ଡାଇରେକ୍ଟର ଅପରେସନ୍ସ ହୋମ କେୟାର ସର୍ଭିସ ନେଟୱର୍କ ଇନଚାର୍ଜ ଓ କନ୍‌ସଲଟାଣ୍ଟ ଅକୁଲୋପ୍ଲାଷ୍ଟି ଏମ୍‌ସିସି ଡା. ସୂର୍ଯ୍ୟସ୍ନାତ ରଥ ପ୍ରମୁଖ ଯୋଗଦେଇଥିଲେ। ୧୦ବର୍ଷ ମଧ୍ୟରେ ଏହି ସେଣ୍ଟରରେ ୧,୯୩,୮୦୫ରୁ ଅଧିକ ରୋଗୀଙ୍କ ପରୀକ୍ଷା କରାଯାଇଛି। ୧୫,୭୯୦ ଚକ୍ଷୁ ଅସ୍ତ୍ରୋପଚାର କରାଯାଇଛି ଏବଂ ଏହି ଅସ୍ତ୍ରୋପଚାରଗୁଡ଼ିକ ମଧ୍ୟରୁ ୬୯ ପ୍ରତିଶତ ମାଗଣାରେ କରାଯିବା ସୁନିଶ୍ଚିତ କରାଯାଇଛି। ଉଲ୍ଲେଖନୀୟ ଯେ, ହିତାଧିକାରୀଙ୍କ ମଧ୍ୟରୁ ୪୮ ପ୍ରତିଶତ ମହିଳା ଥିଲେ। ସେଣ୍ଟରର ଗୋଷ୍ଠୀ ପରୀକ୍ଷା ନିରୀକ୍ଷା କାର୍ଯ୍ୟକ୍ରମ ୧,୫୦୦ରୁ ଅଧିକ ଗ୍ରାମରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ଆବାସିକ ବିଦ୍ୟାଳୟଗୁଡ଼ିକର ପିଲାମାନେ ମଧ୍ୟ ଅଛନ୍ତି। ଏହି ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ପ୍ରକାଶ କରି ଶ୍ରୀ ଚେତନ ଶ୍ରୀବାସ୍ତବ କହିଥିଲେ, ଜଣେ ବ୍ୟକ୍ତିଙ୍କର ଗୁଣାତ୍ମକ ଜୀବନ, ଶିକ୍ଷା ଏବଂ ଜୀବିକା ନିମନ୍ତେ ଉତ୍ତମ ଦୃଷ୍ଟି ଏକ ମୌଳିକ ଆବଶ୍ୟକତା। ଏକ ଦଶନ୍ଧି ପୂର୍ବରୁ ଆମେ ସୁନ୍ଦରଗଡ ଏବଂ ପାରିପାର୍ଶ୍ୱିକ ଅଞ୍ଚଳରେ ଗୁଣାତ୍ମକ ଚକ୍ଷୁଯତ୍ନର ଆବଶ୍ୟକତା ରହିଥିବା ଅନୁଭବ କରିଥିଲୁ; ଯେଉଁଠାରେ ଅନେକଙ୍କ ପାଇଁ ଅତ୍ୟାବଶ୍ୟକ ଦୃଷ୍ଟିଯତ୍ନ ସେବାର ସୁଯୋଗ ନେବା କ୍ଷେତ୍ରରେ ଅଭାବ ରହିଥିଲା। ଏଲଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ ସହିତ ଆମର ସହଭାଗିତା ନିରାକରଣଯୋଗ୍ୟ ଦୃଷ୍ଟିହୀନତା ଦୂର କରିବା ଏବଂ କେହି ଯେମିତି ଚିକିତ୍ସା ଅଭାବରୁ ପ୍ରଭାବିତ ହେବେନାହିଁ ତାହା ସୁନିଶ୍ଚିତ କରିବା ଲକ୍ଷ୍ୟ ଦ୍ୱାରା ପରିଚାଳିତ ଥିଲା। ଆଜି ପର୍ଯ୍ୟନ୍ତ ପ୍ରାୟ ୨ଲକ୍ଷ ରୋଗୀଙ୍କର ପରୀକ୍ଷା କରାଯିବା, ହଜାର ହଜାର ଅସ୍ତ୍ରୋପଚାର ସମ୍ପନ୍ନ ହେବା ଏବଂ ଜୀବନରେ ରୂପାନ୍ତରଣ ଆସିଥିବା ଲକ୍ଷ୍ୟ କରି ବାସ୍ତବରେ ଆମ ହୃଦୟ ଆନନ୍ଦରେ ଭରିଯାଉଛି। ଏହି ଉଲ୍ଲେଖନୀୟ ସଫଳତାକୁ ଆମେ ପାଳନ କରୁଥିବାବେଳେ ଡାକ୍ତର, ସ୍ୱାସ୍ଥ୍ୟସେବା ବୃତ୍ତିଧାରୀ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଏହି ପ୍ରୟାସ ସଫଳ କରିବା ନିମନ୍ତେ ସେମାନଙ୍କର ଉତ୍ସର୍ଗୀକୃତ ଭୂମିକାକୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛି। ଏହି ଅବସରରେ ଉପସ୍ଥିତ ଥିବା ବିଶିଷ୍ଟ ଅପଥାଲମୋଲୋଜିଷ୍ଟ ଓ ଭାଇସ-ଚେୟାର ଏମେରିଟସ, ଏଲପିଇଆଇ ଡା. ତାରାପ୍ରସାଦ ଦାସ କହିଥିଲେ, ଡାଲମିଆ ସିମେଣ୍ଟ ସହିତ ଆମର ଅଂଶୀଦାର ବ୍ୟବସ୍ଥା ଜରିଆରେ ଆମେ ପଛୁଆ ଜନସମୁଦାୟଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁ ଯତ୍ନ ସେବା ଆଣିବାରେ ସମର୍ଥ ହୋଇଛୁ। ସର୍ବାଧିକ ଆବଶ୍ୟକ କରୁଥିବା ଜନସାଧାରଣଙ୍କୁ ମାଗଣା ଚକ୍ଷୁ ଯତ୍ନ ସେବା ଯୋଗାଇଦେବାକୁ ଆମେ ପ୍ରତିବଦ୍ଧ ରହିଛୁ।

## ଶିକାଜୋର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

**ସବଡେଗା,୨୮।୨(ଅନନ୍ତ ପଟେଲ)**

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ ସୀମାନ୍ତ ତିଲେଇକାନୀ ପଞ୍ଚାୟତ ଶିକାଯୋର ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଅବଦୁଲ ହମିଦ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା କୁଞ୍ଜଲତା ଭିଡ୍ରିଆ ଯୋଗଦେଇଥିଲେ। ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ, ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ ଚେଷ୍ଟା ଜାରି ରଖ। ସମ୍ମାନୀତ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ସରୋଜା ଲକ୍ଷ୍ମୀ ନାଏକ, ଜିଲା ପରିଷଦ (କ) ବିନୋଦ କୁଜୁର, ସରପଞ୍ଚ ମାକ୍ସିମିୟୁସ ବାର୍ଲା, ସମିତି ସଭ୍ୟ ସୁରେଶ ମିଞ୍ଜ, ସିଆରସିସି ତୁଳାରାମ ପଟେଲ, ଅବଦୁଲ ହମିଦ ଖାନ, ସମାଜସେବୀ ବିନୟ ପ୍ରକାଶ ମିଞ୍ଜ, ପୂର୍ବତନ ବିଦ୍ୟାଳୟ ସଭାପତି ଇସ୍ମାଇଲ ଖାନ, ପ୍ରଧାନ ଶିକ୍ଷକ, ଆଇସରିଆ ମହାନନ୍ଦ, ଅବଦୁଲ ରସିଦ, ରିପ୍ରିକୁଶ ମିଞ୍ଜ ପ୍ରମୁଖ ଯୋଗଦେଇ ନିଜ ନିଜ ମନ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନେ କ୍ରୀଡ଼ାରେ ଏବଂ ନାଚ ଗୀତରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରମାନେ ନାଚଗୀତ କରି ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିଙ୍କୁ ମଞ୍ଚ ଉପରକୁ ପାଛୋଟି ଆଣିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଭାକାନ୍ତି ମିଞ୍ଜ ମଞ୍ଚ ପରିଚାଳନା କରିଥିଲେ ଓ ରିପ୍ରିକୁଶ ମିଞ୍ଜ, ସୂର୍ଯ୍ୟମଣି ମହଲ, କିଶୋର ଚନ୍ଦ୍ର କେର୍କେଟା, ପ୍ରଭାକାନ୍ତି ମିଞ୍ଜ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

## ବେଆଇନ ଗୋରୁ ଚାଲାଣ: ପୋଲିସକୁ ଜଣାଇଲେ ଗ୍ରାମବାସୀ

**ବଡ଼ଗାଁ,୨୮।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ପଦପପୁର ଗ୍ରାମଦେଇ ବେଆଇନ ଗୋରୁ ଚାଲାଣ ହେଉଥିବାବେଳେ ଗ୍ରାମବାସୀମାନେ ଅଟକାଇ ପୋଲିସକୁ ଜଣାଇଥିଲେ। ସୂଚନା ଅନୁଯାୟୀ, ୩୦ରୁ ୪୦ ଗୋରୁଙ୍କୁ ବେଆଇନଭାବେ ଚାଲାଣ କରାଯାଉଥିବାବେଳେ ଗ୍ରାମବାସୀମାନେ ସେମାନଙ୍କୁ ଅଟକାଇଥିଲେ। ଏହି ଘଟଣା ବିଷୟରେ ବଡ଼ଗାଁ ପୋଲିସକୁ ସୂଚନା ଦେଇଥିଲେ। ତେବେ ଗୋରୁଙ୍କୁ ଚଲାଇ ଚଲାଇ ନେବା ସମୟରେ ଅକଥନୀୟ ନିର୍ଯ୍ୟାତନା ଦିଆଯାଉଥିବା ଗ୍ରାମବାସୀମାନେ ସୂଚନା ପ୍ରଦାନ କରିଛନ୍ତି। ବଡ଼ଗାଁ ଥାନା ଏଏସଆଇ ଉମାକାନ୍ତ ନାଏକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ପଚରା ଉଚୁରା କରୁଛନ୍ତି।

# ଜିଲା ସ୍ତରୀୟ ରୋଷେଇ ପ୍ରତିଯୋଗିତା




ରୋଷେଇ ପ୍ରତିଯୋଗିତାରେ ମହିଳା ଓ ଅନ୍ୟମାନେ।

**ସୁନ୍ଦରଗଡ଼,୨୮।୨(ଜୟ ନାରାୟଣ ମେଣ୍ଡୁଲି)**

ସ୍ଥାନୀୟ ରାଣୀ ବଗିଚାସ୍ଥିତ କୃଷି କୃଷକ ସଶକ୍ତୀକରଣ ବିଭାଗ ତାଲିମ ଗୃହଠାରେ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ଅଞ୍ଚଳରେ ଫସଲ ବିବିଧୀକରଣ ଯୋଜନାରେ କ୍ଲଷ୍ଟର ୬ର ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ ଉତ୍ପାଦକ ଗୋଷ୍ଠୀର ସଭ୍ୟାସଭ୍ୟଙ୍କୁ ନେଇ ଏକ ଜିଲା ସ୍ତରୀୟ ରୋଷେଇ ପ୍ରତିଯୋଗିତା ଶୁକ୍ରବାର ସିଆଇଆର୍‌ଟିଡି ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ କୃଷି ଅଧିକାରୀ ହରିହର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫସଲ ବିବିଧୀକରଣ ଯୋଜନାର ଉଦ୍ଦେଶ୍ୟ, ପାରମ୍ପରିକ ଚାଷ ପ୍ରଣାଳୀ ଉପକାରିତା, ଗୁଣାବଳୀ ସହିତ କ୍ଷୁଦ୍ରଶସ୍ୟ ଚାଷ ଓ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ। ଏହାସହିତ ପାରମ୍ପରିକ ଖାଦ୍ୟର ଚାହିଦା, ବଜାର ମୂଲ୍ୟ, ମାନ ନିର୍ଦ୍ଧାରଣ, ପ୍ୟାକିଂ ଏବଂ ପରିବେଷଣ କରିବାର ଶୈଳୀ ଉପରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କୃଷି ଅଧିକାରୀ ସଂଘମିତ୍ରା ସାହୁ, ସହବ୍ଲକ କୃଷି ଅଧିକାରୀ ରଜତ କୁମାର୍ ପଟେଲ, ଏଓ କଲ୍ୟାଣ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହାପରେ ଅଣ ଧାନ ଫସଲରେ ବିଭିନ୍ନ ଖାଦ୍ୟ ଯଥା ମୁଗଡାଲି ବରା, କୋଲଥ ସିଝା, ମୁଗ ସିଝା, ମାଣ୍ଡିଆ କାକରା, ମାଣ୍ଡିଆ ଚକୁଳି, ତିଖୁରୀ, ମଣ୍ଡା, ଆରିସା, ଇଡିଲି, ମୁଡୁକୁ, ଖଜା ଆଦି ୫୦ ପ୍ରକାର ଖାଦ୍ୟ ପରିବେଷଣ କରାଯାଇଥିଲା। ସୁରଭି ଏସ୍‌ଏଚ୍‌ଜି ଫିରିଙ୍ଗିବାହାଲ ୧୫ ପ୍ରକାର ଖାଦ୍ୟ ପରିବେଷଣ କରି ପ୍ରଥମ ହୋଇଥିବା ବେଳେ ଭାଗ୍ୟ ଲକ୍ଷ୍ମୀ ଏସ୍‌ଏଚ୍‌ଜି ୧୪ ପ୍ରକାର ଖାଦ୍ୟ ପ୍ରସ୍ତୁତ କରି ଦ୍ୱିତୀୟ ଓ ଜାଗୃତି ଏସ୍‌ଏସ୍‌ଜି ୧୧ ପ୍ରକାର ଖାଦ୍ୟ ପରିବେଷଣ କରି ତୃତୀୟ ସ୍ଥାନ ହାସଲ କରିପାରିଥିଲା। ଅତିଥିଙ୍କ ଦ୍ୱାରା ବିଜୟୀ ଗ୍ରୁପକୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଆଇଆରଟିଡିର ଯୋଜନା ସଂଯୋଜକ ଗୋପାଳ ଚନ୍ଦ୍ର ପେରୁଆ ପରିଚାଳନା କରିଥିବା ବେଳେ ଅହଲ୍ୟା ସା, ମିଥୁନ ଛତ୍ରିଆ, ବିଶ୍ୱଜିତ ଚକ୍ରବର୍ତ୍ତୀ, ସୁବାସ ମହାନନ୍ଦିଆ ସହଯୋଗ କରିଥିଲେ।

### ସ୍ଥଗିତ ହେଲା ଗ୍ରାମସଭା

**ହେମଗିର,୨୮।୨(ଚୈତନ୍ୟ ପଟେଲ):** ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ସ୍ଥିତ ଝାରପଲମ ପଞ୍ଚାୟତ ବିଜାହାନ ଗ୍ରାମ ପାଇଁ ଶୁକ୍ରବାର ମେସର୍ସ ମହାନଦୀ ମାଇନ୍ସ ଆଣ୍ଡ ମିନେରାଲ୍ସ ପ୍ରାଇଭେଟ ଲିମିଟେଡ ବିକାହାନ କୋଇଲା ଖଣି ପାଇଁ ଗ୍ରାମରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ ଅନୁସାରେ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। କମ୍ପାନୀ କ୍ଷତିପୂରଣ ବାବଦରେ କୌଣସି ଲିଖିତ ପ୍ରତିଶ୍ରୁତି ଦେଇନଥିବା କହି ଭୁବରାକଛାର ଗ୍ରାମବାସୀମାନେ ଏହାକୁ ବିରୋଧ କରିଥିଲେ। ଏନେଇ ଅନେକ ବୁଝାସୁଝା କରାଯାଇଥିଲା। ହେଲେ କୌଣସି ସୁଫଳ ନ ମିଳିବାରୁ ଗ୍ରାମ ସଭାକୁ ସ୍ଥଗିତ କରାଗଲା। ଏହି ଅବସରରେ ହେମଗିର ବିଡିଓ ରିନା ନାଏକ, ସରପଞ୍ଚ ଚନ୍ଦ୍ରଭ ମାଝି, କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

### ଜୁଆ ଆଡ୍ଡା ଉପରେ ଚଢ଼ାଉ

**ବଡ଼ଗାଁ,୨୮।୨( ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ଥାନା ଅନ୍ତର୍ଗତ କୁରେଇବଗା ନିକଟ ମହାବୀର ପର୍ବତ ତଳି କଙ୍କରାଝରନଠାରେ ଜୁଆ ଆଡ୍ଡା ଚାଲିଥିବା ବଡ଼ଗାଁ ପୋଲିସ ସୂଚନା ପାଇ ଚଢ଼ାଉ କରିଥିଲା। ଘଟଣା ସ୍ଥଳରୁ ଜୁଆଡିମାନେ ଫେରାର ହୋଇଯାଇଛନ୍ତି। ଏହି ସ୍ଥାନରେ ବାରମ୍ବାର ଜୁଆ ଆଡ୍ଡା ଚାଲିଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ଆଇସିଡିଏସ ପକ୍ଷରୁ ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**କୁତ୍ରା,୨୮।୨(ଦେବାଶିଷ ସାହୁ)**

ଆନ୍ତର୍ଜାତୀୟ ମହିଳା ଦିବସ ପରିପେକ୍ଷୀରେ କୁତ୍ରା ବ୍ଲକ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ସର୍ଗୁକିଶାନ ଉଚ୍ଚ ବିଦ୍ୟାଳୟରେ ଅଦ୍ୱିକା ଯୋଜନା ଅନ୍ତର୍ଗତ ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋର କିଶୋରୀ ତଥା ଅଙ୍ଗନୱାଡି କର୍ମୀ ସହାୟିକାଙ୍କ ବିଭିନ୍ନ କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତା କରି ତାଙ୍କର ଅନ୍ତର୍ନିହିତ ପ୍ରତିଭାର ପରିପ୍ରକାଶ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଡିପିଓ ଆନ୍ନା ଭାଲେରିଆ କୁଜୁର ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥିଭାବେ ପ୍ରଧାନଶିକ୍ଷକ ଅମରେଶ କୁମାର ସାହୁ, ସୁପରଭାଇଜର ବୁଟ କଇଥ, ବିସି ଓରାମ, ତୁଳସା ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୁତ୍ରା ବ୍ଲକର ପାଖାପାଖି ୧୬୦ ଅଙ୍ଗନୱାଡ଼ି କର୍ମୀ, ସହାୟିକା ଉପସ୍ଥିତ ରହି ଆୟୋଜନ କରାଯାଇଥିବା କବାଡି, ଖୋଖୋ, ଦଉଡି ଟଣା, ଗୀତ ତଥା ରଙ୍ଗୋଲି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରକାର କାର୍ଯ୍ୟକ୍ରମକୁ ଅଙ୍ଗନୱାଡି କର୍ମୀ ବିମଳା ଲାକ୍ରା, ଶିକ୍ଷକ ଉମାଶଙ୍କର ମଲ୍ଲିକ ତଥା ରୋମାଞ୍ଚ ତାଣ୍ଡିଆ ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଆୟୋଜନରେ ଶିକ୍ଷକ ପୁଲିନ୍ଦ୍ର ଦେଉରିଆ, ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ପାଢୀ, କରିସ୍ମା କେର୍କେଟା, ରଶ୍ମି ମିଞ୍ଜ, ସୁମିତ୍ରା ବାର୍ଲାଙ୍କ ସହ ଅଙ୍ଗନୱାଡ଼ି କର୍ମୀ ସୁନିତା ମିଞ୍ଜ, ଅନୀତା ମିଞ୍ଜ ପ୍ରମୁଖ ସହଯୋଗ କରିଥିଲେ।

## ୯୩ ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ

**ରାଉରକେଲା,୨୮।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର କର୍ପୋରେଟ ସାମାଜିକ ଦାୟିତ୍ୱ ପ୍ରୟାସ ସ୍ୱରୂପ ଦୀପିକା ଇସ୍ପାତ ଶିକ୍ଷା ସଦନରେ ୭୦ ପ୍ରତିଶତରୁ ଊର୍ଦ୍ଧ୍ୱ ଉପସ୍ଥାନ ଥିବା ୮ମ ଓ ୯ମ ଶ୍ରେଣୀର ୯୩ଜଣ ଛାତ୍ରୀଛାତ୍ରଙ୍କୁ ସାଇକେଲ ବଣ୍ଟନ କରାଯାଇଛି। ୮ମ ଓ ୯ମ ଶ୍ରେଣୀର ସମସ୍ତ ୫୮ଜଣ ବାଳିକା ଓ ୩୫ଜଣ ବାଳକଙ୍କ ପାଇଁ ମୋଟ ୫.୪୩ଲକ୍ଷ ଟଙ୍କା ବ୍ୟୟରେ ଏହି ସାଇକେଲ କ୍ରୟ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଗତ ୨୭ତାରିଖରେ ବିଦ୍ୟାଳୟ ପ୍ରେକ୍ଷାଳୟରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ଦୀପିକା ମହିଳା ସଂହତିର ଅଧକ୍ଷା ନମ୍ରତା ବର୍ମା ଏବଂ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ସାଇକେଲ ବଣ୍ଟନ କରିଥିଲେ। ଦୀପିକା ମହିଳା ସଂହତିର ଉପାଧକ୍ଷା ପ୍ରଭାତୀ ମିଶ୍ର ଓ ରୀତାରାଣୀଙ୍କ ସମେତ ସହର ଇଞ୍ଜିନିୟରିଂ ଓ ଉଦ୍ୟାନ କୃଷି ବିଭାଗର ସିଜିଏମ୍ ବି. କେ ଯୋଜୋ, ସିଏସ୍‌ଆର ବିଭାଗ ଜିଏମ୍ ଇନଚାର୍ଜ ସୁଶ୍ରୀ ମୁନମୁନ ମିତ୍ର, ଏଜିଏମ ଟି. ବି ଟପ୍ପୋ, ସଂହତିର ସମ୍ପାଦିକା ସରିତା କୁମାର, ସଂହତି ପରିଚାଳନା କମିଟି ସଦସ୍ୟାବୃନ୍ଦ, ପ୍ରଧାନ ଶିକ୍ଷକ ଶିଶିର କୁମାର ସାମଲ, ପ୍ରଶାସକ ଏସ. କେ. ମିଶ୍ର ତଥା ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ବର୍ମା ଛାତ୍ରୀଛାତ୍ରମାନଙ୍କୁ ନିଜର ଶିକ୍ଷାଗତ ସ୍ୱପ୍ନ ପୂରଣ କରିବା ପାଇଁ ଜରୁରୀ ସମସ୍ତ ସହଯୋଗ ଆଶ୍ୱାସନା ଦେଇଥିଲେ ଏବଂ ଜୀବନରେ ସଫଳ ହେବା ପାଇଁ ସେମାନଙ୍କୁ ଅଧ୍ୟୟନ ପ୍ରତି ଧ୍ୟାନ କେନ୍ଦ୍ରୀତ କରିବା ପାଇଁ ଉତ୍ସାହିତ କରିଥିଲେ। ତରୁଣ ମିଶ୍ର ଓ ସୁଶ୍ରୀ ମୁନମୁନ୍ ମିତ୍ର ପିଲାମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହିତ ସାଇକେଲ ଉପହାର ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଏସ. କେ. ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବା ମୋଟ ୮୯୭ଜଣ ଛାତ୍ରୀଛାତ୍ରଙ୍କୁ ନିଃଶୁଳ୍କ ଶିକ୍ଷା ସହ ବହି, ଖାତା,ସ୍କୁଲବ୍ୟାଗ, ୟୁନିଫର୍ମ, ଜୋତା ଓ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି।

# ସୁନ୍ଦରଗଡ଼ବାସୀଙ୍କୁ ରେଳ ସେବା ମିଳିବ

**ସୁନ୍ଦରଗଡ,୨୮।୨(ଜୟ ନାରାୟଣ ମେଣ୍ଡୁଲି)**




କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ।

ଜିଲା ସଦରମହକୁମା ସୁନ୍ଦରଗଡକୁ ରେଳ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଜଣାଇବେ। ଏନେଇ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ପ୍ରକାଶ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ସାର୍କିଟ ହାଉସଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କେନ୍ଦ୍ର ବଜେଟ ସମ୍ପର୍କରେ ଆଲୋଚନା କରିବା ଅବସରରେ ଏହା ପ୍ରକାଶ କରିଛନ୍ତି ମନ୍ତ୍ରୀ ପୂଜାରୀ। ସେ ଆହୁରି କହିଛନ୍ତି, ବଜେଟ ବିକଶିତ ଭାରତର ବଜେଟକୁ ପ୍ରତିଫଳନ କରୁନାହିଁ। ବରଂ ଏହା ଏକ ଐତିହାସିକ, ଭବିଷ୍ୟବାଦୀ ଓ ଦୂରଦୃଷ୍ଟି ସମ୍ପନ୍ନ ବଜେଟ। ଏହି ବଜେଟ ଓଡ଼ିଶା ଭଳି ରାଜ୍ୟର ଅଭିବୃଦ୍ଧି, ବିକାଶ ହେବ। ମଧ୍ୟବିତ୍ତ ବର୍ଗ ବିଶେଷ ଭାବେ ଲାଭବାନ ହେବେ। ଏହି ବଜେଟ ଚାଷୀଙ୍କ ଆୟ ବୃଦ୍ଧି ସହିତ ମହିଳା ଉଦ୍ୟୋଗୀ ନୂଆ ସୁଯୋଗ ତିଆରି କରିବ। ଯୁବକ ଓ ବଞ୍ଚିତ ବର୍ଗକୁ ସ୍ୱାବଲମ୍ବୀ ଓ ଆତ୍ମ ନିର୍ଭର କରିବ। ଗରିବ,ପଛୁଆ ବର୍ଗ ଏବଂ ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବ ବୋଲି ମନ୍ତ୍ରୀ କହିଥିଲେ। ସୁନ୍ଦରଗଡକୁ ରେଳସେବା ଯୋଗାଇଦେବା ନିମନ୍ତେ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ ଯେ,ରାଜ୍ୟରେ ତାଙ୍କ ସରକାର ଆସିବା ପରେ ଅଟକି ରହିଥିବା ବିଭିନ୍ନ ରେଳ ପ୍ରକଳ୍ପ ଗୁଡିକର କାର୍ଯ୍ୟ ସହିତ ଦୀର୍ଘ ୫୦ ବର୍ଷ ହେବ ପ୍ରସ୍ତାବିତ ଖୋର୍ଦ୍ଧା ରେଳପଥ କାର୍ଯ୍ୟ ଏବେ ଆଗେଇ ଚାଲିଛି। ବିଭିନ୍ନ କାରଣରୁ ରେଳପ୍ରକଳ୍ପ ଗୁଡିକର ଅଟକି ରହିଥିବା ଜମି ଅଧିଗ୍ରହଣ କାର୍ଯ୍ୟ ୨ମାସ ମଧ୍ୟରେ ଶେଷ କରିବାକୁ ରାଜସ୍ୱ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଆସନ୍ତା ୪ତାରିଖରେ ଓଡ଼ିଶାରେ ୩ ରେଳ ଡିଭିଜନ ଇଷ୍ଟ କୋଷ୍ଟ,ସାଉଥ ଇଷ୍ଟର୍ଣ୍ଣ ଓ ଇଷ୍ଟ ସାଉଥ ସେଣ୍ଟ୍ରାଲ ରେଳ ଡିଭିଜନର ଅଧିକାରୀ,ଟ୍ରାନ୍ସପୋର୍ଟ ବିଭାଗ ଅଧିକାରୀ, ରାଜସ୍ୱ ବିଭାଗର ଅଧିକାରୀଙ୍କୁ ନେଇ ଏକ ବୈଠକ ବସିବ। ଏଥିରେ ରାଜ୍ୟରେ ରେଳସବା ଆବଶ୍ୟକ ଥିବା ଅଞ୍ଚଳକୁ ରେଳ ସଯୋଗୀକରଣ ଓ ଅନ୍ୟାନ୍ୟ ବିଷୟରେ ଆଲୋଚନା କରାଯିବ। ଏଥିରେ ସୁନ୍ଦରଗଡବାସୀଙ୍କୁ ରେଳବାଇ ସେବା ପ୍ରଦାନ ପାଇଁ ପ୍ରସ୍ତାବିତ ବହୁ ପ୍ରତୀକ୍ଷିତ ଝାରସୁଗୁଡା-ଅମ୍ବିକାପୁର ଭାୟା ସୁନ୍ଦରଗଡରେଳ ପଥ ନିର୍ମାଣ ପାଇଁ ମଧ୍ୟ ଏହି ବୈଠକରେ ଆଲୋଚନା ସହ ରାଜ୍ୟ ସରକାର ଏ ନେଇ କେନ୍ଦ୍ର ସରକାରଙ୍କଠାରେ ମଧ୍ୟ ପ୍ରସ୍ତାବ ଉପସ୍ଥାପନ କରିବେ। ଏହି ବୈଠକରେ ଜିଲାପାଳ ଆଭାସୀ ମାଧ୍ୟମରେ ଯୋଡି ହୋଇ ନିଜର ମତ ଉପସ୍ଥାପନ କରିବେ ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ମନ୍ତ୍ରୀ ଏହି ଅବସରରେ ସୁନ୍ଦରଗଡ଼ର ବିକାଶ ପାଇଁ ସବୁ ବର୍ଗର ମତ ନେଇ ଏକ ସ୍ୱତନ୍ତ୍ର ରୋଡମ୍ୟାପ ତିଆରି କରି ସରକାରଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସୁନ୍ଦରଗଡର ପୂର୍ବତନ ବିଧାୟିକା କୁସୁମ ଟେଟେ, ଜିଲା ଭାଜପା ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସୁନ୍ଦରଗଡ ଜିଲା ପ୍ରେସ କ୍ଲବ ସଭାପତି ସୁନୀଲ କୁମାର ସିହ୍ନାଙ୍କ ଅକାଳ ବିୟୋଗରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

## ସଂକ୍ଷେପରେ

### ଦୁଇଟି ପୃଥକ ଚୋରି ଘଟଣାରେ ୩ ଗିରଫ

ସମ୍ବଲପୁର,୨୮।୨(ପ୍ରମୋଦ ବହିଦାର)

ଅଇଁଠାପାଲି ଥାନା ଅନ୍ତର୍ଗତ ଦୁଇଟି ବିଭିନ୍ନ ଅଞ୍ଚଳରେ ଚୋରି ଘଟଣାରେ ସମ୍ପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ଅଇଁଠାପାଲିଥାନା ପୋଲିସ। ସେମାନେ ହେଲେ ଅଇଁଠାପାଲି ଥାନା ଅନ୍ତର୍ଗତ ଦାନିପାଲିର ବିଜୟ କଲେତ(୨୦), ଶ୍ୟାମସୁନ୍ଦର ଷଣ୍ଢ(୨୫) ଓ ଅଇଁଠାପାଲି ଥାନା ଅନ୍ତର୍ଗତ କରମଟୋଲିରେ ରହୁଥିବା କ୍ଷେତରାଜପୁର ଥାନା ଅନ୍ତର୍ଗତ କ୍ଷେତ୍ତସନପଡ଼ା ମୂଳ ବାସୀନ୍ଦା ସଞ୍ଜୟ ସୁନା(୨୧)। ସୂଚନା ଅନୁସାରେ ଗତ ଫେବୃଆରୀ ୨୫ ଓ ୨୭ରେ ଅଇଁଠାପାଲି ଥାନା ଅନ୍ତର୍ଗତ ଯଥାକ୍ରମେ ଦାନିପାଲିର ଅଭିନବ ଠାକୁର ଓ ପ୍ରଶାନ୍ତ କର ସେମାନଙ୍କ ଘର ଗ୍ରୀଲ ଭାଙ୍ଗି ବିଭିନ୍ନ ଆସବାବପତ୍ର ଚୋରି ହୋଇଥିବା ସମ୍ପର୍କରେ ଅଇଁଠାପାଲି ଥାନାରେ ଏତଲା ଦେଇଥିଲେ। ବିଭିନ୍ନ ସିସିଟିଭି ଫୁଟେଜ ଓ ଅନ୍ୟାନ୍ୟ ସୂତ୍ରରୁ ସମାନ ଅଭିଯୁକ୍ତମାନେ ଉଭୟ ଘଟଣାରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇ ସେମାନଙ୍କ ନିକଟରେ ପହଞ୍ଚିବାକୁ ସକ୍ଷମ ହୋଇଥିଲା। ଉକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ବିଭିନ୍ନ ବ୍ରାଣ୍ଡର ଲ୍ୟାପଟପ୍, ମୋବାଇଲ ଚାର୍ଜର, ଡିଟିଏଚ୍ ବକ୍ସ ଆଦି ଚୋରି ସାମଗ୍ରୀକୁ ପୋଲିସ ଉଦ୍ଧାର କରିଛି।

### ନାବାଳିକା ବଳାତ୍କାର: ଯୁବକଙ୍କୁ ୨୦ବର୍ଷ ଜେଲ୍

ସମ୍ବଲପୁର,୨୮।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲ୍ଲା ଶାସନଥାନା ଅନ୍ତର୍ଗତ ପଣ୍ଡରିପାଲି ଗ୍ରାମରେ ଗତ ୨୦୧୯ରେ ଘଟିଥିବା ନାବାଳିକା ବଳାତ୍କାର ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ସମ୍ବଲପୁର ସ୍ୱତନ୍ତ୍ର ପୋକ୍‌ସୋ ଫାଷ୍ଟଟ୍ରାକ କୋର୍ଟ ଅତିରିକ୍ତ ଜିଲାଜଜ୍ ରୋହିତ ଲାଲ ପଣ୍ଡା ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ମାମଲାରେ ୧୮ ସାକ୍ଷୀ ଓ ୨୨ଟି ବିଭିନ୍ନ ତଥ୍ୟ ପ୍ରମାଣ ଅନୁଧ୍ୟାନ ପୂର୍ବକ ମାମଲାର ବିଚାର କରି ବିଚାରପତି ଅଭିଯୁକ୍ତ ସେହି ଗ୍ରାମର ଜିତେଶ କୁମାର ସାହୁ(୩୦)ଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୨୫ ହଜାର ଟଙ୍କା ଜରିମାନା କରିଛନ୍ତି। ୧୬ ବର୍ଷ ବୟସ୍କା ପୀଡ଼ିତା କଲେଜରୁ ପାଠପଢ଼ି ଘରକୁ ଫେରୁଥିବା ବେଳେ ପଣ୍ଡରିପାଲି ନିକଟରେ ନିଛାଟିଆ ରାସ୍ତାରୁ ଅଭିଯୁକ୍ତ ଜିତେଶ ଜଙ୍ଗଲକୁ ଟାଣି ନେଇ ବଳାତ୍କାର କରିଥିଲେ। ଏନେଇ ଶାସନ ଥାନାରେ ଅଭିଯୋଗ ହୋଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବସନ୍ତ କୁମାର ମିଶ୍ର ପରିଚାଳନା କରିଥିଲେ।

### ଜାତୀୟ ବିଜ୍ଞାନ ଦିବସ ପାଳିତ

ସମ୍ବଲପୁର,୨୮।୨(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଧନୁପାଲିସ୍ଥିତ ଶିଶୁ ବିଦ୍ୟାମନ୍ଦିରଠାରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ବିଦ୍ୟାଳୟର ସମ୍ପାଦକ ଜୟଶଙ୍କର ପାଢ଼ୀ, ବିଜ୍ଞାନ ଶିକ୍ଷୟିତ୍ରୀ ଅନୁପମା ପ୍ରଧାନ, କୁଞ୍ଜଲତା ହୋତା, ମୁଖ୍ୟ ଅତିଥି ପୂର୍ବତନ ଶିକ୍ଷକ ଉଦିତଚନ୍ଦ୍ର ପାଟଯୋଶୀ, ପ୍ରଧାନ ଆଚାର୍ଯ୍ୟ ବିଭୂପ୍ରସାଦ ମହାପାତ୍ର ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଉଦିତ ଚନ୍ଦ୍ର ପାଟଯୋଶୀ ବିଜ୍ଞାନର ନୂତନ କୌଶଳ ବିଷୟରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା କୁଞ୍ଜଲତା ହୋତା ଜାତୀୟ ବିଜ୍ଞାନ ଦିବସର ତାତ୍ପର୍ଯ୍ୟ ବିଷୟରେ ଅବତାରଣା କରିଥିଲେ।

# ସ୍ୱଚ୍ଛ ସମ୍ବଲପୁର ଏବେ ବି ବଡ଼ ଆହ୍ୱାନ

ସମ୍ବଲପୁର,୨୮।୨(ଭବାନୀଶଙ୍କର ଭୋଇ)

ସମ୍ବଲପୁର ମହାନଗର ନିଗମର ସ୍ୱଚ୍ଛ ସମ୍ବଲପୁର ସ୍ଲୋଗାନ ସତ୍ତ୍ୱେ ସହରରେ ସ୍ୱଚ୍ଛତା ସବୁବେଳେ ଚିନ୍ତାର କାରଣ ପାଲଟିଛି। ମହାନଗର ନିଗମ ପକ୍ଷରୁ ଆବର୍ଜନା ପରିଚାଳନା ପାଇଁ ଅନେକ ବ୍ୟବସ୍ଥା ରହିଛି। ତଥାପି ମଧ୍ୟ ସ୍ୱଚ୍ଛତା ନେଇ ଲୋକମାନଙ୍କ ଆପତ୍ତି ଓ ଅଭିଯୋଗ କମିନାହିଁ। ମହାନଗର ନିଗମ ପକ୍ଷରୁ ୪୧ଟି ୱାର୍ଡର ସଫେଇ କାର୍ଯ୍ୟ ପରିଚାଳନା ପାଇଁ ମାସକୁ ଏକ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରାଯାଉଛି। କେତେକ ସ୍ଥାନରୁ ଦିନ ଦିନ ଧରି ଆବର୍ଜନା ସଂଗ୍ରହ ନ ହେବା, କେତେକ ସ୍ଥାନରେ ଦୀର୍ଘ ଦିନ ଧରି ଆବର୍ଜନା ପଡିରହିବା, ଡ୍ରେନଗୁଡିକ ଠିକଣା ଭାବେ ସଫା ନ ହେବା, ରାସ୍ତାରେ ଡ୍ରେନ ପାଣି ପ୍ରବାହିତ ହେଉଥିବା ଭଳି ଅଭିଯୋଗ ସମ୍ବଲପୁର ମହାନଗର ନିଗମ ପାଇଁ ସାଧାରଣ ଘଟଣା। ସହରରେ ଡ୍ରେନ ପାଇଁ ମାଷ୍ଟରପ୍ଲାନ ତିଆରି କରାଯାଉଛି। ତେବେ ଅନେକ ୱାର୍ଡରେ ରାସ୍ତା ଉପରେ ଡ୍ରେନ ପାଣି ଜମି ରହୁଥିବା ଭଳି ସ୍ଥିତି ଦେଖିବାକୁ ମିଳୁଛି। ଅନେକ ସମୟରେ ଅଭିଯୋଗ ପରେ ବି କୌଣସି ସୁଫଳ ମିଳୁ ନ ଥିବା ମଧ୍ୟ ଅନେକ ଅଭିଯୋଗ କରନ୍ତି। ଅନେକ ୱାର୍ଡରେ ସଫେଇ ପାଇଁ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ତଥାପି ସହରର ସ୍ୱଚ୍ଛତା ନେଇ ସବୁବେଳେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥାଏ। ତେବେ ମହାନଗର ନିଗମ ଆୟୁକ୍ତ ବେଦଭୂଷଣଙ୍କ ସୂଚନା ଅନୁଯାୟୀ ବିଗତ କିଛି ବର୍ଷ ତୁଳନାରେ



ସାକ୍ଷୀପଡାରେ ପଡି ରହିଥିବା ଆବର୍ଜନା।

**ଅନେକ ବ୍ୟବସ୍ଥା ରହିଛି, ତଥାପି ସଫଳତା ମିଳୁନି**

ସହରର ୧୦ରୁ ୪୦% ଆବର୍ଜନା ସଂଗ୍ରହ ବୃଦ୍ଧି ପାଇଛି। ମହାନଗରର ୪୧ଟି ୱାର୍ଡରୁ ଦୈନିକ ୨ଶହ ଟନ ଆବର୍ଜନା ବାହାରୁଛି। ମହାନଗର ନିଗମ ପକ୍ଷରୁ ଘରକୁ ଘର ଯାଇ ଆବର୍ଜନା ସଂଗ୍ରହ ପାଇଁ ଗାଡ଼ିର ବ୍ୟବସ୍ଥା ରହିଛି। ବିଭିନ୍ନ ସ୍ଥାନରେ ଜମା ହେଉଥିବା ଆବର୍ଜନାକୁ ସଂଗ୍ରହ ପାଇଁ ଟ୍ରାକ୍ଟର ଓ ଅନ୍ୟାନ୍ୟ ଗାଡ଼ିର ମଧ୍ୟ ବ୍ୟବସ୍ଥା ହୋଇଛି। ୱେଲ ସେଣ୍ଟରରେ ଆବର୍ଜନାକୁ ପୃଥକ କରାଯାଇ ସେଥିରୁ ଖତ ମଧ୍ୟ ପ୍ରସ୍ତୁତି ହେଉଛି। ସେହିପରି ଖୁବଶିଘ୍ର ମହାନଗର ଅଞ୍ଚଳରେ ୫୦ କୋଟି ଟଙ୍କା ବ୍ୟୟରେ ଆବର୍ଜନାଗୁଡ଼ିକର ପ୍ରକ୍ରିୟାକରଣ ପାଇଁ ମଧ୍ୟ ସ୍ୱତନ୍ତ୍ର ପ୍ଲାଣ୍ଟ ସ୍ଥାପନ କରାଯିବ ବୋଲି ଆୟୁକ୍ତ ସୂଚନା ଦେଇଛନ୍ତି। ତେବେ ସହରକୁ ସଫା ସୁତୁରା ରଖିବା ପାଇଁ ଜନସାଧାରଣଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଛନ୍ତି।

# ମାର୍ଚ୍ଚ ୧ରୁ ରାଶନକାର୍ଡ ଅନ୍‌ଲାଇନ ଆବେଦନ ଆରମ୍ଭ ହେବ: ଯୋଗାଣ ମନ୍ତ୍ରୀ



ସମ୍ବଲପୁର ସର୍କିଟ୍ ହାଉସ୍‌ରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମୀକ୍ଷା ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

ସମ୍ବଲପୁର,୨୮।୨(ପ୍ରମୋଦ ବହିଦାର)

ମାର୍ଚ୍ଚ ୧ରୁ ସମଗ୍ର ରାଜ୍ୟରେ ରାସନକାର୍ଡ ଆବେଦନ ପ୍ରକ୍ରିୟା ଆରମ୍ଭ ହେବ। ନୂଆ ରାସନକାର୍ଡ ପାଇଁ ଆବେଦନ କରିଛନ୍ତି ଠିକ୍ ଭାବେ ସର୍ଭେ କରି ଯୋଗ୍ୟ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ ପ୍ରଦାନ କରାଯିବ ବୋଲି କହିଛନ୍ତି ଖାଦ୍ୟ, ଯୋଗାଣ, ଖାଉଟୀ କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ଶୁକ୍ରବାର ସ୍ଥାନୀୟ ସର୍କିଟ୍ ହାଉସ୍‌ରେ ଜିଲାସ୍ତରୀୟ ପ୍ରଶାସନିକ ସମୀକ୍ଷା ବୈଠକ ପରେ ଅପରାହ୍ନରେ ଖବରଦାତାଙ୍କୁ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ଼ରୁ ବାଦ ଦିଆଯିବ ନାହିଁ। ପୂର୍ବ ସରକାରଙ୍କ ଅପାରଗତାରୁ ବହୁ ସଂଖ୍ୟାରେ ଅଯୋଗ୍ୟ ବା ଭୁତ ରାସନକାର୍ଡ ଧାରି ରହିଥିଲେ। ସମ୍ବଲପୁରରେ ଚଳିତ ଖରିଫ ଧାନ ସଂଗ୍ରହ ସନ୍ତୋଷ ଜନକ ରହିଛି। ମଣ୍ଡିରେ କଟ୍‌ନିଛଟ୍‌ନି ଅଭିଯୋଗକୁ ନେଇ ମନ୍ତ୍ରୀ କହିଲେ, ଏନେଇ ତାଙ୍କ ନିକଟରେ କୌଣସି ଗୁରୁତର ଅଭିଯୋଗ ନାହିଁ। ତେବେ ଏଭଳି ଅଭିଯୋଗ ଆସିଲେ ଜିଲାସ୍ତରୀୟ ଅଧିକାରୀଙ୍କ ପକ୍ଷରୁ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଇଛି। ଉକ୍ତ ପଦକ୍ଷେପ ସ୍ୱରୂପ କେତକ ମିଲ୍‌କୁ ସିଲ୍ କରାଯାଇଛି ଓ ଅନ୍ୟ କେତେକ ମିଲ୍‌କୁ କାରଣ ଦର୍ଶାଅ ନୋଟିସ ଜାରିଥିବା ବେଳେ କେତେକ ଅଧିକାରୀମାନଙ୍କୁ ବରଖାସ୍ତ ମଧ୍ୟ କରାଯାଇଛି ବୋଲି ସେ କହିଛନ୍ତି। ସେ କହିଲେ, ଜିଲାରେ ଇ-କେୱାଇସି ପ୍ରକ୍ରିୟା ୯୨ ପ୍ରତିଶତ ଶେଷ ହୋଇଥିବାବେଳେ ମାର୍ଚ୍ଚ ୩୧ ସୁଦ୍ଧା ଏହି ପ୍ରକ୍ରିୟାକୁ ଶେଷ କରାଯିବ। ବୈଠକରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରୀ ନାଏକ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଅତିରିକ୍ତ ଯୋଗାଣ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗ, ସମ୍ବଲପୁର ସମବାୟ ସମିତି ସମୂହ ଉପନିବନ୍ଧକ ଗେଜନ୍ଦ୍ର ପଣ୍ଡା, ସହକାରୀ ନିବନ୍ଧକ ଅଜିତ କୁମାର ବରର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ।

# ଘରୋଇ ହିଂସା ନିରାକରଣ ସଚେତନତା କାର୍ଯ୍ୟକ୍ରମ



ଲିପିଣ୍ଡାରେ ଘରୋଇ ହିଂସା ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ସାମିଲ ଅତିଥି।

ସମ୍ବଲପୁର,୨୮।୨(ପ୍ରମୋଦ ବହିଦାର)

**ମହିଳାଙ୍କୁ ପାରିବାରିକ ହିଂସାରୁ ସୁରକ୍ଷା ପାଇଁ ଆଇନ ବ୍ୟବସ୍ଥା ଉପରେ ସଚେତନତା**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅନ୍ତର୍ଗତ ଲିପିଣ୍ଡା ଶକ୍ତି ସଦନରେ ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ(ଏନ୍‌ଏଲ୍‌ୟୁ), ଓଡ଼ିଶା, କଟକ ଓ ନେଦରଲାଣ୍ଡ ସରକାରଙ୍କ ଦୂତାବାସର ମିଳିତ ଆନୁକୂଲ୍ୟରେ ଘରୋଇ ହିଂସା ନିରାକରଣ ନେଇ ଏକ ଗୋଷ୍ଠୀ କେନ୍ଦ୍ରିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ସମାଜ ମଙ୍ଗଳ ବିଭାଗ ସହଯୋଗରେ ସ୍ୱେଚ୍ଛାସେବୀ ସଂସ୍ଥା ଆଶାର ସମ୍ପାଦକ ରଘୁନାଥ ବାବୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏଲ୍‌ୟୁ ଓଡ଼ିଶାର କୁଳସଚିବ ପ୍ରଫେସର ଡ. ରଙ୍ଗୀନ୍ ପଲ୍ଲବ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ଏନ୍‌ଏଲ୍‌ୟୁ ସହଯୋଗୀ ପ୍ରଫେସର ସୁମନ୍ ଦାଶ ଭଞ୍ଜମିଶ୍ର ପ୍ରମୁଖ ଯୋଗଦେଇ ପାରିବାରିକ ହିଂସା ଆଇନ୍-୨୦୦୫ ଉପରେ ଆଲୋଚନା କରିଥିଲେ। ମହିଳାମାନେ ଶାରୀରିକ, ମାନସିକ ହିଂସା ତଥା ଆର୍ଥିକ, ଯୌନନିର୍ଯାତନାରୁ କିପରି ସୁରକ୍ଷିତ ରହି ପାରିବେ। ଏନେଇ ସେମାନେ କେଉଁଠାରେ ଓ କିପରି ଭାବରେ ଅଭିଯୋଗ ଦାଖଲ କରିପାରିବେ ସେନେଇ ଅବଗତ କରାଯାଇଥିଲା। ଏହା ସହ ଯୌତୁକ ନିରୋଧ ଆଇନ-୧୯୬୧ ସମ୍ପର୍କରେ ମଧ୍ୟ ସବିଶେଷ ଧାରଣ ଦିଆଯାଇଥିଲା। ଏଥିରେ ବହୁ ସଂଖ୍ୟାରେ ନିର୍ଯାତିତ ତଥା ଯୌନ ପୀଡ଼ିତା ସାମିଲ ହୋଇଥିଲେ। ଏହି ଅବସରରେ ମନମିତ୍ ସିଂ ଆରୋରା, ତନ୍ମୟା ଦାସ, ରାଜକିଶୋର ପଣ୍ଡା, ସୁଧାଂଶୁ ଭୂଷଣ ମହାରଣା ଓ ଗବେଷିକା ଅରୋଷିକା ମହାନ୍ତି, ବିଶ୍ୱଜିତ୍ ମିଶ୍ର ପ୍ରମୁଖ ଏନ୍‌ଏଲ୍‌ୟୁ ହିଂସା ବିରୁଦ୍ଧ ପ୍ରକଳ୍ପ ପ୍ରବନ୍ଧକ ଉପସ୍ଥିତ ଥିଲେ। ଶେଷରେ ଶକ୍ତି ସଦନର ଦ୍ରୌପଦୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଶକ୍ତି ସଦନର ଜ୍ୟୋତ୍ସ୍ନା ନାଏକ ଓ ଏନ୍‌ଏଲ୍‌ୟୁ ଓଡ଼ିଶାର ପ୍ରକଳ୍ପ ପ୍ରବନ୍ଧକ ଅମ୍ଳାନ ଜ୍ୟୋତି ରାଉତ ପରିଚାଳନା କରିଥିଲେ।

# ସମ୍ବଲପୁର ଫୁଟବଲ ଏକାଡେମୀକୁ ହରାଇ ହାଇଦ୍ରାବାଦ ଫାଇନାଲକୁ ପ୍ରବେଶ

ସମ୍ବଲପୁର,୨୮।୨(ବି.ଶଙ୍କର)

ସମ୍ବଲେଶ୍ୱରୀ ସ୍ପୋଟିଂ ଓ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ଆୟୋଜିତ ସର୍ବଭାରତୀୟ ସମ୍ବଲପୁର କପ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ମ୍ୟାଚରେ ଶ୍ରୀନିଧି ଡେକାନ ହାଇଦ୍ରାବାଦ ଦଳ ବିଜୟୀ ହୋଇଛି। ଏହି ବିଜୟ ସହ ହାଇଦ୍ରାବାଦ ଦଳ ଫାଇନାଲ ମ୍ୟାଚ ଖେଳିବାର ଯୋଗ୍ୟତା ଅର୍ଜନ କରିଛି। ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ପ୍ରଥମ ସେମିଫାଇନାଲ ମ୍ୟାଚ ଶ୍ରୀନିଧି ଡେକାନ ହାଇଦ୍ରାବାଦ ବନାମ ସମ୍ବଲପୁର ଫୁଟବଲ ଏକାଡେମୀ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚ ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ଦୁଇ ଦଳ ଖେଳାଳିମାନେ ଆକ୍ରମଣାତ୍ମକ ଓ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ଫଳସ୍ୱରୂପ ମ୍ୟାଚ ୨-୨ ଗୋଲ ସ୍କୋରରେ ଅମିମାଂଶିତ ହୋଇ ଶେଷ ହୋଇଥିଲା । ଯଦ୍ୱାରା ରେଫରୀ ଟ୍ରାଇବ୍ରେକର (ପେନାଟି ସୁଟ) ପଦ୍ଧତିର ଆଶ୍ରୟ ନେଇଥିଲେ। ଏହି ଟ୍ରାଇ ବ୍ରେକର ପଦ୍ଧତିରେ ହାଇଦ୍ରାବଦ ଦଳ ୪-୨ଗୋଲ ସ୍କୋରରେ ବିଜୟୀ ହୋଇଥିଲା। ମ୍ୟାଚକୁ ରେଫରୀ ସୁବ୍ରତ ପୁରୋହିତ, ନବୀନ କୁମାର ନାଏକ, ଜିତେନ୍ଦ୍ରିୟ ଥନାପତି ଏବଂ ଉତ୍କଳମଣୀ ବେହେରା ପରିଚାଳନା କରିଥିଲେ। ସେହିପରି ଦୁର୍ଗା ମାଧବ ନାଏକ ମ୍ୟାଚ କମିସନର ଥିଲେ। ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ହୀରାକୁଦ ସ୍ଥିତ ହୀଣ୍ଡାଲକୋ ମୁଖ୍ୟ ଦେବାଶିଷ ମଲ୍ଲିକ ଓ ମାନବ ସମ୍ବଲ ମୁଖ୍ୟ ବିଶ୍ୱାସ ସିନ୍ଧେ, ସମ୍ବଲପୁର ଜିଲା କ୍ରୀଡା ସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ନିଳମଣୀ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ବଲପୁର ଫୁଟବଲ ଏକାଡେମୀର ସମ୍ପାଦକ ଅତନୁ ଘୋଷ ସୂଚନା ଦେଇଥିଲେ।

# ବୀର ସୁରେନ୍ଦ୍ର ସାଏଙ୍କ ଶ୍ରାଦ୍ଧ ବାର୍ଷିକୀ



ବୀରସୁରେନ୍ଦ୍ର ସାଏଙ୍କର ୧୪୧ତମ ବଳିଦାନ ଦିବସ ଅବସରରେ ଉଲଗୁଲାନ ସ୍ମାରକୀରେ ସ୍ମୃତିଚାରଣ ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ସମ୍ବଲପୁର,୨୮।୨(ଭବାନୀ ଶଙ୍କର ଭୋଇ)

ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର ୧୪୧ ତମ ବଳିଦାନ ଦିବସ ଅବସରରେ ଶୁକ୍ରବାର ଐତିହାସିକ ବୁଢାରଜା ପାହାଡ଼ସ୍ଥିତ ଉଲଗୁଲାନ ସ୍ମାରକୀରେ ସ୍ମୃତିଚାରଣ ସହ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ହୀରାଖଣ୍ଡ ପଶ୍ଚିମ ଓଡ଼ିଶା ପୂର୍ବତନ ସୈନିକ ସଙ୍ଗଠନ ପକ୍ଷରୁ ସୁବେଦାର ମେଜର ଶିବ ନାରାୟଣ ବେହେରାଙ୍କର ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟଅତିଥି ଭାବରେ କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ଏବଂ ମୁଖ୍ୟବକ୍ତା ଭାବରେ ବରିଷ୍ଠ ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ଯୋଗଦାନ କରିଥିଲେ। ମୁଖ୍ୟଅତିଥି କର୍ଣ୍ଣେଲ ପ୍ରଭାତ କୁମାର ପଣ୍ଡା ନିଜ ବକ୍ତବ୍ୟରେ ରାଷ୍ଟ୍ରରକ୍ଷା ପାଇଁ ସଂକଳ୍ପବଦ୍ଧ ସମସ୍ତ ଯୁବତୀଯୁବକଙ୍କୁ ଜାତୀୟ ବୀର ସୁରେନ୍ଦ୍ର ସାଏଙ୍କ ଜୀବନାଦର୍ଶ ଉଦ୍‌ବୁଦ୍ଧ କରିବ। ଉଲଗୁଲାନ ସ୍ମାରକୀରେ ମାଲ୍ୟାର୍ପଣ ଏବଂ ଧୂପଦୀପ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଙ୍ଗଠନର ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ବୀର କିଶୋର ବେହେରା, ନମିତା ପଣ୍ଡା, ଶିବଶମ୍ଭୁ ଯାଦବ, ସୋମନାଥ ସାହୁ, ରାଜକୁମାର ତିୱାରୀ, ଅନିଲ କୁମାର ମିଶ୍ର, କରୁଣାକର ବେହେରା, ନରେନ୍ଦ୍ର ଭୂତିଆ, ବିଶ୍ୱରଞ୍ଜନ ଜେନା, ରାଜେନ୍ଦ୍ର କୁମାର ଶତନାମୀ ଏବଂ ହରି ଶଙ୍କର ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ନାବାଳିକା ବଳାତ୍କାର ଉଦ୍ୟମ: ଯୁବକଙ୍କୁ ୪ବର୍ଷ ସଶ୍ରମ କାରାଦଣ୍ଡ

ସମ୍ବଲପୁର,୨୮।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଜମନକିରା ଥାନା ଚିର୍ଗୁଣୀଖୋଲ ଗ୍ରାମରେ ଜନୈକା ନାବାଳିକାଙ୍କୁ ଅସଦାଚରଣ ଓ ବଳାତ୍କାର ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତଙ୍କୁ ୪ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହି ମାମଲାରେ ମୋଟ ୧୬ ଜଣ ସାକ୍ଷୀ ଓ ଅନ୍ୟାନ୍ୟ ତଥ୍ୟ ପ୍ରମାଣର ଅନୁଧ୍ୟାନ ପୂର୍ବକ ବିଚାରପତି ରାୟ ଦେଇଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଚିର୍ଗୁଣୀଖୋଲ ଗ୍ରାମର ଜଣେ ନାବାଳିକା (୧୭) ୨୦୨୩ ଅଗଷ୍ଟ ୨୭ ସକାଳେ ଏକାକୀ ଘର ନିକଟସ୍ଥ ପଡ଼ିଆକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଛକି ରହିଥିବା ଅଭିଯୁକ୍ତ ଅରୁଣ ଭୋଇ(୨୨) ନାବାଳିକାଙ୍କୁ ଧରି ବଳାତ୍କାର ଉଦ୍ୟମ କରିଥିଲେ। ତାଙ୍କୁ ଟଣାଓଟରା ସହ ତାଙ୍କର ବିଭିନ୍ନ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଷ କରିଥିଲେ। ଏସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ। ମାତ୍ର କୌଣସି ପ୍ରକାର ନାବାଳିକା ଖସି ଆସି ଘରେ ଘଟଣା ବିଷୟରେ କହିଥିଲେ। ନାବାଳିକା ନିଜ ମାତାଙ୍କ ସହ ଯାଇ ଜମନକିରା ଥାନାରେ ଏତଲା ଦେଇଥିଲେ। ସେମାନଙ୍କ ଏତଲା ଆଧାରରେ ଜମନକିରା ଥାନାରେ ଏକ ମାମଲା (ନଂ.୧୦୦/୨୦୨୩) ରୁଜୁ ହୋଇଥିଲା। ତଦନ୍ତ ବେଳେ ପୋଲିସ ଅଭିଯୁକ୍ତ ଅରୁଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଅଦାଲତରେ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ କୁମାର ପଣ୍ଡା ପରିଚାଳନା କରିଥିଲେ।

# ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ

ନାକଟିଦେଉଳ,୨୮।୨(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ବିଜ୍ଞାନଭିତ୍ତିକ ପ୍ରକଳ୍ପ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏଥିରେ ୬ଷ୍ଠରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ କନିଷ୍ଠ ବର୍ଗରେ ସମୁଦାୟ ୪୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରେ ୬ଷ୍ଠ ଏବଂ ୭ମ ଶ୍ରେଣୀର ୩୨ଟି ପ୍ରକଳ୍ପ, ୮ମ ଶ୍ରେଣୀରେ ୧୬ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଛାତ୍ର ସମ୍ଭବ ପ୍ରଧାନ ପ୍ରଥମ, ଛାତ୍ରୀ ପ୍ରାଚୀ ପ୍ରବୀଣା ମାଝୀ ଦ୍ୱିତୀୟ ଏବଂ ଛାତ୍ରୀ ଜାଗୃତି ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ହାଉସ ସ୍ତରରେ ଏକ ବିଜ୍ଞାନ କୁଇଜ ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ ଏହାକୁ ବିଜ୍ଞାନ ଶିକ୍ଷକ ଶୁଭମ ପଣ୍ଡା ପରିଚାଳନା କରିଥିଲେ । ଏଥିରେ ସୁବର୍ଣ୍ଣରେଖା ହାଉସ ଚାମ୍ପିୟନ ହୋଇଥିଲା। ଅନ୍ୟ ପକ୍ଷରେ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ କୁମାର ସ୍ୱାଇଁଙ୍କ ପରିଚାଳନାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ସାଇନ୍ସ ମ୍ୟାଜିକ ସୋ ଆୟୋଜିତ ହୋଇଥିଲା। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ମଧୁସ୍ମିତା ଦେହୁରୀଙ୍କ ପରିଚାଳନାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଣ୍ଢେଇଗୋଳା କେନ୍ଦୁପତ୍ର ରେଞ୍ଜ ଅଫିସର ଛବିଳ କୁମାର ପ୍ରଧାନ, ମୁଖ୍ୟବକ୍ତା ଭାବେ କିସିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ କୁମାର ପ୍ରଧାନ ଏବଂ ସମ୍ମାନିତ ଅତିଥି ଭାବେ ତାରଙ୍ଗ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ପ୍ରଧାନ ଯୋଗଦେଇଥିଲେ।



ଜାତୀୟ ବିଜ୍ଞାନ ଦିବସରେ ଛାତ୍ରୀମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

# କର୍ତ୍ତବ୍ୟ ବଳରେ ହିଁ ମଣିଷ ସଫଳତା ପାଇଥାଏ

କୁଚିଣ୍ଡା,୨୮।୨(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତର ରାମତିଲେଇମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ପଟେଲ ଏଥିରେ ସଭାପତିତ୍ୱ କରି ବାର୍ଷିକ ବିବରଣୀ ପଠନ କରିଥିଲେ। କାର୍ଯ୍ୟକ୍ରମରେ କୁଚିଣ୍ଡା ବ୍ଲକ ଜିଲା ପରିଷଦ ଜୋନ.୧ର ସଭ୍ୟ ଅଜିତ କୁମାର ମହାପାତ୍ର ମୁଖ୍ୟଅତିଥି, ବିରଞ୍ଚି ନାରାୟଣ ଦର୍ଶୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କର୍ତ୍ତବ୍ୟ ବଳରେ ହିଁ ମଣିଷ ସଫଳତା ପାଇଥାଏ। ବାର୍ଷିକ ଉତ୍ସବ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ହୋଇଥାଏ। ତେଣୁ ପିଲାମାନେ ଗୁଣାତ୍ମକ ଶିକ୍ଷା ଗ୍ରହଣକରି ଭଲ ମଣିଷ ହୋଇ ବିଦ୍ୟାଳୟର ସୁନାମ ଅର୍ଜନ କରିବାକୁ ଅତିଥିମାନେ କହିଥିଲେ। ଏଥିରେ ସରପଞ୍ଚ ସୁବାସିନୀ ଧାନ, ସମିତି ସଭ୍ୟ ଧ୍ରୁବଚରଣ ବେହେରା, ଅବସରପ୍ରାପ୍ତ ଶିକ୍ଷକ ପରମେଶ୍ୱର ପଟେଲ, ୱାର୍ଡସଭ୍ୟା ଶ୍ରୀମତୀ ଲୁହା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନାତନ ସେଉଳ, ଲିଙ୍ଗରାଜ ବାଘ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଦ୍ୟାଳୟରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ପ୍ରକାଶ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଶିକ୍ଷକ ସରୋଜ ପଟେଲ ସଭା ପରିଚାଳନା କରିଥିଲେ। ଶିକ୍ଷକ ଯଦୁମଣି ବର, ସୁମନ୍ତ ପଟେଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



ପ୍ରଧାନ ଶିକ୍ଷକ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ରାମତିଲେଇମାଲ ସ୍କୁଲ ବାର୍ଷିକ ଉତ୍ସବ**

# ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୨ ମାସ ମଧ୍ୟରେ ଜମି ଦିଆଯିବ: ମନ୍ତ୍ରୀ



ଜିଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ମନ୍ତ୍ରୀ ସମୀକ୍ଷା କରୁଛନ୍ତି।

**ଉପ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ**

- ଜିଲାର ରେଳପ୍ରକଳ୍ପ ପାଇଁ ଜମି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ
- ସବୁ ସ୍କୁଲ, କଲେଜକୁ ମିଳିବ ଜମି ପର୍ଚ୍ଚା, ଖେଳପଡିଆ ପାଇଁ ଜମି ଦିଆଯିବ
- ଲୋୟର ସୁକ୍‌ତେଲ ପ୍ରକଳ୍ପ ବିସ୍ଥାପିତଙ୍କ ସମସ୍ୟାର ସମାଧାନ କରାଯିବ

ବଲାଙ୍ଗୀର,୨୮।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଡିଏଫ୍‌ଓ ଅଫିସ ସମ୍ମିଳନୀ କକ୍ଷରେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୋଜନା ଓ କାର୍ଯ୍ୟ ସମ୍ପର୍କିତ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଉପସ୍ଥିତ ଥିଲେ। ବୈଠକରେ ରାଜସ୍ୱ ବିଭାଗର ବିଭିନ୍ନ ଯୋଜନା କିଭଳି ଜିଲାରେ କାର୍ଯ୍ୟାନ୍ୱୟନ ହୋଇପାରିବ ସେ ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ବୈଠକରେ ବଲାଙ୍ଗୀର ଜିଲାର ରେଲୱେ ପ୍ରକଳ୍ପ ଉପରେ ସବିଶେଷ ସମୀକ୍ଷା କରାଯାଇଥିଲା। ବଲାଙ୍ଗୀର-ନୂଆପଡା ଭାୟା ପାଟଣାଗଡ ନୂଆ ରେଳପ୍ରକଳ୍ପକୁ କିଭଳି ରାଜସ୍ୱ ବିଭାଗକୁ ଶୀଘ୍ର ଜମି ବ୍ୟବସ୍ଥା କରାଯାଇପାରିବ ସେ ବିଷୟରେ ମନ୍ତ୍ରୀ ପୂଜାରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଜମି ଯୋଗାଇ ଦେବାକୁ ମନ୍ତ୍ରୀ ପୂଜାରୀ କହିଥିଲେ। ଆଗାମୀ ଦୁଇ ମାସ ମଧ୍ୟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସକାଶେ ୧୦୦ ଏକର ଜମି ବ୍ୟବସ୍ଥା କରିବାକୁ ସେ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହସହିତ ତତ୍କାଳୀନ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ରାଜେନ୍ଦ୍ର କଲେଜକୁ ଦେଇଥିବା ସମୁଦାୟ ଜମିର ଦାନପତ୍ର ସମ୍ପର୍କରେ ମଧ୍ୟ ଖୋଳତାଡ କରିବାକୁ ସେ କହିଥିଲେ। ଯେତିକି ଜମି ଅନୁଷ୍ଠାନକୁ ଦିଆଯାଇଥିଲା ସେସବୁ ଜମି କିଭଳି ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ଫେରିବ ଏବଂ ଏଥିସକାଶେ ଯାହା ଆବଶ୍ୟକ ତାହା କରାଯିବ ବୋଲି ମନ୍ତ୍ରୀ ପୂଜାରୀ ଗଣମାଧ୍ୟମରେ କହିଥିଲେ। ଏହା ସହିତ ଜିଲାର ସମସ୍ତ ସ୍କୁଲ, କଲେଜର ଜମି ପାର୍ଚ୍ଚା କରାଯିବା ସହ ଖେଳ ପଡିଆ ପାଇଁ ଜମି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ସବ୍‌ରେଜେଷ୍ଟ୍ରି ଅଫିସରେ ଜମି ଜାଲିଆତି ରୋକିବା ପାଇଁ ସ୍ମାର୍ଟ ସର୍ଭିଲେନ୍ସ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଥିଲେ। ଲୋୟର ସୁକ୍‌ତେଲ ପ୍ରକଳ୍ପର ଭୂମିହୀନ ଏବଂ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ଦିଗରେ ରାଜସ୍ୱ ବିଭାଗ ସଂକାନ୍ତୀୟ ସମସ୍ତ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବଲାଙ୍ଗୀର ଜିଲାର ବିକାଶକୁ ସେ ସବୁବେଳେ ପ୍ରାଥମିକତା ଦେବେ ବୋଲି କହିଥିଲେ। ବୈଠକରେ ମ୍ୟୁଟେସନ କେସଗୁଡିକ ଯଥାଶୀଘ୍ର ସହମତି ଭିତ୍ତିରେ ସମାଧାନ କରିବାକୁ କହିଥିଲେ। ଏହାପରେ ପାଟଣାଗଡ଼ ବାଇପାସ, ଟିଟିଲାଗଡ଼ ବାଇପାସ, ଏନଏଚ୍, ରେଳ ଆଦି ବିଭାଗ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲାପାଳ ଗୌରଓ ଶିଓାଜୀ ଇସଲୱାର, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରୀ, ବଲାଙ୍ଗୀର ଉପଜିଲାପାଳ ଆଲୋକ ପଟେଲ, ପାଟଣାଗଡ଼ ଉପଜିଲାପାଳ ସୁନୀଲ ମେହେର, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଫୁଲ କୁଜୁର, ମୁଖ୍ୟ ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ, ଆସିଷ୍ଟାଣ୍ଟ କଲେକ୍ଟର (ରାଜସ୍ୱ) ସରିତା ରାଣୀ ଶତପଥୀଙ୍କ ସମେତ ଜିଲାର ବିଭିନ୍ନ ବିଭାଗ ଅଧିକାରୀ , ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଉପସ୍ଥିତ ଥିଲେ।

## ଜାତୀୟ ବିଜ୍ଞାନ ଦିବସ ପାଳିତ

ଲୋଇସିଂହା,୨୮।୨(ସୁଶାନ୍ତ ବାରିକ)

ଶୁକ୍ରବାର ପ୍ରଥମ ଓଡିଶା ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା କ୍ଲଷ୍ଟରଅଧୀନ ଯୋଗୀସର୍ଡା ପ୍ରାଥମିକ ବିଦ୍ୟାଳୟ ଓ ଗୋପାଳପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଉଭୟ ବିଦ୍ୟାଳୟରେ ଗଣିତ ଓ ବିଜ୍ଞାନ ସମ୍ବନ୍ଧୀୟ ୧୪ ଟି ଲେଖାଏ ପ୍ରକଳ୍ପ ସ୍ଥାନିତ ହୋଇଥିଲା । ଏହି ଉପଲକ୍ଷେ ଛାତ୍ରୀଛାତ୍ରଙ୍କୁ ପ୍ରଥମ ଓଡିଶାର କର୍ମକର୍ତ୍ତା ଏବଂ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଜାତୀୟ ବିଜ୍ଞାନ ଦିବସ ପାଳନର ଉଦ୍ଦେଶ୍ୟ ଓ ସାର୍ ସି .ଭି .ରମଣଙ୍କ ଆତ୍ମଜୀବନୀ ଉପରେ ଆଲୋକପାତ କରିଥିଲେ। ଚଳିତବର୍ଷର ବାର୍ତ୍ତା ତଥା ବିକଶିତ ଭାରତ ପାଇଁ ବିଜ୍ଞାନର ଆବଶ୍ୟକତା ସମ୍ପର୍କରେ କୁହାଯାଇଥିଲା । ପ୍ରଥମ ଓଡିଶାର ଜ୍ୟୋତି ଦୀପ, ପଦ୍ମିନୀ ସେଠ, ସ୍ନେହା ମଞ୍ଜରୀ କାଳସାଏ ଓ ମମତା ଦୀପଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗୀସର୍ଡା ସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିନୀ ତାଣ୍ଡି ଓ ଗୋପାଳପୁର ସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସତ୍ୟ ବିଶି ଅଧ୍ୟକ୍ଷତା କରିଥିଲେ।

## ପାନୀୟ ଜଳ ସମସ୍ୟା ଉପରେ ଆଲୋଚନା

ଲୋଇସିଂହା,୨୮।୨(ସୁଶାନ୍ତ ବାରିକ)

ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭା ଗୃହରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଅନୁମୋଦନ ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଅଧ୍ୟକ୍ଷତା କରିଥିଲେ। ଭାରପ୍ରାପ୍ତ ବିଡିଓ ମହାପାତ୍ର କୁଳଦୀପ ମହାନ୍ତି ଉପସ୍ଥିତ ସରପଞ୍ଚ, ସମିତି ସଭ୍ୟ ଓ ଜିଲା ପରିଷଦ ସଭ୍ୟାସଭ୍ୟଙ୍କୁ ପ୍ରକଳ୍ପ ପ୍ରସ୍ତାବ ଦେବାକୁ କହିଥିଲେ। ପଞ୍ଚାୟତ ସ୍ତରରେ ଅନୁଷ୍ଠିତ ଗ୍ରାମସଭାରେ ଅନୁମୋଦିତ ପ୍ରକଳ୍ପ ପ୍ରସ୍ତାବ ଦେବାକୁ ଅନୁରୋଧ କରିଥିଲେ। ଶିକ୍ଷାନୁଷ୍ଠାନ,ଅଙ୍ଗନବାଡ଼ି କେନ୍ଦ୍ର, ରାସ୍ତା, ଗ୍ରାମୀଣ ପାର୍କ ଆଦି ପ୍ରକଳ୍ପ ଉପରେ ପ୍ରାଥମିକତା ଦିଆ ଯାଇଥିବା ବିଡିଓ ମହାନ୍ତି ଗଣମାଧ୍ୟମକୁ ଜଣାଇଛନ୍ତି। ଏହାଛଡ଼ା ଗ୍ରୀଷ୍ମ ଋତୁ ଆସି ଯାଇଥିବାରୁ ଗ୍ରାମାଞ୍ଚଳରେ ପାନୀୟ ଜଳ ସମସ୍ୟା ସମାଧାନ ଉପରେ ଆଲୋଚନା କରାଯାଇଥିବା ସେ କହିଛନ୍ତି। ଅଚଳ ନଳକୂପ ମରାମତି ଓ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ଯତ୍ନବାନ ହେବାକୁ କୁହାଯାଇଛି। ଏହି ବୈଠକରେ ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

## ବିଭିନ୍ନ ଶିବାଳୟରେ ଜାଗର ମେଳା

ଦେଓଗାଁ,୨୮।୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗାଁର ଶିବାଳୟଗୁଡିକରେ ଶିବରାତ୍ରି ଉପଲକ୍ଷେ ଜାଗର ମେଳା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି । ଦେଓଗାଁର ଯୋଗୀସାଗରସ୍ଥିତ ଯୁଗେଶ୍ୱର ବାବାଙ୍କ ମନ୍ଦିରରେ ଜାଗର ମେଳା ଅନୁଷ୍ଠିତ ହୋଇଥିଲା । ଏହି ଦିନ ରାତିରେ ମହାଦୀପ ଉଠିବା ପରେ ସେଠାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଆମଘାଟର ଶମ୍ଭୁ ଭୂଷଣ ବାଗ ଓ ସାଥୀ, ଝିଙ୍କି ଡୁଙ୍ଗୁରୀର ଜଗନ୍ନାଥ ମୁଦୁଲି ଓ ସାଥୀଙ୍କ ଦ୍ୱାରା ସଂଚାର ନୃତ୍ୟ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଡା. ଶିବବ୍ରତ ଦାସ ଓ ତାଙ୍କ ସ୍ତ୍ରୀ ସନ୍ତୋଷିନୀ ଦାସ ଏବଂ ପୂଜକ ଭାବେ ରୁଦ୍ରନାରାୟଣ ଥନାପତି ଓ ଅମ୍ବରୀଶ ଥନାପତି ଦାୟିତ୍ୱ ତୁଲାଇଥିଲେ। ପବିତ୍ର ପାତ୍ର, ରଶ୍ମିରଞ୍ଜନ ସାହୁ, ନିହାର ରଞ୍ଜନ ଦାସ, ଲକ୍ଷ୍ମୀନାରାୟଣ ଦାସ ତଥା କମିଟିର ସଦସ୍ୟାସଦସ୍ୟ ସହଯୋଗ କରିଥିଲେ । ସେହିପରି ସିକୁଆଁରେ ସିଦ୍ଧେଶ୍ୱର ବାବାଙ୍କ ମନ୍ଦିରରେ କର୍ତ୍ତା ଭାବେ ବାବୁଲାଲ ପଧାନ ଓ ତାଙ୍କ ପତ୍ନୀ ରଞ୍ଜିତା ପଧାନ ଦାୟିତ୍ୱ ତୁଲାଇଥିଲେ। ସିକୁଆଁ ସମେତ ସାଗରପାଲି, ଉପରଝରଠାରେ ଅଷ୍ଟପ୍ରହରୀ ନାମଯଜ୍ଞ ଆୟୋଜିତ ହୋଇଥିଲା । ଏଥିରେ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇଥିଲେ। ସେହିପରି ଉପରଝରରେ ଅନୁଷ୍ଠିତ ନାମଯଜ୍ଞରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଯୋଗ ଦେଇଥିଲେ।

## ୨୧ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ : ୩ ଗିରଫ

**ବୌଦ୍ଧରୁ ଉତ୍ତର ପ୍ରଦେଶ ଚାଲାଣ ହେଉଥିଲା**


ଜବତ କାର୍ ଓ ଗଞ୍ଜେଇ।

ବଲାଙ୍ଗୀର,୨୮।୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଶୁକ୍ରବାର ସକାଳେ ବଲାଙ୍ଗୀର ସହର କଦମପଡାସ୍ଥିତ ରେଲୱେ ଅଣ୍ଡର ବ୍ରିଜ୍ ନିକଟରେ ଚଢାଉ କରି ଏକ ଇନୋଭା କାର୍‌ରୁ ୨ କୁଇଣ୍ଟାଲ ୧୦ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ । ଉକ୍ତ କାର୍‌ରେ ଏହି ଗଞ୍ଜେଇ ବୌଦ୍ଧ ଜିଲାରୁ ଉତ୍ତର ପ୍ରଦେଶକୁ ଚୋରା ଚାଲାଣ ହେଉଥିଲା ବୋଲି କୁହାଯାଇଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ପ୍ରକାଶ ଯେ, ବୌଦ୍ଧ ଜିଲା ମାତାକୁପା ଜଙ୍ଗଲ ଅଞ୍ଚଳରୁ ଉତ୍ତର ପ୍ରଦେଶକୁ ବ୍ୟାପକ ଗଞ୍ଜେଇ ଚାଲାଣ ହେଉଥିବା ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଫଳରେ ବଲାଙ୍ଗୀର ଅବକାରୀ ଟିମ୍ କଦମପଡା ରେଲୱେ ଅଣ୍ଡର ବ୍ରିଜ୍ ତଳେ ଏକ ଇନୋଭା କାର୍‌କୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ପରେ କାର୍‌ରୁ ଗଞ୍ଜେଇ ଜବତ କରାଯାଇଥିଲା। ଏହି ଘଟଣାରେ ଅବକାରୀ ଟିମ୍ ଉତ୍ତର ପ୍ରଦେଶ ଜୌନପୁର ଜିଲାର ଅଭିଯୁକ୍ତ ଚନ୍ଦ୍ରକେଶ ଯାଦବ, ମୂଳଚାନ୍ଦ ଯାଦବ ଓ ସକିଲ ଅହମଦଙ୍କୁ ଗିରଫ କରିବା ପରେ କୋର୍ଟଚାଲାଣ କରିଛି। ବଲାଙ୍ଗୀର ଅବକାରୀ ଅଧୀକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନେତୃତ୍ୱରେ ୮ ଜଣିଆ ଅବକାରୀ ମୋବାଇଲ୍ ଟିମ୍ ଏହି ଗଞ୍ଜେଇ ଜବତ କରିଥିଲା। ଅବକାରୀ ବିଭାଗ ପକ୍ଷରୁ କାର୍‌କୁ ଜବତ କରାଯାଇଛି। ଜବତ କାର୍‌ର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ଦିଆଯାଇଛି।

## ଦେଦର୍ହ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖପ୍ରାଖୋଲ,୨୮।୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ପଡ଼ିଆବାହାଲ ପଞ୍ଚାୟତ ଦେଦର୍ହ ଗାଁ ଶହୀଦ ବାଜି ରାଉତ ସ୍ପୋର୍ଟିଂ ତରଫରୁ ଦେଦର୍ହ କପ୍ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଦେବରାଜ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଭାଜପା ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ସାମାଜିକ କର୍ମୀ ଡ. ଅଭୟ ତ୍ରିପାଠୀ, ଫକୀର ପ୍ରଧାନ ଯୋଗଦେଇ ଟୁର୍ନାମେଣ୍ଟ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ରେଙ୍ଗାଲି ଓ ବନମାଳ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବନମାଳ ଦଳ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮୯ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ରେଙ୍ଗାଲି ଦଳ ସମସ୍ତ ଉଇକେଟ ହରାଇ ନିର୍ଦ୍ଧାରିତ ୧୦ ଓଭରରେ କେବଳ ୮୪ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲେ। ଫଳରେ ପ୍ରଥମ ମ୍ୟାଚରେ ବନମାଳ ଦଳ ବିଜୟୀ ହୋଇଥିଲେ। ଖେଳକୁ ମନୋଜ ପଧାନ ଓ ସୁବ୍ରତ ବନଛୋର୍ ପରିଚାଳନା କରିଥିଲେ । ଗୋବିନ୍ଦ ମେହେର ସ୍କୋରର ଓ ତୁଳାରାମ ନାଗ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ୫ ଦିନ ଧରି ଅନୁଷ୍ଠିତ ହେବ।

**ଗୋଡ଼ ଭାଙ୍ଗିବାରୁ ଘରକୁ ଫେରିଲେ ଦାଦନ ଶ୍ରମିକ**

# ଇଟାଭାଟିରେ ବାପା ଓ ଭଉଣୀ ବନ୍ଧକ

**ଥାନାରେ ଏତଲା ଦେଲେ ସ୍ତ୍ରୀ**


ଗାଁକୁ ଫେରି ଆସିଥିବା ଦାଦନ ଶ୍ରମିକ କାଲୁରାମ ଓ ତାଙ୍କ ସ୍ତ୍ରୀ ।

ବେଲପଡା,୨୮।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲାରେ ଦାଦନ ଦୁଃଖ ଥମିବାର ନାଁ ନେଉନାହିଁ। ଜିଲାର ବେଲପଡା ଅଞ୍ଚଳର ଏକ ପରିବାର ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇ ସେଠାରେ ଅକଥନୀୟ ନିର୍ଯ୍ୟାତନା ସହିବା ଖବର ସାମ୍ନାକୁ ଆସିଛି। ଏହି ପରିବାରର ସଦସ୍ୟ କାଲୁରାମ ମହାନନ୍ଦ (୩୫)ଙ୍କ ଗୋଡ ଭାଙ୍ଗିଯିବାରୁ ସେ ସ୍ତ୍ରୀଙ୍କ ସହ ନିଜ ଗାଁରେ ଶୁକ୍ରବାର ପହଞ୍ଚିଛନ୍ତି। କିନ୍ତୁ ଯିବା ପୂର୍ବରୁ ସର୍ଦ୍ଦାରଠାରୁ ଅଗ୍ରୀମ ଟଙ୍କା ନେଇଥିବାରୁ ତାଙ୍କ ବାପା ଓ ଭଉଣୀଙ୍କୁ ଇଟାଭାଟି ମାଲିକ ବନ୍ଧକ ରଖିଛନ୍ତି । ଫଳରେ ସେ ଗାଁକୁ ଫେରିବା ପରେ ତାଙ୍କ ସ୍ତ୍ରୀ ଏନେଇ ବେଲପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ବଲାଙ୍ଗୀର ଜିଲା ବେଲପଡା ଥାନା ଥୁଡିବାହାଲ ଗାଁରେ କାଲୁରାମଙ୍କ ଘର। ଗତ ଜାନୁଆରୀ ପ୍ରଥମ ସପ୍ତାହରେ କାଲୁରାମ ଓ ତାଙ୍କ ସ୍ତ୍ରୀ ଶକୁନ୍ତଳା, ଭଉଣୀ ମିଞ୍ଝିଲି ଏବଂ ବାପା ବସନ୍ତଙ୍କୁ ମୁନାପାଲି ଗାଁର ଜଣେ ଦାଦନ ସର୍ଦ୍ଦାର ହାଇଦ୍ରାବାଦର ନଟୁପଲ୍ଲୀ ଅଞ୍ଚଳକୁ ନେଇଥିଲେ। ସମସ୍ତେ ସେଠାରେ ପହଞ୍ଚି ସେଠାକାର ଜଣେ ଇଟାଭାଟି ମାଲିକଙ୍କ ପାଖରେ ଇଟା ବୋହିବା କାର୍ଯ୍ୟରେ ନିୟୋଜିତ ଥିଲେ। ସେଠାରେ ସମସ୍ତଙ୍କୁ ପ୍ରତିଦିନ ଅତ୍ୟଧିକ କାମ କରିବାକୁ ବାଧ କରାଯାଉଥିଲା। ତେବେ ଗତ ୭ ତାରିଖ ଦିନ ଟ୍ରାକ୍ଟରରେ କାଲୁରାମ ଇଟା ଲୋଡ କରୁଥିବା ବେଳେ ଖସି ପଡିବାରୁ ତାଙ୍କ ବାମ ଗୋଡ଼ ଭାଙ୍ଗି ଯାଇଥିଲା। ଏହାପରେ ତାଙ୍କୁ ଏକ ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ସେତେବେଳେ ସର୍ଦ୍ଦାର ଚିକିତ୍ସା ପାଇଁ କୌଣସି ଆର୍ଥିକ ସହାୟତା ଦେଇ ନ ଥିଲେ। ସ୍ତ୍ରୀ ଶକୁନ୍ତଳା ଅନ୍ୟମାନଙ୍କୁ ଟଙ୍କା ମାଗି ଚିକିତ୍ସା କରିଥିଲେ। ଗୋଡ଼ ଭାଙ୍ଗିବା ପରେ ସେ କାମ କରିବାକୁ ସକ୍ଷମ ନ ହେବାରୁ ପରିବାର ଲୋକେ ଘରକୁ ଯିବା ପାଇଁ କହିଥିଲେ। ହେଲେ ଇଟାଭାଟି ମାଲିକ କାଲୁରାମଙ୍କୁ କାରଖାନାରେ ରଖି ପରିବାର ଲୋକଙ୍କୁ ନିର୍ଯାତନା ଦେବା ସହ ଜୋର ଜବରଦସ୍ତ କାମ କରାଉଥିଲେ। ବହୁ କାକୁତିମିନତି ପରେ କାଲୁରାମ ଓ ତାଙ୍କ ସ୍ତ୍ରୀଙ୍କୁ ଘରକୁ ଯିବା ପାଇଁ ଅନୁମତି ମିଳିଥିଲା। କିନ୍ତୁ ଇଟାଭାଟି ମାଲିକ ତାଙ୍କ ବାପା ଓ ଭଉଣୀକୁ ଭାଟିରେ ବନ୍ଧକ ରଖି ଏବେ ବି କାମ କରାଉଛନ୍ତି। ଯେ ପର୍ଯ୍ୟନ୍ତ ପରିବାର ଲୋକେ ନେଇଥିବା ଅଗ୍ରୀମ ଟଙ୍କା ନ ଶୁଝିଛନ୍ତି ଛଡ଼ାଯିବ ନାହିଁ ବୋଲି ଚେତାଇ ଦେଇଛନ୍ତି। ଶୁକ୍ରବାର ସକାଳୁ କାଲୁରାମ ସ୍ତ୍ରୀ ସହ ଗାଁରେ ପହଞ୍ଚିବା ପରେ ବାପା ଓ ଭଉଣୀଙ୍କୁ ସେଠାରୁ ଉଦ୍ଧାର ପାଇଁ ସ୍ଥାନୀୟ ସର୍ଦ୍ଦାରଙ୍କୁ ନେହୁରା ହୋଇଥିଲେ। ହେଲେ ସେ ଶୁଣିବା ବଦଳରେ ତୁମ ଦୁହିଁଙ୍କୁ ଛଡାଗଲା, ଆଉ କାହାକୁ ଛଡାଯିବ ନାହିଁ। ତୁମେ ପଙ୍ଗୁ ହୁଅ କି ମରିଯାଅ, କାମ ଯେମିତି ହେଲେ ସେମାନଙ୍କୁ କରିବାକୁ ହେବ। ଯାହା ବି ଅସୁବିଧା ହେଲେ ହେଉ। ଟଙ୍କା ନେଇଛ ମାନେ କାମ କରିବ ବୋଲି ଧମକ ଚମକ ଦେଇଥିଲେ । ଫଳରେ ବାଧ୍ୟହୋଇ ସ୍ତ୍ରୀ ଶକୁନ୍ତଳା ବେଲପଡା ଥାନାକୁ ଯାଇ ଅଭିଯୋଗ କରିଛନ୍ତି । ନିଜ ବାପା ଓ ଭଉଣୀଙ୍କୁ ଉଦ୍ଧାର ପାଇଁ କାଲୁରାମ ଆକୁଳ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ, ବେଲପଡ଼ା ଅଞ୍ଚଳରେ ବେଆଇନ ଭାବେ ଦାଦନ ଶ୍ରମିକ ଚାଲାଣ ହେଉଥିବା ବେଳେ ପ୍ରଶାସନ ଏହାକୁ ରୋକିବାରେ ବିଫଳ ହୋଇଛି। ଏ ନେଇ ହେଉଥିବା ସଚେତନତା କାର୍ଯ୍ୟକ୍ରମ ପ୍ରହସନରେ ପରିଣତ ହୋଇଛି।

## କେ.ଭି. ମହାବିଦ୍ୟାଳୟ: ନ୍ୟୁଜ ଲେଟର ଉନ୍ମୋଚିତ

କଣ୍ଟାବାଞ୍ଜି,୨୮।୨(ଗୁରୁ ଦୟାଲ ହଂସ)

ଶୁକ୍ରବାର କଣ୍ଟାବାଞ୍ଜି କେ.ଭି ମହାବିଦ୍ୟାଳୟର ମ୍ୟାଗାଜିନ୍ ନ୍ୟୁଜ ଲେଟର ଉଚ୍ଚ ଶିକ୍ଷା ବିଭାଗ ସଚିବ ଏବଂ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ଅରବିନ୍ଦ ଅଗ୍ରୱାଲଙ୍କ ଦ୍ୱାରା ଭର୍ଚୁଆଲରେ ଉନ୍ମୋଚିତ ହୋଇଯାଇଛି। ଆୟୋଜିତ ସଭାରେ ଅଧ୍ୟକ୍ଷ ଡ଼. ପଦ୍ମଲୋଚନ ବର୍ମା ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅଗ୍ରୱାଲ ଯୋଗଦେଇ ସଭାକୁ ସମ୍ବୋଧିତ କରିଥିଲେ। ସେ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ଧନ୍ୟବାଦ ଦେଇଥିଲେ। ସେ କହିଥିଲେ ଅଞ୍ଚଳର ସାମାଜିକ ତଥା ମାନବ ସମ୍ବଳର ବିକାଶ ପାଇଁ ମହାବିଦ୍ୟାଳୟର ଦାୟିତ୍ୱ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହି ଅବସରରେ ରାଷ୍ଟ୍ରୀୟ ଶିକ୍ଷା ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ମହାବିଦ୍ୟାଳୟକୁ ୟୁଜିସି ମାନ୍ୟତା ତଥା ନାକ୍ ମାନ୍ୟତା ପାଇଁ ପ୍ରସ୍ତୁତି ବିଷୟରେ ସମୀକ୍ଷା କରିଥିଲେ। ଡ଼. ସୁଶାନ୍ତ ମହାନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଯୁକ୍ତ ୨ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ମୁଖ୍ୟ ସମ୍ପାଦକ ଅଧ୍ୟାପକ ଜତିନ ଦାରୀ, ଅଧ୍ୟାପକ ଉମେଶ ବାଗ, କୃଷ୍ଣ ମେହେର ,ଖିରୋଜ କୁମାର ମହାନନ୍ଦ, ଜ୍ଞାନ ବିକାଶ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ଭାରତ ସରକାର**
**(ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣ)**
**ଅଧ୍ୟକ୍ଷ ଏବଂ ତିନି ପୂର୍ଣ୍ଣକାଳୀନ ସଭ୍ୟଙ୍କ ନିଯୁକ୍ତି**
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଧାରିତ ଫର୍ମାଟ୍‌ରେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ୨୧ ମାର୍ଚ୍ଚ, ୨୦୨୫ (ଅପରାହ୍ନ ୦୫.୩୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।
CBC 07101/11/0020/2425

# ବଲାଙ୍ଗୀରରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ



ବଲାଙ୍ଗୀରରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ବଲାଙ୍ଗୀର,୨୮।୨
(ବୀରେନ୍ଦ୍ର କୁମାର ଝାଙ୍କର)

ସ୍ଥାନୀୟ କୋଶଳ କଳାମଣ୍ଡଳ ପଡିଆରେ ଶୁକ୍ରବାର ସନ୍ଧ୍ୟାରେ ଆରମ୍ଭ ହୋଇଛି ସୁଭଦ୍ରା ଶକ୍ତି ମେଳା । ଜିଲାପାଳ ଗୌରଓ ଶିଓାଜୀ ଇସଲୱାର ଏହି ମେଳାର ଉଦ୍‌ଘାଟନ କରିଥିଲେ। ୭ ଦିନ ବ୍ୟାପୀ ହେବାକୁଥିବା ଏହିମେଳାରେ ୧୫୦ଟି ଷ୍ଟଲ ଲାଗିଛି। ଏଥିରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ଆରମ୍ଭ ହୋଇଛି। ଏହା ୬ ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ। ଓଡ଼ିଶାରେ ପ୍ରଥମ ଥର ପାଇଁ ଏଭଳି ମେଳାର ଆୟୋଜନ କରାଯାଇଥିବାରୁ ମହିଳାମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଏହି ମେଳାରେ ଜିଲା ଏବଂ ଜିଲା ବାହାରରୁ ଆସିଥିବା ୫୦୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେବେ। ମହିଳା ଉଦ୍ୟୋଗୀମାନଙ୍କ ଦ୍ୱାରା ପରିଚାଳିତ ୧୫୦ରୁ ଅଧିକ ଷ୍ଟଲ ଲଗାଯାଇଛି। ଓଡିଆ ଅସ୍ମିତାର ସ୍ୱାଭିମାନ ଓଡିଶୀ ନୃତ୍ୟ, ପାରମ୍ପରିକ ନୃତ୍ୟକଳା କଥକ ସହିତ ମେଲୋଡି ନାଇଟର ଆୟୋଜନ ହୋଇଛି । ଅତିଥିମାନଙ୍କ ମନୋରଞ୍ଜନ ସହିତ ବଡ ସ୍ତରରେ ନିଜ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରି ବ୍ୟବସ୍ଥା କରାଯାଇଛି। ଏହି ମେଳା ମହିଳାମାନଙ୍କର ଆୟ ବୃଦ୍ଧି କରିବା ସହ ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସ୍ୱାଧୀନତା ଓ ମହିଳା ସଶକ୍ତିକରଣ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଲକ୍ଷପତି ଦିଦି ସୃଷ୍ଟି କରିବାର ସ୍ୱପ୍ନ ସାକାର କରିବ ବୋଲି କୁହାଯାଇଛି। ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ର ମୂଳପିଣ୍ଡ ଏହି ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମ ହେବ ବୋଲି କୁହାଯାଇଛି। ଏହି ମେଳାରେ ଜିଲା ପରିଷଦ ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର, ଅତିରିକ୍ତ ନିର୍ବାହୀ ଅଧିକାରୀ ତରଣୀ ସୁନା, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାପାତ୍ର, ଓରମାସର କମଳେନ୍ଦୁ ପଲ, ଉପମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପାଳଜୀ ପାଣିଗ୍ରାହୀ, ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ଦନେଶ ଶର୍ମା ଉପସ୍ଥିତ ଥିଲେ । ଶେଷରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in

**ଦଖଲ ନୋଟିସ୍**

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିମୟ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡ଼ିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

**ଏତଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା(୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା** ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର: (୧)ମେସର୍ସ ଶିବମ୍ ଟେଲିକମ୍, ସତ୍ତ୍ୱାଧିକାରୀ: ଶ୍ରୀ ରାଜୀବ କୁମାର ପାତ୍ର, ଦୋକାନ ନଂ.ଡବ୍ଲୁ/୫୧, ଇମାନୁଏଲ ସପିଂ କମ୍ପ୍ଲେକ୍ସ, ଫାଣ୍ଡି ଛକ, କଟେରୀ ରୋଡ, ବାଲେଶ୍ୱର-୭୫୬୦୦୧, (୨)ଶ୍ରୀ ରାଜୀବ କୁମାର ପାତ୍ର, ପିତା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା: କାଳିଦାସପୁର (ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧, (୩)ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର (ଜାମିନ୍‌ଦାର/ବନ୍ଧକଦାତା), ସ୍ୱା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା କାଳିଦାସପୁର, ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧। | ୩୦.୦୯.୨୦୨୪ ସୁଦ୍ଧା ଟ.୫,୧୪,୨୭୧.୬୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୧୦.୨୦୨୪ / ୨୪.୦୨.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୯୩/୯୯୮, ଖାତା ନଂ.୧୫୮/୪୨୮, ଏରିଆ: ଏ୦.୦୭ ଡିସିମିଲି, ଏବଂ ପ୍ଲଟ ନଂ.୪୯୩-୯୯୮/୧୧୬୨, ଖାତା ନଂ.୧୭୦/୧୯୨, ଏରିଆ:ଏ୦.୦୫ ଡିସିମିଲି, ମୌଜା: କାଳିଦାସପୁର, ପୋ.: ହରିପୁର, ଥାନା: ବାଲେଶ୍ୱର ଟାଉନ୍, ଜିଲ୍ଲା: ବାଲେଶ୍ୱର, ଚାରିପାର୍ଶ୍ୱରେ: ଉତ୍ତର- ୨୦ଲିଙ୍କସ କମନ୍ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୯୨, ପୂର୍ବ- ୨୦ଲିଙ୍କସ କମନ୍ ରାସ୍ତା, ପଶ୍ଚିମ- ଖାଲି ଜମି । |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୦୨.୨୦୨୫
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ଥମୁନି ଅସନ୍ତୋଷ, ତେଜୁଛି ଚାଷୀ ଆନ୍ଦୋଳନ



ସୋହେଲା ତହସିଲ କାର୍ଯ୍ୟାଳୟ ଆଗରେ ଜୟ କିଷାନ ଆନ୍ଦୋଳନର ପ୍ରତିବାଦ ସଭା।

**ଅଧିକ ଧାନ ଉତ୍ପାଦନ ଯୋଗୁ ବରଗଡ଼ ଜିଲାକୁ ରାଜ୍ୟର ଭାତହାଣ୍ଡି ବୋଲି କୁହାଯାଏ। ହେଲେ ଏଠାରେ କୃଷି ଏବଂ କୃଷକଙ୍କ ସମସ୍ୟା ଅସମାହିତ ରହିଛି। ଜିଲାର ଅନେକ ଅଞ୍ଚଳ ଏବେ ମଧ୍ୟ ଅଣଜଳସେଚିତ ରହିଥିବାବେଳେ ସମ୍ପୃକ୍ତ ଅଞ୍ଚଳର ଚାଷୀମାନେ ଗଭୀର ନଳକୂପ ଦ୍ୱାରା ଜଳସେଚନ କରି ଚାଷକାର୍ଯ୍ୟ କରିଥାନ୍ତି। କିନ୍ତୁ ବିଦ୍ୟୁତ ଦେୟ ଚାଷୀଙ୍କ ଉପରେ ବୋଝ ପାଲଟିଛି। ଅନ୍ୟପଟେ ଧାନ ସଂଗ୍ରହ ପ୍ରକ୍ରିୟାରେ ଅଭାବିବିକ୍ରୀ, କଟନୀଛଟନୀ ସାଧାରଣରେ ପରିଣତ ହୋଇଛି। ସରକାର ବଦଳିବା ପରେ ଏହି ସମସ୍ୟା ଗୁଡ଼ିକରେ କିଛି ପରିବର୍ତ୍ତନ ହେବ ବୋଲି ଜିଲାର ଚାଷୀମାନେ ଆଶା କରିଥିଲେ। ହେଲେ ସମସ୍ୟା ସମାଧାନ ହୋଇପାରିଲା ନାହିଁ। ଫଳରେ ଜିଲାରେ ଚାଷୀ ଅସନ୍ତୋଷ ବଢ଼ିଚାଲି ଥିବାବେଳେ ଆନ୍ଦୋଳନ ମଧ୍ୟ ତେଜି ଉଠୁଛି। ଶୁକ୍ରବାର ଜିଲାର ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ସୋହେଲାରେ ବିକ୍ଷୋଭ ଶୋଭାଯାତ୍ରା ସହିତ ସ୍ଥାନୀୟ ତହସିଲ ଅଫିସରେ ପ୍ରତିବାଦ ସଭା କରିଥିଲେ। ସେହିପରି ବରଗଡ଼ ବ୍ଲକ ସୟାଁ ଖେଳ ପଡ଼ିଆରେ ରାଜ୍ୟ ସ୍ତରୀୟ କିଷାନ ମହାପଞ୍ଚାୟତ ଆୟୋଜନ ପାଇଁ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ବିଜେପୁର ବ୍ଲକ ପୁଞ୍ଜିପଥରଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।**

ବରଗଡ/ସୋହେଲା,୨୮।୨
(ପ୍ରେମାନନ୍ଦ ଖମାରୀ/ଅଶ୍ୱିନୀ ପାତ୍ର)

କୃଷି ଏବଂ କୃଷକଙ୍କ ସମସ୍ୟା ନେଇ ବରଗଡ଼ ଜିଲା ସୋହେଲାରେ ଚାଷୀ ସଙ୍ଗଠନ ଜୟ କିଷାନ ଆନ୍ଦୋଳନ ନେତୃତ୍ୱରେ ଶତାଧିକ ଚାଷୀ ବିକ୍ଷୋଭ ଶୋଭାଯାତ୍ରା ସହିତ ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରିଥିଲେ। ଏହାସହିତ ୩ଦଫା ଦାବି ନେଇ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଶୁଭରଞ୍ଜନ ନାୟକଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। କୃଷିକ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ବିଲ୍ ଛାଡ଼, କଟନୀଛଟନୀ ବନ୍ଦ, ନାନୋ ସାର ବ୍ୟବହାରକୁ ବାଧ୍ୟତାମୂଳକ କରା ନ ଯିବା ଆଦି ଦାବି କରିଥିଲେ। ଏହି ଦାବିରେ ଚାଷୀମାନେ ସୋହେଲା ଥାନାଛକରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖକୁ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବିଦ୍ୟୁତ କ୍ଷେତ୍ରର କମ୍ପାନୀକରଣକୁ ନେଇ ଚାଷୀନେତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। କୃଷିକ୍ଷେତ୍ରରେ ବ୍ୟବହୃତ ବିଦ୍ୟୁତ ବିଲ ଛାଡ଼, ପ୍ରତ୍ୟେକ ପରିବାରକୁ ମାସିକ ୩୦୦ୟୁନିଟ୍ ମାଗଣା ବିଦ୍ୟୁତ, ବିଦ୍ୟୁତ କ୍ଷେତ୍ରର ଘରୋଇକରଣ ବନ୍ଦ, ଧାନବିକ୍ରି ବ୍ୟବସ୍ଥାରେ ମିଲର୍ସଙ୍କ ହସ୍ତକ୍ଷେପ ବନ୍ଦ, ନାନୋ ସାର ବ୍ୟବହାରକୁ ବାଧ୍ୟତାମୂଳକ କରା ନ ଯିବା ଦାବି ଉପସ୍ଥାପନ କରିଥିଲେ। ସେହିପରି ନୂଆ ଭାଜପା ସରକାର ଧାନ କୁଇଣ୍ଟାଲ ପ୍ରତି ଅଧିକ ୮୦୦ ଟଙ୍କା ଇନପୁଟ୍ ସବସିଡ଼ି ପ୍ରଦାନ କରିଛି ସତ, କିନ୍ତୁ ଅନ୍ୟବର୍ଷ ତୁଳନାରେ ମିଲର୍ସ, ଦଲାଲଙ୍କ ଦୌରାତ୍ମ୍ୟ ମଣ୍ଡିରେ ବଢ଼ିଛି ଏବଂ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଫଳରେ ଉପରୋକ୍ତ ଦାବି ସମୂହ ତୁରନ୍ତ ପୂରଣ କରା ନ ଗଲେ ଆଗକୁ ଆନ୍ଦୋଳନ ତୀବ୍ର ହେବ ବୋଲି ଚେତାବନୀ ଦିଆଯାଇଥିଲା। ସଙ୍ଗଠନର ବ୍ଲକ ସଭାପତି ସୁରେନ୍ଦ୍ର ମେହେର ପ୍ରତିବାଦ ସଭା ସଂଯୋଜନା କରିଥିବାବେଳେ ବରିଷ୍ଠ କୃଷକ ନେତା ଶିବ ପ୍ରସାଦ ପ୍ରଧାନ, ଜୟ କଷାନ ଆନ୍ଦୋଳନର ସଭାପତି ସୁଶିଲ କୁମାର ସାହୁ, ସମ୍ପାଦକ ହର ବଣିଆଁ, ଅରୁଣ କୁମାର ସାହୁ, ଚଞ୍ଚଳ ପ୍ରଧାନ, ମହେଶ୍ୱର ପ୍ରଧାନ, ଅରୁଣ ପ୍ରଧାନ, ରେବତୀକାନ୍ତ ବେହେରା, ପୁଷ୍ପରଞ୍ଜନ ସାହୁ, ତପୋବନ୍ଦ ନାୟକ ପ୍ରମୁଖ ପ୍ରତିବାଦ ସଭାରେ ଉଦ୍‌ବୋଧନ ଦେଇଥିଲେ।

## ମାର୍ଚ୍ଚ ୧୭ରେ କିଷାନ ମହାପଞ୍ଚାୟତ

କୃଷି ଓ କୃଷକଙ୍କ ସମସ୍ୟାକୁ ନେଇ ଆସନ୍ତା ମାର୍ଚ୍ଚ ମାସ ୧୭ତାରିଖ ବରଗଡ଼ ବ୍ଲକ ସୟାଁ ଖେଳ ପଡ଼ିଆରେ ରାଜ୍ୟସ୍ତରୀୟ କିଷାନ ମହାପଞ୍ଚାୟତ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଜେପୁର ବ୍ଲକ ପୁଞ୍ଜିପଥରରେ ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଧାନର ଅଭାବିବିକ୍ରୀ, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)କୁ ଆଇନଗତ ମାନ୍ୟତା, ପ୍ରସ୍ତାବିତ କୃଷି ବିପଣନ ଏବଂ ରାଷ୍ଟ୍ରୀୟ ନୀତି ଢ଼ାଞ୍ଚା–୨୦୨୪କୁ ପ୍ରତ୍ୟାହାର, ମଣ୍ଡିରେ ସୁବ୍ୟବସ୍ଥା, କଟନୀଛଟନୀ ବନ୍ଦ, ଶୀତଳ ଭଣ୍ଡାର ନିର୍ମାଣ, କୃଷିକ୍ଷେତ୍ରରେ ବିଦ୍ୟୁତ ଦେୟ ଛାଡ଼ ଆଦି କୃଷି ଏବଂ କୃଷକଙ୍କ ସମସ୍ୟାକୁ ନେଇ ମହାପଞ୍ଚାୟତରେ ଆଲୋଚନା ହେବ। ଉକ୍ତ ମହାପଞ୍ଚାୟତରେ ସଂଯୁକ୍ତ କିସାନ ମୋର୍ଚ୍ଚାର କେନ୍ଦ୍ରୀୟ ନେତୃବୃନ୍ଦ ଯୋଗଦେବେ ଏବଂ ଏହି ସମସ୍ୟାର ସମାଧାନ ଦାବିରେ ପରବର୍ତ୍ତୀ ଆନ୍ଦୋଳନ ରୂପରେଖ ପ୍ରସ୍ତୁତ ହେବ ବୋଲି ବୈଠକରେ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର ସୂଚନା ଦେଇଥିଲେ। ସଙ୍ଗଠନର ବିଜେପୁର ବ୍ଲକ ସଭାପତି ସୁବାସ ପ୍ରଧାନଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଗଙ୍ଗାଧର ମେହେର ମେଗା ଜଳସେଚନ ପ୍ରକଳ୍ପର ସମସ୍ୟା, ବିଦ୍ୟୁତ ସମସ୍ୟା, କୃଷିଋଣ, ସାର କଳାବଜାର ଆଦି ଉପରେ ମଧ୍ୟ ଆଲୋଚନା ହୋଇଥିଲା। ମହେନ୍ଦ୍ର ପ୍ରଧାନ, ବିନୋଦ ଚୌଧୁରୀ, ଲକ୍ଷପତି ନାଗ, ହେମଚନ୍ଦ୍ର ବିଶ୍ୱାଳ ଶଙ୍କର୍ଷଣ ବେହେରା, ଭିକାରୀ ମେହେର, ଦୁର୍ଗାପ୍ରସାଦ ଭୋଇ, କ୍ଷୀରୋଦ୍ର ପ୍ରଧାନ, କ୍ଷୀରସିନ୍ଧୁ ବଗର୍ତ୍ତୀ, ହରିବୋଲ ସାହୁ, ପ୍ରଶାନ୍ତ ଭୋଇ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଖରାମାଲ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକୋତ୍ସବ

**ପାଇକମାଲ,୨୮।୨(ବଡ଼ ଶତପଥୀ):** ବରଗଡଜିଲା ପାଇକମାଲ ବ୍ଲକ ଜାମସେଠ ପଞ୍ଚାୟତ ଖରାମାଲ ପ୍ରାଥମିକ ବିଦ୍ୟାଳୟରେ ବେଣୁଧର ବେହେରାଙ୍କ ସଭାପତିତ୍ୱରେ ଆମ ସଂସ୍କୃତି ଆମ ଖେଳନା ଓ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପାଇକମାଲ ଭାରପ୍ରାପ୍ତ ବିଇଓ ରାଧେଶ୍ୟାମ ମେହେର, ମୁଖ୍ୟ ବକ୍ତା ପାଇକମାଲ ଏବିଇଓ ଧଲେନ୍ଦ୍ର ବାରିକ ଓ ସମ୍ମାନୀତ ଅତିଥିଭାବେ ଶିକ୍ଷକ ବିଭୂତି ସାହୁ, ସିଆରସି ବିରେନ୍ଦ୍ର ସାହୁ, ସିଆରସିସି ବ୍ରଜକିଶୋର ଜେନା, ଉଗ୍ରସେନ ପ୍ରଧାନ, ବିଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଭିନ୍ନ ବିଭାଗରେ କୃତୀ ପ୍ରତୀଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଶୀତଳ ମେହେର, ସ୍କୁଲ ପରିଚାଳନା କମିଟି ସଭ୍ୟ ସଭ୍ୟା ତଥା ଗ୍ରାମବାସୀମାନେ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ରିଙ୍କି ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ବୌଦ୍ଧରେ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ

**ବୌଦ୍ଧ,୨୮।୨(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଜିଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ବୌଦ୍ଧ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ଶିକ୍ଷାଧିକାରୀ ଟାମେଲାଲ ଦୁବେ ମୁଖ୍ୟ ଅତିଥି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲ ଓ ଯୋଗେନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୨୪–୨୫ ଶିକ୍ଷା ବର୍ଷରେ ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମର କୃତୀ ୨୪ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜ୍ଞାନ ବିଶେଷଜ୍ଞ ଭାବେ ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟ ଶୁକଦେବ ପଣ୍ଡା ଓ ସରସରାର ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମଜା ପତି ଯୋଗଦେଇ ବିଜ୍ଞାନ ଉପରେ ଛାତ୍ରୀଛାତ୍ରଙ୍କୁ ଆଲୋକପାତ କରିଥିଲେ । ୧୦୦ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇ ବୈଜ୍ଞାନିକ ଡ. ସି.ଭି ରମଣଙ୍କ ଉପରେ ମତବ୍ୟକ୍ତ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

### ଦମ୍ପତିଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା



**ପାଇକମାଲ,୨୮।୨(ବଡ଼ ଶତପଥୀ):** ବରଗଡ଼ ଜିଲା ପାଇକମାଲ ବ୍ଲକ୍ ଝାରବନ୍ଧ ପଞ୍ଚାୟତ ପତ୍ରାଗୁଡା ଗାଁର ଦମ୍ପତିମାୟାଧର ତାଣ୍ଡି (୬୫) ଓ ସ୍ତ୍ରୀ ଝାରମୁସେନ ତାଣ୍ଡି (୬୩)। ବୟସ ଗଡ଼ିଯାଉଛି ହେଲେ ଏ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଭତ୍ତା ତାଙ୍କୁ ମିଳିନାହିଁ। ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଭତ୍ତା ଯୋଗଦେବାକୁ ଦାବି ହେଉଛି।

### ବହୁମୁଖୀ ଭବନ ନିର୍ମାଣ ଆରମ୍ଭ

**ପଦ୍ମପୁର,୨୮।୨ (ପ୍ରଦୀପ୍ତ ଦାଶ):** କଳା ସଂସ୍କୃତିର ଗନ୍ତାଘର ପଦ୍ମପୁରରେ କଳାକାରଙ୍କ ପାଇଁ ଏକ ସ୍ଥାୟୀ ପ୍ରେକ୍ଷାଳୟ ନ ଥିଲା। କଳାକାର, ବୁଦ୍ଧିଜୀବୀ, ସାହିତ୍ୟିକ ସବୁବେଳେ ପ୍ରେକ୍ଷାଳୟ ପାଇଁ ଦାବି କରିଆସୁଥିଲେ। ସହରବାସୀଙ୍କ ଆବଶ୍ୟକତାକୁ ଦେଖି ପଦ୍ମପୁର କଚେରି ସମ୍ମୁଖ ରିକ୍ରେଶନ ସେଣ୍ଟରଠାରେ ୩ ଶହ ଆସନ ବିଶିଷ୍ଟ ଏକ ବହୁମୁଖୀଭବନର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ମୋଟ ୨କୋଟି ୧୭ ଲକ୍ଷ ୮୦ହଜାର ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏହି ଭବନରେ ବିଭିନ୍ନ ଆନୁଷଙ୍ଗିକ ବ୍ୟବସ୍ଥା ଯଥା ପାଣି, ଶୌଚାଳୟ, ସାଉଣ୍ଡ ଲାଇଟ ସହ ସମ୍ମୁଖରେ ଫୁଲଗଛ ଲଗାଯିବ। ପଦ୍ମପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି କାର୍ଯ୍ୟର ତଦାରଖ କରୁଛି।

## ସାପ କାମୁଡ଼ାରେ ଶିଶୁ କନ୍ୟା ମୃତ

**ପାଇକମାଲ,୨୮।୨(ବଡ ଶତପଥି):** ବରଗଡ଼ ଜିଲା ପାଇକମାଲ ଥାନା ଅଧୀନ ଟେମରୀ ଗ୍ରାମରେ ସାପ କାମୁଡାରେ ଶୁକ୍ରବାର ୨ବର୍ଷର ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଶୁକ୍ରବାର ମଧ୍ୟାହ୍ନରେ ଶିଶୁ କନ୍ୟା ଘରେ ଶୋଇଥିବା ବେଳେ ତାଙ୍କୁ ସାପ କାମୁଡି ଦେଇଥିଲା। ତାଙ୍କୁ ତୁରନ୍ତ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଇକମାଲ ଥାନା ପୋଲିସ କେସ ନଂ.୪/୨୫ ଏକ ମାମଲା ରୁଜୁ କରିଛି।

## ଆମ ସଂସ୍କୃତି ଆମ ଖେଳନା, ବାର୍ଷିକୋତ୍ସବ



**ମାଣ୍ଡୋସିଲ,୨୮।୨(ବଡ ଶତପଥି):** ବରଗଡ଼ ଜିଲା ପାଇକମାଲ ବ୍ଲକ ଚେରେଙ୍ଗାଝାଞ୍ଜି କ୍ଲଷ୍ଟର ଅନ୍ତର୍ଗତ ବାଦିବାହାଲ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା ଓ ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ମାଧବ ପୁରୋହିତଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରପ୍ରାପ୍ତ ବିଇଓ ରାଧେଶ୍ୟାମ ମେହେର ଏବଂ ସମ୍ମାନିତ ଅତିଥିଭାବେ ଏବିଇଓ ଧଲେନ୍ଦ୍ର ବାରିକ, ସିଆରସିସି ଉଗ୍ରସେନ ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି ରମେଶ ବାଗ, ସିଆରସିସି ବ୍ରଜକିଶୋର ଜେନା ଓ ସିଆରସିସି ବିଜୟ କୁମାର ସ୍ୱାଇଁ ଯୋଗଦେଇଥିଲେ। ବରେଣ୍ୟ ଅତିଥିଭାବେ କୈଳାସ ଦିଶ୍ରୀ, ଦୁଃଶାସନ କୁମ୍ଭାର, ପ୍ରଧାନ ଶିକ୍ଷକ ଦୁବରାଜ ବେଶରା, ନିତ୍ୟାନନ୍ଦ ସୁନା ଏବଂ ସହଦେ ମାଝୀ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଉପସ୍ଥିତ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ପଦ୍ମିନୀ ଭୋଇ ଓ ପିତାମ୍ବର ନେତାମ ତଥା ଗ୍ରାମବାସୀ ସହଯୋଗ କରିଥିଲେ।

# ବିଜ୍ଞାନ, ପ୍ରକୃତିର ସାମଞ୍ଜସ୍ୟ ଉପରେ ଗୁରୁତ୍ୱାରୋପ

ବରଗଡ଼,୨୮।୨(ପ୍ରେମାନନ୍ଦ ଖମାରୀ)



ଜାତୀୟ ବିଜ୍ଞାନ ଦିବସରେ ବିକାଶ ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି କ୍ରମରେ ବିକାଶ ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସରେ ଅନୁଷ୍ଠିତ ଭିସ୍ପାର୍କ୍ସ–୨୦୨୫ ସାଇ–ଟେକ୍ ଫାଷ୍ଟ ସମାରୋହରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଶରତ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜ୍ଞାନ ଏବଂ ପ୍ରକୃତିର ସାମଞ୍ଜସ୍ୟକୁ ବିସ୍ତୃତଭାବେ ଉପସ୍ଥାପନା କରିଥିଲେ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ବିଜ୍ଞାନର ଚମତ୍କାରୀତା ଏବଂ ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିକଶୀତ ଭାରତ ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ସେ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଚିଫ୍ ଆଡମିନିଷ୍ଟ୍ରେଟିଭ୍ ଅଫିସର ଇଂ. ଅଜୟ କୁମାର ମହାପାତ୍ର ବିଜ୍ଞାନର ତତ୍ତ୍ୱକୁ ଜନକଲ୍ୟାଣ ଉଦ୍ଦେଶ୍ୟରେ ରୂପାନ୍ତର କରିବା ପାଇଁ ଆହ୍ୱାନ କରିଥିଲେ। ଡିଗ୍ରୀ କଲେଜର ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ପୋଲିଟେକ୍ନିକର ଅଧ୍ୟକ୍ଷ ଡ. ଦିଲ୍ଲୀପ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଏକ ବିଜ୍ଞାନ ପ୍ରଦର୍ଶନୀ ହୋଇଥିଲା। ଏଥିରେ ଇଞ୍ଜିନିୟରିଂ, ପଦାର୍ଥବିଜ୍ଞାନ, ରସାୟନ ଶାସ୍ତ୍ର, ଗଣିତ ଶାସ୍ତ୍ର, ପ୍ରାଣୀ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ, କମ୍ପ୍ୟୁଟର ବିଜ୍ଞାନ ତଥା ଇଣ୍ଟିଗ୍ରେଟେଡ୍ ଏମଏସସି ବିଭାଗରୁ ୨୦ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହା ସହିତ ଅତ୍ୟାଧୁନିକ ବିଷୟ ଉପରେ ପୋଷ୍ଟର ପ୍ରଦର୍ଶନୀ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର, ଅଧ୍ୟକ୍ଷା, ଅଧ୍ୟକ୍ଷ, ଅଧ୍ୟାପିକା, ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଅଧ୍ୟାପିକା ବର୍ଷା ପ୍ରିୟଦର୍ଶିନୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ସଂସ୍କୃତି ଏବଂ ରିତିକ୍ରୀଷ୍ଟା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟାର୍ଦ୍ଧରେ ଷ୍ଟୁଡେଣ୍ଟସ୍ ଆଫେୟାର୍ସର ଡିନ୍ ଆର୍.ଏସ୍.ଭି କ୍ରୀଷ୍ଟାଙ୍କ ତତ୍ତ୍ୱାବଧାନରେ ଏବଂ ସମସ୍ତ ଅଧ୍ୟାପିକା, ଅଧ୍ୟାପକଙ୍କ ସହଯୋଗରେ ଫୁଡ୍ ଫେଷ୍ଟିଭାଲ ଅନୁଷ୍ଠିତ ହୋଇଥିଲା। ସେହିପରି ସିମେଣ୍ଟନଗରସ୍ଥିତ ଏସିସି ବିକାଶ ଇଂରାଜୀ ମାଧ୍ୟମ ସ୍କୁଲରେ ଜାତୀୟ ବିଜ୍ଞାନ ଦିବସ ଅବସରରେ ବିଜ୍ଞାନ ଆଧାରିତ କୁଇଜ୍, କବିତା ଆଦି ପ୍ରତିଯୋଗିତା ହୋଇଥିଲା। ଛାତ୍ରୀ ପ୍ରତୀକ୍ଷା ଦାଶ ଏବଂ ଛାତ୍ର ଅରବିନ୍ଦ ସାଇ ଗୋଡ଼ବର୍ଥିଙ୍କ ନେତୃତ୍ୱରେ ଏହା ହୋଇଥିଲା। ପ୍ରଧାନ ଶିକ୍ଷକ ସନାତନ ମହାପାତ୍ର ଜାତୀୟ ବିଜ୍ଞାନ ଦିବସ ପାଳନର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଡ. କିଶୋର ନାୟକ ଅତିଥିଭାବେ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଛାତ୍ର ଗୌରବ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ବରଗଡ଼ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ଜାତୀୟ ବିଜ୍ଞାନ ଦିବସ ପାଳନ କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସ୍କୁଲ ପରିଚାଳନା କମିଟି ଅଧ୍ୟକ୍ଷା ପଦ୍ମିନୀ ଗଡ଼ତିଆ ମୁଖ୍ୟଅତିଥିଭାବେ ଯୋଗଦେଇ ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅଭିଭାବକ ସଂଘର ବରିଷ୍ଠ ସଦସ୍ୟ ସୁଦର୍ଶନ ବାରିକ, ରାଜକୁମାର ବନଛୋର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଜ୍ଞାନ ଦିବସ ପାଳନର ଯଥାର୍ଥତା ଉପରେ ଆଲୋକପାତ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ନିଳିମା ପ୍ରଧାନ, ଗୀତା ଜାଲ, ବବିତା ନାଏକ, ଦିପିକା କୁଲୁ, ସୁନୀତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ଜ୍ୟୋତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

### ଜାତୀୟ ବିଜ୍ଞାନ ଦିବସ

# ଓଡ଼ିଆ ଭାଷା ସାହିତ୍ୟର ବାର୍ଷିକ ଉତ୍ସବ

ପଦ୍ମପୁର,୨୮।୨(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବାର୍ଷିକ ଉତ୍ସବ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ପରେ ଅଧ୍ୟକ୍ଷ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ଡ. ସରୋଜ କୁମାର ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଅଧ୍ୟାପିକା ରୀନା ଧର୍ମ ବିନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥିଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଜ୍ୟୋତି ବିହାରର ଓଡ଼ିଆ ବିଭାଗର ପ୍ରଫେସର ଡ. ଗୋପୀନାଥ ବାଗ ଯୋଗଦେଇ ଜୀବନ ଓ ସାହିତ୍ୟ ବିଷୟରେ ଆଲୋଚନା କରିଥିଲେ। ପରେ ଅଧ୍ୟାପିକା ସୁରେଶ୍ୱରୀ ପାଣ୍ଡେଙ୍କ ସଂଯୋଜନାରେ ପୁରସ୍କାର ବିତରଣ କରାଯାଇଥିଲା। ପ୍ରାଧ୍ୟାପିକା ପୂର୍ଣ୍ଣିମା ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ମାଲପଡ଼ାକୁ ହରାଇ ସେମିରେ ମାଣ୍ଡୋସିଲ


ଅତିଥିଙ୍କ ସହ ଖେଳାଳି।

ପାଇକମାଲ,୨୮।୨( ବଡ ଶତପଥୀ)

ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ବଡ଼ ଖେଳ ପଡ଼ିଆରେ ଚାଲିଥିବା ମାଣ୍ଡୋସିଲ କ୍ରିକେଟ କପରେ ଶୁକ୍ରବାର ୫ଟି ମ୍ୟାଚ ଖେଳାଯାଇଛି। ପ୍ରଥମ ମ୍ୟାଚରେ ଜାମସେଠକୁ ହରାଇ ମାଲପଡା ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ନୂଆପଡାକୁ ହରାଇ ପଥରେଲ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ପଥରେଲକୁ ହରାଇ ମାଲପଡା ବିଜୟୀ ହୋଇଥିଲା। ଚତୁର୍ଥ ମ୍ୟାଚରେ ମାଗୁରପାଣିକୁ ହରାଇ ମାଣ୍ଡୋସିଲ ବିଜୟୀ ହୋଇଥିଲା। ପଞ୍ଚମ ମ୍ୟାଚରେ ମାଲପଡା ଓ ମାଣ୍ଡୋସିଲ ମଧ୍ୟରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ମାଣ୍ଡୋସିଲ ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଥିଲା। ଦେବସିଂ ଭରାସାଗର ଓ ନରେଶ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ବିଜୁ ବରିହା ଓ ଦେବେନ୍ଦ୍ର ନାୟକ ସ୍କୋରର ଥିବା ବେଳେ ପୁଷ୍ପକାନ୍ତ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଅତିଥିଭାବେ ଜାମସେଠ ଡାକ୍ତରଖାନାର ଡ. ପଙ୍କଜ କୁମାର ଭୋଇ ଓ ସମ୍ମାନିତ ଅତିଥିଭାବେ ଜାମସେଠ ଡାକ୍ତରଖାନାର ଫାର୍ମାସିଷ୍ଟ ଭରତଲାଲ ପଟେଲ, ଆର୍ମୀ ଅଫିସର ଦିଲ୍ଲୀପ କୁମାର ବରିହା ଯୋଗ ଦେଇଥିଲେ।

**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ଭାରତ ସରକାର**
**(ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣ)**
**ଅଧ୍ୟକ୍ଷ ଏବଂ ତିନି ପୂର୍ଣ୍ଣକାଳୀନ ସଭ୍ୟଙ୍କ ନିଯୁକ୍ତି**
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଧାରିତ ଫର୍ମାଟ୍‌ରେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ୨୧ ମାର୍ଚ୍ଚ, ୨୦୨୫ (ଅପରାହ୍ନ ୦୫.୩୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।
CBC 07101/11/0020/2425

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in

**ଦଖଲ ନୋଟିସ୍**

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିମୟ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି । ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିୟୁକ୍ତ (-) ଡ଼ିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ ।

**ଏତଦ୍‌ଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା(୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ ।**

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା** ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର: (୧)ମେସର୍ସ ଶିବମ୍ ଟେଲିକମ୍, ସତ୍ତ୍ୱାଧିକାରୀ: ଶ୍ରୀ ରାଜୀବ କୁମାର ପାତ୍ର, ଦୋକାନ ନଂ.ଡବ୍ଲୁ/୫୧, ଇମାନୁଏଲ ସପିଂ କମ୍ପ୍ଲେକ୍ସ, ଫାଣ୍ଡି ଛକ, କଚେରୀ ରୋଡ, ବାଲେଶ୍ୱର-୭୫୬୦୦୧, (୨)ଶ୍ରୀ ରାଜୀବ କୁମାର ପାତ୍ର, ପିତା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା: କାଳିଦାସପୁର (ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧, (୩)ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର (ଜାମିନ୍‌ଦାର/ବନ୍ଧକଦାତା), ସ୍ୱା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା କାଳିଦାସପୁର, ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧ । | ୩୦.୦୯.୨୦୨୪ ସୁଦ୍ଧା ଟ.୫,୧୪,୨୭୧.୬୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୧୦.୨୦୨୪ / ୨୪.୦୨.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୯୩/୯୯୮, ଖାତା ନଂ.୧୫୮/୪୨୮, ଏରିଆ: ଏ୦.୦୭ ଡିସିମିଲି, ଏବଂ ପ୍ଲଟ ନଂ.୪୯୩-୯୯୮/୧୧୬୨, ଖାତା ନଂ.୧୭୦/୧୯୨, ଏରିଆ: ଏ୦.୦୫ ଡିସିମିଲି, ମୌଜା: କାଳିଦାସପୁର, ପୋ.: ହରିପୁର, ଥାନା: ବାଲେଶ୍ୱର ଟାଉନ, ଜିଲ୍ଲା: ବାଲେଶ୍ୱର, ଚାରିପାର୍ଶ୍ୱରେ: ଉତ୍ତର- ୨୦ଲିଙ୍କ୍ସ କମନ୍ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୯୨, ପୂର୍ବ- ୨୦ଲିଙ୍କ୍ସ କମନ୍ ରାସ୍ତା, ପଶ୍ଚିମ- ଖାଲି ଜମି । |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୦୨.୨୦୨୫
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### ବୃଦ୍ଧଙ୍କ ମୃତଦେହ ଜବତ

ରାଉରକେଲା,୨୮।୨(ଦିନେଶ ମିଶ୍ର): ରାଉରକେଲା ରେଳ ଷ୍ଟେଶନ ପ୍ଲାଟଫର୍ମ ନଂ.୨ରେ ଜିଆରପି ପୋଲିସ ଜଣେ ବୃଦ୍ଧଙ୍କ ମୃତଦେହକୁ ଶୁକ୍ରବାର ଉଦ୍ଧାର କରିଛି। ମୃତକ ହେଲେ ଏମ୍‌ଡି ଶେଖ୍ ଅବୁବ୍‌କର(୬୨)। ଏ ନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୭/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ରାଉରକେଲା ରେଳ ଷ୍ଟେଶନର ୨ ନଂ. ପ୍ଲାଟଫର୍ମ ଫୁଟ ଓଭରବ୍ରିଜ ତଳେ ଜଣେ ବୃଦ୍ଧଙ୍କ ମୃତଦେହ ପଡିଥିବା ଯାତ୍ରୀମାନେ ଦେଖି ଷ୍ଟେଶନ ମାଷ୍ଟରଙ୍କୁ ଅବଗତ କରିଥିଲେ। ପରେ ଜିଆରପି ପୋଲିସ ଘଟଣାସ୍ଥଳରୁ ମୃତଦେହକୁ ଉଦ୍ଧାର କରି ଆରଜିଏଚ୍ ପଠାଇଥିଲା।

### ଅଭିନେତା ଉତ୍ତମ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୨୮।୨(ଦିନେଶ ମିଶ୍ର): ବାସନ୍ତୀ କଲୋନିସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ପରିସରରେ ଜୟ ମା' ତାରିଣୀ ଶାନ୍ତି କମିଟି ପକ୍ଷରୁ ଅଭିନେତା ଉତ୍ତମ ମହାନ୍ତିଙ୍କ ବିୟୋଗରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସଭା ଶୁକ୍ରବାର ସମାଜସେବୀ କହରା ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମିଟିର କର୍ମକର୍ତ୍ତା ଉପସ୍ଥିତ ରହି ଅଭିନେତା ମହାନ୍ତିଙ୍କ ଆତ୍ମାର ସଦ୍‌ଗତି ଲାଗି ୨ ମିନିଟ୍ ନୀରବ ପ୍ରାର୍ଥନା କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସ୍ୱର୍ଗତ ଉତ୍ତମ ମହାନ୍ତି କେବଳ ଜଣେ ଅଭିନେତା ଥିଲେ ତାହା ନୁହଁ ବରଂ ସେ ଓଡ଼ିଆ ଚଳଚ୍ଚିତ୍ରକୁ ତାଙ୍କ ଅଭିନୟ ମାଧ୍ୟମରେ ବଞ୍ଚାଇ ରଖିଥିଲେ ବୋଲି ଜେନା ତାଙ୍କ ବକ୍ତବ୍ୟରେ କହିଥିଲେ। ଏଥିରେ ଜୟ ମା' ତାରିଣୀ ଶାନ୍ତି କମିଟି ସଭାପତି ବାସୁଦେବ ବରାଳ, ଗୁନୁ କର, ଅମୀୟ ପୋଥାଳ, କବିତା ଜେନା, ଉମା ଦାସ, ଟୁକ ଦାସ, ଅରବିନ୍ଦ ମହାନ୍ତି, ସତ୍ୟ ବାରିକ, ରବିନାରାୟଣ ପଣ୍ଡା, ମାନୁ ସାମଲ, ବିଦ୍ୟାଧର ବେହେରା, ରାଜା ନାୟକ, ସୁବାସ ନାୟକ, ଭଞ୍ଜ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା,୨୮।୨(ବିପ୍ଳବ ରଞ୍ଜନ ଦାଶ): ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟରେ ଶୁକ୍ରବାର ଯୁକ୍ତ ଛାତ୍ରୀମାନଙ୍କ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଗତ ୧୯ତାରିଖରୁ ଆରମ୍ଭ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନାତନ ପଧାନ ଶିବିରକୁ ଉଦ୍‌ଯାପନ ଘୋଷଣା କରିଥିଲେ। ପ୍ରତିଦିନ ସକାଳ ୮ଟାରୁ ୧୦ଟା ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ପାଞ୍ଚ ଜଣ ମାଷ୍ଟର ଟ୍ରେନର ଶିବିର ପରିଚାଳନା କରିଥିଲେ। ନିକ୍କୀ କୁମାରୀ କୁଶ୍ୱାହା, ଗାୟତ୍ରୀ ସାହୁ, ତୁଳସୀ ସାହୁ, ଅସମାନୀ ମିଞ୍ଜ ଏବଂ ସ୍ୱାଗତିକା ସାହୁ ମାଷ୍ଟର ଟ୍ରେନର ଭାବେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କ୍ୟାପ୍‌ଟେନ ସତ୍ୟ ନାରାୟଣ ରାଉତ ଏବଂ ବୈଦେହୀ ମାଝୀ ସହଯୋଗ କରିଥିଲେ। ଆସନ୍ତା ମାର୍ଚ୍ଚ ୧୦ତାରିଖରେ ଉଦ୍‌ଯାପନୀ ଉତ୍ସବ ପାଳନରେ ସମସ୍ତ ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯିବ ବୋଲି କ୍ୟାପଟେନ ରାଉତ ଜଣାଇଛନ୍ତି।

# ୩ ବର୍ଷ ପୂରିଲାନି, ଅବସ୍ଥା ଶୋଚନୀୟ

ରାଉରକେଲା,୨୮।୨(ବିପ୍ଳବ ରଞ୍ଜନ ଦାଶ)

ପୂର୍ବ ସରକାରଙ୍କ ଅମଳରେ ରାଉରକେଲା ଶିକ୍ଷାଞ୍ଚଳରେ ଥିବା ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସରକାରୀ ହାଇସ୍କୁଲକୁ ୫-ଟି ପଦକ୍ଷେପ ମାଧ୍ୟମରେ ସ୍ମାର୍ଟସ୍କୁଲରେ ରୂପାନ୍ତର କରାଯାଇଥିଲା। ଏ ନେଇ କୋଟି କୋଟି ଟଙ୍କା ବ୍ୟୟବରାଦ ହେଲା। ମାତ୍ର ନିର୍ମାଣ କାମ ଅତି ନିମ୍ନମାନର ଯୋଗୁ ଏବେ ଅନେକ ହାଇସ୍କୁଲର ଅବସ୍ଥା ଶୋଚନୀୟ ହୋଇପଡିଛି।

ସୂଚନା ଅନୁସାରେ, ୨୦୨୨-୨୩ ଆର୍ଥିକ ବର୍ଷରେ ପୂର୍ବ ସରକାର ୫-ଟି ନାଁରେ ତରବରିଆ ଭାବେ ରାଉରକେଲା ଶିକ୍ଷାଞ୍ଚଳର ସରକାରୀ ହାଇସ୍କୁଲଗୁଡିକୁ ସ୍ମାର୍ଟସ୍କୁଲ କରିବା ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କଲେ। ଏହି ଅର୍ଥରେ ସ୍କୁଲରଗୁଡିକର ଆନୁସଙ୍ଗିକ କାର୍ଯ୍ୟ କରାଗଲା। ଏହାର ନିର୍ମାଣ କାର୍ଯ୍ୟ କରିବାକୁ ବିଭିନ୍ନ ଠିକାସଂସ୍ଥାଙ୍କୁ ୫ଟି ଦାୟିତ୍ୱ ଦିଆଯାଇଥିଲା ବେଳେ ସ୍ଥାନୀୟ ବିଇଓ ଏବଂ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ସମୀକ୍ଷା କରିବାକୁ କୁହାଯାଇଥିଲା। ମାତ୍ର ୩ ବର୍ଷ ନ ପୂରୁଣୁ କୋଟି କୋଟି ଟଙ୍କାରେ ନିର୍ମିତ ୫-ଟି ହାଇସ୍କୁଲଗୁଡିକର ଅବସ୍ଥା ଦୟନୀୟ ହୋଇପଡିଛି। ବର୍ତ୍ତମାନ ଏହି ହାଇସ୍କୁଲଗୁଡିକର ମରାମତି କରିବା ପାଇଁ ଉଭୟ ଆର୍‌ଏମ୍‌ସି ଏବଂ ଗୃହ ଓ ରାସ୍ତା ନିର୍ମାଣ ବିଭାଗ ଅମଙ୍ଗ ହେଉଛନ୍ତି। ଏ ନେଇ ରାଉରକେଲା ବାସନ୍ତୀ କଲୋନି ୫-ଟି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ବିଶ୍ୱାଳ ଫେବୃଆରୀ ୧୦ ତାରିଖରେ ଆର୍‌ଏମ୍‌ସି କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।



ବାସନ୍ତୀ କଲୋନି ୫-ଟି ହାଇସ୍କୁଲ।

### ୫-ଟି ହାଇସ୍କୁଲରେ ନିମ୍ନମାନର କାର୍ଯ୍ୟ ଅଭିଯୋଗ

ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଅନୁସାରେ, ପୂର୍ବ ସରକାର ସମୟରେ ଏହି ହାଇସ୍କୁଲକୁ ସ୍ମାର୍ଟ ହାଇସ୍କୁଲରେ ରୂପାନ୍ତର କରିବା ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୧କୋଟି ୯୫ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା। ଏଥିରେ ସ୍ମାର୍ଟ କ୍ଲାସରୁମ୍, ଅଫିସ, ଟଏଲେଟ ନିର୍ମାଣ ହେଲା। ମାତ୍ର ନିର୍ମାଣର କିଛିଦିନ ପରେ ସ୍କୁଲ ଛାତରୁ ବର୍ଷା ପାଣି ଝରିବା ଆରମ୍ଭ ହେଲା। ସବୁଠାରୁ ବଡ ସମସ୍ୟା ହେଲା ସ୍ମାର୍ଟ ଟଏଲେଟ୍‌ର ୨ଟି ସେପ୍‌ଟି ଟାଙ୍କି ମଧ୍ୟ ନଷ୍ଟ ହୋଇଗଲାଣି। ଫଳରେ ପିଲାମାନେ ଟଏଲେଟ ପାଇଁ ଅସୁବିଧା ଭୋଗୁଛନ୍ତି। ସେମାନେ ହାଇସ୍କୁଲ ଚତୁଃପାର୍ଶ୍ୱକୁ ଟଏଲେଟ ଯାଉଥିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଏ ନେଇ ଉଭୟ ଆର୍‌ଏମ୍‌ସି ଏବଂ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପାଖରେ ଅଭିଯୋଗ ହୋଇଛି। ତେବେ ଆର୍‌ଏମ୍‌ସି କେବଳ ସ୍କୁଲ ଡ୍ରେନ ମରାମତି କାର୍ଯ୍ୟ ଆମ ବିଭାଗ ହାତରେ ଥିବା ସୂଚାଉଥିବା ବେଳେ ସ୍ମାର୍ଟସ୍କୁଲ ମରାମତି କାର୍ଯ୍ୟ ପାଇଁ ଆମ ବିଭାଗକୁ କୌଣସି ସରକାରୀ ନିର୍ଦ୍ଦେଶ ଆସି ନ ଥିବା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦର୍ଶାଉଛି। ଫଳରେ ଦିନକୁ ଦିନ ୫-ଟି ହାଇସ୍କୁଲଗୁଡିକର ଅବସ୍ଥା ଶୋଚନୀୟ ହୋଇପଡୁଛି। ଏହାର ପ୍ରଭାବ ଉକ୍ତ ସ୍କୁଲରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନଙ୍କ ଉପରେ ପଡୁଥିବା ଅଭିଯୋଗ ହେଉଛି। ଏଣୁ ତୁରନ୍ତ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

ଏ ନେଇ ରାଉରକେଲା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ସେ କହିଲେ, ସ୍ମାର୍ଟସ୍କୁଲ ସଂଲଗ୍ନ ଡ୍ରେନଗୁଡିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଆର୍‌ଏମ୍‌ସି ତରଫରୁ କରାଯାଏ। ମାତ୍ର ସ୍ମାର୍ଟସ୍କୁଲ ମରାମତି କାର୍ଯ୍ୟ ପାଇଁ ଆର୍‌ଏମ୍‌ସିର କୌଣସି ଯୋଜନା ନାହିଁ। ତେବେ ଏ ବିଷୟରେ ଗୁରୁତ୍ୱ ଦିଆଯିବ ବୋଲି କୁଲକର୍ଣ୍ଣୀ କହିଥିଲେ। ଏ ସମ୍ପର୍କରେ ରାଉରକେଲା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧିକାରୀ ଅଲୋକ କୁମାର ନାୟକଙ୍କୁ ପଚାରିବାରୁ ସେ କହିଲେ, ୫-ଟି ହାଇସ୍କୁଲର ମରାମତି କାର୍ଯ୍ୟ ପାଇଁ ଆମ ବିଭାଗକୁ କୌଣସି ସରକାରୀ ନିର୍ଦ୍ଦେଶନାମା ଆସିନାହିଁ। ନିର୍ଦ୍ଦେଶ ଆସିଲେ ଆଗକୁ ୫-ଟି ହାଇସ୍କୁଲଗୁଡିକର ମରାମତି କରାଯିବ ବୋଲି ନାୟକ କହିଥିଲେ।

# ସଚେତନତାଭିତ୍ତିକ ପ୍ରଶିକ୍ଷଣର ଶୁଭାରମ୍ଭ


ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୮।୨(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସତର୍କତା ବିଭାଗ ପକ୍ଷରୁ ଗୋପବନ୍ଧୁ ପ୍ରେକ୍ଷାଳୟରେ ଗତ ୨୭ତାରିଖରେ 'ଜାଗରଣରୁ ଜାଗ୍ରତ ଆଡକୁ' ଶୀର୍ଷକ ଏକ ସଚେତନତା ଭିତ୍ତିକ ପ୍ରଶିକ୍ଷଣ ସଭା ଆୟୋଜିତ ହୋଇଯାଇଛି। ଏହି ଅଧିବେଶନରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏ. କେ. ବେହୁରୀଆ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପ୍ରବନ୍ଧନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଳ ଚୌଧୁରୀଙ୍କ ସମେତ ସତର୍କତା ବିଭାଗର ସିଜିଏମ ଏଣ୍ଡ ଏସିଭିଓ ସୁବ୍ରତ ପ୍ରହରାଜ ମଞ୍ଚାସୀନ ହୋଇଥିଲେ। ଏହି ଅଧିବେଶନରେ ବହୁ ସିଜିଏମ, ବିଭାଗ ମୁଖ୍ୟ, ସମ୍ପୃକ୍ତ ବିଭାଗର ବହୁ ଅଧିକାରୀ ଏବଂ ଭିଜିଲାନ୍ସ ବିଭାଗର ଚୁକ୍ତି ଭିତ୍ତିକ କାର୍ଯ୍ୟକାରିତା ସହିତ ଜଡିତ ଇଣ୍ଟେଟରମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମର ଉଦଘାଟନୀ ଅଭିଭାଷଣରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ବର୍ମା ଏହାର ସୂକ୍ଷ୍ମ ଯୋଜନା, ସଠିକ୍ ଡକୁମେଣ୍ଟେଶନ ଓ ପ୍ରକ୍ରିୟାଗତ ମାନଦଣ୍ଡ ପାଳନର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଉତ୍ତରଦାୟିତ୍ୱ ଏବଂ ବୃତ୍ତିଗତ କାର୍ଯ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଏଭଳି ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଏସିଭିଓ ସୁବ୍ରତ ପ୍ରହରାଜ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅଧିବେଶନରେ ଏକ ପାରସ୍ପରିକ ପ୍ରଶ୍ନୋତ୍ତର ଭିତ୍ତିକ କାର୍ଯ୍ୟକ୍ରମ ହୋଇଥିଲା। ପ୍ରାରମ୍ଭରେ ସତର୍କତା ବିଭାଗର ଏଜିଏମ ସନ୍ଦୀପ ବଂଶଲ ସତର୍କତା ବିଭାଗ ଦ୍ୱାରା କରାଯାଇଥିବା ପ୍ରକ୍ରିୟାକରଣର ଉନ୍ନତି ଏବଂ ଚୁକ୍ତିନାମା କାର୍ଯ୍ୟକାରୀ ସମ୍ପର୍କରେ ଏକ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ସତର୍କତା ବିଭାଗର ମ୍ୟାନେଜର ଏମ୍. କେ. ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବିଭାଗର ମ୍ୟାନେଜର ହରିଶ ଅଗ୍ରୱାଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ବିଜ୍ଞାନ ପ୍ରତି ଜିଜ୍ଞାସୁ ହେବାକୁ ପରାମର୍ଶ



କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

ରାଉରକେଲା,୨୮।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୨ ସ୍ଥିତ ସୁଶୀଳାବତୀ ସରକାରୀ ମହାବିଦ୍ୟାଳୟରେ ଶୁକ୍ରବାର ଏକ ଦିବସୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱର ଜୀବ ବିଜ୍ଞାନ ପ୍ରତିଷ୍ଠାନ ଓ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ବରିଷ୍ଠ ବୈଜ୍ଞାନିକ ଡ. ମାମୋନୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦାନ ଏହାକୁ ଉଦ୍‌ଘାଟନ କରିଥିଲେ। ଛାତ୍ରୀଙ୍କ ସହ ଭାବ ବିନିମୟ ସମୟରେ ଡ. ଦାଶ ବିଜ୍ଞାନ ଦିବସ ପାଳନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବର୍ତ୍ତମାନ ସମୟରେ ବିଜ୍ଞାନ ପ୍ରତି ରୁଚି ଦେଖାଇବା ସହ ଜିଜ୍ଞାସା ଜାଗ୍ରତ କରିବା ପାଇଁ ଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ବୈଜ୍ଞାନିକ ମନୋବୃତ୍ତିକୁ ଉଦ୍ରେକ କରିଥିବା ତଥା ଜିଜ୍ଞାସାକୁ ସମୃଦ୍ଧ କରିବା ପାଇଁ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ପରେ କଲେଜ ଅଧ୍ୟକ୍ଷା ଇପ୍‌ସିବା ଏକ୍କା ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତାକୁ ଜୋର ଦେଇଥିଲେ। ଅଧ୍ୟାପକ ଈଶ୍ୱର ମେହେର ଅନୁସନ୍ଧାନ କ୍ଷେତ୍ରରେ ଛାତ୍ରୀ ମନୋନିବେଶ କରିବା ଉଚିତ ବୋଲି କହିଥିଲେ। ଅଧ୍ୟାପକ ମାନସ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଦେବଦର୍ଶନୀ ସାମନ୍ତରାୟ ଓ ଡ. ଅଭିଲିପ୍ସା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ ବିଜ୍ଞାନ ଦିବସ ପାଳନ ନେଇ କଲେଜ ପରିସରରେ ବିଜ୍ଞାନ ମଡେଲ ପ୍ରଦର୍ଶନୀ ହୋଇଥିଲା। ଏଥିରେ ରାଉରକେଲାର ବିଭିନ୍ନ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଇସ୍ପାତ ସ୍ୱୟଂଶାସିତ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ଦଳ ପ୍ରଥମ, ସୁଶୀଳାବତୀ ସରକାରୀ କଲେଜର ପ୍ରଦାର୍ଥ ବିଜ୍ଞାନ ବିଭାଗ ଦଳ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅଧ୍ୟାପିକା ଗୀତାଞ୍ଜଳୀ ଟେଟେ, ମଧୁଲିତା ଦାସ, ଅର୍ପଣା କୁଜୁର, ସ୍ରୋତସ୍ୱିନୀ ପ୍ରଧାନ, ଶ୍ରଦ୍ଧାଞ୍ଜଳି ମିଶ୍ର, ରେବା ପାଣିଗ୍ରାହୀ, ଅନୀଲ ଏକ୍କା, ରୋଜି ମଲ୍ଲିକ, ସାଇଗୋପାଳ ରାଜଗୁରୁ ଏବଂ ମାନସୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଡ. ଅପର୍ଣ୍ଣା କୁଜୁର ଧନ୍ୟବାଦ ଅର୍ପଣ କରିଥିଲେ।

### ମଧୁବୈଶ୍ୟ ସମାଜ ପକ୍ଷରୁ କ୍ରୀଡ଼ା ଉତ୍ସବ

ରାଉରକେଲା,୨୮।୨(ଦିନେଶ ମିଶ୍ର)

ସେକ୍ଟର-୨୦ସ୍ଥିତ ଡି ବ୍ଲକ ଅଞ୍ଚଳରେ ଥିବା ଗଣେଶ ମନ୍ଦିର ପରିସରରେ ମଧୁବୈଶ୍ୟ ସମାଜ ପକ୍ଷରୁ ଶୁକ୍ରବାର ବିଭିନ୍ନ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ବକ୍ତୃତା, ନୃତ୍ୟ, ସଙ୍ଗୀତ, କବିତା ଆବୃତ୍ତି, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତାର ଏ ଗ୍ରୁପ୍‌ରେ ଚିନ୍ମୟ କୁମାର ସାହୁ ପ୍ରଥମ, ଲିସା ପାତ୍ର ଦ୍ୱିତୀୟ ଓ ବି ଗ୍ରୁପ୍‌ରେ ଆଦିତ୍ୟ କୁମାର ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ବି ଗ୍ରୁପରେ ଦିବ୍ୟାଞ୍ଜନ ସାହୁ ଦ୍ୱିତୀୟ ଓ ବିଶ୍ୱଜିତ ପାତ୍ର ୩ୟ ସ୍ଥାନ ଅଧିକାର କରିଥିଲେ। ନୃତ୍ୟ ପ୍ରତିଯୋଗିତାରେ ଏ' ଗ୍ରୁପ୍‌ରେ ଶ୍ରଭାଲି ସାହୁ ପ୍ରଥମ, ବି ଗ୍ରୁପ୍‌ରେ ବୈଷ୍ଣବୀ ସାହୁ ପ୍ରଥମ, ଭାଗ୍ୟଶ୍ରୀ ସାହୁ ଓ ସଂସ୍କାରିତା ସାହୁ ଦ୍ୱିତୀୟ, ଲକ୍ଷ୍ମୀ ପ୍ରିୟଦର୍ଶନୀ ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ଗୀତରେ ନିବେଦିତା ସାହୁ ପ୍ରଥମ, ଦେବବ୍ରତ ସାହୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। କବିତା ଆବୃତ୍ତିରେ ଶାଶ୍ୱତୀ ସାହୁ ପ୍ରଥମ ଓ କୃପାନନ୍ଦା ସାହୁ ଦ୍ୱିତୀୟ ହୋଇଥିଲେ। ଡି ଗ୍ରୁପ୍‌ରେ ଅଂଶିକା ସାହୁ ପ୍ରଥମ ସ୍ଥାନ ହାସଲ କରିଥିଲେ। ଚିତ୍ରାଙ୍କନରେ ଭାଗଶ୍ରୀ ସାହୁ, ଶୀତିଶ କୁମାର ସାହୁ, ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଅନ୍ୟ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମଧୁବୈଶ୍ୟ ସମାଜର ୪୨ତମ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଜଣାପଡିଛି।

# ସରକାରୀ ସ୍ୱୟଂଶାସିତ କଲେଜରେ ଜାତୀୟ ବିଜ୍ଞାନ ଦିବସ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲା,୨୮।୨(ଦିନେଶ ମିଶ୍ର)

ରାଉରକେଲା ପାନପୋଷସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅଧ୍ୟକ୍ଷା ପ୍ରଫେସର ସସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ବିଶ୍ୱ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। କଲେଜର ପଦାର୍ଥ ବିଜ୍ଞାନ ଓ ମହାକାଶ ବିଜ୍ଞାନ ବିଭାଗର ଅଧ୍ୟାପକ ପ୍ରଫେସର ଅଭୟ ପ୍ରତାପ ଯାଦବ ଶିବିରରେ ଯୋଗଦେଇ ତାରକାମାନଙ୍କ ସୃଷ୍ଟି ବିବର୍ତ୍ତନ ଓ ସେମାନଙ୍କ ଅନ୍ତିମ ଅବସ୍ଥା ବିଷୟରେ ଆଲୋଚନା କରିଥିଲେ। ଶିବିର ଆରମ୍ଭରେ ଅଧ୍ୟକ୍ଷା ପ୍ରଫେସର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଡ. ଅନ୍ନପୂର୍ଣ୍ଣା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଗୀତିକାର ଡ. ପ୍ରତାପ କୁମାର ସ୍ୱାଇଁ, ସଙ୍ଗୀତ ନିର୍ଦ୍ଦେଶକ ମହେନ୍ଦ୍ର ତନୟ ଟୁଡୁ, କଣ୍ଠଶିଳ୍ପୀ ଶିବାନୀ ସରକାର ଓ ବାଦ୍ୟଯନ୍ତ୍ରରେ ସହାୟତା କରିଥିବା ଦୀପାଂଶୁ, ବିଭୁସ୍ମିତ, ଅଂଶୁମାନ, ସୌମ୍ୟରଞ୍ଜନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଯୁକ୍ତ ୩ ରସାୟନ ବିଜ୍ଞାନ ବିଭାଗର ଶେଷବର୍ଷ ଛାତ୍ରୀ ଶାଶ୍ୱତୀ ଦାଶ ସଭାକାର୍ଯ୍ୟ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ମାୟାଧର ବାରିକ, ସସ୍ମିତା ମିଶ୍ର, ପ୍ରଶାନ୍ତ କୁମାର ସେଠୀ, ବାସନ୍ତୀ କୁଜୁରଙ୍କ ସମେତ କଲେଜର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ରସାୟନ ବିଜ୍ଞାନ ଅଧ୍ୟାପିକା ଡ. ସୋନିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ

ରାଉରକେଲା,୨୮।୨(ଦିନେଶ ମିଶ୍ର/ସୁବ୍ରତ ଦେ)

ବନ୍ଧମୁଣ୍ଡାସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ପ୍ରଦର୍ଶନୀ ଓ ନିଶାମୁକ୍ତ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂଚାଳିକା ରାଜଯୋଗିନୀ ଜ୍ୟୋତି ଦିଦିଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମାକୁମାରୀ ପକ୍ଷରୁ ଶିବରାତ୍ରି ପାଳନ ଅବସରରେ ଏକ ଗାଡିରେ ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗକୁ ସଜ୍ଜିତ କରାଯାଇ ବନ୍ଧମୁଣ୍ଡା ଫଟାପାଇପ୍ ଅଞ୍ଚଳରୁ ନେଇ ରେଲୱେ କଲୋନି ଦେଇ ବ୍ରହ୍ମାକୁମାରୀ ଆଶ୍ରମ ପରିସରରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଶିବରାତ୍ରି ପାଳନର ଉଦ୍ଦେଶ୍ୟ ଓ ଏହାର ମହତ୍ତ୍ୱ ଉପରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ନିଶାମୁକ୍ତ ଜୀବନକୁ ନେଇ ସଚେତନତା ସୃଷ୍ଟି କରାଯାଇଥିଲା। ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବନ୍ଧମୁଣ୍ଡା ଶାଖାର କର୍ମକର୍ତ୍ତା ସହଯୋଗ କରିଥିଲେ।



ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୋଭାଯାତ୍ରା ବାହାରିଛି।

କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ଭାରତ ସରକାର
(ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣ)
ଅଧ୍ୟକ୍ଷ ଏବଂ ତିନି ପୂର୍ଣ୍ଣକାଳୀନ ସଭ୍ୟଙ୍କ ନିଯୁକ୍ତି
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଧାରିତ ଫର୍ମାଟ୍‌ରେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ୨୧ ମାର୍ଚ୍ଚ, ୨୦୨୫ (ଅପରାହ୍ନ ୦୫.୩୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।
CBC 07101/11/0020/2425

# ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବାକୁ ଗୁରୁତ୍ୱ

ରାଉରକେଲା,୨୮।୨(ଦିନେଶ ମିଶ୍ର)


ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀ।

ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ଲଘୁ ଖଣିଜ ପଦାର୍ଥର ବେଆଇନ ଚୋରା ଚାଲାଣ ରୋକିବା ପାଇଁ ଉପଖଣ୍ଡସ୍ତରୀୟ କମିଟି ଓ ତହସିଲସ୍ତରୀୟ ଏନଫୋର୍ସମେଣ୍ଟ କମିଟି ଗଠନ କରାଯାଇଛି। ଉପଖଣ୍ଡସ୍ତରୀୟ କମିଟିରେ ଉପଜିଲାପାଳ ପାନପୋଷ ଅଧ୍ୟକ୍ଷ ଅଛନ୍ତି। ଏହାସହିତ ଏସ୍‌ଡିପିଓ, ଏସ୍‌ସିଏଫ, ତହସିଲଦାର, ଥାନାଧିକାରୀମାନେ ସଦସ୍ୟ ଓ ମାଇନିଂ ଅଧିକାରୀଙ୍କୁ ସଂଯୋଜକ ରଖାଯାଇଛି। ସେହିପରି ତହସିଲସ୍ତରୀୟ କମିଟିରେ ତହସିଲଦାର ଅଧ୍ୟକ୍ଷ ଅଛନ୍ତି। ରେଞ୍ଜ ଅଧିକାରୀ ଓ ସମ୍ପୃକ୍ତ ଅଞ୍ଚଳର ଆଇଆଇସି ସଦସ୍ୟ ଏବଂ ମାଇନିଂ ଅଫିସର କିମ୍ବା ଜୁନିୟର ମାଇନିଂ ଅଫିସର ସଂଯୋଜକ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଉରକେଲା ପାନପୋଷ ଉପଖଣ୍ଡସ୍ତରୀୟ ଏନ୍‌ଫୋର୍ସମେଣ୍ଟ କମିଟିର ପ୍ରଥମ ବୈଠକ ଉପଜିଲାପାଳ ବିଜୟ ନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାନପୋଷ ଉପଖଣ୍ଡରେ ବାଲି, ପଥର, ଚିପ୍ସ, ମେଟାଲ ଆଦି ଚୋରାଚାଲାଣ ରୋକିବା ପାଇଁ ପୋଲିସ ଓ ରାଜସ୍ୱ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବ ଏବଂ ଏନ୍‌ଫୋର୍ସମେଣ୍ଟକୁ ଆହୁରି ମଜବୁତ କିପରି କରିପାରିବ ସେ ଦିଗରେ ଆଲୋଚନା କରାଯାଇଥିଲା। ଉପଜିଲାପାଳ ଲଘୁ ଖଣିଜ ପଦାର୍ଥର ବହୁଳ ବ୍ୟବହାର ହେଉଥିବାରୁ ଏହାର ଚୋରାଚାଲାଣ ଉପରେ କଟକଣା ଲଗାଇବାକୁ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ପାନପୋଷ ଏସ୍‌ଡିପିଓ ଅମ୍ବିତ ମହାନ୍ତି, ବିରମିତ୍ରପୁର ଏସ୍‌ଡିପିଓ ସୁଶାନ୍ତ ଦାସ, ମାଇନିଂ ଅଧିକାରୀ ଅଜୟ କୁମାର ଗିରିଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ, ଅତିରିକ୍ତ ତହସିଲଦାର ଉପସ୍ଥିତ ଥିଲେ।

ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ: ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in
ଦଖଲ ନୋଟିସ୍

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି। ଏତଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡ଼ିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ।

**ଏତଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା(୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା** ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର: (୧)ମେସର୍ସ ଶିବମ୍ ଟେଲିକମ୍, ସତ୍ତ୍ୱାଧିକାରୀ: ଶ୍ରୀ ରାଜୀବ କୁମାର ପାତ୍ର, ଦୋକାନ ନଂ.ଡବ୍ଲୁ/୫୧, ଇମାନୁଏଲ୍ ସପିଂ କମ୍ପ୍ଲେକ୍ସ, ଫାଣ୍ଡି ଛକ, କଚେରୀ ରୋଡ, ବାଲେଶ୍ୱର-୭୫୬୦୦୧, (୨)ଶ୍ରୀ ରାଜୀବ କୁମାର ପାତ୍ର, ପିତା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା: କାଳିଦାସପୁର (ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧, (୩)ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର (ଜାମିନ୍‌ଦାର/ବନ୍ଧକଦାତା), ସ୍ୱା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା କାଳିଦାସପୁର, ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧। | ୩୦.୦୯.୨୦୨୪ ସୁଦ୍ଧା ଟ.୫,୧୪,୨୭୧.୬୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୧୦.୨୦୨୪ / ୨୪.୦୨.୨୦୨୫ | ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ରଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୯୩/୯୯୮, ଖାତା ନଂ.୧୫୮/୪୨୮, ଏରିଆ: ଏ୦.୦୭ ଡିସିମିଲି, ଏବଂ ପ୍ଲଟ ନଂ.୪୯୩-୯୯୮/୧୧୬୨, ଖାତା ନଂ.୧୭୦/୧୯୨, ଏରିଆ: ଏ୦.୦୫ ଡିସିମିଲି, ମୌଜା: କାଳିଦାସପୁର, ପୋ.: ହରିପୁର, ଥାନା: ବାଲେଶ୍ୱର ଟାଉନ୍, ଜିଲ୍ଲା: ବାଲେଶ୍ୱର, ଚାରିପାର୍ଶ୍ୱରେ: ଉତ୍ତର- ୨୦ଲିଙ୍କ୍‌ସ କମନ୍ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୯୨, ପୂର୍ବ- ୨୦ଲିଙ୍କ୍‌ସ କମନ୍ ରାସ୍ତା, ପଶ୍ଚିମ- ଖାଲି ଜମି। |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୦୨.୨୦୨୫
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ସଂକ୍ଷେପରେ

### ସ୍ତ୍ରୀ ହତ୍ୟାକାରୀ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ଝାରସୁଗୁଡ଼ା,୨୮।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅନ୍ତର୍ଗତ ଓଡ଼ିଆପାଳି ଗ୍ରାମରେ ସ୍ତ୍ରୀ ହତ୍ୟାକାଣ୍ଡର ରାୟ ଶୁକ୍ରବାର ପ୍ରକାଶ ପାଇଛି। ଜିଲା ଦୌରା ଜଜ୍ ସୁବାସ ଚନ୍ଦ୍ର ଧଳ ଅପରାହ୍ଣ ୩ଟାରେ ଓଡ଼ିଆପାଳି ଗ୍ରାମର ରବି ନାଇକ(୪୦)ଙ୍କୁ ସ୍ତ୍ରୀ ହତ୍ୟା ଘଟଣାରେ ଆଜୀବନ ସଜା ସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଘଟଣା ଅନୁସାରେ ୨୦୨୧ ମାର୍ଚ୍ଚ ୧୬ରେ ଲଇକେରା ଥାନା ଅନ୍ତର୍ଗତ ଓଡ଼ିଆପାଳି ଗାଁରେ ଘରୋଇ କଳି ନେଇ ସ୍ତ୍ରୀ ସୁରୁବାଳି ନାଏକଙ୍କ ତଣ୍ଟି ଚିପି ସ୍ୱାମୀ ରବି ନାଇକ ହତ୍ୟା କରିଥିଲେ। ଏହି ମାମଲାରେ ୨୭ଜଣ ସାକ୍ଷ୍ୟ ପ୍ରଦାନ କରିବା ସହିତ ୩୨ଟି ଦସ୍ତାବିଜ ପ୍ରମାଣ ଆଧାରରେ ଜିଲା ଦୌରା ଜଜ୍ ରବିଙ୍କୁ ଆଜୀବନ ଜେଲ ଦଣ୍ଡ ସହିତ ୧୦ ହଜାର ଟଙ୍କାରେ ଦଣ୍ଡିତ କରିଛନ୍ତି।

### ସ୍ୱତନ୍ତ୍ର ସମିତି ବୈଠକ

ଦେବଗଡ଼,୨୮।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସ୍ୱତନ୍ତ୍ର ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଶୁକ୍ରବାର ଅପରାହ୍ଣ ୫ଟାରେ ପ୍ରେସ ବିବୃତୀ ଯୋଗେ ବ୍ଲକ କର୍ତ୍ତୃପକ୍ଷ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବ୍ଲକ ଅଧ୍ୟକ୍ଷ ମଧୁସୁଦନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ଶର୍ମିଷ୍ଠା ଘଡେଇ, ଜିଲା ପରିଷଦ ସଭ୍ୟା ବାସନ୍ତୀ ବେହେରା, ବିଡିଓ ଆଦିତ୍ୟ ପଣ୍ଡା, ଏବିଡିଓ ସୁଜାତା ନାଏକଙ୍କ ସମେତ ରିଆମାଳ ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚୟତ ସରପଞ୍ଚ ଏବଂ ସମିତିସଭ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ହୋଇଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯିବା ସହିର ସେସବୁର କିଭଳି ସମାଧାନ ହୋଇପାରିବ ସେ ନେଇ ପ୍ରସ୍ତାବ ଆଗତ ହୋଇଥିଲା। ଏଥିସହ ଗ୍ରାମସଭାର ନିଷ୍ପତ୍ତି ଅନୁଯାୟୀ ରାଜ୍ୟ ସରକାର ଆରମ୍ଭ କରିଥିବା ବିକଶିତ ଗାଁ ବିକଶିତ ଓଡିଶା ଯୋଜନା ଅଧୀନରେ ପ୍ରତ୍ୟେକ ପଞ୍ଚାୟତରୁ ଆସିଥିବା ପ୍ରକଳ୍ପ ମଞ୍ଜୁର କରାଯାଇଥିଲା। ବୈଷୟିକ କମିଟିର ନିଷ୍ପତ୍ତି ପରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପର୍ଯ୍ୟାୟକ୍ରମେ ନିର୍ମାଣ କାମ ଆରମ୍ଭ କରାଯିବ। ସେହିପରି ପଞ୍ଚାୟତ ସମିତି କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଯୋଜନାରୁ କ'ଣ ସବୁ ପ୍ରକଳ୍ପ ନିର୍ମାଣ କରାଯିବ ସେନେଇ ପ୍ରସ୍ତାବ ଦିଆଯାଇଥିଲା।

### ଆଇନ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୮।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଓ ଜିଲା ଦୌରା ଜଜ୍ ପ୍ରଶାନ୍ତ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ରିଜର୍ଭ ପୋଲିସ କାର୍ଯ୍ୟାଳୟ ଝାରସୁଗୁଡ଼ାଠାରେ ଗୁରୁବାର ପୂର୍ବାହ୍ନରେ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିବାରଣ, ନିଷେଧ ଏବଂ ପ୍ରତିକାର ଆଇନ ସମ୍ପର୍କିତ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ଜନ ଉପଯୋଗୀ ସେବା ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଆଲୋକମୟୀ ପ୍ରଧାନ, ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିବାରଣ, ନିଷେଧ ଏବଂ ପ୍ରତିକାର ଆଇନ ବଳରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ ସମିତି କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନ ସହାୟତା ପ୍ରତିପକ୍ଷ ଓକିଲ ସାଜଦା ବେଗମ, ଉପ ଆରକ୍ଷୀ ଅଧିକ୍ଷୀକ ଏମ ହାଁସଦା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ପୋଲିସ କାର୍ଯ୍ୟାଳୟ ଝାରସୁଗୁଡ଼ାର ପୋଲିସ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇଥିଲେ।

# କ୍ରଶର ମେଟାଲ ବଦଳରେ ହାତପିଟା ମେଟାଲ ବ୍ୟବହାର

ଦେବଗଡ଼,୨୮।୨(ଶଶାଙ୍କ ଶେଖର ଝାଙ୍କର)

**ନିମ୍ନମାନର ହାତପିଟା ମେଟାଲ ବ୍ୟବହାର**
- ଠିକାଦାର- ଯନ୍ତ୍ରୀ ମଧୁଚନ୍ଦ୍ରିକା
- କ୍ଷୁଦ୍ର ଜଳସେଚନ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର
- ଭିଜିଲାନ୍ସ ତଦନ୍ତ ପାଇଁ ଦାବି

ଦେବଗଡ କ୍ଷୁଦ୍ର ଜଳ ସେଚନ ବିଭାଜନ ପକ୍ଷରୁ ବିଭିନ୍ନ ସ୍ଥାନରେ ଚାଲିଥିବା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଆସୁଛି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟରେ କୌଣସି ସୁଧାର ପରିଲକ୍ଷିତ ହେଉନାହିଁ। ଫଳରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଠିକାଦାର -ଯନ୍ତ୍ରୀ ମଧୁଚନ୍ଦ୍ରିକା ଯୋଗୁ ନିର୍ମାଣ କାର୍ଯ୍ୟରେ ଏଭଳି ଅନିୟମିତତା ପରିଲକ୍ଷିତ ହେଉଥିବା ସାଧାରଣରେ ଆଲୋଚନା ହେଉଛି। ସୂଚନା ଅନୁଯାୟୀ ଦେବଗଡ଼ ଜିଲା ବାରକୋଟ ବ୍ଲକ ଅନ୍ତର୍ଗତ କଲା ଗ୍ରାମରେ ଥିବା ଡମ୍ବରୁଧର ପ୍ରିୟା କେନାଲ କଡରେ ୬୦ଲକ୍ଷରୁ ଟଙ୍କା ବ୍ୟୟରେ ପିଚୁ ରାସ୍ତା ନିର୍ମାଣ ପାଇଁ ମେଟାଲିଂ କାର୍ଯ୍ୟ ଚାଲିଛି। ବିଛାଯାଉଥିବା ମେଟାଲର ଅତ୍ୟନ୍ତ ନିମ୍ନମାନର ହୋଇଥିବା ଜଣାପଡିଛି। ବ୍ୟୟ ଅଟକଳ ଅନୁଯାୟୀ ନିର୍ମାଣ କାର୍ଯ୍ୟରେ କ୍ରଶର ମେଟାଲ ବ୍ୟବହାର ହେବାର ନିୟମ ବ୍ୟବସ୍ଥା ରହିଛି। ମାତ୍ର ଅଧିକ ମୁନାଫା ଲୋଭରେ ନିର୍ମାଣକାରୀ ସଂସ୍ଥା ଦ୍ୱାରା ଅତ୍ୟନ୍ତ ନିମ୍ନମାନର ହାତପିଟା ମେଟାଲ ବ୍ୟବହାର କରାଯାଉଛି। ସେହିପରି ବ୍ୟୟ



ନିମ୍ନମାନର ହାତପିଟା ମେଟାଲରେ ନିର୍ମାଣାଧୀନ ରାସ୍ତା।

ଅଟକଳ ଅନୁଯାୟୀ ଠିକ ଆକାରର ମେଟାଲ ବ୍ୟବହାର କରା ନ ଯାଇ ଧାର୍ଯ୍ୟ ଆକାର ଠାରୁ ଢେର ଅଧିକ ଆକାରର ମେଟାଲ ବ୍ୟବହାର କରାଯାଉଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ସମ୍ପର୍କିତ କୌଣସି ସୂଚନା ଫଳକ ସ୍ଥାପନ କରାଯାଇ ନାହିଁ। ଅଞ୍ଚଳବାସୀ ପଚାରିଲେ ନିର୍ମାଣ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗ, ବାରକୋଟ ସବ ଡିଭିଜନର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ (ଏସ୍‌ଡିଓ)ଙ୍କୁ ପଚାରିଲେ ସେମାନେ କୌଣସି ଠିକ ଉତ୍ତର ଦେଉନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ଏହା ଯେ, ଉଭୟ ଯନ୍ତ୍ରୀ ନିର୍ମାଣ କାର୍ଯ୍ୟ ତଦାରଖ ନିମନ୍ତେ ସେଠାକୁ କେବେ ବି ଯାଉ ନ ଥିବାରୁ ନିର୍ମାଣକାରୀ ସଂସ୍ଥା ନିଜର ଇଚ୍ଛା ଅନୁଯାୟୀ କାର୍ଯ୍ୟ କରୁଥିବା ଏବଂ ଏଥିପ୍ରତି ଉଭୟ ଯନ୍ତ୍ରୀଙ୍କ ପରୋକ୍ଷ ସମର୍ଥନ ରହିଥିବା ସାଧାରଣରେ ଆଲୋଚନା ହେଉଛି। ଉକ୍ତ ଘଟଣାରେ ସମସ୍ତେ ଚୁପ, ଏପରି କି କେତେ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କାର୍ଯ୍ୟ ହେଉଛି ତାହା ଅଧିକାରୀଙ୍କୁ ଜଣାନାହିଁ। ଅନ୍ୟପକ୍ଷରେ ସୂଚନା ଫଳକ ସମ୍ପର୍କରେ ପଚାରିବାରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ନିର୍ମାଣ ପୂର୍ବରୁ ସୂଚନା ଫଳକର ଆବଶ୍ୟକତା ରହିଥିବା ଦର୍ଶାଇବା ସହ 'ଆମ କାମରେ ନିର୍ମାଣ ପରେ ସୂଚନା ଫଳକ କରାଯାଏ' ବୋଲି ଦାୟିତ୍ୱହୀନ ମନ୍ତବ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ ଏ ନେଇ ମତାମତ ନିମନ୍ତେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମୀରେଖା ଛତରଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ଏହା ସମ୍ଭବ ହୋଇନାହିଁ। ତେବେ ସେ ଯାହା ହେଉନା କାହିଁକି ଏ ଘଟଣାର ନିଜେ ଜିଲାପାଳ ଓ ଭିଜିଲାନ୍ସ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଠିକ ଭାବେ ନିର୍ମାଣ କାର୍ଯ୍ୟ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ଶିକ୍ଷୟିତ୍ରୀଶିକ୍ଷକଙ୍କ ଗହଣରେ ସାର୍ଟିଫିକେଟ ପ୍ରାପ୍ତ ଛାତ୍ରୀମାନେ।

ଦେବଗଡ଼,୨୮।୨(ଶଶାଙ୍କ ଶେଖର ଝାଙ୍କର)

ଯୁକ୍ତ ୩ ସ୍ନାତକ ମହିଳା ମହାବିଦ୍ୟାଳୟ ଦେବଗଡ଼ରେ ଦେବଗଡ଼ ଯୁକ୍ତ ୩ ସ୍ନାତକ ମହିଳା ମହାବିଦ୍ୟାଳୟରେ ଓଡ଼ିଶା କ୍ରିଡ଼ା ଓ ଯୁବବ୍ୟାପାର ଆନୁକୂଲ୍ୟରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ଡ଼ ତନ୍ମୟୀ ମହାନ୍ତିଙ୍କ ପୌରହିତ୍ୟରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଆତ୍ମ ସୁରକ୍ଷା ତାଲିମ କୋଡିନେଟର ସୁନିଲ୍ କୁମାର୍ ଦାଶ, ଟ୍ରେନର ଲଭଲୀ ଧଳ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମ ଏବଂ ଏହାର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଚଳିତ ମାସ ୬.୨.୨୫ଠାରୁ୧୫.୨.୨୫ ପର୍ଯ୍ୟନ୍ତ ତାଲିମ ନେଇଥିବା ଛାତ୍ରୀମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟାପକ ତୁଷାର ଧଳ, ଧୀରେନ୍ଦ୍ର ନାଗ, କୁନ୍ତୀ ସାହୁ, ପ୍ରଭାତ ନାଏକ, ଗ୍ରନ୍ଥ ଗାରିକ, ଜିତେନ୍ଦ୍ରୀୟ ନାଥ ନନ୍ଦ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ସମେତ ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଅଧ୍ୟାପକ ତୁଷାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସୋଡ଼ାମାଲ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ

ଝାରସୁଗୁଡ଼ା,୨୮।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍ ଅନ୍ତର୍ଗତ ସୋଡ଼ାମାଲ ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପୂର୍ବାହ୍ନ ୧୧ ଟାରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. ଆଦିତ୍ୟ ପ୍ରସାଦ ପାଢ଼ୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିବେକାନନ୍ଦ ସାମଲ, ସମ୍ମାନିତ ଅତିଥି ଭାବେ ଭାରତୀୟ କିଶାନ ସଂଘ ରାଜ୍ୟ କାର୍ଯ୍ୟକାରୀଣୀ ସଦସ୍ୟ ରୋହିତେଶ୍ୱର ପ୍ରଧାନ, ମଠ ମହନ୍ତ ପ୍ରମୁଖ ରାଧାକାନ୍ତ ବାବା, ଶିକ୍ଷାବିତ୍ ବିପିନ ବିହାରୀ ପଣ୍ଡା, କୋଲାବିରା ବ୍ଲକ୍ ସମ୍ପ୍ରସାରଣ ଅଧିକାରୀ ପୂର୍ଣ୍ଣିମା ସୁନା, ସିଆର୍‌ସିସି ମୁଚୁକୁନ୍ଦ ସିଂହ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୀତାଞ୍ଜଳି ମଟିଆରୀ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସତ୍ୟବାନ ପତି ସଭାପତିତ୍ୱ କରିଥିଲେ। ପ୍ରେମ ସାଗର ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ରିଙ୍କି କାଲୋ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସୁଶାନ୍ତ ନାଏକ, ଅମିତ ସେଠ, ପିଙ୍କି ସେଠ, ତପସ୍ୱନୀ ମାଝି, ସୁରୁବାଲା ନାଏକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା।

# 'ପୋଲିସ ଆମ ବନ୍ଧୁ' ବାର୍ତ୍ତା ନେଇ ସଚେତନତା ପଦଯାତ୍ରା

ଦେବଗଡ଼,୨୮।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଗୁଡା ସରପଞ୍ଚ କୁନୁ ବେହେରା, ଦେବଗଡ଼ ଆଦର୍ଶ ଥାନା ଅଧିକାରୀଙ୍କ ପ୍ରତିନିଧି ଭାବେ ରଞ୍ଜନ କୁମାର ସ୍ୱାଇଁ, ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ଯୋଗଦେଇ ପତାକା ଦେଖାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ବିଭିନ୍ନ ସଚେତନତା ସ୍ଲୋଗାନ ସହ ସୁଗୁଡ଼ା ଗ୍ରାମ ପରିକ୍ରମା କରିବା ସହ ମଣ୍ଡପ ଛକ, ପଞ୍ଚାୟତ ଛକଠାରେ ଉପସ୍ଥିତ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଶୋଭାଯାତ୍ରାରେ ଶିକ୍ଷକ ତ୍ରିନାଥ କୁମାର ସାହୁ, ପିଣ୍ଟୁ ସାହୁ, ମନୋଜ କୁମାର ବେହେରା, ପରମେଶ୍ୱର ସିଂ, ସଦାନନ୍ଦ ସ୍ୱାଇଁ, ବିଭୁତି ଭୂଷଣ ଧଳ, ଦୁର୍ଯୋଧନ ସାହୁ, ଶିକ୍ଷୟିତ୍ରୀ ସୁନନ୍ଦା ପାତ୍ର, ସାଫଲ୍ୟ ଆଚାର୍ଯ୍ୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ଏନର୍ଜି କ୍ଲବ ଛାତ୍ରୀଛାତ୍ରମାନଙ୍କୁ ନେଇ ଜାତୀୟ ବିଜ୍ଞାନ ଦିବସ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ହରେନ କୁମାର ସାହୁ, କେ. ଅନିଲ କୁମାର ଓ ଶିକ୍ଷୟିତ୍ରୀ ଦୀପିକା ମିଞ୍ଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ୍‌ରେ କ୍ଲବ୍‌ର ଛାତ୍ରୀଛାତ୍ରମାନଙ୍କୁ ନେଇ ସେମିନାର, କୁଇଜ, ବିଜ୍ଞାନଗାରର ପ୍ରୟୋଗ ଆଦି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଜ୍ଞାନ ଶିକ୍ଷକ ହିମାଂଶୁ ଶେଖର ଦେହୁରୀ ଜାତୀୟ ବିଜ୍ଞାନ ଦିବସ ସମ୍ପର୍କରେ ଆଲୋକପାତ କରାଇଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା, ସିଆର୍‌ସିସି ପ୍ରାଣବନ୍ଧୁ ଘଡେଇ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଭାସ କୁମାର ନନ୍ଦ, ସୋନୁ ବିଶ୍ୱାଳ, ସୁଜିତ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଓ ବ୍ୟାନର ଧରି ସୁଗୁଡ଼ା ଗ୍ରାମ ପରିକ୍ରମା କରୁଛନ୍ତି।

## ସରବେର୍ମା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ



ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଝାରସୁଗୁଡ଼ା,୨୮।୨(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ମ୍ୟୁନିସିପାଲିଟିର ସର୍ବେନା ଗ୍ରାମ ଅନ୍ତର୍ଗତ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସିଆର୍‌ସିସି ସୁରଜ କୁମାର ପଟେଲ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ସଭାପତି ଶଙ୍କର ଓରାମ, ପଞ୍ଚସଖା ସେତୁ ସଭାପତି ଗୀତା ଓରାମ, ଗ୍ରାମର ଦୀନକୃଷ୍ଣ ଓରାମ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ସମସ୍ତ ଅତିଥିମାନେ ଦିପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସମାପ୍ତି ସୂଚକ ଆକଳନ-୧ରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଭଲ ନମ୍ବର ରଖିଥିବା ଛାତ୍ରୀଛାତ୍ର ଏବଂ ପଞ୍ଚସଖା ସେତୁର ସମସ୍ତ ସଦସ୍ୟମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ରିତି ଲାକ୍ରା ମଞ୍ଚ ପରିଚାଳନା କରିଥିବା ବେଳେ ହରିପ୍ରୀୟା ପହାଣ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦାବି ପୂରଣ ନ ହେଲେ ଆନ୍ଦୋଳନ: ଜିଲା ଠିକାଦାର ସଂଘ

ଦେବଗଡ଼,୨୮।୨(ଶଶାଙ୍କ ଶେଖର ଝାଙ୍କର)

**ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ, ଅନ୍ୟ କର୍ମଚାରୀ ନିଯୁକ୍ତି ଦାବି**

ଦେବଗଡ଼ ଜିଲା ଠିକାଦାର ସଂଘ ପକ୍ଷରୁ ରାସ୍ତା ଓ ଗୃହ ବିଭାଗର ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ଦାବି ନେଇ ଆନ୍ଦୋଳନର ଚେତାବନୀ ଦିଆଯାଇଛି। ଶୁକ୍ରବାର ଜିଲା ଠିକାଦାର ସଂଘର ବହୁ ସଦସ୍ୟ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରିଷ୍ଠ ଠିକାଦାର ଇଂ. ଅଜୟ କୁମାର ପ୍ରଧାନ ଓ ଇଂ. ସୁଜିତ କୁମାର ପ୍ରଧାନଙ୍କ ନେତୃତ୍ୱରେ ରାସ୍ତା ଓ ଗୃହ ବିଭାଗର ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ନିଯୁକ୍ତି ଦାବି ନେଇ ଆନ୍ଦୋଳନର ଚେତାବନୀ ଦିଆଯାଇଥିବା ଜଣାପଡିଛି। ପ୍ରାୟ ୨ ମାସ ପୂର୍ବରୁ ଦେବଗଡ଼ ରାସ୍ତା ଓ ଗୃହ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ବଦଳି ହେବା ପରେ ସମ୍ବଲପୁର ଅଧୀକ୍ଷଣ ଯନ୍ତ୍ରୀ ବିଭୂପ୍ରସାଦ ଲେଙ୍କାଙ୍କୁ ଦେବଗଡ଼ ବିଭାଜନର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି ୨ ମାସ ସମୟ ମଧ୍ୟରେ ଲେଙ୍କା ମାତ୍ର



ଠିକାଦାର ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

୨-୩ ଥର ଦେବଗଡ଼ ଆସିଥିବା ବେଳେ ବିଭିନ୍ନ ପ୍ରକାରର ବିଭାଗୀୟ କାର୍ଯ୍ୟ ଆଗକୁ ବଢିପାରୁନି। ଦେବଗଡ଼ରୁ ସମ୍ବଲପୁର ଯାଇ ଲେଙ୍କାଙ୍କୁ ସାକ୍ଷାତ କରିବାକୁ ଚେଷ୍ଟା କଲେ ଦେବଗଡ଼ ଠିକାଦାରମାନଙ୍କୁ ସାକ୍ଷାତ ନ କରି ଫେରାଇ ଦେଉଛନ୍ତି। ଏଗ୍ରିମେଣ୍ଟ, ବିଲ ପେମେଣ୍ଟ, ଡେଭିଏସନ, ଇଓଟି, ସିକ୍ୟୁରିଟି ରିଫଣ୍ଡ ଭଳି ଅନେକ ଫାଇଲ ପତ୍ର ପ୍ରୋସେସିଂରେ ଅଯଥା ବିଳମ୍ବ ହେଉଥିବାରୁ ଠିକାଦାରମାନେ ଅକଥନୀୟ ଅତ୍ୟାଚାର ସମ୍ମୁଖୀନ ହେଉଛନ୍ତି। ଜଣେ ନିୟମିତ ଓ ସ୍ଥାୟୀ ଅଧୀକ୍ଷଣ ଯନ୍ତ୍ରୀ ନ ଥିବାରୁ ଠିକାଦାରମାନେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗ କରୁଥିବା ବେଳେ ବିଭାଗୀୟ କାର୍ଯ୍ୟାଳୟ ସ୍ଥାଣୁ ପାଲଟିଯାଇଛି। ମାର୍ଚ୍ଚରେ ଆର୍ଥିକ ବର୍ଷ ଶେଷ ହେବାକୁ ଥିବା ସମୟରେ ଏହି ଜଟିଳ ପରିସ୍ଥିତିରେ ଠିକାଦାରମାନେ ଶୋଚନୀୟ ଅବସ୍ଥା ଦେଇ ଗତି କରୁଛନ୍ତି। ସ୍ଥାୟୀ ଅଧିକ୍ଷଣ ଯନ୍ତ୍ରୀ ଓ ଅନ୍ୟାନ୍ୟ ନିୟମିତ କର୍ମଚାରୀ ନିଯୁକ୍ତି ନ ହେଲେ ମାର୍ଚ୍ଚ ୩ରୁ ବିଭାଗୀୟ କାର୍ଯ୍ୟାଳୟରେ ତାଲାବନ୍ଦ ଧାରଣା ଦେଇ ଆନ୍ଦୋଳନ କରିବାକୁ ଚେତାବନୀ ଦିଆଯାଇଛି। ଏଥିସହ ବିଭାଗୀୟ ଇମେଲ ଯୋଗେ ମୁଖ୍ୟମନ୍ତ୍ରୀ, ପୂର୍ତ୍ତ ବିଭାଗ ମନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ, ରାସ୍ତା ଓ ଗୃହ ମଣ୍ଡଳ ସମ୍ବଲପୁର, ନିଖିଳ ଓଡିଶା ଠିକାଦାର ସଂଘ ସଭାପତି, ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଠିକାଦାର ସଂଘର ନନ୍ଦକିଶୋର ମହାପାତ୍ର, କ୍ଷୀରୋଦ ବେହେରା, ପ୍ରତାପ କୁମାର ଦେବ, ଇଂ କୁମାର ସୱସ୍ତିକ ମହାପାତ୍ର, ଇଂ ଶିବାନନ୍ଦ ଗଡନାୟକ, ନିରୁପମ ପାଣିଗ୍ରାହୀ, ଇଂ ମୁକେଶ ମହାପାତ୍ର ଓ ବିକାଶ କୁମାର ପ୍ରଧାନ ଉପସ୍ଥିତ ଥିଲେ।

**କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ**
**ଭାରତ ସରକାର**
**(ଜାତୀୟ ଆର୍ଥିକ ରିପୋର୍ଟିଂ ପ୍ରାଧିକରଣ)**
**ଅଧ୍ୟକ୍ଷ ଏବଂ ତିନି ପୂର୍ଣ୍ଣକାଳୀନ ସଭ୍ୟଙ୍କ ନିଯୁକ୍ତି**
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର ନିର୍ଦ୍ଧାରିତ ଫର୍ମାଟ୍‌ରେ, ସବୁ ଦୃଷ୍ଟିରୁ ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣର ଶେଷ ତାରିଖକୁ ୨୧ ମାର୍ଚ୍ଚ, ୨୦୨୫ (ଅପରାହ୍ଣ ୦୫.୩୦ ଘଟିକା) ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।
CBC 07101/11/0020/2425

## ଦେବଗଡ଼ ଜିଲାରେ ୱାଟରଶେଡ୍ ଯାତ୍ରାର ଶୁଭାରମ୍ଭ

ଦେବଗଡ଼,୨୮।୨
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବରକୋଟ ବ୍ଲକ ସ୍କୁଲ ଖେଳପଡ଼ିଆଠାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ ପକ୍ଷରୁ ୱାଟରଶେଡ ଯାତ୍ରାର ଶୁଭାରମ୍ଭ କରାଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବଗଡ଼ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଅରୁଣ କୁମାର ସାହୁ ଓ ଅଧ୍ୟକ୍ଷା ବାରକୋଟ ପଞ୍ଚାୟତ ସମିତି ପୁଷ୍ପାଞ୍ଜଳୀ ପାତ୍ର ଯୋଗଦାନ କରିଥିଲେ। ସଭାରେ ଅତିଥିମାନେ ଉପସ୍ଥିତ ଥିବା ଜନସାଧାରଣଙ୍କୁ ଜଳ ବିଭାଜିକା କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଉପରେ ଅବଗତ କରାଇଥିଲେ ଏବଂ କୃଷି ଓ ଆନୁଷଙ୍ଗିକ ବିଭାଗ ପକ୍ଷରୁ ବିଭାଗୀୟ ଷ୍ଟଲ ଖୋଲାଯାଇଥିଲା। ମୁଖ୍ୟ କାର୍ଯ୍ୟକ୍ରମ ମଧ୍ୟରେ ନୂତନ କାର୍ଯ୍ୟପାଇଁ ଭୂମିପୂଜା, ବୃକ୍ଷରୋପଣ, ଶ୍ରମଦାନ, ସମାପ୍ତ ହୋଇଥିବା ପ୍ରକଳ୍ପ ଗୁଡିକର ଲୋକାର୍ପଣ, ୱାଟାରଶେଡ ମାର୍ଗଦର୍ଶକମାନଙ୍କୁ ସାର୍ଟିଫିକେଟ ଓ ମାନପତ୍ର ପ୍ରଦାନ ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତା ସଫଳତା ହାସଲ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଅପରାହ୍ନରେ ନୂଆଗାଁ ଜଳ ବିଭାଜିକାରେ ଆୟୋଜନ କରାଯାଇଥିଲା। ୱାଟରଶେଡ ଯାତ୍ରାର ବାର୍ତ୍ତା ବହନ କରିଆସିଥିବା ଭେନ ଦ୍ୱାରା ଜନସଚେତନତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏତଦ ବ୍ୟତୀତ ମନୋରଞ୍ଜନ ଧର୍ମୀ ପଥପ୍ରାନ୍ତ ନାଟକ ଓ ସଙ୍ଗୀତ ପରିବେଷଣ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଦେବଗଡ଼ ଦେବାଶିଷ ଚନ୍ଦ୍ର ଜଗଦେବ, ବାରକୋଟ ଜଳବିଭାଜିକା ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ପକ୍ଷରୁ ସହକାରୀ ନିର୍ଦ୍ଦେଶକ ଅଶେଷ କୁମାର ଦାସ, ସହକାରୀ କୃଷି ଯନ୍ତ୍ରୀ ବିଜୟଲକ୍ଷ୍ମୀ ନାୟକ ସମେତ ବିଭାଗୀୟ ଅନ୍ୟାନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
**କ୍ଷେତ୍ରୀୟ କାର୍ଯ୍ୟାଳୟ:** ବି/୨ ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ଇ-ମେଲ:0815samd@iob.in

**ଦଖଲ ନୋଟିସ୍**

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ୨୦୦୨ର ରୁଲ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍-୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ ଦର୍ଶିତ ଅର୍ଥରାଶି ସହିତ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା।

ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କୁ ଦାବୀ କରାଯାଇଥିବା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହେବାରୁ ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩(୪) ସହିତ କଥିତ ନିୟମର ନିମୟ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତିକୁ ଦଖଲକୁ ନିଆଯାଇଛି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାର ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ବିଯୁକ୍ତ (-) ଡ଼ିମାଣ୍ଡ ନୋଟିସ୍ ଜାରିପରେ ପୈଠ ରାଶି ଏବଂ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ନିମନ୍ତେ ଉତ୍ତରଦାୟୀ ରହିବେ।

**ଏତଦ୍ୱାରା ଋଣଗ୍ରହୀତା/ ବନ୍ଧକଦାତା/ଜାମିନ୍‌ଦାରଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା(୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା/ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା | ଡିମାଣ୍ଡ ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ପର୍ଯ୍ୟନ୍ତ ବକେୟା ଦେୟ | ଡ଼ିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ବାଲେଶ୍ୱର ଶାଖା** **ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର: (୧)ମେସର୍ସ ଶିବମ୍ ଟେଲିକମ୍, ସତ୍ତ୍ୱାଧିକାରୀ: ଶ୍ରୀ ରାଜୀବ କୁମାର ପାତ୍ର,** ଦୋକାନ ନଂ.ଡବ୍ଲୁ/୫୧, ଇମାନୁଏଲ୍ ସପିଂ କମ୍ପ୍ଲେକ୍ସ, ଫାଣ୍ଡି ଛକ, କଚେରୀ ରୋଡ, ବାଲେଶ୍ୱର-୭୫୬୦୦୧, **(୨)ଶ୍ରୀ ରାଜୀବ କୁମାର ପାତ୍ର,** ପିତା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା: କାଳିଦାସପୁର (ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧, **(୩)ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର (ଜାମିନ୍‌ଦାର/ବନ୍ଧକଦାତା),** ସ୍ୱା: ଶ୍ରୀ ସୁଧାଂଶୁ ଶେଖର ପାତ୍ର, ସା କାଳିଦାସପୁର, ଶାନ୍ତି ନଗର, ପୋ.-ସହଦେବଖୁଣ୍ଟା, ବାଲେଶ୍ୱର-୭୫୬୦୦୧। | ୩୦.୦୯.୨୦୨୪ ସୁଦ୍ଧା ଟ.୫,୧୪,୨୭୧.୬୭ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତି ସୁଧ, ଖର୍ଚ୍ଚ ଏବଂ ସେବାବଦ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୧୮.୧୦.୨୦୨୪ / ୨୪.୦୨.୨୦୨୫ | **ଶ୍ରୀମତୀ ଅନ୍ନପୂର୍ଣ୍ଣା ପାତ୍ର**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ ନଂ.୪୯୩/୯୯୮, ଖାତା ନଂ.୧୫୮/୪୨୮, ଏରିଆ: ଏ୦.୦୭ ଡିସିମିଲି, ଏବଂ ପ୍ଲଟ ନଂ.୪୯୩-୯୯୮/୧୧୬୨, ଖାତା ନଂ.୧୭୦/୧୯୨, ଏରିଆ: ଏ୦.୦୫ ଡିସିମିଲି, ମୌଜା: କାଳିଦାସପୁର, ପୋ.: ହରିପୁର, ଥାନା: ବାଲେଶ୍ୱର ଟାଉନ୍, ଜିଲ୍ଲା: ବାଲେଶ୍ୱର, ଚାରିପାର୍ଶ୍ୱରେ: ଉତ୍ତର- ୨୦ଲିଙ୍କ୍‌ସ କମନ୍ ରାସ୍ତା, ଦକ୍ଷିଣ- ପ୍ଲଟ ନଂ.୪୯୨, ପୂର୍ବ- ୨୦ଲିଙ୍କ୍‌ସ କମନ୍ ରାସ୍ତା, ପଶ୍ଚିମ- ଖାଲି ଜମି। |

ସ୍ଥାନ-ଭୁବନେଶ୍ୱର, ତାରିଖ-୨୮.୦୨.୨୦୨୫ — ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# ବୈଜୟନ୍ତଙ୍କୁ ଭେଟିଲେ ରେଖା, ରେଖାଙ୍କୁ ଭେଟିବାକୁ ଗଲେ ଧର୍ମେନ୍ଦ୍ର



ଦିଲ୍ଲୀ ବିଧାନସଭା ନିର୍ବାଚନରେ ପ୍ରଭାରୀ ଥିବା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ତାଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କୃତଜ୍ଞତା ଜଣାଉଛନ୍ତି।



ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ଗୁରୁବାର ତାଙ୍କ ପ୍ରକୋଷ୍ଠରେ ଭେଟି କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନ ଅଭିନନ୍ଦନ ଜଣାଉଛନ୍ତି।

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

ଭାରତର ରାଜଧାନୀ ଦିଲ୍ଲୀରେ ଏବେ ଓଡ଼ିଆଙ୍କ ପ୍ରଭାବକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସମାନ ବିଷୟ ବର୍ତ୍ତମାନ ଓଡ଼ିଶାରେ ମଧ୍ୟ ଶୁଣିବାକୁ ମିଳିଲାଣି। ଦିଲ୍ଲୀରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଗୁରୁତ୍ୱ ବଢୁଥିବା ବେଳେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପତିଆରାରେ ହ୍ରାସ ପାଉଥିବା କୁହାଯାଉଛି। ପୂର୍ବରୁ ଭାଜପା ନେତାମାନଙ୍କ ମଧ୍ୟରୁ ଧର୍ମେନ୍ଦ୍ରଙ୍କ ପତିଆରା ଦିଲ୍ଲୀରେ ରହିଥିଲେ ମଧ୍ୟ ସେଠାରେ ଭାଜପା ୨୭ବର୍ଷ ପରେ କ୍ଷମତାକୁ ଫେରିବା ପଛରେ ବୈଜୟନ୍ତଙ୍କ ରଣନୀତିକୁ ନେଇ ଚର୍ଚ୍ଚା ଜୋର୍ ଧରିବା ପରେ ଏଭଳି ଆଲୋଚନା ଚାଲିଛି। ବୈଜୟନ୍ତ ଦିଲ୍ଲୀ ବିଧାନସଭା ନିର୍ବାଚନ ଦାୟିତ୍ୱରେ ଥିବାରୁ ତାଙ୍କ ପ୍ରତି ଦଳ ଏବେ ଅଧିକ ନିର୍ଭରଶୀଳ ଥିବା ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ଗତ ୨୦ ତାରିଖରେ ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ରେଖା ଗୁପ୍ତାଙ୍କ ଶପଥ ଗ୍ରହଣ ଉତ୍ସବରେ ବୈଜୟନ୍ତଙ୍କ ଉପସ୍ଥିତିକୁ ନେଇ ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଥଲା। ହେଲେ ପରବର୍ତ୍ତୀ ସମୟରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ବୈଜୟନ୍ତଙ୍କୁ ଭେଟିବା ଲାଗି ତାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନକୁ ଯାଇଥିଲେ। ଧର୍ମେନ୍ଦ୍ର ପ୍ରଧାନ କିନ୍ତୁ ରେଖା ଗୁପ୍ତାଙ୍କୁ ତାଙ୍କ ପ୍ରକୋଷ୍ଠକୁ ଯାଇ ସାକ୍ଷାତ୍ କରିବା ଘଟଣାକୁ ନେଇ ରାଜନୈତିକ ମହଲରେ ଭିନ୍ନ ଧରଣର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗୋଟିଏ ପଟେ ଧର୍ମେନ୍ଦ୍ରଙ୍କ ପ୍ରଭାବ ଅପେକ୍ଷା ଏବେ ବୈଜୟନ୍ତ ଦିଲ୍ଲୀ ରାଜନୀତିରେ ଅଧିକ ପ୍ରଭାବଶାଳୀ ପରିଲକ୍ଷିତ ହେଲେଣି ବୋଲି ରାଜନୈତିକ ବିଶାରଦମାନେ ମତ ରଖିବା ଆରମ୍ଭ କରିଦେଇଛନ୍ତି। ଓଡ଼ିଶାରେ ଯଦି ଧର୍ମେନ୍ଦ୍ର ଆଗ ଭଳି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଦେଖାଯାଉଥାଆନ୍ତେ, ତେବେ ଓଡ଼ିଶାର ଏକଥା ସେତେଟା ଗୁରୁତ୍ୱ ରଖି ନ ଥାଆନ୍ତା। ହେଲେ ରାଜ୍ୟରେ ଯେତେବେଳେ ସେହି କଥାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି ଦିଲ୍ଲୀର ବିଷୟ ବିଶେଷ ଚର୍ଚ୍ଚା ହେବାରେ ଲାଗିଛି। ଶୁକ୍ରବାର ଏହି ନୂଆ କଥାକୁ ନେଇ ରାଜନୈତିକ ମହଲରେ ଭିନ୍ନ କଥା ଉଠିଲାଣି। ଏହି ଘଟଣାକୁ ନେଇ ରାଜନୈତିକ ବିଶାରଦ ରାଜନୀତିର ନୂଆ ଅଙ୍କ କଷୁଛନ୍ତି।

ଏହି ଘଟଣା ପରଠାରୁ ଦିଲ୍ଲୀରେ ବୈଜୟନ୍ତଙ୍କ ପଲା ଭାରି ହେଉଥବାବେଳେ ଧର୍ମେନ୍ଦ୍ରଙ୍କ ପ୍ରଭାବ କମୁଥିବା କୁହାଯାଉଛି। ଅନ୍ୟପକ୍ଷରେ ଧର୍ମେନ୍ଦ୍ର ଏବେ ରାଜ୍ୟରେ କୋଣଠେସା ହୋଇ ରହିଯାଉଛନ୍ତି ବୋଲି ମଧ୍ୟ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଲାଣି। ୨୦୧୯ ପୂର୍ବରୁ ଧର୍ମେନ୍ଦ୍ର ଯେପରି ଓଡ଼ିଶା ମଞ୍ଚ ଧରିଥିଲେ ସେଭଳି ଆଉ ତାଙ୍କ ପ୍ରଭାବ ରାଜ୍ୟ ରାଜନୀତିରେ ଦେଖିବାକୁ ମିଳୁନାହିଁ। ଯେତେବେଳେ ସେ ଓଡ଼ିଶା ଗସ୍ତରେ ଆସୁଛନ୍ତି ସେ କେବଳ ସମ୍ବଲପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଭିତରେ ସୀମିତ ରହୁଛନ୍ତି। ଏହାକୁ ଦେଖିବା ପରଠାରୁ ଧର୍ମେନ୍ଦ୍ର ବର୍ତ୍ତମାନ ଓଡ଼ିଶାର ସକ୍ରିୟ ରାଜନୀତିରୁ ଦୂରକୁ ଚାଲି ଯାଇଛନ୍ତି ବୋଲି ମଧ୍ୟ କୁହାଯାଉଛି। ଅନେକ ନେତା କଂଗ୍ରେସ ଓ ଆଞ୍ଚଳିକ ଦଳରୁ ଯାଇ ଭାଜପାରେ ନିଜର ନେତୃତ୍ୱ ବିକାଶ କରିପାରିଛନ୍ତି। ଭାଜପାରେ ନିଷ୍ଠାପର ଭାବେ କାର୍ଯ୍ୟକଲେ ପରବର୍ତ୍ତୀ ସମୟରେ ଅନ୍ୟ ଦଳରୁ ଆସିଥିଲେ ମଧ୍ୟ ନେତାଙ୍କ ସମ୍ମାନ ବୃଦ୍ଧି ହେଉଥିବା ପରିଲକ୍ଷିତ ହେଉଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହାର ଏକ ବଡ଼ ଉଦାହରଣ। କିଛିଦିନ ହେଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆ ନେତାମାନଙ୍କୁ ଦଳରେ ଗଢୁଥିବା ଦେଖିବାକୁ ମିଳୁଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କୌଣସି ରାଜନୈତିକ ଲିଗାସି ନ ଥିବା ନେତା ଭାବେ ପରିଗଣିତ। ତଥାପି ପ୍ରଧାନମନ୍ତ୍ରୀ ନୂଆ ନେତୃତ୍ୱ ସୃଷ୍ଟିରେ ବିଶ୍ୱାସ ରଖିବା ଯୋଗୁ ଏବେ କିଛି ନୂଆ ଚେହେରାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ବସାଯାଉଥିବା ଦେଖିବାକୁ ମିଳୁଛି। ଏହି ପରିପ୍ରେକ୍ଷୀରେ ଆଗକୁ ଦିଲ୍ଲୀରେ ବୈଜୟନ୍ତ ଏବଂ ଧର୍ମେନ୍ଦ୍ରଙ୍କ ମଧ୍ୟରୁ କାହାକୁ ପ୍ରଧାନମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଉଛନ୍ତି ତାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ନଡ୍ଡା ଫେରିବା ପରେ ରାଜ୍ୟ ସଭାପତି ଘୋଷଣା ନେଇ ବଢୁଛି ଚର୍ଚ୍ଚା

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

**ସଙ୍ଗଠନ ସମ୍ପର୍କରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଦଳୀୟ ନେତାଙ୍କ ସହ ଆଲୋଚନା**

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଶୁକ୍ରବାର ପ୍ରାୟ ଏକ ଘଣ୍ଟା ଧରି ଦଳର କେତେଜଣ ବରିଷ୍ଠ ନେତାଙ୍କ ସହ ରାଜ୍ୟ ଅତିଥି ଭବନରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଦଳର ସାଙ୍ଗଠନିକ ନିର୍ବାଚନୀ ପ୍ରକ୍ରିୟା ଜାରି ରହିଥିବା ବେଳେ ଭାଜପାର ନୂଆ ରାଜ୍ୟ ସଭାପତି କିଏ ହେବ ତାକୁ ନେଇ କଳ୍ପନା ଜଳ୍ପନା ଚାଲିଛି। ଏଭଳି ସ୍ଥିତିରେ ନଡ୍ଡାଙ୍କ ଓଡ଼ିଶା ଗସ୍ତ ଏହି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି। ନିକଟରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ସରକାରୀ ବାସଭବନରେ ଭାଜପା କୋର୍ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। ଏଥିରେ ଦଳର ରାଜ୍ୟ ସଭାପତି ଚୟନ ନେଇ ଆଲୋଚନା ହୋଇଥିବା ଶୁଣିବାକୁ ମିଳୁଥିଲା। ୨୮ରେ ନଡ୍ଡା ଓଡ଼ିଶା ଗସ୍ତରେ ଆସିଲେ ଏନେଇ ସବୁକିଛି ଚୂଡ଼ାନ୍ତ ହେବ ବୋଲି ଚର୍ଚ୍ଚା ହେଉଥିଲା। ନଡ୍ଡା ତାଙ୍କ ଦୁଇ ଦିନିଆ ଗସ୍ତ କାଳରେ ଦଳୀୟ ନେତାଙ୍କୁ ରାଜ୍ୟ ଅତିଥି ଭବନରେ ଭେଟିବା ବିଷୟ ସେହି କଥାରେ ଏକ ପ୍ରକାର ସତ୍ୟତା ରହିଥିବା କୁହାଯାଉଛି।

ଜଣେ ବରିଷ୍ଠ ନେତାଙ୍କ କହିବାନୁଯାୟୀ, ପୂର୍ବରୁ ଦଳର ରାଜ୍ୟ ସଭାପତି ଚୟନ ବିଷୟକୁ ନେଇ ଭାଜପାରେ ଏକାଧିକ ବୈଠକ ଅନୁଷ୍ଠିତ ହୋଇସାରିଛି। ପୁଣିଥରେ ମନମୋହନ ସାମଲଙ୍କୁ ଏହି ପଦରେ ବସାଯିବ ନା ନୂଆ ଚେହେରାଙ୍କୁ ଦାୟିତ୍ୱ ମିଳିବ ଏହା ଉପରେ ନଡ୍ଡା ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ନଡ୍ଡା ପୁରୀ କାର୍ଯ୍ୟକ୍ରମ ଶେଷ କରିବା ପରେ ସେଠାରୁ ସିଧାସଳଖ ଅପରାହ୍ଣ ୫ଟା ସମୟରେ ରାଜ୍ୟ ଅତିଥି ଭବନରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ଏକ ଘଣ୍ଟା ସମୟ ରହିଥିଲେ। ଏହାରି ଭିତରେ ତାଙ୍କୁ ରାଜ୍ୟ ପ୍ରଭାରୀ ବିଜୟ ପାଲସିଂ ତୋମାର, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଭେଟି ଆଲୋଚନା କରିଥିଲେ। ଏହାପରେ ସେ ୬ଟା ବେଳକୁ ରାଜଭବନ ଯାଇ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ। ସେଠାରେ କିଛି ସମୟ ବିତାଇବା ପରେ ବିମାନବନ୍ଦରରେ ପହଞ୍ଚି ପ୍ରାୟ ଅଧଘଣ୍ଟା ପାଖାପାଖି ଆଉ କେତେଜଣ ରାଜ୍ୟ ନେତାଙ୍କ ସହ ସେଠାରେ ଆଲୋଚନା କରିଥିଲେ। ତେବେ ନଡ୍ଡା ଦିଲ୍ଲୀରେ ପହଞ୍ଚିବା ପରେ ରାଜ୍ୟ ସଭାପତିଙ୍କ ନାଁ ଘୋଷଣା ହୋଇପାରେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଭାଜପା ସରକାର ଆସିବାର ୮ ମାସ ପୂରିଲାଣି। ରାଜ୍ୟରେ ଶାସନ କ୍ଷମତାକୁ ଆସିବା ପରେ ଭାଜପା ରାଜ୍ୟରେ ପ୍ରଥମ ଥର ଲାଗି ନୂଆ ସଭାପତି ଚୟନ କରିବାକୁ ଯାଉଛି। ଶାସକ ଦଳ ହୋଇଥିବାରୁ ଏହି ପଦରେ ଦଳ କାହାକୁ ବସାଇବ ତାକୁ ନେଇ ବହୁ ତର୍ଜମା ଚଳାଇଛି। ତେଣୁ ଏହି ଶୀର୍ଷ ପଦରେ କାହାକୁ ବସାଯିବ ତାକୁ ନେଇ ଦଳର ସବୁସ୍ତରର ନେତାଙ୍କ ମଧ୍ୟରେ ଏକ ପ୍ରକାର ଚର୍ଚ୍ଚା ଚାଲିଛି।

# ରାଜ୍ୟରେ ଏକ କୃଷକବିରୋଧୀ ସରକାର ଚାଲିଛି: ଭକ୍ତ ଦାସ




ପିସିସି ସଭାପତି ଭକ୍ତଚରଣ ଦାସ ଦଳୀୟ ନେତାଙ୍କ ସହ ଶୁକ୍ରବାର ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କାର୍ଯ୍ୟାଳୟଠାରେ ଅନଶନରତ ଅଧ୍ୟକ୍ଷ ଅକ୍ଷୟ କୁମାରଙ୍କୁ ଭେଟୁଛନ୍ତି।

ଭୁବନେଶ୍ୱର, ୨୮।୨(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଶୁକ୍ରବାର ନବନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ କାର୍ଯ୍ୟାଳୟ ଗସ୍ତ କରିଛନ୍ତି। ସେଠାରେ ଚାଷୀମାନଙ୍କ ସମସ୍ତ ଧାନ ବିନା କଟ୍‌ନୀ ଛଟ୍‌ନୀ, ନିର୍ଦ୍ଧାରିତ ମୂଲ୍ୟ ଓ ଦୁର୍ନୀତି ବିବର୍ଜିତ କ୍ରୟ କରିବା ଦାବିରେ ଅନଶନରତ ନବନିର୍ମାଣ କୃଷକ ସଙ୍ଗଠନର ଅଧ୍ୟକ୍ଷ ଅକ୍ଷୟ କୁମାରଙ୍କୁ ସାକ୍ଷାତ କରି କଂଗ୍ରେସ ସମର୍ଥନ ଜ୍ଞାପନ କରିଛି। ଏହି ଅବସରରେ ପିସିସି ସଭାପତି କହିଛନ୍ତି, କଂଗ୍ରେସ ସଦାସର୍ବଦା ଚାଷୀର ସ୍ୱାର୍ଥ ପାଇଁ ସଂଗ୍ରାମ କରିଆସିଛି। ଓଡ଼ିଶାରେ ଏକ କୃଷକବିରୋଧୀ ସରକାର ଚାଲିଛି। ନିର୍ବାଚନ ପୂର୍ବରୁ କୃଷକମାନଙ୍କୁ ଏ ସରକାର ଲୋଭନୀୟ ପ୍ରତିଶ୍ରୁତି ଦେଇଥିଲେ। କ୍ଷମତାସୀନ ହେଲା ପରେ କୃଷକମାନଙ୍କୁ ପ୍ରତାରିତ କରୁଛନ୍ତି। ପ୍ରତାରିତ ଓ ଅବହେଳିତ କୃଷକ ଓ କୃଷି ଶ୍ରମିକ ପାଇଁ ରାଜ୍ୟ କଂଗ୍ରେସ ଦୁର୍ବାର ଆନ୍ଦୋଳନ କରିବ ବୋଲି ଭକ୍ତ ଦାସ କହିଛନ୍ତି। ଏହି ଅବସରରେ ପିସିସି ସଭାପତିଙ୍କ ସହ ଅନଶନସ୍ଥଳକୁ ମାନସ ଚୌଧୁରୀ, ବିଶ୍ୱଜିତ ଦାସ, ୟାସିର ନୱାଜ, ରଞ୍ଜିତ ପାତ୍ର, ରଜନୀ ମହାନ୍ତି ପ୍ରମୁଖ ଗସ୍ତ କରିଥିଲେ।

# ଓଡ଼ିଶାର ରାଜନୈତିକ ପାଣିପାଗ ଭଲନାହିଁ: ବିଜୟ

ତାଳଚେର, ୨୮।୨ (ମନୋଜ ନନ୍ଦ)

ରାଜ୍ୟରେ ଏବେ ଅଭୂତପୂର୍ବ ଅବସ୍ଥା ସୃଷ୍ଟି ହୋଇଛି, ଯାହା ଅତ୍ୟନ୍ତ ଚିନ୍ତାର କାରଣ। ରାଜ୍ୟର ରାଜନୈତିକ ପାଣିପାଗ ମଧ୍ୟ ଭଲ ନାହିଁ। ଅନୁଗୋଳ ଜିଲା ତାଳଚେର ଗସ୍ତରେ ଆସିଥିବା ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ଶୁକ୍ରବାର ଏହା କହିଛନ୍ତି। ଗୁରୁବାର ରାତିରେ ବିଜୟ ତାଳଚେରରେ ପହଞ୍ଚି ଏଠାକାର ଏକ ହୋଟେଲରେ ରାତ୍ରୀଯାପନ କରିଥିଲେ। ଶୁକ୍ରବାର ମା' ହିଙ୍ଗୁଳାଙ୍କ ଦର୍ଶନ କରିବା ପରେ ଖବରଦାତାଙ୍କ ସହ ଆଲୋଚନାବେଳେ ବିଜୟ କହିଛନ୍ତି, ବର୍ତ୍ତମାନର ଭାଜପା ସରକାରକୁ ବର୍ଷେ ପୂରିନାହିଁ। ସରକାର ବର୍ଷେ ଚାଲିବା ପରେ ଯାଇ ମୂଲ୍ୟାଙ୍କନ କରିହେବ। ସରକାର ଚାଲିଲେ ତ କ'ଣ କହିବି, ଏ ସରକାର ଲେଭଲ କ୍ରସିଂ ପାଖରେ ଅଟକି ରହିଛି ବୋଲି ବିଜୟ କରିଥିଲେ। ବିଜୟଙ୍କ ଏହି ଗସ୍ତବେଳେ ପୂର୍ବତନ ଏମ୍‌ପି ରବି ପାଣିଙ୍କ ସମେତ କେତେଜଣ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

## Business

# ନିବେଶକ ହରାଇଲେ ପ୍ରାୟ ୯ ଲକ୍ଷ କୋଟି

- ସେନ୍‌ସେକ୍ସ ୧୪୦୦ ପଏଣ୍ଟ ହ୍ରାସ
- ୨୨,୦୦୦ ଉପରେ ନିଫ୍ଟି

ମୁମ୍ବାଇ,୨୮।୨



ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ଭୂ ରାଜନୈତିକ ଘଟଣାବଳୀର ପ୍ରଭାବ ସିଧାସଳଖ ଭାରତୀୟ ପୁଞ୍ଜି ବଜାର ଏବଂ ଷ୍ଟକ ମାର୍କେଟ କାରବାର ଉପରେ ପଡୁଛି। ଏପରି କି ଘରୋଇ ଶେୟାର ବଜାରର ନିବେଶକ ପ୍ରତିଦିନ ବହୁ ଲକ୍ଷ କୋଟି ଟଙ୍କାର ନିବେଶ ହରାଉଛନ୍ତି। ଗୋଟିଏ ପଟରେ ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଓ ନିଷ୍ପତ୍ତି ବୈଶ୍ୱିକ ବଜାରରେ ବେଶ ପ୍ରଭାବ ପକାଉଥିବାବେଳେ ଅନ୍ୟପଟରେ ବିଦେଶୀ ନିବେଶକମାନେ ଘରୋଇ ପୁଞ୍ଜି ବଜାରରୁ ବହୁ ପରିମାଣର ନିବେଶ ପ୍ରତ୍ୟାହାର କରିବା ସହିତ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇବା ଯୋଗୁ ଷ୍ଟକ ବଜାରର କାରବାର ବିଶେଷ ଭାବେ ପ୍ରଭାବିତ ହେଉଛି। ସେହିଭଳି ଉଭୟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର କାରବାର କ୍ରମାଗତ ଭାବେ ହ୍ରାସ ଘଟୁଛି। ଫଳରେ ନିବେଶକ ନିରାଶ ଓ ଆଶଙ୍କା ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ପୁଞ୍ଜି ବଜାରର ନିବେଶକମାନେ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ଏପରି କି ପୂର୍ବ କାର୍ଯ୍ୟ ଦିବସର ଫଳାଫଳ ଶେଷ ସୁଦ୍ଧା ବଜାର ପୁଞ୍ଜି ୩୯୩ ଲକ୍ଷ କୋଟିରୁ ଅଧିକ ଥିଲା। ଶୁକ୍ରବାରର ବଜାର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୯ ( ୮.୯ ଲକ୍ଷ କୋଟି) ଲକ୍ଷ କୋଟି ହ୍ରାସ ପାଇ ୩୮୪.୨୨ ଲକ୍ଷ କୋଟିରେ ପହଞ୍ଚିଛି। ସେହିପରି ୩୦ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର କାରବାର ୧.୯୦% ହ୍ରାସ ଘଟି ୭୩,୧୯୮.୧୦ ଅଙ୍କରେ ରହିଥିଲାବେଳେ ଏନଏସଇ ନିଫ୍ଟିର କାରବାର ୧.୮୬% କମି ୨୨,୧୨୪.୭୦ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଏପରି କି ବିଏସଇ ସେନସେକ୍ସର ମିଡକ୍ୟାପ ଏବଂ ସ୍ମଲକ୍ୟାପର କାରବାରରେ ୨.୨% ପଏଣ୍ଟ ହ୍ରାସ ଘଟିଛି। ଅପରପକ୍ଷରେ ନିଫ୍ଟି ମିଡକ୍ୟାପର କାରବାର ୧୨୨୧.୫୫ ପଏଣ୍ଟ କମି ୪୭,୯୧୫.୨୦ ଅଙ୍କ ଏବଂ ସ୍ମଲକ୍ୟାପ ୩.୧୧% ହ୍ରାସ ଘଟି ୭୦୯୫.୭୫ ଅଙ୍କରେ ଥିଲାବେଳେ ନିଫ୍ଟି ବ୍ୟାଙ୍କର କାରବାର ୩୯୯.୧୦ ପଏଣ୍ଟ ହ୍ରାସ ଘଟି ୪୮,୩୪୪.୭୦ ଅଙ୍କରେ କାରବାର ବନ୍ଦ ହୋଇଛି।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରି କି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ସେନ୍‌ସେକ୍ସ ୧୪୧୪ (୧୪୧୪.୩୩) ପଏଣ୍ଟ ହ୍ରାସ ଘଟି ୭୩,୧୯୮ (୭୩,୧୯୮.୧୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ର ନିଫ୍ଟି-୫୦ରେ ମଧ୍ୟ ୪୨୦ (୪୨୦.୩୫) ପଏଣ୍ଟ ହ୍ରାସ ଘଟି ୨୨,୧୨୫(୨୨,୧୨୪.୭୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରି କି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଏଚ୍‌ଡିଏଫ୍‌ସି ଲାଇଫ୍‌ର ନୂତନ ଉତ୍ପାଦ

ନୂଆଦିଲ୍ଲୀ,୨୮।୨

ଏଚ୍‌ଡିଏଫ୍‌ସି ଲାଇଫର ନୂତନ ଉତ୍ପାଦ 'ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ ୨ ଆଚିଭ ପାର୍ ଆଡ୍‌ଭାଣ୍ଟେଜ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଉତ୍ପାଦକୁ ଜଣେ ବ୍ୟକ୍ତିଙ୍କ ଜୀବନର ଭିନ୍ନ ଭିନ୍ନ ପର୍ଯ୍ୟାୟ ସହ ଜଡିତ ସଫଳତାଗୁଡ଼ିକୁ ଦୃଷ୍ଟିରେ ରଖି ଡିଜାଇନ କରାଯାଇଛି। ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ ୨ଆଚିଭ ପାର୍ ଆଡ୍‌ଭାଣ୍ଟେଜ ଅନେକ ପ୍ରମୁଖ ଫିଚରଗୁଡ଼ିକ ସହ ଆସୁଛି, ଯଥା ପଲିସି କଂଟିନୁଆନ୍ସ ବେନିଫିଟ (ପିସିବି)–ଏହି ବିକଳ୍ପ ସହିତ ଜୀବନ ବୀମା କରିଥିବା ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ସ୍ଥିତିରେ ଭବିଷ୍ୟତର ପ୍ରିମିୟମଗୁଡ଼ିକୁ ଛାଡ କରାଯାଇଥାଏ। ଏହି ମୃତ୍ୟୁ ଲାଭକୁ ତତ୍କାଳ ଏକ ଲମ୍ପ ସମ୍ ଆକାରରେ ପଇଠ କରାଯାଇଥାଏ ଏବଂ ନୋମିନି କିମ୍ବା ଜୀବିତ ବ୍ୟକ୍ତିଙ୍କ ପାଇଁ ପ୍ଲାନ ଅଧିନରେ ଥିବା ଭବିଷ୍ୟତର ଲାଭଗୁଡ଼ିକୁ ଜାରି ରଖାଯାଇଥାଏ। ଚଏସ ଅଫ୍ ଡେଥ୍ ବେନିଫିଟ ମଲ୍ଟିପୁଲ ବିକଳ୍ପ ଜଣେ ବ୍ୟକ୍ତିଙ୍କୁ ନିଜ ଆବଶ୍ୟକତା ଅନୁଯାୟୀ ଏକ କଷ୍ଟମାଇଜ୍‌ଡ ଡେଥ୍ ବେନିଫିଟ ମଲ୍ଟିପୁଲ-୫ ଗୁଣ, ୭ଗୁଣ କିମ୍ବା ୧୧ ଗୁଣକୁ ଚୟନ କରିବା ପାଇଁ ସକ୍ଷମ କରିଥାଏ। ପେଡ ଅପ ଆଡିସନ ବିକଳ୍ପ ମାଧ୍ୟମରେ ଜଣେ ବ୍ୟକ୍ତି ଆଂଶିକ କିମ୍ବା ମୋଟ କ୍ୟାଶ ବୋନସକୁ ପେଡ୍-ଅପ ଆଡିସନରେ ପରିଶୋଧନଯୋଗ୍ୟ କରିପାରିବେ, ଯାହାକୁ ବୀମା ଅବଧି ମଧ୍ୟରେ ଯେକୌଣସି ସମୟରେ ନଗଦ ଭାବେ ଉଠାଯାଇପାରିବ। ଗ୍ରାହକମାନେ ନିଜର ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ଉପରୋକ୍ତ ବିକଳ୍ପଗୁଡ଼ିକ ମଧ୍ୟରୁ ଯେକୌଣସି ମିଶ୍ରକୁ ଚୟନ କରିପାରିବେ। ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ଲାଇଫ୍‌ର ପ୍ରଡକ୍ଟସ ଆଣ୍ଡ ସେଗ୍‌ମେଣ୍ଟସ୍ ବିଭାଗର ମୁଖ୍ୟ ଅନିସ ଖାନ୍ନା କହିଛନ୍ତି, ଏଚ୍‌ଡିଏଫ୍‌ସି ଲାଇଫ୍ କ୍ଲିକ ୨ ଆଚିଭ ପାର ଆଡ୍‌ଭାଣ୍ଟେଜକୁ ଏକ ଉତ୍ତମ ଭବିଷ୍ୟତ ଗଠନ କରିବା ଏବଂ ଆର୍ଥିକ ସୁରକ୍ଷା ଢାଲ ସହ ଅନିଶ୍ଚିତତା ବିରୋଧରେ ନିଜର ସ୍ୱପ୍ନଗୁଡ଼ିକୁ ସୁରକ୍ଷିତ ରଖିବାକୁ ପ୍ରୟାସ କରୁଥିବା ବ୍ୟକ୍ତିଙ୍କ ପାଇଁ ଏକ ସମାଧାନ ପ୍ରଦାନ କରିବାକୁ ଡିଜାଇନ କରାଯାଇଛି।

# ରାଉରକେଲାରେ ମାଲାବାରର ଏକ୍ସକ୍ଲୁସିଭ ଆଉଟ୍‌ଲେଟ



ମାଲାବାରର ନୂତନ ଶୋ'ରୁମ ଉଦ୍‌ଘାଟନୀ ଅବସରରେ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ରାଉରକେଲା,୨୮।୨ (ଦିନେଶ ମିଶ୍ର)

ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏକ୍ସକ୍ଲୁସିଭ ଆଉଟ୍‌ଲେଟ (ନୂତନ ଶୋ'ରୁମ୍) ଶୁକ୍ରବାର ରାଉରକେଲାର ଉଦିତନଗରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରିଜିଓନାଲ ମୁଖ୍ୟ ତହସିଲ ଅହମ୍ମଦ, ଡେପୁଟି ମ୍ୟାନେଜର ଚିତ୍ତରଞ୍ଜନ ପାଣିଗ୍ରାହୀ, ମାର୍କେଟିଂ ମ୍ୟାନେଜର ମଳିନା କୁମାର, ବିଜିନେସ ଡେଭଲପର ଅମିତ ରାଉତ ଏବଂ ସିଦ୍ଧେଶ୍ୱର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଓଡ଼ିଶା ବଜାରରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଏହା ୬ଷ୍ଠ ଶୋ'ରୁମ୍ ହୋଇଥିଲାବେଳେ ୬୫୦୦ ବର୍ଗଫୁଟ ପରିବ୍ୟାପ୍ତ ସ୍ଥାନରେ ଗଢି ଉଠିଥିବା ଏହି ନୂତନ ଆଉଟ୍‌ଲେଟରେ ବ୍ରାଣ୍ଡର ସମସ୍ତ କଲେକ୍ସନ ଓ ଡିଜାଇନ ଉପଲବ୍ଧ ରହିଛି। ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ଆମେ ଆମର ନୂତନ ଶୋ'ରୁମ୍‌କୁ ଓଡ଼ିଶାର ଅନୁଗୋଳଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବେଶ୍ ଉତ୍ସାହିତ ଅଛୁ।

# ଝାରସୁଗୁଡ଼ାରେ ବେଦାନ୍ତ ମାର୍ଶାଲ ଆର୍ଟସ୍ ଟ୍ରେନିଂ ସେଣ୍ଟର




ଉଦ୍‌ଘାଟନୀ ଅବସରରେ କୋଚ୍‌ଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୮।୨ (ଅଭୟ ଦାଶ)

ବେଦାନ୍ତ ଆଲୁମିନିୟମର ବହୁ ପ୍ରତିକ୍ଷୀତ ବେଦାନ୍ତ ଆଲୁମିନିୟମର ବହୁ ପ୍ରତୀକ୍ଷିତ ପ୍ରକଳ୍ପ ତଥା ବେଦାନ୍ତ ମାର୍ଶାଲ ଆର୍ଟସ୍ ଟ୍ରେନିଂ ସେଣ୍ଟର ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ାର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ଜିଲା ହକି ସଂଘର ଉପାଧ୍ୟକ୍ଷ ଜୀବନାନନ୍ଦ ମହାନ୍ତି, ଜାତୀୟ କରାଟେ ଫାଉଣ୍ଡେଶନର ମୁଖ୍ୟ ପରାମର୍ଶଦାତା ବିବେକାନନ୍ଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥିମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆମେ ଓଡ଼ିଶାରେ କ୍ରୀଡ଼ାର ଅଭିବୃଦ୍ଧି ଏବଂ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ବେଦାନ୍ତ ମାର୍ଶାଲ ଆର୍ଟସ ଟ୍ରେନିଂ ସେଣ୍ଟର ଭଳି ପଦକ୍ଷେପ ମାଧ୍ୟମରେ ଆମେ ଏହି ଅଞ୍ଚଳରେ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ଆମର ଯୁବପିଢ଼ିଙ୍କୁ ଉତ୍କର୍ଷ ହାସଲ କରିବାର ବିଶ୍ୱସ୍ତରୀୟ ସୁଯୋଗ ପ୍ରଦାନ କରିବ। ଏହି ସୁବିଧା ତୃଣମୂଳସ୍ତରରେ ପ୍ରତିଭାକୁ ପ୍ରୋତ୍ସାହିତ କରିବା ସହିତ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏବଂ ଯୁବ ଖେଳାଳିମାନଙ୍କ ପାଇଁ ଉଚ୍ଚସ୍ତରରେ ପ୍ରତିଯୋଗିତା କରିବା ପାଇଁ ପଥ ସୃଷ୍ଟି କରିବା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରମାଣ। ଆମେ ଓଡ଼ିଶାର ଯୁବପିଢ଼ିଙ୍କୁ କ୍ରୀଡା ଏବଂ ଜୀବନ ଉଭୟରେ ସଫଳ ହେବା ପାଇଁ ଦକ୍ଷତା ଏବଂ ଶୃଙ୍ଖଳା ସହିତ ସଶକ୍ତ କରିବାରେ ବିଶ୍ୱାସ କରୁ। ଜିଲା ହକି ଆସୋସିଏସନର ଉପାଧ୍ୟକ୍ଷ ଜୀବନାନନ୍ଦ ମହାନ୍ତି କହିଛନ୍ତି, 'ବେଦାନ୍ତ ମାର୍ଶାଲ ଆର୍ଟସ୍ ଟ୍ରେନିଂ ସେଣ୍ଟର ଏହି ଅଞ୍ଚଳର ଯୁବ ଖେଳାଳିମାନଙ୍କୁ ବିକାଶ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। କ୍ରୀଡା ଭିତ୍ତିଭୂମିକୁ ଉନ୍ନତ କରିବା ଏବଂ ସ୍ଥାନୀୟ ପ୍ରତିଭାଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଆମେ ପ୍ରଶଂସା କରୁଛୁ। ଏହି କେନ୍ଦ୍ର ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡା ପର୍ଯ୍ୟାୟରେ ଝାରସୁଗୁଡ଼ାର ସମ୍ଭାବନାକୁ ପ୍ରଦର୍ଶନ କରିବାରେ ସାହାଯ୍ୟ କରିବ।

# ତୁହିନକାନ୍ତ ପାଣ୍ଡେ ସେବି ମୁଖ୍ୟ

ନୂଆଦିଲ୍ଲୀ,୨୮।୨



ତୁହିନକାନ୍ତ ପାଣ୍ଡେ

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସିକ୍ୟୁରିଟିଜ ଆଣ୍ଡ ଏକ୍ସଚେଞ୍ଜ ବୋର୍ଡ ଅଫ୍ ଇଣ୍ଡିଆ ବା ସେବି) ର ମୁଖ୍ୟ ଭାବେ ବରିଷ୍ଠ ପ୍ରଶାସକ ତୁହିନକାନ୍ତ ପାଣ୍ଡେ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଦାୟିତ୍ୱରେ ପାଣ୍ଡେ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏପରିକି ଗୁରୁବାର କେନ୍ଦ୍ରୀୟ ନିଯୁକ୍ତି କ୍ୟାବିନେଟ୍‌ର ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱୀକୃତି ପ୍ରଦାନ କରିଛନ୍ତି। ସେହିପରି ୧୯୮୭ ବ୍ୟାଚ୍ ଓଡ଼ିଶା କ୍ୟାଡର ଭାରତୀୟ ପ୍ରଶାସନିକ ଅଧିକାରୀ ପାଣ୍ଡେ ଉଭୟ ଓଡ଼ିଶା ସରକାର ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଅପରପକ୍ଷରେ ପାଣ୍ଡେ କେନ୍ଦ୍ର ସରକାରଙ୍କ ଦିପମ ଏବଂ ଅର୍ଥ ବିଭାଗରେ ବିଗତ କିଛି ବର୍ଷ ହେବ କାର୍ଯ୍ୟକରି ସୁନାମ ଅର୍ଜନ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଦ୍‌ଘାଟନୀ ମ୍ୟାଚରେ ପ୍ରଗତି ବିଜୟୀ

**ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)**

ଟାଉନ୍ କ୍ଲବ ଆନୁକୂଲ୍ୟରେ ମହେନ୍ଦ୍ର କୁମାର ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ପୁରୁଣା ଭୁବନେଶ୍ୱରସ୍ଥିତ ମୂଳାପଡ଼ିଆରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ପ୍ରଗତି ସ୍ପୋର୍ଟିଂ

## ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

୨୩ ରନରେ ରାମେଶ୍ୱର ସ୍ପୋର୍ଟିଂକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୩୫ ଓଭରରେ ୪ ଉଇକେଟ ହରାଇ ୨୪୧ ରନ କରିଥିଲା। ଦଳ ପକ୍ଷରୁ ଶତକ ହାସଲକାରୀ ଆୟୁଷ ସୂତାର ସର୍ବାଧିକ ୧୦୪, ଟୁକୁନା ସାହୁ ୭୧ ଓ ରଘୁନାଥ ମଲ୍ଲ ୪୮ ରନ କରିଥିଲେ। ୨୪୨ ରନ ବିଜୟ ଲକ୍ଷ୍ୟରେ ରାମେଶ୍ୱର ୩୫ ଓଭରରେ ୮ ଉଇକେଟ ହରାଇ ୨୧୮ ରନ କରିବାକୁ ସକ୍ଷମ ହୋଇଥିଲା। ସାରାଂଶ କୁମାର ୭୨ ଓ କରନ ମହାପାତ୍ର ୩୮ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ସୁମନ ବାଗ ୩ଟି ଏବଂ ରଘୁନାଥ ମଲ୍ଲ ଓ ସୌମ୍ୟରଞ୍ଜନ ପାଣ୍ଡିଆ ୨ଟି ଲେଖାଏ ଉଇକେଟ ନେଇଥିଲେ। ଶତକୀୟ ଇନିଂସ ପାଇଁ ଆୟୁଷଙ୍କୁ ଅତିଥି ଦିଲୀପ କୁମାର ଜେନା ଓ ନୀହାରକାନ୍ତ ପଟ୍ଟନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଟାଉନ୍ କ୍ଲବ ସଭାପତି ସୁରେଶ କୁମାର ରାଉତରାୟ, ଉପଦେଷ୍ଟା ସମୀର ମହାନ୍ତି, ସମ୍ପାଦକ ପୃଥ୍ୱୀକାନ୍ତ ମହାପାତ୍ର, କୋଷାଧ୍ୟକ୍ଷ ନୀହାରକାନ୍ତ ପଟ୍ଟନାୟକ, କର୍ପୋରେଟର ଚନ୍ଦ୍ରଶେଖର ମଲିଆ ଓ ବିରଞ୍ଚି ନାରାୟଣ ମହାସୂପକାର ପ୍ରମୁଖ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶନିବାର ଟାଉନ୍ କ୍ଲବ ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ।


ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

# ଇଣ୍ଡିଆନ ୟୁନିଭର୍ସିଟି ଦଳର ଚୟନ ଟ୍ରାଏଲ୍

FISU WORLD UNIVERSITY GAMES SUMMER
RHINE-RUHR 2025

**ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)**

ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି ସ୍ପୋର୍ଟ୍ସ ଫେଡେରେଶନ (ଏଫ୍‌ଆଇଏସ୍‌ୟୁ) ଆନୁକୂଲ୍ୟରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜର୍ମାନୀରେ ଜୁଲାଇ ୧୬ରୁ ୨୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଇଣ୍ଡିଆନ ୟୁନିଭର୍ସିଟି ଦଳର ଚୟନ ଟ୍ରାଏଲ୍ ଓ କୋଚିଂ କ୍ୟାମ୍ପ ପାଇଁ କିଟ୍ ବିଶ୍ୱବିଦ୍ୟାଳୟକୁ ମନୋନୀତ କରାଯାଇଛି। ଏଠାରେ ଆଥଲେଟିକ୍ସ, ଆର୍ଚେରୀ, ଟେନିସ ଓ ଭଲିବଲରେ ଉଭୟ ମହିଳା ଓ ପୁରୁଷ ଦଳର କୋଚିଂ କ୍ୟାମ୍ପ ଅନୁଷ୍ଠିତ ହେବ। ୱାର୍ଲ୍ଡ ଗେମ୍ସ ପାଇଁ ଚୟନ ଟ୍ରାଏଲ୍ ମାର୍ଚ୍ଚ ୨୫ରୁ ଏପ୍ରିଲ ୧୦ ପର୍ଯ୍ୟନ୍ତ ଚାଲିବ। ମନୋନୀତ ଖେଳାଳିଙ୍କୁ ନେଇ କିଟ୍ ପରିସରରେ ୨ ମାସଧରି କୋଚିଂ କ୍ୟାମ୍ପ ଚାଲିବ। ଜର୍ମାନୀ ଯାତ୍ରା

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

ପୂର୍ବଦିନ ଏହି କ୍ୟାମ୍ପ ଉଦ୍‌ଯାପିତ ହେବ। ଆସନ୍ତା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ ଜର୍ମାନୀର ୬ଟି ସହର ବୋଚୁମ୍, ଡୁସବର୍ଗ, ଇସେନ, ମୁଲହେମ ଓ ଡେର ରୁହର, ହାଗେନ ଓ ବର୍ଲିନରେ ଅନୁଷ୍ଠିତ ହେବ। ଏଥିରେ ୧୫୦ ଦେଶରୁ ପାଖାପାଖି ୮,୫୦୦ ଛାତ୍ରୀଛାତ୍ର ଆଥଲେଟ୍ ଓ ଅଫିସିଆଲ ଅଂଶଗ୍ରହଣ କରିବେ। ମୋଟ ୧୮ଟି କ୍ରୀଡ଼ା ଇଭେଣ୍ଟରେ ପ୍ରତିଯୋଗିତା ହେବ।

ୱାର୍ଲ୍ଡ ଗେମ୍ସରେ ଆର୍ଚେରୀ, ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ଡାଇଭିଂ, ଫେନ୍‌ସିଂ, ଜୁଡୋ, ରିଦମିକ ଜିମ୍ନାଷ୍ଟିକ୍ସ, ସୁଇମିଂ, ଟାଏକୋଣ୍ଡୋ, ଟେନିସ, ଟେବୁଲ ଟେନିସ, ଭଲିବଲ ଓ ୱାଟରପୋଲୋ ଇଭେଣ୍ଟ ଅନୁଷ୍ଠିତ ହେବ। ୩x୩ ବାସ୍କେଟବଲ, ବିଚ୍ ଭଲିବଲ ଓ ରୋଇଂକୁ ଇଚ୍ଛାଧୀନ କ୍ରୀଡ଼ାଭାବେ ରଖା ଯାଇଛି। ପ୍ରଥମଥରପାଇଁ ୩x୩ ହୁଇଲଚେୟାର ବାସ୍କେଟବଲକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି। ଦେଶର ପ୍ରତିଷ୍ଠିତ କୋଚ୍‌ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏଠାରେ କୋଚିଂ ପ୍ରଦାନ କରାଯିବ। ଅନ୍ତର୍ଜାତୀୟ ଆଥଲେଟିକ୍ସ କୋଚ୍ ସଞ୍ଜୀୟ ଗଡ଼ନାୟକ ଆଥଲେଟିକ୍ସ ଦାୟିତ୍ୱରେ ରହିଥିବାବେଳେ ଅର୍ଜୁନ ପୁରସ୍କାରପ୍ରାପ୍ତ ଅଲିମ୍ପିଆନ ରାହୁଲ ବାନାର୍ଜୀ, ଅର୍ଜୁନ ପୁରସ୍କାର ବିଜୟିନୀ ତଥା ଅଲିମ୍ପିଆନ ଡୋଲା ବାନାର୍ଜୀ ଓ ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ରାଜେଶ ହାଁସଦା ଆର୍ଚେରୀ କୋଚ୍ ରହିବେ। ସେହିପରି ଅଷ୍ଟ୍ରେଲିଆର ଟଡ୍ କ୍ଲାର୍କ ଟେନିସ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ ଜି.ଇ. ଶ୍ରୀଧରନ ଭଲିବଲ୍ କୋଚ୍ ଦାୟିତ୍ୱ ତୁଲାଇବେ। ୱାର୍ଲ୍ଡ ଗେମ୍ସ ପାଇଁ ବାସ୍କେଟବଲ କ୍ୟାମ୍ପ କେରଳର ମହାତ୍ମାଗାନ୍ଧୀ ବିଶ୍ୱବିଦ୍ୟାଳୟ, ଜୁଡୋ, ଫେନ୍‌ସିଂ ଓ ରୋଇଂ ରୋହତକର ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ସୁଇମିଂ ଜୈନ ବିଶ୍ୱବିଦ୍ୟାଳୟ ଓ ବିଚ୍ ଭଲିବଲ୍ କ୍ୟାମ୍ପ ଓ ଚୟନ ଟ୍ରାଏଲ୍ ଏସଆରଏମ୍ ଓ ଆଇଏମଏଟି ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ।

# ସୌଭାଗ୍ୟ-ସାଗରିକାଙ୍କ କିଲିମାଞ୍ଜାରୋ ଆରୋହଣ



କିଲିମାଞ୍ଜାରୋ ଆରୋହଣ ପରେ ସାଗରିକା ମିଶ୍ର ଓ ସୌଭାଗ୍ୟ ରଥ।

**ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)**

ଆଫ୍ରିକାର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ କରିଛନ୍ତି ଓଡ଼ିଶା ଦମ୍ପତି ସୌଭାଗ୍ୟ ରଥ ଓ ସାଗରିକା ମିଶ୍ର। ସ୍ଥାନୀୟ ସମୟ ସକାଳ ୭ଟା (ଭାରତୀୟ ସମୟ ପୂର୍ବାହ୍ନ ୯ଟା ୩୦)ରେ ଦୁହେଁ ଲକ୍ଷ୍ୟସ୍ଥଳରେ ପହଞ୍ଚିଥିବା ସୌଭାଗ୍ୟ ପ୍ରକାଶ କରିଛନ୍ତି। ରୋନଗାଇ ଗେଟ୍‌ଦେଇ ସେମାନେ ଅଭିଯାନ ଆରମ୍ଭ କରିଥିଲେ ଏବଂ କିବୋ ହଟ୍ ବେସ୍ କ୍ୟାମ୍ପରୁ ୫୬୮୧ ମିଟର ଉଚ୍ଚତା ବିଶିଷ୍ଟ ଗିଲମାନ୍ସ ପଏଣ୍ଟରେ ସଫଳତାର ସହ ପହଞ୍ଚିଥିଲେ। ତାପମାତ୍ରା -୧୫ ଡିଗ୍ରୀ ସେଲ୍‌ସିୟସ ସହ ତୁଷାରଝଡ଼ ହୋଇଥିଲେ ହେଁ ସେମାନେ ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇ ନ ଥିଲେ। ପାରମ୍ପରିକ ଓଡ଼ିଆ ପୋଷାକ ପିନ୍ଧି ସେମାନେ କିଲିମାଞ୍ଜାରୋ ଶିଖରରେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ପ୍ରକାଶଯୋଗ୍ୟ, ୩ ଦିନ ପୂର୍ବରୁ ଅନୁଷ୍ଠିତ କିଲିମାଞ୍ଜାରୋ ଅନ୍ତର୍ଜାତୀୟ ମାରାଥନ୍‌ରେ ସୌଭାଗ୍ୟ ଅଂଶଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ, କିଲିମାଞ୍ଜାରୋ ଆରୋହଣ ଅଭିଯାନରେ ଗତ ସପ୍ତାହରେ ତାଞ୍ଜାନିଆ ଅଭିମୁଖେ ଯାତ୍ରା କରିଥିଲେ ସୌଭାଗ୍ୟ ଓ ତାଙ୍କ ସ୍ତ୍ରୀ ସାଗରିକା। ଓଡ଼ିଶାର ପ୍ରଥମ ଦମ୍ପତିଭାବେ କିଲିମାଞ୍ଜାରୋ ଆରୋହଣ କରିଥିବା ସୌଭାଗ୍ୟ ଦାବି କରିଛନ୍ତି। ଭାରତରେ ଟ୍ରେକିଂରେ ଏହି ଦମ୍ପତିଙ୍କର ବହୁ ଅଭିଜ୍ଞତା ରହିଛି। ସୌଭାଗ୍ୟ ଇତିମଧ୍ୟରେ ୨ ଥର ଆଇରନ ମ୍ୟାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସାରିଛନ୍ତି ଓ ୟୁରୋପର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଲବ୍ରୁଶ ଆରୋହଣ କରିଛନ୍ତି। ସାଗରିକା ସମ୍ବଲପୁର ରେଙ୍ଗାଲି ବ୍ଲକରେ ଭେଟେରିନାରି ସର୍ଜନ ଥିବାବେଳେ ସୌଭାଗ୍ୟ ଆକାଶବାଣୀ ସମ୍ବଲପୁରରେ ପ୍ରସାରଣ ନିଷ୍ପାଦକ ଭାବେ କାର୍ଯ୍ୟରତ।

# କୋହଲି ଖେଳିବେ ତ୍ରିଶତକ ମ୍ୟାଚ

**ଦୁବାଇ, ୨୮।୨**

ଚଳିତ ଚାମ୍ପିୟନ୍ସ ଟ୍ରଫିରେ ଭାରତ ଏହାର ପରବର୍ତ୍ତୀ ମ୍ୟାଚରେ ରବିବାର ନ୍ୟୁଜିଲାଣ୍ଡକୁ ଭେଟିବ। ବାଂଲାଦେଶ ଓ ପାକିସ୍ତାନକୁ ହରାଇ ଗ୍ରୁପ୍ 'ଏ'ର ପ୍ରଥମ ଦଳଭାବେ ସେମିଫାଇନାଲରେ ପ୍ରବେଶ କରିଥିବା ଭାରତର ଏହା ହେବ ଶେଷ ଲିଗ୍ ମ୍ୟାଚ। ଏହା ହେବ ଭାରତର ତାରକା ବ୍ୟାଟର ବିରାଟ କୋହଲିଙ୍କ ତ୍ରିଶତକ ଅର୍ଥାତ୍ ୩୦୦ତମ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ। ପାକିସ୍ତାନ ବିପକ୍ଷରେ ଶତକ ହାସଲ କରି ଅପରାଜିତ ରହିଥିବାରୁ କୋହଲିଙ୍କ ଉପରେ କ୍ରିକେଟପ୍ରେମୀଙ୍କ ନଜର ରହିବ। ନିଜ ମାଇଲଖୁଣ୍ଟ ମ୍ୟାଚକୁ ସ୍ମରଣୀୟ କରିବାକୁ କୋହଲି ଚେଷ୍ଟା କରିବେ ନିଶ୍ଚିତ। ଇତିମଧ୍ୟରେ କୋହଲି ୨୯୯ଟି ମ୍ୟାଚ ଖେଳି ୫୮.୨୦ ଆଭରେଜରେ ୧୪,୦୮୫ ରନ ସଂଗ୍ରହ କରି ସାରିଛନ୍ତି। ୪୫ଥର ସେ ଅପରାଜିତ ରହିଛନ୍ତି ଏବଂ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୧୮୩ ରହିଛି। ୫୧ଟି ଶତକ ହାସଲ କରିଥିବାବେଳେ ଅର୍ଦ୍ଧଶତକ ସଂଖ୍ୟା ହେଉଛି ୭୩। କ୍ୟାରିୟରରେ ସେ ୧୩୧୮ ଚୌକା ଓ ୧୫୨ ଛକା ମାରିଥିବାବେଳେ ୧୫୮ଟି କ୍ୟାଚ ଧରିଛନ୍ତି।


# Classified Everyday
0674-2580101, 9692975378


## REAL ESTATE
### SALE

ଚନ୍ଦନପୁରରୁ ମାତ୍ର 4.5 କିଲୋମିଟର ନିରାକାରପୁର ରାସ୍ତା ପାତେଳି ଛକ ପାଖରେ ନୂଆ ଜଗନ୍ନାଥ ସଡ଼କକୁ ଲାଗି ଘର କରିବାଯୋଗ୍ୟ ଘରବାଡ଼ି ପ୍ଲଟ୍ ବର୍ଗଫୁଟକୁ 1150/- ଓ 2500 ବର୍ଗଫୁଟ Commercial Plot 2600/- ଟଙ୍କା ପଥର ପାଚେରି, 30 ଫୁଟ ପିଚୁ ରାସ୍ତା ଓ ଅନ୍ୟାନ୍ୟ ସୁବିଧା ଦେଇ ବିକ୍ରୟହେବ। ଯୋଗାଯୋଗ- 9438220432 / 8144658008. D-3108

G+2 Storied Building, opposite Hyundai Showroom, Uttara, Bhubaneswar. Call- 8917520527. D-3080

**Get most bigest asset for future investment on land/plots in BDA proposed greater Bhubaneswar area for uncomparable return in short period. 7978701424.** D-76242

**ଭୁବନେଶ୍ୱର Sum Hospital-2 ନଖରା ତ୍ରିନାଥବଜାର ନିକଟରେ ସଙ୍ଗେସଙ୍ଗେ ଘର କଲାଭଳି ଘରବାରି ପ୍ଲଟ୍ ରୋଡ୍, ଇଲେକ୍ଟ୍ରିସିଟି ଥାଇ ବିକ୍ରିହେବ। 9090142564, 8018608500.** D-76243

**Gharabari converted plots available near Hitech Square, Sundarpada, Bhubaneswar. For more details contact: 9937846404, 9437192512.** D-3107


## CONSTRUCTION

Construct your home with branded material completed start 1250/- per sqft. 9827152441 D-75599




To-let for Office and Banking purposes Chandrasekharpur District Center. 9668089688, 9938014391. D-3097




Positively health benefited spa by expert therapist. 7750040475. D-76199

Full body massage by odia therapist in homely atmosphere. 9556498382. D-75361

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## LOST

ମୋର ନାମ- ଅରୁପାନନ୍ଦ ଦାସ, ସା/ପୋ- ଚନ୍ଦ୍ରଶେଖର ପ୍ରସାଦ, ଭାୟା- ଭାପୁର, ଜିଲ୍ଲା- ଢେଙ୍କାନାଳ, ପିନ୍- ୭୫୯୦୧୫ । ମୁଁ ଗତ ୨୦ରେ ମୋ ପରିବାର ସହିତ ପୁରୀ ଦୁର୍ଗ ଏକ୍ସପ୍ରେସ ଯୋଗେ ଯାତ୍ରା କରୁଥିବା ସମୟରେ ମୋ ପତ୍ନୀଙ୍କର ଭ୍ୟାନିଟି ବ୍ୟାଗ୍‌ଟି ତାଳଚେର ରୋଡ୍‌ରୁ ତାଳଚେର ଷ୍ଟେସନ ମଧ୍ୟରେ ପଡ଼ିଯାଇଛି । ସେଥିରେ ମୋ ନିଜର ବହୁ ଜରୁରୀ କାଗଜପତ୍ର ଥିଲା। ଆର୍ମି ବିଭାଗୀୟ ପରିଚୟ ପତ୍ର, ଲିକର ଓ ଗ୍ରୋସରୀ କାର୍ଡ଼, ପାନ୍, ଭୋଟର ପରିଚୟପତ୍ର ଏବଂ ଡ୍ରାଇଭିଙ୍ଗ୍ ଲାଇସେନ୍ସ ଇତ୍ୟାଦି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ତା ହେଲେ ମୋ.ନଂ. ୯୭୯୭୭୩୪୫୦୫, ୬୩୭୨୮୨୯୪୦୪ ରେ ଯୋଗାଯୋଗ କରି ଫେରାଇବାକୁ ଅନୁରୋଧ । ବି:ଦ୍ର- ପୁରସ୍କାର ରାଶି ୧୦,୦୦୦ ଟଙ୍କା । D-3103

## AFFIDAVIT

I, Kabita Sethi, W/o- Jagannath Sethi, resident of Anjira P.O.- Kanas, P.S.- Gadishagoda, Dist.- Puri, PIN- 752017, Odisha declare by this affidavit No.- 1145 dtd 20.02.2025 that now onwards I shall be known as KABITA SETHY for all future purposes. D-3109

Affidavit No.- C.F. No.- 20/ dt 18.02.2025 before the Court of Executive Magistrate, Bhubaneswar, I Prabhati Pradhan Aged- 34 years, D/o- Kulamani Pradhan and W/o- Rashmi Kanta Jena, at present residing at Barunapada, P.O.-Kalupada, P.S.- Tangi, Dist.- Khordha, Odisha have changed my name from Prabhati Pradhan to Debi Jena according to my husband's surname i.e. Rashmikanta Jena for all future purposes. D-3110

By virtue of an affidavit sworn before the Executive Magistrate, Talcher on dtd 27.02.2025 declare that I Jasmin Naik, D/o- Bimbadhar Naik, resident Karadagadia, P.O./ P.S./ Dist.- Angul, that in my HSC Certificate my name has been mentioned Jasmin Naik, D/o- Bimbadhar Naik, but in my Aadhaar my name has been mentioned Rita Naik, D/o- Bimbadhar Naik, Jasmin Naik, D/o- Bimbadhar Naik and Rita Naik, D/o- Bimbadhar Naik is one and same person. Henceforth, I shall be known as Jasmin Naik, D/o- Bimbadhar Naik for all purposes. D-3105

By virtue of an affidavit No.- 1421, dt- 27.02.2025 sworn before Executive Magistrate, Dhenkanal, I, Samarendra Kumar Behera, S/o- Late Gadadhar Behera, Vill- Balijoranda, P.O.- Bainsia, P.S.- Gondia, Dist.- Dhenkanal, Odisha- 759014 declare that I have change my son's name from Sai Swayamjit Behera to Sai Swayamjeet Behera. Henceforth, he will be known as Sai Swayamjeet Behera for all pueposes.
Samarendra Kumar Behera. D-75493

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Sundargarh, dated 27.02.2025 I Ganesh Dansena, Address: Vill- Rebdamal, P.O.- Gangpurgarh, P.S.- Sadar, Dist.- Sundargarh, Odisha- 770020 declare that I have change my daughter name from Asmita Dansena to Janani Dansena. Henceforth, she shall be known as Janani Dansena for all purposes. D-3106

I, Rafik Raheman, S/o- Late Syed Raheman, Mathasahi, Station Bazar, P.O.- College Square, Dist.- Cuttack-753003, Odisha declare by this affidavit No.-624, dt. 27.01.25 that in my son Samsur Rahman Passport my name has been wrongly recorded as Rafique Rahman instead of Rafik Raheman, it should be corrected as Rafik Raheman. Rafik Raheman and Rafique Rahman is one and same person. Henceforth, I shall be known as Rafik Raheman for all purposes. D-3113


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ମନେ ପଡ଼ନ୍ତି

## ନବମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ


୰ପ୍ରଫେସର ଡ. ତ୍ରିଲୋଚନ ମିଶ୍ର
ପୂର୍ବତନ କୁଳପତି
ଆବିର୍ଭାବ: ୨୩।୧୧।୧୯୨୪
ତିରୋଧାନ: ୦୯।୦୩।୨୦୧୬
ଅମର ମରଣ ଯାର ନାହିଁ ନାହିଁ ମୃତ୍ୟୁ ତାର
ନ ଛୁଇଁବ କାଳ ତାକୁ ନ ଛୁଇଁବ ମସି।
ତାର ନିଷ୍ଠା ତାର ଜ୍ଞାନ ତା ଜୀବନ ନିଦର୍ଶନ
କରିଅଛି ତାକୁ ଆଜି କାଳଜୟୀ ଋଷି।
ସେହି ଅମର ଆତ୍ମାର ପାଦରେ ଶ୍ରଦ୍ଧାଞ୍ଜଳି।
ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ନାତି, ନାତୁଣୀ ଓ ପରିବାରବର୍ଗ।
ପ୍ଲଟ୍-୩୧୬ ଏ, ସହିଦନଗର, ଭୁବନେଶ୍ୱର
ଧ-୩୦୭୨

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ସ୍ୱର୍ଗତା ବ୍ରଜେଶ୍ୱରୀ ଧଳ
ଗୁହାଳି, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: ୦୯।୦୨।୧୯୫୦
ତିରୋଧାନ: ୧୯।୦୨।୨୦୨୫
ନୈନଂ ଛନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ॥
ହେ ପୁଣ୍ୟାତ୍ମା ଆପଣଙ୍କ ଅବର୍ତ୍ତମାନ ଚାହୁଁ ଚାହୁଁ ଦଶଦିନ ବିତିଗଲାଣି। ଆପଣଙ୍କ ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଅଛୁ। ଆଜିର ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ହତଭାଗ୍ୟ ପୁତ୍ର: ଚନ୍ଦ୍ରଶେଖର ଧଳ, ଶିବସୁନ୍ଦର ଧଳ, ବନ୍ଧୁ ଓ ପରିବାରବର୍ଗ
ଧ-୩୧୧୧

## ୨୫ତମ ଶ୍ରାଦ୍ଧବାର୍ଷିକୀ


ସ୍ୱର୍ଗତ ଡ. ପ୍ରଭାକର ରାଉତ
ସନ୍ତୋଷୀ ବିହାର, ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୦୨।୦୧।୧୯୪୪
ତିରୋଧାନ: ୦୭।୦୩।୨୦୦୦
ବାବା, ୨୫ବର୍ଷର ସମର୍ପଣ। ଆପଣଙ୍କ ଆଶୀର୍ବାଦ, କର୍ତ୍ତବ୍ୟପରାୟଣତା ଏବଂ ଉପଦେଶ ଆଜି ବି ଆମର ପଥ ପ୍ରଦର୍ଶକ। ଆଜି ଏହି ପବିତ୍ର ଦିବସରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ବନ୍ଧୁ ଓ ପରିବାରବର୍ଗ।
ଧ-୩୦୭୮

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଶୋକପାଳନ

## ଗଳ୍ପ

**ଅଲେଖ ଚରଣ ପଟ୍ଟନାୟକ**



ବିଜ୍ଞାନର କାରିଗରି କୌଶଳ ବଳରେ ଆଜିର ସଭ୍ୟ, ଶିକ୍ଷିତ ମଣିଷ ଚନ୍ଦ୍ର ଉପଗ୍ରହରେ ପାଦ ଥାପିଲାଣି। ମଙ୍ଗଳ ଗ୍ରହରେ ଜଳର ଅବସ୍ଥିତି ସମ୍ପର୍କରେ ବୈଜ୍ଞାନିକମାନେ ସୂଚନା ପ୍ରଦାନ କଲେଣି। ଅଧିକରୁ ଅଧିକ ଜ୍ଞାନ ଅର୍ଜନ କରି ଆମ୍ଭେମାନେ ମହାକାଶ ଯାତ୍ରା ଗବେଷଣାରେ ନିମଗ୍ନ। କିନ୍ତୁ ବ୍ୟସ୍ତବହୁଳ ଜୀବନରେ ଆମ ପଡ଼ୋଶୀ ଆମ ପାଇଁ ଅଚିହ୍ନା, ଅଲୋଡ଼ା, ଅନାବଶ୍ୟକ। ସେମାନଙ୍କ ଭଲମନ୍ଦ, ହାଲ୍‌ଚାଲ ସମ୍ବନ୍ଧରେ ଆମେ ସମ୍ପୂର୍ଣ୍ଣ ଅଜ୍ଞ। କାହା ବିଷୟରେ ଭାବିବା ନିମନ୍ତେ ଆମ ପାଖରେ ସମୟ ନାହିଁ। ଆଗ୍ରହ ହିଁ ନାହିଁ।

ଥରେ ଶୁଣିବାକୁ ପାଇଲି ପଡ଼ୋଶୀଙ୍କର ଜଣେ କେହି ଆତ୍ମୀୟ ମୃତ୍ୟୁବରଣ କରିଛନ୍ତି। ସାଇପଡ଼ୋଶୀ ହେଲେ ହେଁ ଜଣାଶୁଣା ନ ଥାଏ। ମୋ' ବୋଉ ପରିବାରର ଗୁରୁଜନ ହିସାବରେ ପରାମର୍ଶ ଦେଲେ ଯେ, ଏପରି ସମୟରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରି ସମବେଦନା ଜଣାଇବା ଆବଶ୍ୟକ। ଏହା ସାମାଜିକ ନିୟମ ଓ ଶୃଙ୍ଖଳା। ବୋଉର ମତକୁ ସମ୍ମାନ ଜଣାଇ ଭାବିଲି ଫୋନ୍‌ରେ କଥା ହୋଇ ସମବେଦନା ଜଣାଇଦେବି।

ସାରା ଦିନର କାର୍ଯ୍ୟବ୍ୟସ୍ତତା ଏବଂ ରାତିରେ ଢେର୍ ବିଳମ୍ବରେ ଫୋନ କରିବା ଠିକ୍ ହେବ ନାହିଁ ବୋଲି ଭାବିଦିଏ। ସମୟ ଗଡ଼ିଚାଲେ। ଅଧିକ ବିଳମ୍ବ ହେତୁ ନିଜକୁ ଦୋଷୀ ମନେକଲି।

ଆଜି ରବିବାର। ଆକାଶ ବେଶ୍ ନିର୍ମଳ ଓ ପରିଷ୍କାର। ପାଗ ଭଲ ଅଛି, ପଡ଼ୋଶୀଙ୍କ ଘରକୁ ଯିବା ଉପକ୍ରମରେ ତାଙ୍କ ଗେଟ୍ ଖୋଲିଲି। ଘରର ସମ୍ମୁଖ ବଗିଚା ବେଶ୍ ଆକର୍ଷଣୀୟ। ସୁନ୍ଦର ରଙ୍ଗବେରଙ୍ଗର ଫୁଲଗଛ। ବନ୍ଧୁ ପରିଜନ ସିମେଣ୍ଟ ତିଆରି ବେଞ୍ଚରେ ବସି ପରସ୍ପର କଥୋପକଥନରେ ମସ୍‌ଗୁଲ। ଘର ଭିତରୁ ଆଧୁନିକ ସଙ୍ଗୀତର ପ୍ରଚଣ୍ଡ ଶବ୍ଦ।

ଘରର ପରିବେଶ ଓ ମାହୋଲ ଦେଖି ମୁଁ ସନ୍ଦେହରେ ପଡ଼ିଲି। ମୁଁ ଭୁଲ୍ ଠିକଣାରେ ଆସିଯାଇନି ତ! ଏଇ କ'ଣ ସେଇ ଘର, ଯେଉଁଠାରେ ବୟସ୍କ ଜଣେ ମୃତ୍ୟୁବରଣ କରିଛନ୍ତି। ଚିନ୍ତା କଲି, ଘରକୁ ଯାଇ ବୁଝିବି ଏହା ସଠିକ୍ ଘର କି ନାହିଁ!

ଏଇ ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ଠିକ୍ ସମୟରେ ଗୃହକର୍ତ୍ତା ବାହାରି ଆସିଲେ 'ଆସନ୍ତୁ! ଆସନ୍ତୁ! କି ଭାଗ୍ୟ, ଆପଣ ବୋଧହୁଏ ପ୍ରଥମ ଥର ଆମ ଘରକୁ ଆସୁଛନ୍ତି।' ଗୃହକର୍ତ୍ତା ଗୃହ ମଧ୍ୟକୁ ପାଛୋଟି ନେଲେ। ଭିତରର ସାଜସଜ୍ଜା ଦେଖି ମୁଗ୍ଧ ହୋଇଗଲି। ବୈଠକଖାନା ବହୁତ ବଡ଼।

ହାଲୁକା ଗୋଲାପୀ ରଙ୍ଗର କାନ୍ଥରେ ତୈଳଚିତ୍ରର ବଡ଼ ବଡ଼ ପେଣ୍ଟିଂ ଝୁଲୁଥିଲା। ଟିଭି ଓ ଭିସିଆର ଥିଲା। ଲୋକପ୍ରିୟ ଚଳଚ୍ଚିତ୍ର 'ବାହୁବଳୀ' ଟିଭିରେ ପ୍ରଦର୍ଶିତ ହେଉଥିଲା। ବନ୍ଧୁଙ୍କର ପିଲାମାନେ ସୋଫା ଏବଂ କାର୍ପେଟରେ ବସି ସିନେମା ଉପଭୋଗ କରୁଥିଲେ। ଆନନ୍ଦରେ ତାଳି ମାରି ମାରି ଗଡ଼ିଯାଉଥିଲେ। ଗୃହକର୍ତ୍ତା ମୋ' ପାଇଁ ସୋଫାରେ ବସିବା ନିମନ୍ତେ ବ୍ୟବସ୍ଥା କଲେ। ସେଥିପାଇଁ କିଛି ପିଲା ସୋଫାରୁ ଉଠି ଚଟାଣରେ ବିଛାଯାଇଥିବା କାର୍ପେଟ ଉପରକୁ ଗଲେ। ଇତ୍ୟବସରରେ ଘରେ କାମ କରୁଥିବା ବାଳକଟି ଗୋଟିଏ ବଡ଼ ଟ୍ରେରେ କିଛି ଜଳଖିଆ ଏବଂ କପ୍‌ରେ ଚା' ମୋ ପାଇଁ ଆଣି ପହଞ୍ଚିଲା। ମୁଁ ସମସ୍ୟାରେ ପଡ଼ିଗଲି। ଖାଦ୍ୟ ଗ୍ରହଣ କରିବି ନା ନାହିଁ ଭାବିଲି। ବହୁତ ଚିନ୍ତା କରି, ସ୍ନାନ ପରେ ହିଁ ମୁଁ ଖାଦ୍ୟ ଖାଇଥାଏ ବୋଲି ବୁଝାଇଦେଲି ଏବଂ ସମସ୍ୟାରୁ ରକ୍ଷା ପାଇଗଲି।

ବାତାବରଣ ବହୁତ ଖୁସି ମିଜାଜର ଥିଲା। ସତେ ଯେପରି କାହାର 'ଜନ୍ମଦିନ' ଅଥବା ବାହାଘର ପୂର୍ବର 'ନିର୍ବନ୍ଧ' ଉତ୍ସବ ଅନୁଷ୍ଠିତ ହେଉଛି, ଏହିପରି ଜଣାଯାଉଥିଲା।

'ଶୋକ କଥା' କିପରି ପଚାରିବି, ମୁଁ ମାନସିକ ଦ୍ୱନ୍ଦ୍ୱରେ ଥିଲି।

ଗୃହକର୍ତ୍ତାଙ୍କ ଧର୍ମପତ୍ନୀ ସୌଜନ୍ୟମୂଳକ ଅଭିବାଦନ ଜଣାଇଲେ। କହିଲେ, ଆମେ ଖୁସି ଆପଣ ଆମ ଘରକୁ ଆସିଛନ୍ତି, ଆପଣ ଭଲ ମଣିଷ। ଆପଣଙ୍କ ଲୋକହିତକର କାର୍ଯ୍ୟ ଅନେକ। ଆପଣଙ୍କ ପରି ପଡ଼ୋଶୀ ପାଇ ଆମେ ଗର୍ବିତ। ଏହିପରି ଭିନ୍ନ ଭିନ୍ନ ପ୍ରସଙ୍ଗରେ ଗପସପ ଚାଲିଲା।

କ'ଣ କହି ମୃତବ୍ୟକ୍ତିଙ୍କ କଥା ପଚାରିବି? ସେ ବୃଦ୍ଧ ନା ବୃଦ୍ଧା, ସ୍ୱାମୀଙ୍କର ନା ସ୍ତ୍ରୀଙ୍କର ସମ୍ପର୍କୀୟ! ମୁଁ ଦ୍ୱନ୍ଦ୍ୱରେ ଥିଲି। ଅନେକ ସମୟ ବାର୍ତ୍ତାଳାପ ପରେ ମୁଁ ଉଠିବାକୁ ବାଧ ହେଲି। ସେମାନେ ମୋତେ ଗେଟ୍ ପର୍ଯ୍ୟନ୍ତ ବଳେଇ ଦେବାକୁ ଆସିଲେ। ହଠାତ୍ ଆରମ୍ଭ କଲି, 'ଆପଣଙ୍କ ମା'ଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ ବୋଲି ଶୁଣିଲି।' ଗୃହକର୍ତ୍ତା କିଛି କହିବା ପୂର୍ବରୁ ତାଙ୍କ ପତ୍ନୀ କହିଲେ, 'ହଁ ଆଜ୍ଞା, ମୋ' ଶାଶୁ ଦୀର୍ଘଦିନ ଧରି ଅସୁସ୍ଥ ଏବଂ ଶଯ୍ୟାଶାୟୀ ଥିଲେ। ତାଙ୍କର ଏହି ଅସୁସ୍ଥତା ଆମ ପାଇଁ ବହୁତ ସମସ୍ୟା ସୃଷ୍ଟି କରୁଥିଲା। ଚାକିରିଆ ସ୍ୱାମୀ ତ କର୍ମକ୍ଷେତ୍ରକୁ ବାହାରି ଯାଉଥିଲେ। ସଦାସର୍ବଦା ଘରେ ରହୁଥିବା ସ୍ତ୍ରୀ ଲୋକଟି କେତେ ଯେ ସମସ୍ୟା ଦେଇ ଗତି କରୁଛି, ତାହା ବାବୁଙ୍କୁ କ'ଣ ଜଣାଥିଲା? ଶାଶୁମା' ବ୍ୟକ୍ତିଗତ ଭାବରେ ମୋର କୌଣସି କାର୍ଯ୍ୟରେ ସନ୍ତୁଷ୍ଟ ନ ଥିଲେ। ଏକମାତ୍ର ନଣନ୍ଦ ଥିଲେ। ସେ ବି ଶାଶୁ ପକ୍ଷ ନେଇ ମୋତେ ନିୟମିତ ସମାଲୋଚନା କରୁଥିଲେ। ଏବେ ସେ ବିବାହିତା। କଥା ଛଳରେ ପରଲୋକଗତ ଶାଶୁଙ୍କ ସମ୍ବନ୍ଧରେ ଅନେକ ବିରୋଧ ମନ୍ତବ୍ୟ ଦେଉଥିଲେ। ବିଚରା ସ୍ୱାମୀ ନିରବରେ ସବୁ ଶୁଣି ଯାଉଥିଲେ।

''ରୋଗୀର ସେବା ଯତ୍ନ ପାଇଁ ସହରରେ ନର୍ସଟିଏ ନିଯୁକ୍ତି ଦେବା କେତେ ଯେ ବ୍ୟୟସାପେକ୍ଷ, ଆପଣ ଜାଣିଥିବେ। ଶାଶୁଙ୍କର ସମସ୍ତ ସେବା ମୋତେ ହିଁ କରିବାକୁ ପଡୁଥିଲା। ଶାଶୁଙ୍କ ଦେହାନ୍ତ ପରେ ଗୃହର ଅନେକ ସମସ୍ୟା ଆପେ ଆପେ ସମାଧାନ ହୋଇଗଲା।'' ଏ ପର୍ଯ୍ୟନ୍ତ ନିରବରେ ଶୁଣିଯାଉଥିବା ଗୃହସ୍ୱାମୀ ମୁହଁ ଖୋଲିଲେ, ''ଭଗବାନ୍‌ଙ୍କର ଅଶେଷ କରୁଣା, ଆଜ୍ଞା। ମା' ମୋର ବେଡ୍‌ରେ ପଡ଼ିରହି ଅତ୍ୟଧିକ କଷ୍ଟ ଯନ୍ତ୍ରଣା ପାଉଥିଲା। ସେ ମୁକ୍ତି ପାଇଗଲା।'' ଦୁଇ ନୟନରୁ ଝରି ଆସୁଥିବା ଅମାନିଆ ଅଶ୍ରୁଧାରାକୁ ଲୁଚାଇବା ପ୍ରୟାସରେ ଗୃହକର୍ତ୍ତା ରୁମାଲରେ ମୁହଁ ପୋଛିଲେ। ମୁଁ ତାଙ୍କ ପିଠିରେ ହାତ ଥାପୁଡ଼େଇ ସାନ୍ତ୍ୱନା ଦେଲି। କହିଲି, ''ଜାତସ୍ୟ ହି ଧ୍ରୁବ ମୃତ୍ୟୁ। ଏହା ସଂସାରର ନିୟମ। ଆମକୁ ଧୈର୍ଯ୍ୟ ଧରି ସହିବାକୁ ହେବ।''

ଏକ ଭାରାକ୍ରାନ୍ତ ମନ ନେଇ ଘରକୁ ଫେରିଲି। ଆମ ସାମାଜିକ ବ୍ୟବସ୍ଥାରେ ଏ କି ଅଦ୍ଭୁତ ପରିବର୍ତ୍ତନ! ଏକ ନିରସ ଶୁଷ୍କ ଜୀବନଯାପନ ପ୍ରଣାଳୀରେ ଆମ୍ଭେମାନେ ପଶୁତୁଲ୍ୟ ବଞ୍ଚୁଛୁ।

ମନୁଷ୍ୟ ଏକ ସାମାଜିକ ପ୍ରାଣୀ, ଏ କଥା ଆମେ ଭୁଲିଯାଇଛୁ। ଦୈନନ୍ଦିନ କାର୍ଯ୍ୟରେ ଆମେ ଏପରି ବ୍ୟସ୍ତ ଯେ, ଆତ୍ମୀୟଙ୍କ ଅବର୍ତ୍ତମାନରେ ଶୋକପାଳନ ନିମନ୍ତେ ସମୟ ପାଉନାହୁଁ। ପରସ୍ପର ପ୍ରତି ସ୍ନେହ, ଶ୍ରଦ୍ଧା, ସହାନୁଭୂତି, ଆତ୍ମୀୟତା ଉଭେଇ ଗଲାଣି।

ଧିକ୍ ଏ ଆଧୁନିକ ଜୀବନ-ଶୈଳୀ। ଶତ ଧିକ୍ ଏ ମଣିଷପଣିଆ!

ମୋ: ୯୮୫୩୮୯୨୧୨୪

## ପୁସ୍ତକ ପରିଚୟ

### ବଂଧା ଶିବିର




**କବି:** ଅଶ୍ୱିନୀ କୁମାର ମିଶ୍ର
**ପ୍ରକାଶକ:** ଅଗ୍ରଦୂତ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ କବିତାଗ୍ରନ୍ଥ କବିଙ୍କର ତ୍ରୟୋଦଶ ସଂକଳନ ଓ ଏଥିରେ ମୋଟ ୭୦ଟି କବିତା ସ୍ଥାନିତ। ଗ୍ରନ୍ଥାରମ୍ଭରେ ଥିବା 'କାବ୍ୟ ଚିନ୍ତନ' ଶୀର୍ଷକ ଗଦ୍ୟଲେଖରେ ଅଶ୍ୱିନୀ କହନ୍ତି: ''ସଂପ୍ରୀତିର ବିଶ୍ୱମୟତା ସାଙ୍ଗକୁ ହିଂସ୍ରତାର ବିନାଶ ପାଇଁ ବିଶ୍ୱର କବି, ଲେଖକ ସାଧାରଣ ମଣିଷଙ୍କ ସହିତ ହାତ ମିଳେଇ ଶାନ୍ତି ବନ୍ଧନକୁ ସଶକ୍ତ କରିବାର ସମୟ ଏବେ ଉପସ୍ଥିତ। ଛଞ୍ଚାଣର ନଖରୁ କୁକୁଡ଼ାଚିଆଁର କଳବଳ ଦେହକୁ ଯେମିତି ହେଲେ ମୁକୁଳେଇବାକୁ ପଡ଼ିବ।'' ଏଇ ଆଲୋକରେ ଏଥର ଆମେ କବିଙ୍କ କବିତାକୁ ପରଖିବା କେତୋଟି ଦୃଷ୍ଟାନ୍ତ ନେଇ- ୧. ''ପ୍ରତିଯୋଗିତାରେ ହାରିଯାଇଥିବା/ ଯୁବକଟି, ନୀଳ ଆକାଶକୁ/ ପେଚୁଆ ଆଖିରେ ଅନେଇଥିବା/ ଡେଣାଭଙ୍ଗା ପକ୍ଷୀ/ ଠିକ୍ ଯେମିତି ଅନେଇ ରହିଥାଏ/ ଗୋଡ଼ଭଙ୍ଗା ହରିଣଟି/ ଅରଣ୍ୟର ଡାଳପତ୍ରଙ୍କୁ।'' ('ହାର୍-ଜିତ୍', ପୃ:୪୯), ୨. ''ମଣିପୁର!/ ଥିଲ ଏକ ଉପବନ/ ମଣିଷ ମନର,/ ଆଜି ତେବେ କାହିଁପାଇଁ/ ଶାମୁକାଟେ ଭଳି/ ଦି'ଫାଳ।'' ('ମଣିପୁର', ପୃ:୧୧୭), ୩. ''ଚାହିଁ ନ ଥିଲି/ ଧରିବାକୁ ତରବାରି/ x x ମତେ କିନ୍ତୁ ଭାରି ହେଲା/ ତୁମ କ୍ରୋଧ, ନିର୍ଦ୍ଦୟ ବେଭାର/ ଯାହା ତିଆରିଲା ବଜ୍ରଝଡ଼/ ମୋ' ଭିତରେ/ x x ବାଧ୍ୟ ହୋଇ ଝପଟିଲା ହାତ ମୋର/ ଅସିର କୋଷକୁ।'' ('ତରବାରି', ପୃ:୩୦)। କବିତାଗୁଡ଼ିକରୁ ଅବୁଝା ରହେନାହିଁ ଯେ କବି ସଦା ମେହନତୀ ମଣିଷର ସପକ୍ଷରେ। ଯେଉଁଠି ମାନବିକତାର ବିଡ଼ମ୍ବନା, ସେଠି କୋଷମୁକ୍ତ ତରବାରି ତାଙ୍କ ହାତରେ। ଅଶ୍ୱିନୀଙ୍କ କାବ୍ୟଦୃଷ୍ଟି ଜୀବନର ସୌକୁମାର୍ଯ୍ୟ ଓ ସୌନ୍ଦର୍ଯ୍ୟକୁ ଅଣଦେଖା କରେ ନାହିଁ। ଉପେନ୍ଦ୍ର ଭଞ୍ଜଙ୍କ ଉତ୍ତରଦାୟ ନିଭାଏ କବିତାରେ, କିନ୍ତୁ ମଣିଷର ଆଖିରୁ ଝରିଯାଉଥିବା ଲୁହ ତାଙ୍କୁ ବିବଶ କରେ। ନେରୁଦା ଓ ନଜରୁଲ୍‌ଙ୍କ କଣ୍ଠସ୍ୱର ହୋଇଉଠେ ତାଙ୍କ କଣ୍ଠସ୍ୱର। ଶୈଳୀର ତାରକସି କବିଙ୍କର ଧ୍ୟେୟ ନୁହେଁ। ପ୍ରସଙ୍ଗର ଗମ୍ଭୀରତାକୁ ସେ କଥାକୁହା ଭାଷାରେ ବାଢ଼ିଦିଅନ୍ତି ତାଙ୍କ କବିତାରେ। ଆଶା, 'ବଂଧା ଶିବିର' ପାଠିକାପାଠକଙ୍କୁ ବାନ୍ଧି ରଖିବ ତା'ର ଆବେଦନରେ।

### ପ୍ରେମଗଳ୍ପ




**ଲେଖକ:** ସୁନୀଲ ବୋଷ
**ପ୍ରକାଶକ:** ପର୍ଲ ବୁକ୍‌ସ, ମଧୁସୂଦନ ନଗର, ତୁଳସୀପୁର, କଟକ-୮
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ମୋଟ ୨୩ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ। ଅଧିକାଂଶ ଗଳ୍ପ ଘନୀଭୂତ ମେଘ ପରି ବର୍ଷଣମୁଖୀ। ବହିର ପ୍ରଥମ ଗଳ୍ପ 'ସେଫ୍‌ଟିପିନ୍'। ଗଳ୍ପର ନାୟକ ଚାଲିଚାଲି ଯାଉଯାଉ ହଠାତ୍ ଚଟି ଛିଣ୍ଡିଗଲା। ସେ ମିଲିକୁ ସେଫ୍‌ଟିପିନ୍‌ଟିଏ ମାଗିଲା। ମିଲିର ହାତଚୁଡ଼ିରେ ସେଫ୍‌ଟିପିନ୍ ନ ଥିଲା। ତେଣୁ ସେ କହିଲା: 'ଆଖିବୁଜ। ମୋଟେ ଖୋଲିବନି।' ମିଳିଗଲା ସେଫ୍‌ଟିପିନ୍ ଗଳ୍ପର ନାୟକଙ୍କୁ। କିନ୍ତୁ କୌତୂହଳ ରହିଲା- କେଉଁଠୁ ଖୋଲି ମିଲି ସେଫ୍‌ଟିପିନ୍‌ଟି ଦେଲା। ଶେଷରେ ଗଳ୍ପ ନାୟକର କାନ ପାଖରେ ଖୋଲିଦେଲା ମିଲି ସେଫ୍‌ଟିପିନ୍‌ର ରହସ୍ୟ, ଯାହା ସେ ତା' ବ୍ଲାଉଜ୍‌ରୁ ଖୋଲି ଦେଇଥିଲା। ଅତି ନଗଣ୍ୟ ଘଟଣାଟିଏ, ସୁନୀଲଙ୍କ ଲେଖକୀୟ ନିକପଣରେ ଶକ୍ତିଶାଳୀ ଗଳ୍ପଟିଏ ପାଲଟିଗଲା। ଏହିପରି ବହିଯାକର ଗଳ୍ପ। ପଢ଼ିଲେ ପୂର୍ବସୂରୀ କଥାକାରମାନେ ହାଇପିସାଇପି ହେବେ- ଏପରି ଗପ ଲେଖିପାରି ନାହାନ୍ତି ବୋଲି। ସମକାଳର ଲେଖକମାନେ ଉପରେ ପ୍ରଶଂସା କରି ଭିତରେ ଭିତରେ ଜଳିଯିବେ ଈର୍ଷାରେ। ବିଶିଷ୍ଟ କଥାଶିଳ୍ପୀ କନିଷ୍କ କହନ୍ତି: ''ଅଳ୍ପଗଳ୍ପର ବାଦ୍‌ଶା ସୁନୀଲ ବୋଷ। x x ଏଇସବୁ ଗଳ୍ପ ଆପେଆପେ ଲେଖିହୋଇ ରହିଯାଏ ପାଠକର ହୃଦୟକାନ୍ଥରେ, ଚିରକାଳ ଝଲୁଥାଏ ମରମର କୋଉ ଅଥଳ ଥଳରେ। ବହିରେ ଥିବା '୩୨ ସାଇଜ୍‌ର ପ୍ରେମିକା', 'ବୋତାମଛିଣ୍ଡା ସାର୍ଟ', 'ଝିଅର ନାଁ ବର୍ଷା', 'ମାସ୍କ ତଳର ମୁହଁ', 'ଦୁଷ୍ଟ କରୋନା', 'ହୀରା କାନଫୁଲ' ଓ 'ଶେଷ କାଗଜ ଡଙ୍ଗା' ଭଳି ଗଳ୍ପ କ୍ୱଚିତ୍ ଲେଖାଯାଇଛି ଓଡ଼ିଆ କଥା-ସାହିତ୍ୟରେ। ସାଦାସାଦା ଭାଷାରେ ଚିରକାଳକୁ ଯେ ଝୁଲାଇରଖିବ ଏସବୁ ଗଳ୍ପ ପାଠିକାପାଠକଙ୍କୁ- ଏଥିରେ ସନ୍ଦେହ ନାହିଁ। ପଛ-ପ୍ରଚ୍ଛଦରେ 'ଅନେକେ ତାଙ୍କୁ ଓଡ଼ିଆ ଗଳ୍ପର ଓ ହେନ୍‌ରୀ କହିଥାନ୍ତି' ବୋଲି ଯାହା ଦର୍ଶାଯାଇଛି, ସେଥିରେ ଅତିରଂଜନ ନାହିଁ। ବହିଟି ପାଠାଗାର ଓ ପାଠକଙ୍କ ବ୍ୟକ୍ତିଗତ ସଂଗ୍ରହ ପାଇଁ ମୂଲ୍ୟବାନ୍ ବିବେଚିତ ହେବ ବୋଲି ଆଶା।

## କବିତା

### ଖୋଲା ପଣତର ଜୀବନ

**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ରୁଦ୍ଧଘରର
ଝର୍କା, କବାଟ ଖୋଲିଦିଅ
ଖୋଲିଦିଅ ପର୍ଦ୍ଦା
ଖୋଲା କରିଦିଅ
ଆଖି, ନାକ, କାନ, ମନ ଓ ହୃଦୟ
ଦଲକା ଦଲକା ପବନ
ପଶି ଆସୁ ଭିତରକୁ।

ଠିଆମେଲା କରିଦିଅ ଦାଣ୍ଡକବାଟ
ବାହାରି ଆସ ବାହାରକୁ
ଚାହଁ ଆକାଶକୁ, ପୃଥିବୀକୁ,
ଦିଗ୍‌ବଳୟ ଆଡ଼କୁ
ଗାଆଁମୁଣ୍ଡ ବରଗଛ, ଖେଳପଡ଼ିଆ,
ଗାଈଗୋଠ, ଟୁବୁରି ମୁଣ୍ଡିଆ
ଧାନବିଲ ଡେଇଁ ଆଗକୁ ଚାଲିଲେ
ମାମୁଘର ଗାଆଁ।

ଦେଖ! ଦେଖ!
ସବୁଜ ଧାନକ୍ଷେତର ଲମ୍ବପଣତ
କେମିତି ସାଉଁଳି ଦେଉଛି
ପାହାଡ଼ର ମଥାନ।
ଟହଟହ ନାଲି ସୂରୁଯ କେମିତି
ପହଁରି ଯାଉଛି ନୀଳ ଦିଗନ୍ତର
ଏମୁଣ୍ଡୁ ସେମୁଣ୍ଡ।
ଖୋଲିଦିଅ ହୃଦୟ
ଖୋଲିଦିଅ ପ୍ରେମର ପଣତ
ଆପଣେଇନିଅ ମାଟିରୁ ଆକାଶ।
ଖୋଲା ମନ, ଖୋଲା ପବନ
ଖୋଲାପଣତର ଜୀବନ
କେତେ ସୁନ୍ଦର ଅନୁଭବ କର!
ଶ୍ୱାସରୁଦ୍ଧ ହୋଇ ଜିଇବା
ଜୀବନ ନୁହେଁ।

ବଂଧୁ!
ଜୀବନରେ ରଙ୍ଗ ଭରିଦିଅ
ଜୀବନକୁ ରଙ୍ଗିନ୍ କରିଦିଅ
ଡେଣା ଲଗାଇଦିଅ ମନରେ
ମରିବାର ମ୍ଳାନ ଅପରାହ୍ଣରେ ସୁଦ୍ଧା
ରୁପାଜହ୍ନ ଉଇଁଆସୁ
ଅମୃତ ସାଗରୁ।
ନୌକା ବିହାରର ମଜା ନିଅ
ତାରାର ତୋରଣ ତଳେ
ବଞ୍ଚିବାର ଇଚ୍ଛାକୁ ବାଙ୍ମୟ କରି
ଆପଣା ଅନ୍ତରୁ।

ମୋ: ୬୩୭୦୧୬୬୨୦୪

### ଅକବିତା

**ଶତପଥୀ ରୋଜାଲିନ ବେହେରା**

ବର୍ଷା ଲଟପଟ ରୌପ୍ୟ ନଗରୀ,
ଏଠି ଧରାଦିଏନା କବିତାର ଖିଅ,
ଶବ୍ଦମାନେ ତ ପୂରା ନିଖୋଜ
ଇଉକାଲିପଟାସ୍‌ର
ପାଣି ଝରଝର ପତ୍ର ସନ୍ଧିରେ।
ଜୀବନ ଯୋଉଠି ଆକ୍ତାମାକ୍ତା
ଦି' ପାଦର ଶୁଖିଲା ଭୂଇଁ ପାଇଁ,
ସେଇଠୁ କି ବା ଓଟାରି ହେବ
ଗୋଟେ ରେଶମୀ କବିତାର
ମୁଲାୟମ ପଂକ୍ତି?

ହଁ, ଥରେ ଅଧେ ଶବ୍ଦ ସଜାଡ଼ିଥିଲି
ଓଦାଓଦା ରେଭେନ୍ସାର
ଲାଲ ଚହ ଚହ ଚିବୁକରେ,
ଫିଟିଗଲା ଆନିକଟର ଅହଂକାର,
ବହିଗଲା ମୋ' ଭିତରର
ସାଇତା ଖୁମାଣ..।

ଆଉ ଦିନେ ବସିଥିଲି
କାଠଯୋଡ଼ିର ବିସ୍ତୀର୍ଣ୍ଣ
ବାଲୁକାଶେଯରେ,
ସ୍ୱର୍ଣ୍ଣାଭ ଜଳରାଶିରେ ତା'ର
ଛିରିକି ପଡୁଥିଲା ଅସ୍ତଗାମୀ
ଅରୁଣଙ୍କର
ବିଦାୟବେଳର ଶେଷତମ ସ୍ପର୍ଶ..
ମେଘଟା ସେ କୋଣରୁ
ସଜାଡ଼ି ହେଇ ଆସୁଥିଲା,
ଭାବିଲି ଲେଖିଦେବି
ଗୋଟେ ମେଘୁଆ ସଞ୍ଜର
ଗୋଟେ ବର୍ଷାସ୍ନାତା ସୁଗନ୍ଧ କବିତା,
ଥିଲେ ଥିଲେ ହଜିଗଲେ
ମେଘମାଳା ସବୁ,
ମିଶିଗଲେ ଆଲୁଅ ଅନ୍ଧାର,
ଧୂଳି ଧୂଆଁର ଚିରାଚରିତ ସହର...
ନିରାଶ ହେଲି ନହୁଲି ସଞ୍ଜର
ନିହାଣ ମାଡ଼ରେ।

ଅନ୍ଧାରଟା ଅଳସେଇ ହଉଥିଲା,
ଫିକା ଷ୍ଟ୍ରିଟ୍ ଲାଇଟର ସେହି
ଦର ଆଲୁଅ ଗଣେଶଘାଟ ଗଳିରେ
ମୋ' ବିଳପିତ ଅଧରର
ନିରଳସ ନିର୍ନିମେଷ ତୃଷ୍ଣା ଧାପକ
ପୁଣି କେଉଁ ଗୋଟେ କରୁଣ କବିତାର
ବନ୍ଧ ବାନ୍ଧୁଥିଲା ...

ମୋ: ୭୩୭୭୯୩୧୩୮୦

### ବନ୍ଦୀ

**ଡ. ଅନିଲ ନନ୍ଦ**

ସେଇ ଲୁହ କେଇ ବୁନ୍ଦାରେ
ଅନେକ କିଛି କରାଯାଇପାରେ,
ଯେମିତିକି ଗଢ଼ାଯାଏ
ଶିଶିରସ୍ନାତ ସକାଳ
କଅଁଳି ଉଠେ ନବ ପଲ୍ଲବ
ମଧୁ ସନ୍ଧାନରେ ବାହାରନ୍ତି
ଦଳ ଦଳ ମହୁମାଛି
ପକ୍ଷୀ କଣ୍ଠରୁ ଝରିପଡ଼େ
ଉଡ଼ା ଶିଖିବାର ଆହ୍ୱାନ।

ଗୋଟାଏ ରୁଦ୍ଧ ପଞ୍ଜୁରିରେ ବସି
ଢାଳିଥିବା ଲୁହମାନେ
କାହାର ନୁହନ୍ତି ନିଜ ଛଡ଼ା,
ସେମାନେ କ'ଣ ଛୁଇଁ ପାରନ୍ତି
ଲହଡ଼ି ହେଇ ବନ୍ଧୁର ଧରାତଳ?

ଦୂରନ୍ତ ସ୍ୱପ୍ନକୁ ହାତ ଲମ୍ବାଇ
ହଜେଇ ଦେବା ପରେ
ବର୍ଷ, ମାସ, ଦିନ, ଦଣ୍ଡ ଅନେକ
ଆଉ କାହୁଁ ଦେଖି ହେବ
ଦେଶ ଦୁନିଆର ବର୍ଣ୍ଣିଳ ଉତ୍ସବ!

ରହିବ ତ ରୁହ, ମନା ନାହିଁ
ଗୋଟାଏ ସର୍ତ୍ତ କି ସମ୍ବନ୍ଧକୁ
ନିଜ ଗଢ଼ା କାରାଗାର କରି
ଦୁଃଖକୁ ପ୍ରିୟତମ ପରିଧାନ କରି
କଠୋର ତପସ୍ୟାରେ ନିମଗ୍ନ।

ଆଉ କେବେ ଖୋଜିବନି ମୁକ୍ତି
ଅନ୍ତରଙ୍ଗ ଅନ୍ଧାର ପଞ୍ଜୁରୀରୁ
ବାହାରି ଯିବାର ଉପାୟ,
ଯେହେତୁ ବନ୍ଦୀ ଏକ ଗୃହପାଳିତ
ବନ୍ଦୀର ହୁଏ ପକ୍ଷଚ୍ଛେଦ
ଭୁଲି ସାରିଥାଏ ଉଡ଼ିବାର ଆନନ୍ଦ।

ମୋ: ୯୯୩୭୮୪୩୩୬୮

**ଗୀତି-କବିତା**

### ମିଳନ ମାଧୁରୀ

**ନିରଞ୍ଜନ ସାହୁ**

ତୁମେ ହସୁଥାଅ ମଧୁରେ ମଧୁରେ
ବଂଶୀରେ ମୂର୍ଚ୍ଛନା ତୋଳି
ମୁହିଁ ସାଜେ ତୁମ ପ୍ରେମର ବାୟାଣୀ
କଳଙ୍କ ଅବିର ବୋଳି।

ଏମିତି ଏ ପ୍ରେମ ହୋଇପାରେ ବୋଲି
ଆଗରୁ ନ ଥିଲି ଜାଣି
ତୁମକୁ ମୁଁ ପ୍ରେମ କରିବାକୁ ମନ
ଆପେଆପେ ନିଏ ଟାଣି
ଭାରି ଇଚ୍ଛାହୁଏ କୁଞ୍ଜ କାନନରେ
ଖେଳୁଥା'ନ୍ତେ ଆମେ ଦୋଳି।

ନିତି ଅଭିସାର କରୁଥା'ନ୍ତି ମୁହିଁ
ତୁମେ ଆସନ୍ତ ମୋ' ପାଶ
ତୁମେ ଆସିଗଲେ ବଇଁଶୀ ବାଜିଲେ
ଆମେ ରଚୁଥାନ୍ତେ ରାସ
ନିଧୁବନ ମଧ୍ୟେ ପୀରତିରେ ମାତି
ହେଉଥା'ନ୍ତେ କୋଳାକୋଳି।

ସଖୀଙ୍କ ମେଳରେ ମୁହିଁ ବୁଲୁଥା'ନ୍ତି
ସଖାଙ୍କ ମେଳରେ ତୁମେ
ତୁମ ବିରହରେ ଅନେକ ବେଦନା
ବିଷାଦରେ ଆତ୍ମା ଝୁମେ
ଫଗୁ ଉତ୍ସବରେ ଖେଳୁଥା'ନ୍ତେ ହୋଲି
ନାନାଜାତି ରଙ୍ଗ ଗୋଳି।

ମୋ: ୯୯୩୮୭୪୧୫୮୩

## କାଳକାଳକୁ



**''ଜୀବନ ଏତେ ସଂକ୍ଷିପ୍ତ ଯେ ଏକ ଖରାପ ବହି ପଢ଼ିବାକୁ ଏଥିରେ ସମୟ କାହିଁ!''**

**- ଜେମ୍‌ସ ଜଏସ୍**

**ଜେମ୍‌ସ ଜଏସ୍‌ଙ୍କ** ଜନ୍ମ ୨ ଫେବୃଆରୀ ୧୮୮୨ରେ ଆୟର୍ଲାଣ୍ଡ୍‌ରେ ଓ ପରଲୋକ ୧୩ ଜାନୁଆରୀ ୧୯୪୧ରେ ସୁଇଜରଲାଣ୍ଡ୍‌ରେ। ମାତ୍ର ୫୯ ବର୍ଷର ଜୀବନକାଳରେ ସେ ଯେଉଁସବୁ କାଳଜୟୀ ଗଳ୍ପ ଓ ଉପନ୍ୟାସମାନ ରଚନା କରିଯାଇଛନ୍ତି, ସେସବୁର ମୃତ୍ୟୁ ନାହିଁ। ସେ ଏକାଧାରରେ ଥିଲେ ଔପନ୍ୟାସିକ, କଥାକାର, କବି ଓ ସାହିତ୍ୟ ସମାଲୋଚକ। ବିଂଶ ଶତାବ୍ଦୀର ଖ୍ୟାତନାମା ଲେଖକଙ୍କ ମଧ୍ୟରେ ଜେମ୍‌ସ ଥିଲେ ଅନ୍ୟତମ ପ୍ରମୁଖ ଲେଖକ। ତାଙ୍କ ବିଶିଷ୍ଟ ରଚନାଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ- ଉପନ୍ୟାସ: 'ଏ ପୋର୍ଟ୍ରେଟ୍ ଅଫ୍ ଦ ଆର୍ଟିଷ୍ଟ ଆଜ୍ ଏ ୟଙ୍ଗ୍‌ମ୍ୟାନ୍' (୧୯୧୬), 'ଉଲିସେସ୍' (୧୯୨୨), 'ଫିନେଗାନ୍‌ସ ୱେକ୍' (୧୯୩୯); ଗଳ୍ପ: 'ଡବ୍ଲିନର୍‌ସ' (୧୯୧୪)। ଏତଦ୍‌ଭିନ୍ନ ତାଙ୍କର ତିନୋଟି କବିତା ବହି ଓ ଗୋଟିଏ ନାଟକ ପ୍ରକାଶିତ। ସାମୟିକ ପତ୍ରକାରିତାରେ ରୁଚି ରଖିଥିବା ଜଏସ୍ କହନ୍ତି: ''ଆଖି ବନ୍ଦକର ଓ ଦେଖ।''

## ପାଉଣା

**ଲଘୁଗଳ୍ପ**

**ସନ୍ତୋଷ କୁମାର ଅଦାବର**

''ମା ସେ ତଳେ ନେଇଥିଲୁ, ମନେଅଛି ନା ତୋର! ପୁଣି ଆଜି ଧାର ମାଗି ଆସିଛୁ।'' ଅଳ୍ପ ରାଗିକି ସୁମିତ୍‌ବାବୁ କହିଲେ ମୋହନକୁ। ରୁଦ୍ଧଗଳାରେ କାକୁତିମିନତି ହୋଇ ମୋହନ କହିଲା- ''ଯଦି ଶୁଝି ପାରିବିନି, ଆପଣ ଯାହା କାମ ଦେବେ କରିକି ଶୁଝିଦେବି; ଫେରାନ୍ତୁନି ଆଜ୍ଞା।''

''ଠିକ୍ ଅଛି। ଏଇ ନେ। ଆଉ ଶୁଣୁ, ଆସନ୍ତାକାଲିଠାରୁ ତୋତେ କିଛି କାମ ଦେବି କରିବୁ।'' ଗରମ ଗଳାରେ ସୁମିତ୍‌ବାବୁ କହିଲେ। 'ଠିକ୍ ଅଛି ବାବୁ। ନିଶ୍ଚୟ କରିବି'- ଏତକ କହି ମୋହନ ଟଙ୍କା ଧରି ଗଲା ତା' ଘରକୁ। ଘରେ ତା'ର ରୋଗଣୀ ପତ୍ନୀ। ସେ ଟଙ୍କାରେ ତା'ର ଚିକିତ୍ସା ହେବ। ଏକ ମାସ ତଳେ ବି ସେ ସୁମିତ୍‌ବାବୁଙ୍କଠାରୁ କିଛି ଟଙ୍କା ଆଣିଥିଲା। ବାପ ଅଜା ଅମଳରୁ ଦି' ପଇସା ଅଛି ତ ସୁମିତ୍‌ବାବୁଙ୍କର। ସେଇଥିପାଇଁ ତାଙ୍କୁ ଭରସା କରି ଧାର ଆଣିଛି ମୋହନ। କିନ୍ତୁ ଧାର ଶୁଝିବାକୁ ହେଲେ ପାଖାପାଖି ତାକୁ ଲଗାତାର ତିନି ମାସ କାମ କରିବାକୁ ପଡ଼ିବ ସୁମିତ୍‌ବାବୁଙ୍କ ଘରେ।

ଆଜି ସୁମିତ୍‌ବାବୁଙ୍କ ଘରକୁ କାମ କରିବାକୁ ଯିବ ନା ସ୍ତ୍ରୀକୁ ମେଡିକାଲ ନେବ। ସ୍ତ୍ରୀର ଦେହାବସ୍ଥା ଗୁରୁତର। ଯାହାହେଉ ପ୍ରଥମେ ସ୍ତ୍ରୀ କଥା ବୁଝିବ ସେ। ଅନେକ ଚେଷ୍ଟା ତା'ର ଅସଫଳ ହେଲା। ଆରୋଗ୍ୟ କରିପାରିଲାନି। ଅଧିକ ଅର୍ଥ ଆବଶ୍ୟକ। ଘରକୁ ନେଇ ଫେରିଆସିଲା ସେ। ପୂର୍ବ ପରି ବିଛଣାରେ ପଡ଼ି ରହିଥାଏ ତା' ସ୍ତ୍ରୀ। ସବୁ କଥା ମର୍ମେମର୍ମେ ବୁଝି ପାରୁଥାଏ ତା' ସ୍ତ୍ରୀ, କିନ୍ତୁ କିଛି କହିବା ଭଳି ସାମର୍ଥ୍ୟ ନ ଥାଏ ତା'ର। ଭୋକିଲା ପେଟରେ ପୂରା ନିଦ କ'ଣ ଆସିବ? ପାହାନ୍ତାରୁ ନିଦ ଯେମିତି ଭାଙ୍ଗିଗଲା ତା'ର ମନେପଡ଼ିଗଲା ସୁମିତ୍‌ବାବୁଙ୍କ ଘରକୁ କାମ କରିଯିବା କଥା। ଆଉ ବିଛଣାରେ ଶୋଇପାରିଲାନି ସେ। ନିତ୍ୟକର୍ମ ସାରି ପୂର୍ବ ଭଳି ପଡ଼ି ରହିଥିବା ତା' ସ୍ତ୍ରୀର ଶୁଖିଲା ମୁହଁକୁ କିଛି କହିବା ଆଗରୁ ତା'ର ସକାଳ ଖାଇବା ଆଉ ଔଷଧ ଖଟ ଉପରେ ମୁଣ୍ଡ ପାଖରେ ଥୋଇ ଚାଲିଗଲା ସୁମିତ୍‌ବାବୁଙ୍କ ଘର ଆଡ଼କୁ।

ସକାଳର ଚା କପ୍ ସହ ଚୌକିରେ ବସିଥିବା ସୁମିତ୍‌ବାବୁ ମୋହନକୁ ଦେଖି ଧନୀଗିରି ଢଙ୍ଗରେ ଆଦେଶ ଦେଲେ ଅମୁକ କରିବୁ ସମୁକ କରିବୁ। କେତେ କାମ। ଦୁଇ ତିନି ମାସ ଯେତେ ଲାଗୁ ସାରିଦେଲେ ଅନ୍ତତଃ କରଜ ତା'ର ଶୁଝିଯିବ। ଦିନକୁ ଗୋଟିଏ ବେଳା ତା'ର ଖାଇବାର ବ୍ୟବସ୍ଥା ବି ଥିଲା।

ସେ ଦିନ ଥିଲା ସୁମିତ୍‌ବାବୁଙ୍କ ଏକମାତ୍ର ପୁଅର ଜନ୍ମଦିନ। ଖୁବ୍ ଆଡ଼ମ୍ବରପୂର୍ଣ୍ଣ ହୋଇଥାଏ ସବୁବର୍ଷ। ମୋହନ ସେଠାରେ କାମ କରୁକରୁ ସୁଯୋଗ ଖୋଜୁଥାଏ ସୁମିତ୍‌ବାବୁଙ୍କୁ କେମିତି ଏକା ଭେଟିବ। ହଠାତ୍ ଯେମିତି ଏକା ଭେଟ ହେଲା, ସେ ଧୀରେଧୀରେ କହିଲା- ବାବୁ କିଛି...। ସୁମିତ୍‌ବାବୁ ତା' କଥା ବୁଝିପାରି ରାଗିକି କହିଲେ- ''ଧେତ୍, ଆଗ କାମ ସାରିଦେ। ଆଜିର ସ୍ପେଶାଲ ଦିନ ପାଇଁ ତୋତେ ଚା ଜଳଖିଆ ଖର୍ଚ୍ଚ ଦେବି ଯେ।'' ମୋହନ- ''ନାଇଁ ବାବୁ, ଘର ପାଇଁ ଗୋଟିଏ ବଡ଼ ରକମର ଖର୍ଚ୍ଚ ଲାଗୁଛି।'' ସୁମିତ୍- ''ଫେର୍ ସେଇ ଟଙ୍କା କଥା। ଯା...ତୋ' ସ୍ତ୍ରୀ କ'ଣ ଆରୋଗ୍ୟ ହେବ ଯେ ଖାଲି ଟଙ୍କା ଟଙ୍କା ହେଉଛୁ।'' ଏଥର ମୋହନ ତା'ର ଚାପି ରଖିଥିବା ଲୁହକୁ ରଖିପାରିଲାନି। ଓଠକୁ ଚାପି କହିଲା- ''ସେ ଆଉ ଏ ଦୁନିଆରେ ନାହିଁ ବାବୁ। ଗଲା ସାତ ଦିନ ହେବ ସେ ଆଉ...ନାହିଁ।'' ତା'ପରେ ତା'ର ଜାକିଜୁକା ହୋଇଥିବା ଉଷ୍ଣ ଲୁହ ଦୁଇ ଧାର ହୋଇ ଠାକରା ଦୁଇ ଗାଲ ଦେଇ ବୋହିଗଲା। ପୁଣି ସେ କହିଲା- ''ଆଉ ଦୁଇଦିନ ଗଲେ ତା'ର ଶୁଦ୍ଧିକ୍ରିୟା ଅଛି। କାମଚଳା ଖର୍ଚ୍ଚ ପାଇଁ...''

ସୁମିତ୍‌ବାବୁଙ୍କ ମୁହଁରେ ଆଶ୍ଚର୍ଯ୍ୟ ହେବାର କିମ୍ବା ଦୁଃଖ କରିବାର ଚିହ୍ନବର୍ଣ୍ଣ ନ ଥାଏ। ଏଇଟା ତାଙ୍କର ପୁଅର ଜନ୍ମଦିନର ଖୁସି ଅବା ଧନର ଗରିମା ହେଇପାରେ। ତେଣୁ ସେ କହିଲେ- ହଉ, ଆଜି ଦିନକ ସରିଯାଉ। ଆସନ୍ତାକାଲି ତୋ' କଥା ଦେଖିବା। ଶୁଦ୍ଧିକ୍ରିୟା ସରିବା ଯାଏ ତୋର ଛୁଟି। ଯା...

ମୋହନ ଛାତିରେ ଭରିଛି କୋହ, ଆଖିରୁ ଝରୁଛି ଲୁହ। କାହାକୁ ତା'ର କୋହ ଲୁହ କଥା ବାଣ୍ଟିବ। ଯିଏ ଅତି ନିଜର ସିଏ ସିନା ବୁଝିପାରିଥାନ୍ତା! ସେ ତ ଆଉ ନ ଥିଲା। ପେଟ ପାଇଁ ସିନା ପ୍ରଥମେ କାମ କରି ଦି'ପଇସା ରୋଜଗାର କରି ପରେ ପାଉଣା ଆଣି ଘର ଚଳାଏ ମଣିଷ, କିନ୍ତୁ ଏ କି ବ୍ୟତିକ୍ରମ! କରଜ ଆଣି ଶୁଝିବା ପାଇଁ ଖଟିବାକୁ ପଡୁଛି ମୋହନକୁ। ଏ ପରିଶ୍ରମର ପାଉଣା ହେଲାନି। ପାଉଣା ପାଇଁ ପରିଶ୍ରମ ହୋଇଛି ମୋହନର।

ମୋ: ୯୭୭୭୯୧୦୭୨୮



ଧରିତ୍ରୀ
DHARITRI
51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧/୨୦୨୫ Bhubaneswar, Saturday, March 1/ 2025



କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା ଏଫ୍‌ସି ଓ ମହମ୍ମଡାନ ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ। (ଫଟୋ: ବିକାଶ ନାୟକ)

# ରଣ୍‌ଜୀ ଟ୍ରଫି ଫାଇନାଲ ବିଦର୍ଭକୁ ଇନିଂସ ଅଗ୍ରଣୀ

**ନାଗପୁର,୨୮।୨**

ବିଦର୍ଭ କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ କେରଳ ବିପକ୍ଷରେ ଚାଲିଥିବା ରଣ୍‌ଜୀ ଟ୍ରଫି ଫାଇନାଲରେ ବିଦର୍ଭ ଇନିଂସ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ବିଦର୍ଭ ୩୭୯ ରନ କରିଥିବା ବେଳେ କେରଳ ତା'ର ଅସମାପ୍ତ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରି ୩୪୨ ରନରେ ଅଲଆଉଟ ହୋଇଯାଇଛି। ଫଳରେ ଦୁଇ ଥରର ରଣ୍‌ଜୀ ଚାମ୍ପିୟନ ବିଦର୍ଭ ୩୭ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି।

ଶୁକ୍ରବାର ତଥା ମ୍ୟାଚର ତୃତୀୟ ଦିନ କେରଳ ତା'ର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୩୧/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ତା'ର ବଳକା ୭ ଉଇକେଟରେ ଦଳୀୟ ସ୍କୋରରେ ୨୧୧ ରନ ଯୋଡ଼ିବାକୁ ସକ୍ଷମ ହୋଇଥିଲା। ପୂର୍ବ ଦିନ ଅପରାଜିତ ଥିବା ବ୍ୟାଟର ଆଦିତ୍ୟ ସରୱତେ ୭୯ ରନ କରି ଆଉଟ ହୋଇଥିବା ବେଳେ ଅଧିନାୟକ ସଚିନ ବେବୀ (୯୮) ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଆଝାରୁଦ୍ଦିନ ୩୪, ଜଲଜ ସକ୍ସେନା ୨୮ ଓ ସଲମାନ ନିଜାର ୨୧ ରନ କରିଥିଲେ। ବିଦର୍ଭ ପକ୍ଷରୁ ଦର୍ଶନ ନାଲକଣ୍ଡେ, ହର୍ଶ ଦୁବେ ଓ ପାର୍ଥ ରେଖାଡେ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବିଦର୍ଭ ପ୍ରଥମ ଇନିଂସ: ୩୭୯/ଅଲଆଉଟ (ଡାନିଶ ମାଲେୱାର-୧୫୩, କରୁନ ନାୟର-୮୬, ଏମଡି ନିଧିଶ-୩/୬୧, ଏଡେନ ଆପଲ-୩/୧୦୨)। କେରଳ ପ୍ରଥମ ଇନିଂସ: ୩୪୨/ଅଲଆଉଟ (ସଚିନ ବେବୀ-୯୮, ଆଦିତ୍ୟ ସରୱତେ-୭୯, ଅହମ୍ମଦ ଇମ୍ରାନ-୩୭, ଦର୍ଶନ ନାଲକଣ୍ଡେ-୩/୫୨, ପାର୍ଥ ରେଖାଡେ-୩/୬୫, ହର୍ଶ ଦୁବେ-୩/୮୮)।

# ହକି ଇଣ୍ଡିଆର ପ୍ରମୋଶନ ଓ ରିଲିଗେଶନ ସିଷ୍ଟମ

## ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍

**ନୂଆଦିଲ୍ଲୀ, ୨୮।୨(ପି.ଟି.)**

ପଞ୍ଚକୁଲାରେ ମାର୍ଚ୍ଚ ୧ରୁ ୧୨ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଜାତୀୟ ସିନିୟର ମହିଳା ଚାମ୍ପିୟନଶିପ୍ ପାଇଁ ହକି ଇଣ୍ଡିଆ ତରଫରୁ ଶୁକ୍ରବାର ପ୍ରମୋଶନ ଓ ରିଲେଗେଶନ ସିଷ୍ଟମ ସହ ଏକ ନୂଆ ଫର୍ମାଟର ଉନ୍ମୋଚନ କରାଯାଇଛି। ପ୍ରତିଯୋଗିତାରେ ୨୮ଟି ଦଳ ଅଂଶଗ୍ରହଣ କରିବେ। ସେମାନଙ୍କୁ ୩ଟି ଡିଭିଜନ ଯଥା 'ଏ', 'ବି' ଓ 'ସି'ରେ ବିଭକ୍ତ କରାଯିବ। ପ୍ରତିଯୋଗିତା ବୃଦ୍ଧି ନୂଆ ଫର୍ମାଟର ଲକ୍ଷ୍ୟ। ଏହାଦ୍ୱାରା ଆହୁରି ମଧ୍ୟ ପ୍ରତ୍ୟେକ ଦଳ ଉଚ୍ଚ ଡିଭିଜନରେ ରହିବାକୁ ଚାହିଁବେ। ଖରାପ ପ୍ରଦର୍ଶନ କଲେ ତଳ ପାହ୍ୟାକୁ ଖସିବାର ଆଶଙ୍କା ରହିବ। ଏହାଦ୍ୱାରା ସମଗ୍ର ଦେଶରେ ହକିର ମାନ ବୃଦ୍ଧି ପାଇବ ବୋଲି ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ଚାମ୍ପିୟନଶିପ୍‌ରେ ପ୍ରତ୍ୟେକଟି ମ୍ୟାଚର ଗୁରୁତ୍ୱ ରହିବ, ଏହା ଟାଇଟଲ ପାଇଁ ହେଉ ଅବା ରେଲେଗେଶନ। ଟପ୍ ୧୨ଟି ଦଳ ଡିଭିଜନ 'ଏ'ରେ ଭାଗ ନେବେ। ସେମାନଙ୍କୁ ୪ଟି ପୁଲ୍‌ରେ ବିଭକ୍ତ କରାଯିବ। ପ୍ରତ୍ୟେକ ପୁଲ୍‌ରେ ୩ଟି ଲେଖାଏ ଦଳ ସ୍ଥାନ ପାଇବେ। ଦଳଗୁଡ଼ିକ ସେମାନଙ୍କ ପୁଲ୍‌ରେ ଏକ ଲିଗ୍ ଫର୍ମାଟରେ ଖେଳିବେ। ପ୍ରତ୍ୟେକ ପୁଲ୍‌ର ଶ୍ରେଷ୍ଠ ଦୁଇ ଦଳ ମାର୍ଚ୍ଚ ୯ରେ କ୍ୱାର୍ଟର ଫାଇନାଲକୁ ଉନ୍ନୀତ ହେବେ। ପରେ ସେମିଫାଇନାଲ ମାର୍ଚ୍ଚ ୧୦ରେ ଅନୁଷ୍ଠିତ ହେବ। ଫାଇନାଲ ଏବଂ ୩ୟ/୪ର୍ଥ ସ୍ଥାନ ପାଇଁ ପ୍ଲେ-ଅଫ୍ ମାର୍ଚ୍ଚ ୧୨ରେ ହେବ। ପୁଲ୍ 'ଏ'ର ସର୍ବନିମ୍ନ ସ୍ଥାନରେ ସ୍ଥାନ ପାଇଥିବା ଦୁଇ ଦଳ ତଳ ପାହ୍ୟାକୁ ଖସି ପରବର୍ତ୍ତୀ ସଂସ୍କରଣରେ ଡିଭିଜନ 'ବି' ପାଇଁ ଖେଳିବେ। ଡିଭିଜନ 'ବି'ରେ ୯ଟି ଦଳ ଖେଳିବେ। ସେମାନେ ଡିଭିଜନ 'ଏ'କୁ ଉନ୍ନୀତ ହେବାଲାଗି ଉଦ୍ୟମ କରିବେ। 'ଡିଭିଜନ ସି'ରେ ୭ଟି ଦଳ ଡିଭିଜନ 'ବି'କୁ ଉନ୍ନୀତ ହେବା ଲାଗି ଚେଷ୍ଟା କରିବେ। ଏହି ପର୍ଯ୍ୟାୟରେ କେବଳ ଲିଗ୍ ମ୍ୟାଚ ଖେଳାଯିବ। ଶ୍ରେଷ୍ଠ ଦୁଇ ଦଳ ଡିଭିଜନ 'ବି'କୁ ଉନ୍ନୀତ ହେବେ। ଲିଗ୍ ପର୍ଯ୍ୟାୟରେ ସମସ୍ତ ତିନୋଟି ଡିଭିଜନରେ ଦଳଗୁଡ଼ିକ ସେମାନଙ୍କ ପ୍ରଦର୍ଶନ ଭିତ୍ତିରେ ପଏଣ୍ଟ ଅର୍ଜନ କରିବେ। ମ୍ୟାଚରେ ବିଜୟ ଲାଭ କରିଥିବା ଦଳ ୩ ପଏଣ୍ଟ ଲେଖାଏ ପାଇବାକୁ ଥିବା ବେଳେ, ଡ୍ର'ପାଇଁ ଗୋଟିଏ ପଏଣ୍ଟର ବ୍ୟବସ୍ଥା ରହିଛି।

# ଏଜି ହକି: ଓଡ଼ିଶା ଚାମ୍ପିୟନ




ଚାମ୍ପିୟନ ଏଜି ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୮।୨ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପୂର୍ବାଞ୍ଚଳ ଅଡିଟ ଓ ଆକାଉଣ୍ଟସ ହକି ପ୍ରତିଯୋଗିତାରେ ଓଡ଼ିଶା ଚାମ୍ପିୟନ ହୋଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲରେ ଓଡ଼ିଶା ୩-୨ ଗୋଲରେ ପଶ୍ଚିମବଙ୍ଗକୁ ପରାସ୍ତ କରିଛି। ଭାରତୀୟ ମହିଳା ହକି ଦଳର ସଦସ୍ୟା ତଥା ଅଲମ୍ପିଆନ ନେହା ଗୋୟଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ମାନଙ୍କୁ ଖେଳାଳି ଙ୍କ ସହ ପରିଚିତ କରିଥିଲେ କଲ୍ୟାଣ ଅଧିକାରୀ ଅଶୋକ ପଣ୍ଡା। ପ୍ରଧାନ ମହାଲେଖାକାର ରାଜକୁମାର , ଡି. ସାହୁ , ମହାଲେଖାକର ଅତୁଲ ପ୍ରକାଶ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପ୍ରଶାନ୍ତ ତିର୍କୀ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହେଇଥିଲେ।

# ଅଧିନାୟକ ପଦବୀରୁ ଇସ୍ତଫା ଦେବେ ବଟଲର

**କରାଚୀ, ୨୮।୨ (ପି.ଟି.):** ଚଳିତ ଆଇସିସି ଚାମ୍ପିୟନ୍ସ ଟ୍ରଫିରେ ଇଂଲଣ୍ଡ ଏହାର ଶେଷ ମ୍ୟାଚ ଖେଳିବା ପରେ ଦଳର ହ୍ୱାଇଟ୍‌ବଲ ଅଧିନାୟକ ଜୋସ୍ ବଟଲର ତାଙ୍କ ପଦବୀରୁ ଇସ୍ତଫା ଦେବେ ବୋଲି କହିଛନ୍ତି। ଇଂଲଣ୍ଡ ଶନିବାର ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ ଖେଳିବ। ଅଧିନାୟକ ଭାବେ ୩୪ ବର୍ଷୀୟ ବଟଲରଙ୍କ ଏହା ଶେଷ ମ୍ୟାଚ ହେବ। ବୁଧବାର ଆଫଗାନିସ୍ତାନଠାରୁ ହାରିଯିବା ପରେ ଇଂଲଣ୍ଡ ଚାମ୍ପିୟନ୍ସ ଟ୍ରଫି ଦୌଡ଼ରୁ ବାଦ୍ ପଡ଼ିସାରିଛି। ବଟଲର କହିଛନ୍ତି ଦଳ ଓ ମୋ ପାଇଁ ଏହା ଉଚିତ ନିଷ୍ପତ୍ତି। ଟୁର୍ନାମେଣ୍ଟ ପାଇଁ ମୋ ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ଥିଲା। ମାତ୍ର ଫଳାଫଳ ଆମ ସପକ୍ଷରେ ଗଲା ନାହିଁ। ତେଣୁ ପଦ ତ୍ୟାଗ କରିବା ମୋ ପାଇଁ ଏହା ଉପଯୁକ୍ତ ସମୟ।

# ସେମିରେ ଅଷ୍ଟ୍ରେଲିଆ

## ଚାମ୍ପିୟନ୍ସ ଟ୍ରଫି

**ଲାହୋର,୨୮।୨**

ଶୁକ୍ରବାର ଆଫଗାନିସ୍ତାନ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯାଇଥିବା ଚାମ୍ପିୟନ୍ସ ଟ୍ରଫି ମ୍ୟାଚ ବର୍ଷା ଯୋଗୁ ବିନା ଫଳାଫଳରେ ଶେଷ ହେବାରୁ ଉଭୟ ଦଳକୁ ୧ ଲେଖାଏ ପଏଣ୍ଟ ମିଳିଛି। ଫଳରେ ଅଷ୍ଟ୍ରେଲିଆ ତୃତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଆଫଗାନିସ୍ତାନ ଓ ଦକ୍ଷିଣ ଆଫ୍ରିକା ପାଖରେ ଏବେ ୩ ଲେଖାଏ ପଏଣ୍ଟ ରହିଛି। କିନ୍ତୁ ଭଲ ନେଟ ରନରେଟ କାରଣରୁ ଆଫଗାନିସ୍ତାନଠାରୁ ଦକ୍ଷିଣ ଆଫ୍ରିକା ଖୁବ ଆଗରେ ରହିଛି।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ୫୦ ଓଭରରେ ୨୭୩ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ସେଦିକୁଲ୍ଲା ଅତଲ ୮୫ ଓ ଆଜମାତୁଲ୍ଲା ଓମାରଜାଇ ୬୭ ରନ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ବେନ ଡ୍ୱାରଶୁଇସ ୩ ଉଇକେଟ ନେଇଥିଲେ। ଜବାବରେ ବର୍ଷା ଯୋଗୁ ମ୍ୟାଚ ବାଧାପ୍ରାପ୍ତ ହେଲା ବେଳକୁ ଅଷ୍ଟ୍ରେଲିଆ ୧୨.୫ ଓଭରରେ ୧ ଉଇକେଟ ହରାଇ ୧୦୯ ରନ କରିଥିଲା। ଦଳ ପକ୍ଷରୁ ଟ୍ରାଭିସ ହେଡ ୫୯ ଓ ଅଧିନାୟକ ଷ୍ଟିଭେନ ସ୍ମିଥ ୧୯ ରନ କରି ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ ୫୦ ଓଭରରେ ୨୭୩/ ଅଲଆଉଟ (ସେଦିକୁଲ୍ଲା ଅତଲ-୮୫, ଆଜମାତୁଲ୍ଲା ଓମାରଜାଇ-୬୭, ବେନ ଡ୍ୱାରଶୁଇସ-୩/୪୭)। ଅଷ୍ଟ୍ରେଲିଆ ୧୨.୫ ଓଭରରେ ୧୦୯/୧ (ଟ୍ରାଭିସ ହେଡ-୫୯*, ଷ୍ଟିଭ ସ୍ମିତ-୧୯*, ଆଜମାତୁଲ୍ଲା ଓମାରଜାଇ-୧/୪୩)।






Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ